cmyk

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର

# The Prajatantra

ମୀନାବଜାର ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୮ବର୍ଷ ❑ ସଂଖ୍ୟା-୩୧୮ ● କଟକ ● ସୋମବାର ● ୨୩ ଜୁନ୍-୨୦୨୫ ● ମିଥୁନ-୧୧ ● ସାଲ୍-୧୪୩୧

CUTTACK ● MONDAY ● 23 JUNE-2025 ● RNI Regd. No. 4001/57

ମୂଲ୍ୟ : ₹ ୫ ଟଙ୍କା


## ଆର୍ଥିକ ମାନ୍ଦାବସ୍ଥା ଭିତରକୁ ଗତିକରୁଛି କଟକ

### ସାଂସଦ ଶ୍ରୀ ମହତାବଙ୍କ ଉଦ୍‌ବେଗ



**କଟକ,(ପିପିଏସ୍):** ରାଜ୍ୟର ଅର୍ଥନୈତିକ ପ୍ରଗତିରେ ବ୍ୟାଙ୍କ୍‌ଗୁଡ଼ିକର ସବୁଠୁ ବଡ଼ ଭୂମିକା ଥିବାବେଳେ, ଅଧିକାଂଶ ସମୟରେ ବ୍ୟାଙ୍କ୍‌ଗୁଡ଼ିକର ତେଲିଆ ମୁଣ୍ଡରେ ତେଲ ନ୍ୟାୟରେ ଋଣ ପ୍ରଦାନ ଯୋଗୁ ନୂଆକରି ବ୍ୟବସାୟ ବା ଉଦ୍ୟୋଗଟିଏ କରିବାକୁ ଚାହୁଁଥିବା ବ୍ୟକ୍ତି ବଞ୍ଚିତ ହେଉଛନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କଟକରେ। ଜିଲ୍ଲାରେ ବ୍ୟାଙ୍କ୍‌ଗୁଡ଼ିକର ଋଣ ପ୍ରଦାନ ହାର ଉପରେ ସମୀକ୍ଷା ସମୟରେ ଯେଉଁ ତଥ୍ୟ ପଦାକୁ ଆସିଛି, ତାହା ବେଶ୍ ଚିନ୍ତାଜନକ ବୋଲି ମତ ଦେଇଛନ୍ତି କଟକ ସାଂସଦ ଭର୍ତ୍ତୃହରି ମହତାବ। କୋଭିଡ୍ ପୂର୍ବ ସମୟ ଓ କୋଭିଡ୍ ପରେ ପରେ ବ୍ୟାଙ୍କ୍‌ଗୁଡ଼ିକ ନିଜ ଜମା ରାଶିର ୬୦ରୁ ୭୦ପ୍ରତିଶତ ଋଣ ଆକାରରେ ଦେଇଥିବାବେଳେ ଚଳିତବର୍ଷ ତାହା ୪୦ପ୍ରତିଶତକୁ ଖସି ଆସିଛି। ସାଂସଦ ଆହୁରି କହିଛନ୍ତି ଗ୍ରାମୀଣ ଅର୍ଥନୀତି କେତେ କ୍ରିୟାଶୀଳ ଅଛି ଓ କିଭଳି ଆଗକୁ ଗତି କରୁଛି ତା'ର ଏକ ମାପକାଠି ହେଉଛି ବ୍ୟାଙ୍କ୍‌ର ଋଣ ପ୍ରଦାନ ହାର। ବିଭିନ୍ନ ବ୍ୟବସାୟ ପାଇଁ ଲୋକମାନେ ଯଦି ବ୍ୟାଙ୍କରୁ ଅଧିକରୁ ଅଧିକ ପରିମାଣରେ ଋଣ ନେଉଛନ୍ତି, ତାହା ଗ୍ରାମୀଣ ଓ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବାର ସେତେ ଅଧିକ ସମ୍ଭାବନା ରହିଥାଏ। ମାତ୍ର ଏବେ କଟକ ଜିଲ୍ଲାରେ ଏହାର ବଡ଼ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏପରିକି ମୁଦ୍ରାଲୋନରେ ଖୋଦ୍ ସରକାର ଗ୍ୟାରେଣ୍ଟର ରହୁଥିଲେ ମଧ୍ୟ ଅଧିକାଂଶ ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍ ମୁଦ୍ରା ଋଣ ଦରଖାସ୍ତ ମଧ୍ୟ ଖାରଜ କରିଦେଉଥିବା ସମୀକ୍ଷାରୁ ଜଣାପଡ଼ିଛି। ନିୟମ ଅନୁସାରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍‌ଗୁଡ଼ିକ ନିଜ ଜମାରାଶିର ୬୫ପ୍ରତିଶତ ଋଣ ଆକାରରେ ଦେବା କଥା। ମାତ୍ର କଟକ ଜିଲ୍ଲାରେ କେବଳ କାନାଡା ବ୍ୟାଙ୍କ ଓ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ୍ ବ୍ୟତୀତ ଅନ୍ୟ କୌଣସି ବ୍ୟାଙ୍କ୍ ୬୫ ପ୍ରତିଶତ ଋଣ ପ୍ରଦାନ କରିପାରିନାହାନ୍ତି। ନୂଆ ନୂଆ ବ୍ୟବସାୟ ଆରମ୍ଭ କରିବାକୁ ଲୋକଙ୍କ ହାତକୁ ପଇସା ନ ଗଲେ, ଗ୍ରାମୀଣ ଅର୍ଥନୀତି ଭୁଶୁଡ଼ି ପଡ଼ିବ, ଯାହା ଜିଲ୍ଲା ତଥା ରାଜ୍ୟର ଅର୍ଥନୀତିକୁ ନକାରାତ୍ମକ ଭାବେ ପ୍ରଭାବିତ କରିବ ବୋଲି କହିଛନ୍ତି ଶ୍ରୀ ମହତାବ। ତେଣୁ ଆସନ୍ତା ତିନିମାସ ଭିତରେ ଗାଁ ଗାଁରେ ପହଞ୍ଚି ଲୋକଙ୍କ ଆବଶ୍ୟକତାର ସମୀକ୍ଷାକରି ଋଣ ପ୍ରଦାନ ହାର ବଢ଼ାଇବାକୁ ଜିଲ୍ଲାପାଳ ବ୍ୟାଙ୍କ୍‌ଗୁଡ଼ିକୁ ତାଗିଦ୍ କରିଛନ୍ତି। ସେପଟେ ବ୍ୟାଙ୍କ୍‌ଗୁଡ଼ିକ ତୁରନ୍ତ ଯୁଦ୍ଧକାଳୀନ ଭିତ୍ତିରେ ଋଣ ପ୍ରଦାନ ପ୍ରକ୍ରିୟାକୁ ସରଳ କରି ଅଧିକରୁ ଅଧିକ ଋଣ ପ୍ରଦାନ ପାଇଁ ଯୋଜନା ପ୍ରସ୍ତୁତ କରିବେ ବୋଲି କହିଛନ୍ତି।

## ଓଡ଼ିଶା ଯାଉଥିଲେ ରାତିରେ ବାହାରନ୍ତୁନି

### ଟ୍ରମ୍ପ ପ୍ରଶାସନର ଚେତାବନୀ

**ନୂଆଦିଲ୍ଲୀ:** ଆମେରିକାର ବୈଦେଶିକ ମନ୍ତ୍ରଣାଳୟ ହଠାତ୍ ଭାରତ ପାଇଁ ଯାତ୍ରା ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ମାର୍ଗଦର୍ଶିକାରେ କୁହାଯାଇଛି, ପର୍ଯ୍ୟଟନ ସ୍ଥାନ ଏବଂ ଅନ୍ୟାନ୍ୟଅଞ୍ଚଳରେ ଯୌନ ଆକ୍ରମଣ ଭଳି ହିଂସାତ୍ମକ ଅପରାଧ ଘଟୁଛି। ଆତଙ୍କବାଦୀମାନେ ବିନା ପୂର୍ବ ସୂଚନାରେ ଆକ୍ରମଣ କରିପାରନ୍ତି। ଭାରତରେ ବଳାତ୍କାର ଦ୍ରୁତଗତିରେ ବୃଦ୍ଧି ପାଉଥିବା ଅପରାଧ ମଧ୍ୟରେ ଅନ୍ୟତମ ବୋଲି ଆମେରିକା ଉଲ୍ଲେଖ କରିଛି। ମାର୍ଗଦର୍ଶିକାରେ ମହିଳାମାନଙ୍କୁ ବିଶେଷ ଭାବେ ରାତିରେ ଏକାକୀ ଯାତ୍ରା ନ କରିବାକୁ ପରାମର୍ଶ ଦିଆଯାଇଛି। ୨୦୧୯ ଏବଂ ୨୦୨୧ରେ ମଧ୍ୟ ଆମେରିକା ଦୂତାବାସ ମହିଳା ନିରାପତ୍ତା ନେଇ ସମାନ ସତର୍କତା ଜାରି କରିଥିଲା। ନିର୍ଦ୍ଦେଶିକାରେ କେତେକ ଅଞ୍ଚଳକୁ ଯାତ୍ରା ନ କରିବା (ଲେଭେଲ-୪) ଶ୍ରେଣୀରେ ରଖାଯାଇଛି। ଏହା ମଧ୍ୟରେ ଜମ୍ମୁ ଓ କଶ୍ମୀର (ପୂର୍ବୀ ଲଦାଖ ଏବଂ ଲେହ ବ୍ୟତୀତ), ଭାରତ-ପାକିସ୍ତାନ ସୀମାରୁ ୧୦ କିଲୋମିଟର ମଧ୍ୟରେ ଥିବା ଅଞ୍ଚଳ, ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ପଶ୍ଚିମବଙ୍ଗ, ଛତିଶଗଡ ଓ ମେଘାଳୟର କେତେକ ଅଞ୍ଚଳ ଅନ୍ତର୍ଭୁକ୍ତ।

## ଇରାନ୍ ଉପରେ ଆମେରିକାର ଆକ୍ରମଣ

# ୩ୟ ବିଶ୍ୱଯୁଦ୍ଧର ସୂତ୍ରପାତ !

### ଟାର୍ଗେଟ୍‌ରେ ୩ ପରମାଣୁ କେନ୍ଦ୍ର

❑ ୭ ବି-୨ ବୋମାବର୍ଷକ ବିମାନର ଉପଯୋଗ
❑ ଅପରେସନ୍‌ରେ ଲାଗିଥିଲା ୧୨୫ ଜେଟ୍
❑ ୧୪ ହଜାର କିଲୋଗ୍ରାମର ବୋମା ବର୍ଷା



**ତେହେରାନ,ତେଲଅଭିଭ୍,(ଏଜେନ୍ସି):** ଇସ୍ରାଏଲ୍-ଇରାନ୍ ଯୁଦ୍ଧରେ ଶେଷରେ ଏଣ୍ଟ୍ରିମାରିଛି ଆମେରିକା। ଇରାନ୍ ଉପରେ କରିଛି ଏୟାର ଷ୍ଟ୍ରାଇକ୍। ଶନିବାର ରାତିରେ ଇରାନର ୩ଟି ପରମାଣୁ ପ୍ରତିଷ୍ଠାନକୁ ବିଧ୍ୱଂସକାରୀ ବୋମା ପକାଇ ଉଡ଼ାଇ ଦେଇଛି। ନିଜେ ଟ୍ରମ୍ପ ଏହି ସୂଚନା ଦେବା ସହ କହିଛନ୍ତି, ଇରାନର ଆଣବିକ କ୍ଷମତାକୁ ସମୂଳେ ଧ୍ୱଂସ କରିବା ଓ ଦୁନିଆକୁ ପରମାଣୁ ବିପଦରୁ ରୋକିବା ଆମର ଉଦ୍ଦେଶ୍ୟ ଥିଲା। ଆକ୍ରମଣ ନେଇ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ କଥା ହୋଇଛନ୍ତି ଇରାନ୍ ରାଷ୍ଟ୍ରପତି। ଅନ୍ୟପଟେ ଆମେରିକାର ଆଟାକ୍ ପରେ ଇସ୍ରାଏଲର ୧୪ ସହରରେ କୋରଦାର ମିସାଇଲ୍ ମାଡ଼ ବି କରିଛି ଇରାନ୍। ଆକ୍ରମଣ ମୋଡରେ ଥିବା ଟ୍ରମ୍ପ ଏବେ ଆକ୍ରମ ମୁଡ୍‌ରେ। ଭାରତୀୟ ସମୟ- ଭୋର ସାଢ଼େ ୪ଟା। ଇରାନ ଭିତରେ ଏଣ୍ଟ୍ରି ମାରିଥିଲା ଆମେରିକାର ବୋମାବର୍ଷୀ ବିମାନ ବି୨। ସେଥିରୁ ବର୍ଷିଥିଲା ବିଂକର ବଷ୍ଟର ବମ୍। ଯେଉଁଥିରେ ଧ୍ୱଂସ ହୋଇଛି ଇରାନର ଫୋର୍ଦୋ, ନାଟାଞ୍ଜ ଓ ଇସଫାହାନ ପରମାଣୁ ଘାଟି। ମିଶନ ସଫଳ ହୋଇଥିବା ନିଜେ ଟ୍ରମ୍ପ ସୋସିଆଲ୍ ମିଡିଆରେ ସୂଚନା ଦେଇଥିଲେ। ଫୋର୍ଦୋରେ ବୋମାର ପୁରା ପେଲୋଡ୍ ପଡ଼ିଥିଲା। ନାଟାଞ୍ଜ ଓ ଇସଫାହାନ ଘାଟିରେ ବର୍ଷିଥିଲା ଟମାହକ୍ ମିସାଇଲ୍। ଅପରେସନ୍ ପାଇଁ ଆକାଶରେ ୩୭ ଘଣ୍ଟା ଉଡ଼ିଥିଲା ବି୨ ବମ୍ବର। ହମଲା ସହ ଇରାନକୁ ପୁଣି କଡ଼ା ସତର୍କବାଣୀ ବି ଶୁଣାଇଛନ୍ତି ଟ୍ରମ୍ପ। କହିଛନ୍ତି, ଆକ୍ରମଣ କରିବାକୁ ଚାହୁଁ ନଥିଲା ଆମେରିକା। କଥା ନ ମାନିବାରୁ ହମଲା କରିବାକୁ ବାଧ୍ୟ ହେଲୁ। ଆମର ଉଦ୍ଦେଶ୍ୟ ଥିଲା ଇରାନର ଆଣବିକ କ୍ଷମତାକୁ ସମୂଳେ ଧ୍ୱଂସ କରିବା ଓ ଦୁନିଆକୁ ଏହାର ପରମାଣୁ ବିପଦରୁ ରୋକିବା। ଇରାନର ପ୍ରମୁଖ ଆଣବିକ ପ୍ରତିଷ୍ଠାନ ସମ୍ପୂର୍ଣ୍ଣ ଭାବରେ ଲୋପ ପାଇଛି। ଇରାନକୁ ଚରମବାଣୀ ଶୁଣାଇ ଟ୍ରମ୍ପ କହିଛନ୍ତି, ଏବେ ଶାନ୍ତିର ସମୟ। ଯୁଦ୍ଧ ସମାପ୍ତ କରିବାକୁ ରାଜି ହେବାକୁ ପଡ଼ିବ। ନହେଲେ ଭବିଷ୍ୟତରେ ଆହୁରି ବଡ଼ ହମଲା ହେବ। ପୁରା ଅପରେସନକୁ ରାତିରେ ବସି ଦେଖୁଥିଲେ ଟ୍ରମ୍ପ। ହ୍ୱାଇଟ୍ ହାଉସ୍ ସିଚୁଏସନ୍ ରୁମ୍‌ରେ ବସି ଏୟାରଷ୍ଟ୍ରାଇକର ଲାଇଭ୍ ଷ୍ଟ୍ରିମ୍ ଦେଖୁଥିଲେ ଆମେରିକା ରାଷ୍ଟ୍ରପତି। ବିଶ୍ୱର ସବୁଠୁ ଘାତକ ପରମାଣୁ ବୋମାବର୍ଷୀ ବିମାନ ବି୨। ପକ୍ଷୀ ଭଳି ଦେଖାଯାଉଥିବା ଏହି ଗ୍ରାଉ ପ୍ଲେନ୍ ଏକାଥରକେ ୧୬ଟି ପରମାଣୁ ବୋମା ଧରି ଉଡ଼ିବାକୁ ସକ୍ଷମ। ଏକକାଳୀନ ୬ ହଜାର ମାଇଲକୁ ଅଧିକ ଦୂରତା ଯାଏ ଉଡ଼ାଣ କରିପାରିବ। ଏଥିରୁ ନିକ୍ଷେପ ହୋଇଥିବା ଶକ୍ତିଶାଳୀ ବଙ୍କର ବଷ୍ଟର ବୋମା ୨୦୦ ଫୁଟ୍ ପାହାଡ଼କୁ ବି ଭେଦ କରିପାରିବ। ଏହି ସୈନ୍ୟ ଅଭିଯାନକୁ 'ଅପରେସନ୍ ମିଡ୍‌ନାଇଟ୍ ହାମର୍' ନାମ ଦିଆଯାଇଛି। ଆମେରିକାର ସୈନ୍ୟ ମୁଖ୍ୟାଳୟ ପେଣ୍ଟାଗନ୍ ଅନୁଯାୟୀ, ଏହି ଅଭିଯାନରେ ୧୨୫ରୁ ଅଧିକ ଆମେରିକୀୟ ଯୁଦ୍ଧ ବିମାନ ଏବଂ କ୍ଷେପଣାସ୍ତ୍ର ସାମିଲ ଥିଲା। ଜେଏଣ୍ଟ ଚିଫ୍ ଅଫ୍ ଷ୍ଟାଫ୍ ଅଧ୍ୟକ୍ଷ ଜେନେରାଲ ଡାନ୍ କେନ୍ କହିଛନ୍ତି, ଏହି ଆକ୍ରମଣ ଇରାନର ତିନୋଟି ପ୍ରମୁଖ ପରମାଣୁ କେନ୍ଦ୍ର - ଫୋର୍ଡୋ ଏବଂ ନାଟାଞ୍ଜ ଉପରେ କରାଯାଇଥିଲା। ଏହା ସହିତ, ଇସ୍ଫାହାନ ସହର ଉପରେ ମଧ୍ୟ କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା। ଜେନେରାଲ ଡାନ୍ କେନ୍ କହିଛନ୍ତି, ଆମେ ଇରାନର ସେହି ଘାଟିଗୁଡ଼ିକୁ ଟାର୍ଗେଟ୍ କରିଥିଲୁ ଯାହା ସିଧାସଳଖ ପରମାଣୁ କାର୍ଯ୍ୟକ୍ରମ ସହିତ ଜଡିତ ଥିଲା। ଏହି ଅଭିଯାନରେ ସାଧାରଣ ନାଗରିକଙ୍କୁ କୌଣସି କ୍ଷତି ପହଞ୍ଚାଯାଇ ନ ଥିଲା। ଏହି ସୈନ୍ୟ ଅଭିଯାନରେ ଆମେରିକାର ୧୨୫ରୁ ଅଧିକ ଯୁଦ୍ଧ ବିମାନ ସାମିଲ ଥିଲା। ଏଥିରେ ବମ୍ବର୍, ଲଢ଼ୁଆ ବିମାନ, ଟ୍ୟାଙ୍କର୍ (ଇନ୍ଧନ ଭର୍ତ୍ତି କରୁଥିବା ବିମାନ) ଏବଂ ଗୁପ୍ତଚର ବିମାନ ଥିଲା। ମିସୌରୀରୁ ଉଡ଼ାଣ କରିଥିବା ବି-୨ ଷ୍ଟିଲ୍ଥ ବମ୍ବର ବିମାନ ବ୍ୟବହାର କରାଯାଇଥିଲା। ପ୍ରତ୍ୟେକ ବମ୍ବର୍ ୩୦,୦୦୦ ପାଉଣ୍ଡ ଓଜନର ବଙ୍କର୍-ବଷ୍ଟର୍ ବୋମା ପକାଇଥିଲେ। ଏହି ବୋମାଗୁଡ଼ିକ ଭୂତଳରେ ଥିବା ଗୁପ୍ତ ପ୍ରତିଷ୍ଠାନ ଧ୍ୱଂସ କରିବାରେ ସକ୍ଷମ। ଆକ୍ରମଣ ସ୍ଥାନୀୟ ସମୟ ସନ୍ଧ୍ୟା ୬.୪୦ରେ ଆରମ୍ଭ ହୋଇଥିଲା ଏବଂ ସାତଟା ପୂର୍ବରୁ ସମସ୍ତ ବିମାନ ଇରାନ ବାୟୁସୀମା ଛାଡ଼ି ସୁରକ୍ଷିତ ଫେରିଥିଲେ। ଆମେରିକାର ପ୍ରତିରକ୍ଷାମନ୍ତ୍ରୀ ପିଟ୍ ହାଗସେଥ୍ କହିଛନ୍ତି, ଏହି ସୈନ୍ୟ କାର୍ଯ୍ୟାନୁଷ୍ଠାନ ଆମେରିକାର ସୁରକ୍ଷା ଏବଂ ପଶ୍ଚିମ ଏସିଆରେ ଶାନ୍ତି ବଜାୟ ରଖିବା ପାଇଁ ଜରୁରି ଥିଲା। ସେ କହିଛନ୍ତି, ଯଦି ଇରାନ ଶାନ୍ତିର ରାସ୍ତା ନବାଛେ, ତେବେ ଆମେରିକା ଆହୁରି କଠୋର ପଦକ୍ଷେପ ନେବାକୁ ପଛାଇବ ନାହିଁ। ଏହା ପୂର୍ବରୁ ହ୍ୱାଇଟ୍ ହାଉସ୍‌ରୁ ଏକ ବିବୃତିରେ କୁହାଯାଇଥିଲା ଯେ ଆମେ ଇରାନର ପରମାଣୁ ସ୍ଥାନଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ କରିଦେଇଛୁ। ଆମେରିକା ଯୁଦ୍ଧ ଚାହୁଁନି, କିନ୍ତୁ ଇରାନରୁ ଆସୁଥିବା ବିପଦକୁ ଅଣଦେଖା କରାଯାଇପାରିବ ନାହିଁ। ତେଣେ ବଙ୍କର ବଷ୍ଟର ବୋମାଦ୍ୱାରା ପରମାଣୁ ଘାଟିକୁ ଆମେରିକା ନଷ୍ଟ କରିବା ପରେ ରକ୍ତମୁଖା ହୋଇଛି ଇରାନ୍। ଇସ୍ରାଏଲ ଉପରେ କ୍ଷେପଣାସ୍ତ୍ର ବର୍ଷା କରିଛି। ତେଲ ଅଭିଭ ଓ ହାଇଫା ସମେତ ୧୪ଟି ସହର ଉପରେ ବାଲିଷ୍ଟିକ୍ ମିସାଇଲ୍‌ରେ ହମଲା କରିଛି ଇରାନ୍। ବହୁ ସାମରିକ ପ୍ରତିଷ୍ଠାନ ଓ ଆବାସିକଗୃହ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ସେହିପରି ଇସ୍ରାଏଲ୍ ବି ଇରାନ ଉପରେ ଜୋରଦାର କରିଛି ଏୟାରଷ୍ଟ୍ରାଇକ୍। ଇରାନ୍ ଉପରେ ଆମେରିକାର ଆକ୍ରମଣ ପରେ ସାରା ବିଶ୍ୱରେ ହଲଚଲ ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଫୋନ୍ କରି କଥା ହୋଇଛନ୍ତି ଇରାନ୍ ରାଷ୍ଟ୍ରପତି। ୪୫ ମିନିଟ୍ ଧରି ଉଭୟ ନେତା ଆଲୋଚନା କରିଥିଲେ। ସୋସିଆଲ୍ ମିଡିଆରେ ଏନେଇ ସୂଚନା ଦେଇ ମୋଦୀ କହିଛନ୍ତି, ବର୍ତ୍ତମାନ ସ୍ଥିତି ନେଇ ବିସ୍ତୃତ ଆଲୋଚନା କଲୁ। ଉତ୍ତେଜନା ହ୍ରାସ ସହ ଆଲୋଚନା ଓ କୂଟନୀତିକୁ ପ୍ରାଥମିକତା ଦେବାକୁ ଅପିଲ୍ କରିଛି। ଶୀଘ୍ର ଶାନ୍ତି, ସୁରକ୍ଷା ଓ ସ୍ଥିରତା ପୁନଃସ୍ଥାପନ କରିବା ଉପରେ ଗୁରୁତ୍ୱାରୋପ କରିଛି। ଅନ୍ୟପଟେ ଆମେରିକାର ଆକ୍ରମଣକୁ ନିନ୍ଦା କରିଛନ୍ତି ପାକିସ୍ତାନ ଓ ଚୀନ୍। ସେହିପରି ଋଷ ଓପଚାରିକ ଭାବରେ କୌଣସି ପ୍ରତିକ୍ରିୟା ରଖିନି। ସେପଟେ ଇରାନ୍ ବିଦେଶମନ୍ତ୍ରୀ ଜାତିସଂଘରେ ଅଭିଯୋଗ କରିଛନ୍ତି। ନିର୍ବାଚନ ପୂର୍ବରୁ ଟ୍ରମ୍ପ କହୁଥିଲେ ଯୁଦ୍ଧ ଶେଷକରିବେ। କିନ୍ତୁ ଏବେ ନିଜେ ନୂଆ ଯୁଦ୍ଧର ଆରମ୍ଭ କରିଛନ୍ତି। ଆମେରିକାକୁ କଡ଼ା ଜବାବଦେବୁ। ଆମେରିକା ଦ୍ୱାରା ଇରାନର ପରମାଣୁ ସ୍ଥାନ ଉପରେ କରାଯାଇଥିବା ଏୟାର ଷ୍ଟ୍ରାଇକ୍ ନେଇ ଅନ୍ତର୍ଜାତୀୟ ଚିନ୍ତା ବୃଦ୍ଧି ପାଇଛି। ଏହି କାରଣରୁ ସଂଯୁକ୍ତ ରାଷ୍ଟ୍ର ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି) ଜରୁରୀ ବୈଠକ ଡାକିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ବୈଠକ ଆମେରିକାର ସଦ୍ୟ ହମଲାର କ୍ଷେତ୍ରୀୟ ଓ ବୈଶ୍ୱିକ ପ୍ରଭାବ ଉପରେ ଆଲୋଚନା ପାଇଁ ଡକାଯାଇଛି।

## ଲୋକାଭିମୁଖୀ ଯୋଜନା କାର୍ଯ୍ୟକାରୀତାରେ ବିଫଳତା

# ୩ ବ୍ୟାଙ୍କ୍ ସହ ଆର୍ଥିକ କାରବାର ବନ୍ଦ

❑ ସରକାରଙ୍କ କଠୋର ନିଷ୍ପତ୍ତି
❑ ମାନିନେଲିନି ବ୍ୟାଙ୍କିଙ୍ଗ୍ ମାନଦଣ୍ଡ
❑ ଆକାଉଣ୍ଟ ବନ୍ଦ କରିବାକୁ ଚିଠି

**ଭୁବନେଶ୍ୱର,(ପିପିଏସ୍):** ଏକ୍ସିସ୍, ଆଇସିଆଇସିଆଇ ଏବଂ ଆକ୍ସିସ୍ ବ୍ୟାଙ୍କ୍ ସହ ସରକାରୀ ଆର୍ଥିକ କାରବାର ବନ୍ଦକରିଦେଇଛନ୍ତି ମୋହନ ସରକାର। ଏସବୁ ବ୍ୟାଙ୍କରେ ଥିବା ଆକାଉଣ୍ଟ ବନ୍ଦ ଲାଗି ସବୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଲୋକାଭିମୁଖୀ ଯୋଜନା କାର୍ଯ୍ୟକାରୀରେ ବିଫଳ ହୋଇଥିବାରୁ ଅର୍ଥ ବିଭାଗ ଏଭଳି କଠୋର ନିଷ୍ପତ୍ତି ନେଇଛି। ରାଜ୍ୟ ସ୍ୱାର୍ଥ ଦୃଷ୍ଟିରୁ ଏହା ସରକାରଙ୍କ ଉଚିତ୍ ପଦକ୍ଷେପ, ତେବେ ସାଧାରଣ ଲୋକଙ୍କ ଟଙ୍କା ଏସବୁ ବ୍ୟାଙ୍କରେ ସମ୍ପୂର୍ଣ୍ଣ ସୁରକ୍ଷିତ ବୋଲି କହିଛନ୍ତି ଅର୍ଥନୀତି ବିଶେଷଜ୍ଞ। ଅନ୍ୟପକ୍ଷରେ ଏହି ନିଷ୍ପତ୍ତି ରାଜ୍ୟରେ ଏସବୁ ବ୍ୟାଙ୍କ୍‌ର ବ୍ୟବସାୟକୁ ପ୍ରଭାବିତ କରିବ ବୋଲି ଆଶଙ୍କା ପ୍ରକାଶକରିଛନ୍ତି ବ୍ୟାଙ୍କର୍। ଏହିପରି ବ୍ୟାଙ୍କ୍‌ଗୁଡ଼ିକୁ ମୋହନ ସରକାର କଠୋର ସନ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ସହ ବ୍ୟବସାୟ କରିବାକୁ ହେଲେ, ଲୋକାଭିମୁଖୀ ଯୋଜନା କାର୍ଯ୍ୟକାରୀକୁ ଗୁରୁତ୍ୱ ଦିଅ। ସାଧାରଣ ବ୍ୟାଙ୍କିଙ୍ଗ୍ ମାନଦଣ୍ଡ ବଜାୟ ରଖ। ରାଜ୍ୟ ସରକାର ଓ ନିର୍ଦ୍ଦେଶାଳୟ, ନିଗମ, ସରକାରୀ ଉଦ୍ୟୋଗ, ବିଶ୍ୱବିଦ୍ୟାଳୟ ଭଳି ବିଭିନ୍ନ ସରକାରୀ ସଂସ୍ଥା ସହ ବ୍ୟବସାୟ ପରିଚାଳନା ପାଇଁ ତାଲିକାଭୁକ୍ତ ବ୍ୟାଙ୍କ ତାଲିକାରୁ ଏକ୍ସିସ୍, ଆଇସିଆଇସିଆଇ ଏବଂ ଆକ୍ସିସ୍ ବ୍ୟାଙ୍କ ଭଳି ୩ ବଡ଼ ଘରୋଇ ବ୍ୟାଙ୍କକୁ ବାଦ୍ ଦେଇ ଏଭଳି କଠୋର ବାର୍ତ୍ତା ଦେଇଛି ଅର୍ଥ ବିଭାଗ। ଅର୍ଥ ସଚିବ ସବୁ ବିଭାଗକୁ ଚିଠି ଲେଖି ଏହି ୩ ବ୍ୟାଙ୍କରେ ବିଭିନ୍ନ ବିଭାଗ, ନିର୍ଦ୍ଦେଶାଳୟ, ବିଭାଗୀୟ ମୁଖ୍ୟ ଦପ୍ତର, ପ୍ରତିଷ୍ଠାନ, ନିଗମ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଆଦିର ଥିବା ସମସ୍ତ ସଞ୍ଚୟ ଜମାଖାତା, ଚଲୁ ଖାତା ଓ ଅନ୍ୟ ଆକାଉଣ୍ଟକୁ ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏସବୁ ବ୍ୟାଙ୍କରେ ଥିବା ଜମାରାଶିକୁ ଅନ୍ୟ ଏମ୍ପାନେଲେଡ୍ ବ୍ୟାଙ୍କକୁ ସ୍ଥାନାନ୍ତର ପାଇଁ କୁହାଯାଇଛି। ତେବେ ଏହି ଟିମିଆଦିରେ ସରକାରୀ ଅନୁଷ୍ଠାନର ଫିକ୍ସ୍ ଡିପୋଜିଟ୍ ଓ ଅନ୍ୟ ମିଆଦୀ ଜମା ରହିଥିଲେ, ଆଗୁଆ ଉଠାଣଦ୍ୱାରା ସୁଧ ପ୍ରାପ୍ତିରେ କ୍ଷତି ହେବାକୁ ଥିବାରୁ ମାଚ୍ୟୁରିଟି ପରେ ଏହି ଅର୍ଥକୁ ଅନ୍ୟ ଏମ୍ପାନେଲେଡ୍ ବ୍ୟାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ଯୋଜନା କାର୍ଯ୍ୟକାରୀ କରିବା ତଥା ଅନ୍ୟ କେତେକ ମାନଦଣ୍ଡ ଆଧାରରେ ବ୍ୟାଙ୍କଗୁଡ଼ିକର ଏମ୍ପାନେଲ ହୋଇଥାଏ। ସେହିପରି ବିଭିନ୍ନ ବିଭାଗ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ, ନିଗମ ଓ ଅନ୍ୟ ସରକାରୀ ସଂସ୍ଥାର ଅର୍ଥ ରଖିବାକୁ ନିର୍ଦ୍ଦିଷ୍ଟ ମାନଦଣ୍ଡ ଆଧାରରେ ସେମାନଙ୍କ ଅର୍ଥକୁ ଟେଣ୍ଡର କରିଥାନ୍ତି ଓ ଅଧିକ ସୁଧ ଦେଉଥିବା ଏମ୍ପାନେଲେଡ୍ ବ୍ୟାଙ୍କରେ ରଖୁଛନ୍ତି। ରାଜ୍ୟର ବିଭିନ୍ନ ଯୋଜନା ଓ କେନ୍ଦ୍ରୀୟ ଯୋଜନା ଅର୍ଥକୁ ମଧ୍ୟ ଏସବୁ ବ୍ୟାଙ୍କରେ ରଖାଯାଇଥାଏ।

## ସମ୍ପାଦକୀୟ

### ଆଶଙ୍କାରେ ବିମାନଯାତ୍ରୀ

### ବାଟେଘାଟେ



କ୍ରମେ କ୍ରମେ ମାଡ଼ି ଆସୁଛି
ଘନ ବରଷା କାଳ
ମନ ଦମ ଭାଙ୍ଗି ଯାଉଛି
ନଦୀବନ୍ଧ ଦୁର୍ବଳ
ପାରାଦ୍ୱୀପ ପାରେ ଲଫିଲା
ଏବେ ସମୁଦ୍ରକୂଳ
ସୁରକ୍ଷା ଦେବାକୁ ଉଭାନ
ହେଲା ବଣ ହେନ୍ତାଳ
ଏସି ଦେଇ ଶୋଇଅଛନ୍ତି
ଦେଖ ହାକିମଦଳ
ବରମା ଓ ମହଣା ଭାଗରେ
ଚାଲେ ପୂର୍ତ୍ତି ପ୍ରବଳ
ବନ୍ୟା ଆସିଲେ ବାଣ୍ଟିବେ
ନେତା ଚୁଡ଼ା ଚାଉଳ

-ଗାନ୍ଧୀ

## ମୁଖ୍ୟମନ୍ତ୍ରୀଙ୍କ ରଥଯାତ୍ରା ସମୀକ୍ଷା ବୈଠକ ❑ ସୁରକ୍ଷାରେ ଉପଯୋଗ ହେବ ଡ୍ରୋନ୍

# ଅଘଟଣ ଶୂନ୍ୟ ଯାତ୍ରା ପାଇଁ ସରକାରଙ୍କ ଗୁରୁତ୍ୱ



**ପୁରୀ,(ପିପିଏସ୍):** ରଥଯାତ୍ରା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି ଯେ ମହାପ୍ରଭୁଙ୍କ ଆଶୀର୍ବାଦ ଏବଂ ସମସ୍ତଙ୍କ ସହଯୋଗରେ ଚଳିତ ବର୍ଷ ରଥଯାତ୍ରା ଶାନ୍ତି ଶୃଙ୍ଖଳାର ସହ ଆୟୋଜନ ହେବ। ରଥଯାତ୍ରା ସହିତ ସଂଶ୍ଳିଷ୍ଟ ସମସ୍ତ ଅଧିକାରୀ ସଠିକ୍ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ରଥଯାତ୍ରାରେ ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ପୁରୀ ରଥଯାତ୍ରା ହେଉଛି ବିଶ୍ୱର ସବୁଠାରୁ ବଡ଼ଯାତ୍ରା ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ଦର୍ଶନ ଦେବା ପାଇଁ ମହାପ୍ରଭୁ ବଡ଼ଦାଣ୍ଡକୁ ଓହ୍ଲାଇ ଆସିଥାନ୍ତି। ଅଘଟଣ ଶୂନ୍ୟ ଯାତ୍ରା ପାଇଁ ବିଶେଷ ଗୁରୁତ୍ୱ ଦେଇଛନ୍ତି ସରକାର। ଏଥର ଗ୍ରାଉଣ୍ଡ ଏବଂ ଡ୍ରୋନ୍ ଦ୍ୱାରା ଡ୍ରାଫିକ୍ କଣ୍ଟ୍ରୋଲ୍ କରାଯିବ। ଅଗ୍ନିଶମ ବିଭାଗ ଓ ଟ୍ରାଫିକ ନିୟନ୍ତ୍ରଣକୁ ଗୁରୁତ୍ୱ ଦିଆଯାଇଛି। ଓ୍ୱାଚ୍ ଟାଓ୍ୱାର ସହିତ ବାଲୁକାକୂଳର ଧାରେ ପୁଲିସ ବନ୍ଦୋବସ୍ତ ହେବ। ଆତଙ୍କବାଦୀ ଘଟଣା ପ୍ରତିହତ ପାଇଁ ସତର୍କତା ମୂଳକ ପଦକ୍ଷେପ ନିଆଯାଇଛି। ବଜାରକରା ଏବଂ ଗୁଜବକୁ ପ୍ରତିହତ ପାଇଁ ସତର୍କତା ମୂଳକ ପଦକ୍ଷେପ ନିଆଯାଇଛି। ସେହିପରି ସମୁଦ୍ରରେ ଅଘଟଣ ରୋକିବା ପାଇଁ ଆବଶ୍ୟକ ସଂଖ୍ୟକ ଲାଇଫ୍ ଗାର୍ଡ ଏବଂ ନୋଳିଆଙ୍କୁ ମୁତୟନ କରାଯିବ। ସମୁଦ୍ର ଭିତରେ କୋଷ୍ଟ ଗାର୍ଡ କଡ଼ା ପହରା ଦେବେ। ଆକାଶ ମାର୍ଗରୁ ହେଲିକପ୍ଟର ମାଧ୍ୟମରେ କଡ଼ାନଜର ରଖାଯିବ। ଅନୁକୂଳ ପାଗ ଯୋଗୁ ବ୍ୟାପକ ଭକ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ହେବ। ଦୁର୍ଘଟଣା ରୋକିବା ଉପରେ ଏବଂ ଦୁର୍ଘଟଣା ଘଟିଲେ ତୁରନ୍ତ ହସ୍ପିଟାଲରେ ପହଞ୍ଚାଇବା ପାଇଁ ଗୁରୁତ୍ୱ ଦିଆଯାଇଛି। ଆମ୍ବୁଲାନ୍ସ ଏବଂ ଅଗ୍ନିଶମ ଗାଡ଼ି ସୁରକ୍ଷିତରେ ଚଳାଚଳ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ନହେବା ପାଇଁ ବିଶେଷ ପଦକ୍ଷେପ ନିଆଯାଇଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ସେହିଭଳି ରଥଯାତ୍ରା ଉପରେ ନଜର ରଖିବ ଡ୍ରୋନ୍। ସୁରକ୍ଷା ପାଇଁ ଡ୍ରୋନ୍‌ର ସହାୟତା ନିଆଯିବ। ପୁରୀକୁ କଭର କରିବ ୨୭୫ ଏଆଇ କ୍ୟାମେରା। ରଥଯାତ୍ରା ସମ୍ପର୍କିତ ସ୍ୱତନ୍ତ୍ର ସମୀକ୍ଷା ବୈଠକ ପରେ ଏହି ସୂଚନା ଦେଇଛନ୍ତି ପୁଲିସ ଡିଜି ୱାଇ.ବି. ଖୁରାନିଆ। ରଥଯାତ୍ରା ପାଇଁ ୫ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ରହିବ।୧୦ ହଜାର ସୁରକ୍ଷାକର୍ମୀ ମୁତୟନ ହେବେ। କ୍ୱିକ୍ ରେସପନ୍ସ ଟିମ୍ ଓ ଡ୍ରୋନ୍‌ର ସହାୟତା ନିଆଯିବ ବୋଲି ଡିଜିପି କହିଛନ୍ତି। ସମୁଦ୍ରତଟରେ କୋଷ୍ଟଗାର୍ଡ ମୁତୟନ ହେବେ। ୬୭ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୭୬ ଆମ୍ବୁଲାନ୍ସ ସହ ୨୭୫ ସ୍ୱତନ୍ତ୍ର ବେଡ୍ ବ୍ୟବସ୍ଥା କରାଯାଇଛି। ୩୮୮ ଜଣ ଅତିରିକ୍ତ ଡାକ୍ତର ଓ ପାରାମେଡିକାଲ୍ ଷ୍ଟାଫ୍ ରହିବେ। ବିଶେଷଜ୍ଞ ଡାକ୍ତର ସେବା ଯୋଗାଇବେ ବୋଲି ବୈଠକ ପରେ ସୂଚନା ଦିଆଯାଇଛି।

## ଶ୍ରୀନଅରକୁ ଆସିଲା ଖବର

# ସୁସ୍ଥହେଲେ ମହାପ୍ରଭୁ

**ପୁରୀ,(ପିପିଏସ୍):** ମହାପ୍ରଭୁଙ୍କ ରାଜପ୍ରସାଦ ବିଜେ ନୀତି ଅନୁଷ୍ଠିତ ହୋଇଛି। ସୁସ୍ଥ ହୋଇଛନ୍ତି ମହାପ୍ରଭୁ। ଅତ୍ୟଧିକ ସ୍ନାନକରି ଜ୍ୱରରେ ପୀଡିତ ଥିବା ମହାପ୍ରଭୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି। ଦ୍ୱାଦଶୀ ତିଥିରେ ଦଇତା ଓ ପତି ମହାପାତ୍ର ସେବାୟତମାନେ ଶ୍ରୀନଅର ଆସି ଗଜପତି ମହାରାଜାଙ୍କୁ ମହାପ୍ରଭୁଙ୍କ ସୁସ୍ଥତାର ସମ୍ବାଦ ଦେଇଛନ୍ତି। ଶ୍ରୀମନ୍ଦିରରେ ଭୋଗମଣ୍ଡପ ପରେ ଏହି ସେବକମାନେ ରୂପାପାଲିରେ ମହାପ୍ରଭୁଙ୍କ ଚନ୍ଦନ, କଦଳୀ ଓ ପାଟଡୋର ସାଙ୍ଗରେ ଧରି ଏକ ପଟୁଆରରେ ଶ୍ରୀନଅର ଆସିଥିଲେ। ସେଠାରେ ଗଜପତି ମହାରାଜାଙ୍କୁ ଏହି ଦ୍ରବ୍ୟ ପ୍ରଦାନ କରିବା ସହ ଚଳିତବର୍ଷ ରଥଯାତ୍ରା କିଭଳି ସୁରୁଖୁରୁରେ ସମ୍ପାଦିତ ହେବ ସେନେଇ ଆଲୋଚନା କରିଥିଲେ। ଶ୍ରୀନଅରରେ ଗଜପତି ମହାରାଜା ସେବାୟତମାନଙ୍କୁ ପାଛୋଟି ନେଇଥିଲେ। ଏଥିସହିତ ରଥଯାତ୍ରାପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାପଡ଼ିଛି।

## ଅନ୍ତର୍ଜାତୀୟ ବିଧବା ଦିବସ




ପ୍ରତିବର୍ଷ ୨୩ ଜୁନ୍‌ରେ ସାରା ବିଶ୍ୱରେ 'ଅନ୍ତର୍ଜାତୀୟ ବିଧବା ଦିବସ' ପାଳନ କରାଯାଏ। ଏହି ଦିନର ମୂଳ ଉଦ୍ଦେଶ୍ୟ ହେଉଛି ବିଶ୍ୱରେ ବିଧବାମାନଙ୍କ ସଶକ୍ତିକରଣର ଗୁରୁତ୍ୱକୁ ପ୍ରୋତ୍ସାହିତ କରିବା। ଏହାର ଅର୍ଥ ବିଧବାମାନଙ୍କୁ ସମର୍ଥନ କରିବା ଏବଂ ସେମାନଙ୍କ ଅବସ୍ଥା ବିଷୟରେ ସଚେତନତା ସୃଷ୍ଟି କରିବା। ଦୁନିଆରେ ଅନେକ ମହିଳା ନିଜ ଜୀବନ ସାଥୀ ହରାଇବା ପରେ ଏକ ଚ୍ୟାଲେଞ୍ଜର ସମ୍ମୁଖୀନ ହୁଅନ୍ତି ଏବଂ ମୌଳିକ ଆବଶ୍ୟକତା, ସେମାନଙ୍କର ମାନବିକ ଅଧିକାର ଏବଂ ସମ୍ମାନ ପାଇଁ ଦୀର୍ଘକାଳୀନ ସଂଘର୍ଷର ସମ୍ମୁଖୀନ ହୁଅନ୍ତି। 'ଆନ୍ତର୍ଜାତୀୟ ବିଧବା ଦିବସ' ହେଉଛି "ଅନେକ ଦେଶରେ ଲକ୍ଷ ଲକ୍ଷ ବିଧବା ଏବଂ ସେମାନେ ସମ୍ମୁଖୀନ ହେଉଥିବା ଦାରିଦ୍ର ତଥା ଅନ୍ୟାୟ" ର ସମାଧାନ ପାଇଁ କାର୍ଯ୍ୟର ଦିବସ। ମୂଳ ଉଦ୍ଦେଶ୍ୟ ହେଉଛି ବିଧବାମାନଙ୍କ ଅବସ୍ଥା ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ସେମାନଙ୍କର ଅଧିକାରକୁ ସୁରକ୍ଷା କରିବା। 'ଆନ୍ତର୍ଜାତୀୟ ବିଧବା ଦିବସ'ର ଉଦ୍ଦେଶ୍ୟ ହେଉଛି ସମଗ୍ର ବିଶ୍ୱରେ ବିଧବାମାନଙ୍କ ଜୀବନରେ ଉନ୍ନତି ଆଣିବା ଏବଂ ସେମାନଙ୍କୁ ସେମାନଙ୍କର ଅଧିକାରର ପୂର୍ଣ୍ଣ ମାନ୍ୟତା ଦେବା। ଏହି ଉଦ୍ଦେଶ୍ୟ ପୂରଣ କରିବା ପାଇଁ ପ୍ରତିବର୍ଷ ଆନ୍ତର୍ଜାତୀୟ ବିଧବା ଦିବସ ପାଳନ କରାଯାଏ। ଏହି ଦିନ ବିଧବାମାନଙ୍କୁ ଉପଯୁକ୍ତ ରୋଜଗାର, ଆୟ, ପେନ୍ସନ୍ ଏବଂ ସାମାଜିକ ସୁରକ୍ଷା ଇତ୍ୟାଦି ସୁବିଧା ଯୋଗାଇବା ପାଇଁ ଆଲୋଚନା କରାଯାଇଥାଏ। ମିଳିତ ଜାତିସଂଘ କହିଛି ଯେ ବିଧବାମାନେ ନିଜକୁ ଏବଂ ସେମାନଙ୍କ ପରିବାରକୁ ସାହାଯ୍ୟ କରିବାକୁ ସମର୍ଥ ହେବା ଜରୁରୀ। ଏଥିପାଇଁ ସାମାଜିକ ଭେଦଭାବ ହଟାଇବା ଆବଶ୍ୟକ।

## ଖେଳିଲେ କ'ଣ ହୁଏ ଲାଭ



- ଖେଳ ଧୈର୍ଯ୍ୟବାନ ହେବାକୁ, ସଂଘର୍ଷଶୀଳ ହେବାକୁ ହେବାକୁ ଶିଖାଏ।
- ଅଧ୍ୟୟନରୁ ଜଣାପଡିଛି ଯେ, ଯେଉଁ ପିଲାମାନେ କ୍ରୀଡା ସହିତ ଜଡିତ କିମ୍ବା ଯେଉଁମାନଙ୍କ ଜୀନ୍ ବେଶି ସକ୍ରିୟ, ସେମାନେ ଶିଘ୍ର ଶିଖନ୍ତି, ବହୁତ ସାମାଜିକ ହୋଇଥାନ୍ତି, ଯେକୌଣସି କାମରେ ଭଲ ପ୍ରଦର୍ଶନ କରନ୍ତି, ଶ୍ରେଣୀରେ ଅଧିକ ଧ୍ୟାନ ଦିଅନ୍ତି ଏବଂ ସେମାନଙ୍କର ବୁଝିବାର କ୍ଷମତା ଅନ୍ୟମାନଙ୍କ ତୁଳନାରେ ବହୁତ ଭଲ ହୋଇଥାଏ।
- କମ ବୟସରେ ଖେଳିବା ଦ୍ୱାରା ଏହା ଆଜୀବନ ଫିଟ୍ନେସ୍ ଅଭ୍ୟାସକୁ ବିକାଶ କରିଥାଏ।
- ସକ୍ରିୟ ଲୋକ ଅଧିକ ବୌଦ୍ଧିକ ଏବଂ ନିଷ୍କ୍ରିୟ ଲୋକମାନଙ୍କ ଅପେକ୍ଷା ଭଲ ପ୍ରଦର୍ଶନ କରନ୍ତି। ଖେଳ ହିଁ ଜଣେ ବ୍ୟକ୍ତିକୁ ଅଧିକ ସକ୍ରିୟ କରିଦିଏ।
- ଆଜିକାଲି ଯୁବକମାନଙ୍କ ଠାରେ ମେଦବହୁଳତାର ସମସ୍ୟା ବଢୁଥିବା ବେଳେ କ୍ରୀଡା ସେମାନଙ୍କ ସୁସ୍ଥ ଆକାରକୁ ଫେରାଇ ଆଣିବାରେ ସାହାଯ୍ୟ କରେ।
- ଯେ କୌଣସି ଖେଳ ଶରୀରର ଏଣ୍ଡୋରଫିନ୍ ହର୍ମୋନକୁ ପ୍ରଭାବିତ କରିଥାଏ ଯାହା ଯେକୌଣସି ପ୍ରକାରର ଚାପକୁ ହ୍ରାସ କରି ଖୁସି ପ୍ରଦାନ କରିଥାଏ।

## ଅନ୍ତର୍ଜାତୀୟ ଅଲିମ୍ପିକ୍ ଦିବସ




ସମଗ୍ର ବିଶ୍ୱରେ ୨୩ ଜୁନ୍‌ରେ 'ଆନ୍ତର୍ଜାତୀୟ ଅଲିମ୍ପିକ୍ ଦିବସ' ପାଳନ କରାଯାଏ। କ୍ରୀଡ଼ାର ମହାକୁମ୍ଭ ଅଲିମ୍ପିକ୍ସ ପାଇଁ ଏହା ଏକ ବିଶେଷ ଦିନ। ଏହି ଦିନ କ୍ରୀଡା ଓ ସ୍ୱାସ୍ଥ୍ୟର ଏକ ଉତ୍ସବ ଯେଉଁଥିରେ ବିଶ୍ୱର ବିଭିନ୍ନ ସ୍ଥାନରୁ ଲୋକମାନେ ଅଂଶଗ୍ରହଣ କରନ୍ତି। ଏହି ବିଶେଷ ଦିନରେ ସମଗ୍ର ବିଶ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଆପଣ ଜାଣନ୍ତି କି ଏହି ଦିନ ସମଗ୍ର ବିଶ୍ୱରେ କାହିଁକି 'ଅଲିମ୍ପିକ୍ ଡେ' ପାଳନ କରାଯାଏ ଏବଂ ଏହା ପଛର କାରଣ କ'ଣ ? ଆସନ୍ତୁ ଜାଣିବା।ଏହି ଦିନ ଅର୍ଥାତ୍ ୨୩ ଜୁନ୍ ୧୮୯୪ରେ ଆନ୍ତର୍ଜାତୀୟ ଅଲିମ୍ପିକ୍ କମିଟି ଗଠନ କରାଯାଇଥିଲା। ଏହି ଦିନଟି କ୍ରୀଡା, ସ୍ୱାସ୍ଥ୍ୟ ଏବଂ ନିଜକୁ ଉନ୍ନତ କରିବାର ଦିନ। ବିଶ୍ୱର ଯେ କୌଣସି ବ୍ୟକ୍ତି ଏଥିରେ ଅଂଶଗ୍ରହଣ କରିପାରିବେ। ଏହି ଦିନଟିକୁ ଏକ ଉତ୍ସବ ପରି ପାଳନ କରାଯାଏ।

ଷ୍ଟକହୋମ୍‌ରେ ଆନ୍ତର୍ଜାତୀୟ ଅଲିମ୍ପିକ୍ କମିଟିର ୪୧ ତମ ଅଧିବେଶନରେ ଚେକ୍ ଆଇଓସି ସଦସ୍ୟ ଡ. ଗ୍ରସ୍ ବିଶ୍ୱ ଅଲିମ୍ପିକ୍ ଦିବସର ଧାରଣା ଦେଇଥିଲେ ଏବଂ ଅଲିମ୍ପିକ୍ସର ବାର୍ତ୍ତା ଏବଂ ମୂଳ ଉଦ୍ଦେଶ୍ୟକୁ ପାଳନ କରିବାକୁ ଗୋଟିଏ ଦିନ ରଖିବାକୁ କହିଥିଲେ। କିଛି ମାସ ପରେ, ଜାନୁୟାରୀ ୧୯୪୮ରେ, ସେଣ୍ଟ ମୋରିଜ୍ ଠାରେ ଆଇଓସିର ୪୨ତମ ଅଧିବେଶନରେ ଏହି ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା।ଏହା ପରେ ଜାତୀୟ ଅଲିମ୍ପିକ୍ କମିଟିକୁ ଏହି କାର୍ଯ୍ୟକ୍ରମର ଆୟୋଜନ ଦାୟିତ୍ୱ ଦିଆଯାଇଥିଲା। ଏହି ଦିନ ପରେ, ଏହି ତାରିଖ ଓଡଂଉ ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ପଞ୍ଜିକୃତ କଲା। ୨୩ ଜୁନ୍ ୧୯୪୮ରେ ପ୍ରଥମ ଥର ପାଇଁ ଅଲିମ୍ପିକ୍ ଦିବସ ପାଳନ କରାଯାଇଥିଲା। ଏହି ସମୟରେ ପର୍ତ୍ତୁଗାଲ, ଗ୍ରୀସ୍, ଅଷ୍ଟ୍ରିୟା, କାନାଡା, ସ୍ୱିଜର୍ଲ୍ୟାଣ୍ଡ, ଗ୍ରେଟ୍ ବ୍ରିଟେନ୍, ଉରୁଗୁଏ, ଭେନେଜୁଏଲା ଏବଂ ବେଲ୍ଜିୟମ୍ ନିଜ ଦେଶରେ ଏହି ବିଶେଷ

## ଆଜିର ରାଶିଫଳ

ମେଷ : ନିଜ ବକ୍ତବ୍ୟରେ ଶତ୍ରୁକୁ ଉଚ୍ଚ ପିଢ଼ା ଦେଇ ନିଜ ସଚ୍ଚରିତ୍ର ସାଧୁ ହୃଦୟର ପରିଚୟ ସୃଷ୍ଟି କରିବେ। ସ୍ୱାର୍ଥ ଜଡ଼ିତ ସେବା କ୍ଷେତ୍ରରେ ରହି ମଧ୍ୟ ଜନ କଲ୍ୟାଣ ଅଭିମୁଖୀ କାର୍ଯ୍ୟ କରି ପ୍ରଶଂସାର ପାତ୍ର ହେବେ।

ବୃଷ: ପୂର୍ବ ପ୍ରଚଳିତ ଯୋଜନାରେ ସୁଫଳ ସ୍ୱରୂପ ବିଭିନ୍ନ ସୂତ୍ରରୁ ପ୍ରଚୁର ଧନ ଆସି ଆର୍ଥିକ ସ୍ଥିତିକୁ ଦୃଢ଼ କରିବ। ପତ୍ନୀଙ୍କ ଅଳଙ୍କାର ପ୍ରେମ ଆଶା ଆକାଂକ୍ଷାକୁ ପୂର୍ଣ୍ଣ କରିବେ। ଧାର୍ମିକ ଓ ତେଜସ୍ୱୀ ହେବେ।

ମିଥୁନ: କୃଷି ପ୍ରଧାନ ରାଜ୍ୟ ଉତ୍କଳର ଜଣେ ସୁଯୋଗ୍ୟ ସନ୍ତାନଭାବେ ଦୀକ୍ଷିତ ହେବେ। କୃଷି କର୍ମର ଜ୍ଞାନ ବିତରଣ କରି କୃଷକଙ୍କ କୃଷି ଉତ୍ପାଦନର ସହାୟକ ହେବେ। ଉତ୍କଳର ଖାଦ୍ୟ ଭଣ୍ଡାରକୁ ପରିପୂର୍ଣ୍ଣ କରିବେ।

କର୍କଟ: ଈଶ୍ୱରୀୟ ଭକ୍ତିରେ ଶକ୍ତିସମ୍ପନ୍ନ ହୋଇ ଜଣେ ଯୋଗାରୁଢ଼ ସାଧକ ଭାବେ ସାଧନାରେ ସିଦ୍ଧି ପ୍ରାପ୍ତ ହେବେ। ସାହସୀ ଓ ପ୍ରେମୀ ଭାବେ ସ୍ୱେଚ୍ଛାକୃତ ସେବକ ହୋଇପାରନ୍ତି। ଅନୁଜଙ୍କ ଭକ୍ତିଭାବ ପ୍ରାପ୍ତ ହେବେ।

ସିଂହ: ଜଣେ ଶିଶୁବତ୍ସଳ ଓ ବିଦ୍ୟାପ୍ରେମୀ ଭାବେ ଆଶ୍ରିତ ଛାତ୍ରଛାତ୍ରୀଙ୍କ ପ୍ରତି ମଧୁର ଭାଷା ବ୍ୟବହାର କରି ପରମ କଲ୍ୟାଣୀୟ ମାର୍ଗରେ ସେମାନଙ୍କୁ ମାର୍ଗୀ କରିପାରନ୍ତି। ପତ୍ନୀଙ୍କ ସହଯୋଗ ରୂପକ ସେବାରେ ସୁଖୀ ହେବେ।

କନ୍ୟା: ସେବା ଓ ପରୋପକାରକୁ ଜୀବନର ବ୍ରତଭାବେ ଗ୍ରହଣ କରିପାରନ୍ତି। ସୁସ୍ଥ ଓ ନିରାମୟ ଜୀବନ ବିତାଇବେ। ଦାମ୍ପତ୍ୟ ଜୀବନ ସୁଖପ୍ରଦ ହେବ। ଧର୍ମ କାର୍ଯ୍ୟରେ ଧନ ବ୍ୟୟ କରି ପ୍ରଶଂସାର ପାତ୍ର ହେବେ।

ତୁଳା : ଜଣେ ରାଜଯୋଗୀଭାବେ ଆପଣ ସଦାସର୍ବଦା କର୍ମଚଞ୍ଚଳ ରହିବେ। ଆପଣଙ୍କ ଆଜିର ଭାଷା ଏପରି ନମନୀୟ ଓ କମନୀୟ ହେବ ଯେ ଯାହା ଫଳରେ ପରକୁ ଆପଣାର କରିବେ। ଅନ୍ନଦାନ କରିପାରନ୍ତି।

ବିଛା: ଅସାଧ୍ୟ ସାଧନର କଳା ଆପଣଙ୍କର ଅଛି। ଆପଣଙ୍କ ଉପଦେଶ ଓ ଚେତାବନୀ ସୁଦୂର ପ୍ରସାରୀ ହେବ। ଅସମ୍ଭବ ଏକ ଶବ୍ଦ ଯାହା ଆପଣଙ୍କ ଅଭିଧାନରେ ନାହିଁ। ନିଷ୍ଠାପର କାର୍ଯ୍ୟ ଯୋଗୁଁ ପୁରସ୍କୃତ ହେବେ।

ଧନୁ: ମନରେ ଧ୍ୟାନର ଦୀପ ପ୍ରଜ୍ୱଳନ କରି ଆତ୍ମଶକ୍ତିକୁ ଗରିମାମୟ କରିପାରନ୍ତି। ଶୁଦ୍ଧ ଆଚରିତ ପରଧର୍ମଠାରୁ ନିଜ ଧର୍ମ ଶ୍ରେଷ୍ଠ। ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଶ୍ରେଷ୍ଠ ବିଚାରକ ହେବେ।

ମକର: ଭଲ ରୋଜଗାର ହେବ। ଧନବାନ୍ ହେବେ। ଗୁଣଯୁକ୍ତ ହୋଇପାରନ୍ତି। ଉପାର୍ଜନକାରୀ ହେବେ। ଶକ୍ତିମାନ୍ ଓ ରୂପବାନ୍ ହୋଇପାରନ୍ତି। ସୁସ୍ୱାଦୁ ଭୋଜନ ମିଳିବ। ଚିନ୍ତାଧାରା ମହତ୍ ହେବ। ସ୍ୱାସ୍ଥ୍ୟ ଅତୁଟ ରହିବ।

କୁମ୍ଭ: କାର୍ଯ୍ୟର ସଫଳ ରୂପାୟନ ଓ ମିଳିଥିବା କ୍ଷମତାର ସଦୁପଯୋଗ କରି ପ୍ରଶଂସାର ପାତ୍ର ହେବେ। ପରୋପକାର ଓ ସେବାକୁ ଜୀବନର ବ୍ରତଭାବେ ଗ୍ରହଣ କରିପାରନ୍ତି। ଅର୍ଥାଗମର ସୂଚନା ମିଳୁଛି।

ମୀନ : କୌଣସି କାର୍ଯ୍ୟ ତରବର ହୋଇ ନିଷ୍ପତ୍ତି ନେଲେ ସୁଫଳ ମିଳିବା କଷ୍ଟସାଧ୍ୟ ହେବ। ସାମାନ୍ୟ ଅସୁସ୍ଥତା ଅନୁଭବ କରିପାରନ୍ତି। ଆର୍ଥିକ ସ୍ଥିତି ଦୁର୍ବଳ ହୋଇପାରେ। ଯାନବାହନ ଚଳାଚଳରେ ସତର୍କ ରହିବେ।

## ବିବାହ କରି ବି ଲୋକେ କାହିଁକି ରଖନ୍ତି ଅତିରିକ୍ତ ବୈବାହିକ ସମ୍ପର୍କ



ବିବାହ ପରେ ମଧ୍ୟ ଅନେକ ଲୋକଙ୍କର ଅତିରିକ୍ତ ବୈବାହିକ ସମ୍ପର୍କ ରହିଥାଏ। ଏହା ପଛରେ ଅନେକ କାରଣ ମଧ୍ୟ ରହିଛି। ତେବେ ଏହା ଏକ ଖୁବ ଜଟିଳ ବିଷୟ, ଯେଉଁଥିରେ ଭାବପ୍ରବଣ, ମାନସିକ ଏବଂ କେତେକ ସମୟରେ ସାମାଜିକ କିମ୍ବା ଶାରୀରିକ କାରଣ ମଧ୍ୟ ରହିଛି। ଯଦିଓ ଏହା କରିବା ସବୁବେଳେ ଭୁଲ ହୋଇଥାଏ ତେବେ କେତେକ ସମୟରେ ଏପରି ପରିସ୍ଥିତି ଉପୁଜେ ଯେ ଏପରି ପଦକ୍ଷେପ ନେବାକୁ ଜଣେ ବାଧ୍ୟ ହୋଇଥାଏ। କିନ୍ତୁ ସବୁକିଛି ଠିକ୍ ଥାଇ ମଧ୍ୟ ଅନେକ ଲୋକ ଏପରି ପଦକ୍ଷେପ ନିଅନ୍ତି, ଯାହା ନିହାତି ଭୁଲ। ତେବେ ବିବାହ ପରେ ମଧ୍ୟ ଲୋକେ କାହିଁକି ଅତିରିକ୍ତ ବୈବାହିକ ସଂପର୍କ ରଖିବାକୁ ପସନ୍ଦ କରନ୍ତି ଆସନ୍ତୁ ଏହାର କିଛି ମୁଖ୍ୟ କାରଣ ଉପରେ ନଜର ପକାଇବେ।

ଭାବପ୍ରବଣ ଅସନ୍ତୋଷ: ଯେତେବେଳେ ଜଣେ ବ୍ୟକ୍ତି ତାଙ୍କ ପାର୍ଟନର୍ଙ୍କ ଠାରୁ ଆବଶ୍ୟକ ଭାବପ୍ରବଣ ସମ୍ପର୍କ, ଘନିଷ୍ଠତା କିମ୍ବା ବୁଝାମଣା ପାଆନ୍ତି ନାହିଁ, ସେତେବେଳେ ସେ ଅନ୍ୟ କାହା ପ୍ରତି ଆକର୍ଷିତ ହୋଇପାରନ୍ତି। ଏହି ଭାବପ୍ରବଣ ଶୂନ୍ୟତା ତାଙ୍କୁ ଏକ ବାହ୍ୟ ସମ୍ପର୍କ ଆଡ଼କୁ ଠେଲି ନେଇଥାଏ।

ଶାରୀରିକ ଅସନ୍ତୋଷ: ଯଦି ଶାରୀରିକ ସମ୍ପର୍କରେ ଅସନ୍ତୋଷ ଥାଏ, ଯେପରିକି ପ୍ରେମର ଅଭାବ, ଇଚ୍ଛାରେ ପାର୍ଥକ୍ୟ କିମ୍ବା ଏକତା, ତେବେ କିଛି ଲୋକ ସେମାନଙ୍କର ଶାରୀରିକ ଆବଶ୍ୟକତା ପୂରଣ କରିବା ପାଇଁ ଅତିରିକ୍ତ ବୈବାହିକ ସମ୍ପର୍କ ଆଡକୁ ମୁହାଁଇଥାନ୍ତି।

ଉତ୍ସାହ ଏବଂ ଆକାଂକ୍ଷା: ଅନେକ ସମୟରେ, ଦୀର୍ଘ ସମୟ ଧରି ସମ୍ପର୍କରେ ରହିବା ପରେ, ଲୋକମାନେ କିଛି ନୂଆ ରୋମାନ୍ସ ଏବଂ ଉତ୍ସାହର ସନ୍ଧାନରେ ଅତିରିକ୍ତ ବୈବାହିକ ସମ୍ପର୍କ ପ୍ରତି ଆକର୍ଷିତ ହୁଅନ୍ତି। ଏହାକୁ 'ନବୀନତା ପ୍ରଭାବ' କୁହାଯାଏ, ଯାହା କିଛି ନୂତନ ପ୍ରତି ଆଗ୍ରହ ସୃଷ୍ଟି କରେ।

ପ୍ରାସଙ୍ଗିକ ସୁଯୋଗ ଏବଂ ସାମାଜିକ ପ୍ରଭାବ:
ଯଦି ଜଣେ ବ୍ୟକ୍ତି ଏପରି ଏକ ପରିବେଶରେ ପଡିଯାଏ ଯେଉଁଠାରେ ଅତିରିକ୍ତ ବୈବାହିକ ସମ୍ପର୍କକୁ ସାଧାରଣ ବୋଲି ବିବେଚନା କରାଯାଏ, କିମ୍ବା କାର୍ଯ୍ୟକ୍ଷେତ୍ରରେ କିମ୍ବା ସୋସିଆଲ ମିଡିଆରେ ଆକର୍ଷଣ ଥାଏ, ତେବେ ଏହା ମଧ୍ୟ ଏକ କାରଣ ହୋଇପାରେ। ଏହା ସହିତ, କିଛି ଲୋକ ସୁଯୋଗ ପାଇଲେ ସେମାନଙ୍କର ଇଚ୍ଛାକୁ ନିୟନ୍ତ୍ରଣ କରିପାରନ୍ତି ନାହିଁ।

ପ୍ରତିଶୋଧ କିମ୍ବା ପ୍ରତିକ୍ରିୟା: ବେଳେବେଳେ ଜଣେ ବ୍ୟକ୍ତି ନିଜ ପତି କିମ୍ବା ପତ୍ନୀଙ୍କ ବିଶ୍ୱାସଘାତକତା କିମ୍ବା ଅବହେଳାର ପ୍ରତିଶୋଧ ସ୍ୱରୂପ ବିବାହ ବାହାରେ ସମ୍ପର୍କ ରଖନ୍ତି। ଏହା ଏକ ପ୍ରକାରର 'ଭାବପ୍ରବଣ ପ୍ରତିଶୋଧ'। ଏହାର ଅର୍ଥ ହେଉଛି ଯନ୍ତ୍ରଣାର ଉତ୍ତର ଯନ୍ତ୍ରଣାରେ ଦେବା। ଏହି ସମ୍ପର୍କଗୁଡ଼ିକ ସାଧାରଣତଃ କ୍ରୋଧ କିମ୍ବା ଆଘାତରୁ ସୃଷ୍ଟି ହୁଏ ଏବଂ ପରେ ଅନୁତାପ ଆଣିପାରେ।

ସୁଯୋଗ ଏବଂ ପରିସ୍ଥିତି: ଆଜିର ସମୟରେ, ସୋସିଆଲ ମିଡିଆ, କର୍ମକ୍ଷେତ୍ର ଏବଂ ଡିଜିଟାଲ୍ ମାଧ୍ୟମ ଲୋକଙ୍କ ସହିତ ସଂଯୋଗ ସ୍ଥାପନକୁ ସହଜ କରିଛି। ଯେତେବେଳେ ସୁଯୋଗ ବହୁତ ଥାଏ ଏବଂ ସୀମା ଦୁର୍ବଳ ଥାଏ, ସେତେବେଳେ ଲୋକମାନେ ସହଜରେ ଆକର୍ଷିତ ହୋଇପାରନ୍ତି।

ତେବେ ଅତିରିକ୍ତ ବୈବାହିକ ସମ୍ପର୍କ କେବଳ ଜଣେ ବ୍ୟକ୍ତିଙ୍କ 'ଦୋଷ' ନୁହେଁ, ବରଂ ଏହା ଗଭୀର ଆବଶ୍ୟକତା ଏବଂ ଭାବପ୍ରବଣ ଦ୍ୱନ୍ଦ୍ୱର ଏକ ଲକ୍ଷଣ ଯାହାକୁ ପ୍ରାୟତଃ ସମ୍ପର୍କରେ ଅଣଦେଖା କରାଯାଏ।

## ବଲିଉଡ଼ ଅଭିନେତ୍ରୀ ରାଣୀ ମୁଖାର୍ଜୀ

ବଲିଉଡର ଶ୍ରେଷ୍ଠ ଅଭିନେତ୍ରୀମାନଙ୍କ ମଧ୍ୟରୁ ଜଣେ ରାଣୀ ମୁଖାର୍ଜୀ ତାଙ୍କର ଚମତ୍କାର ଅଭିନୟ ବଳରେ ବଲିଉଡରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ରାଣୀ ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ମାତା ଆଦିତ୍ୟ ଚୋପ୍ରାଙ୍କୁ ବିବାହ କରିଛନ୍ତି। କିନ୍ତୁ ଆପଣ ଜାଣିଲେ ତାଜୁବ ହେବେ ଦିନେ ସେ ବିଗ୍ ବି ଅମିତାଭ ବଚ୍ଚନଙ୍କୁ ବିବାହ କରିବାକୁ ଚାହୁଁଥିଲେ ଯିଏ ତାଙ୍କଠାରୁ ୩୫ ବର୍ଷ ବଡ଼। ବଲିଉଡର ଅନେକ ବଡ଼ ସୁପରଷ୍ଟାରଙ୍କ ପରି, ରାଣୀ ମୁଖର୍ଜୀ ଅମିତାଭ ବଚ୍ଚନଙ୍କ ପ୍ରଶଂସକ। ରାଣୀ ଆରମ୍ଭରୁ ବିଗ ବିଙ୍କ ପ୍ରଶଂସକ। ସେ ଥରେ ଅଭିନେତ୍ରୀ ସିମି ଗ୍ରେୱାଲଙ୍କ ଟକ ଶୋ'ରେ ତାଙ୍କ ହୃଦୟର ଇଚ୍ଛା ପ୍ରକାଶ କରିଥିଲେ ଯେ ସେ ବିଗ ବିଙ୍କୁ ବିବାହ କରିବାକୁ ଚାହୁଁଛନ୍ତି। କିନ୍ତୁ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ତାଙ୍କର ବିବାହ ଅଭିଷେକ ବଚ୍ଚନଙ୍କ ସହ ଫିକ୍ସ ହୋଇଯାଇଥିଲା। ବର୍ଷ ବର୍ଷ ପୂର୍ବେ, ସିମି ଗ୍ରେୱାଲଙ୍କ ଶୋ'ରେ ରାଣୀ ମୁଖର୍ଜୀ ଏକ ବହୁତ ବଡ଼ କଥା କହିଥିଲେ। ସିମିଙ୍କ ଦ୍ୱାରା ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ ରାଣୀ କହିଥିଲେ ଯେ ଯଦି ତାଙ୍କୁ ସୁଯୋଗ ଥାଆନ୍ତା, ତେବେ ସେ ଅମିତାଭ ବଚ୍ଚନଙ୍କୁ ବିବାହ କରିଥାଆନ୍ତେ। ସେ ଏହା ମଧ୍ୟ କହିଥିଲେ ଯେ ତାଙ୍କ ହୃଦୟରେ ବିଗ ବିଙ୍କ ପ୍ରତି ବହୁତ ସମ୍ମାନ ଏବଂ ପ୍ରେମ ଅଛି। ଅମିତାଭ ବଚ୍ଚନ ଏବଂ ରାଣୀ ମୁଖାର୍ଜୀ ମଧ୍ୟ ଅନେକ ଫିଲ୍ମରେ ସ୍କ୍ରିନ ସେୟାର କରିଛନ୍ତି। ୨୦୦୫ ମସିହାରେ ଆସିଥିବା ଫିଲ୍ମ 'ବ୍ଲାକ' ଉଭୟଙ୍କ ପାଇଁ ହଙ୍ଗାମା ସୃଷ୍ଟି କରିଥିଲା। ପ୍ରକୃତରେ, ଏହି ଫିଲ୍ମରେ ଅମିତାଭ ବଚ୍ଚନ ତାଙ୍କଠାରୁ ୩୫ ବର୍ଷ ସାନ ରାଣୀ ମୁଖାର୍ଜୀଙ୍କ ସହିତ ଏକ କିସିଂ ସିନ୍ କରିଥିଲେ, ଯାହା ସମଗ୍ର ଫିଲ୍ମ ଇଣ୍ଡଷ୍ଟ୍ରିକୁ ହଲାଇ ଦେଇଥିଲା। ଯଦିଓ ରାନୀ ବିଗ ବିଙ୍କୁ ବିବାହ କରିବାର ସୁଯୋଗ ପାଇ ନ ଥିଲେ, କିନ୍ତୁ ତାଙ୍କୁ ତାଙ୍କ ଘରର ବୋହୂ ହେବାର ସୁଯୋଗ ମିଳିଥିଲା। ପ୍ରକୃତରେ, ଗୋଟିଏ ସମୟରେ ଅଭିଷେକ ଏବଂ ରାଣୀ ପରସ୍ପରକୁ ଡେଟ କରୁଥିଲେ। ବଚ୍ଚନ ପରିବାର ମଧ୍ୟ ସେମାନଙ୍କ ସମ୍ପର୍କ ବିଷୟରେ ଅବଗତ ଥିଲେ। 'ବଣ୍ଟି ଔର ବବଲି', 'କଭି ଅଲବିଦା ନା କେହନା' ଏବଂ 'ଯୁବା' ଭଳି ଫିଲ୍ମରେ ଏକାଠି କାମ କରିବା ସମୟରେ, ସେମାନଙ୍କ ପ୍ରେମ ଆରମ୍ଭ ହୋଇଥିଲା। ଉଭୟ ବିବାହ କରିବାକୁ ମଧ୍ୟ ପ୍ରସ୍ତୁତ ଥିଲେ, କିନ୍ତୁ ହଠାତ ସେମାନଙ୍କ ବ୍ରେକଅପ ଖବର ଆସିଲା ଏବଂ ସେମାନେ ଅଲଗା ହୋଇଗଲେ।



## ଶରୀର ପାଇଁ ବେଶ ଗୁଣକାରୀ କଦଳୀ



ନ୍ୟାସନାଲ ଲାଇବ୍ରେରୀ ଅଫ୍ ମେଡିସିନ୍ ଦ୍ୱାରା କରାଯାଇଥିବା ଅଧ୍ୟୟନ ଅନୁସାରେ, କଦଳୀରେ ଫେନୋଲିକ ଏସିଡ୍ ଏବଂ ଫ୍ଲାଭୋନଏଡ୍ସ ବାୟୋଏକ୍ଟିଭ୍ ପରି ଜୈବିକ ଭରପୁର ମାତ୍ରାରେ ରହିଛି । ଏଥିରେ ଗୁଣକାରୀ ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟିରାଡିକାଲ୍ ଗୁଣ ଅଛି ଯାହା ଶରୀରକୁ ଅକ୍ସିଡେଟିଭ୍ ଚାପରୁ ରକ୍ଷା କରିବାରେ ସାହାଯ୍ୟ କରେ । କଦଳୀରେ ଥିବା କିଛି ଫେନୋଲିକ୍ସ ଆଣ୍ଟିଭାଇରାଲ୍, ଆଣ୍ଟି-ଇନ୍ଫ୍ଲେମେଟରୀ, ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟି-ଡାଇବେଟିକ୍ ଏବଂ ଆଣ୍ଟି-କର୍କଟ ପ୍ରଭାବ ଦେଖାଏ । ଏହା ବ୍ୟତୀତ ମେଦବହୁଳତା, ଉଚ୍ଚ ରକ୍ତଚାପ ଏବଂ କର୍କଟ ଭଳି ଅବସ୍ଥା ସହିତ ଜଡିତ ଏନଜାଇମଗୁଡ଼ିକୁ ବାଧା ଦେଇଥାଏ । ହାର୍ଟ ରହିବ ସୁସ୍ଥ: ପୋଟାସିୟମ ହାର୍ଟ ପାଇଁ ବହୁତ ଭଲ । ଯାହା କଦଳୀରେ ଭରପୁର ମାତ୍ରାରେ ରହିଥାଏ । ଏହି ଅତ୍ୟାବଶ୍ୟକୀୟ ଖଣିଜ ପଦାର୍ଥ ଆପଣଙ୍କ ରକ୍ତଚାପକୁ ସନ୍ତୁଳିତ କରିବାରେ ସାହାଯ୍ୟ କରେ ଯାହା ଫଳରେ ଆପଣଙ୍କ ହୃଦୟକୁ ଅଧିକ ପରିଶ୍ରମ କରିବାକୁ ପଡ଼ିନଥାଏ । ଯେତେବେଳେ ହୃଦୟ ଶାନ୍ତ ଥାଏ, ସେତେବେଳେ ତୁମେ ଅଧିକ ଉର୍ଜା ଅନୁଭବ କରିଥାଅ ।

ଧୁମ୍ରପାନ ଛାଡ଼ିଯିବ: କଣ ଆପଣ ସ୍ମୋକିଙ୍ଗ ଛାଡିବାକୁ ଚେଷ୍ଟା କରୁଛନ୍ତି ? କଦଳୀ ଏଥିରେ ଆପଣଙ୍କୁ ସାହାଯ୍ୟ କରିପାରିବ । କଦଳୀରେ ଭିଟାମିନ୍ ଏବଂ ଖଣିଜ ପଦାର୍ଥର ମିଶ୍ରଣ ଯୋଗୁ ନିକୋଟିନ୍ ଲାଳସାକୁ ହ୍ରାସ କରିବାରେ ସାହାଯ୍ୟ କରିପାରେ । କଦଳୀରେ ପ୍ରାକୃତିକ ଚିନି ଥାଏ, ଯେଉଁଥିରେ ଆପଣଙ୍କୁ ଇନ୍‌ଷ୍ଟାଣ୍ଟ ଏନର୍ଜି ମିଳିଥାଏ।

ମନୋବଳ ବଢାଏ: କଣ ଆପଣ ଚାପଗ୍ରସ୍ତ ଏବଂ ଉଦାସ ଅନୁଭବ କରୁଛନ୍ତି କି ? ଏହାର କାରଣ ଆଇରନ୍ ଅଭାବ ହୋଇଥାଇପାରେ । କଦଳୀରେ ପ୍ରଚୁର ଆଇରନ ଥାଏ ଯାହା ଆପଣଙ୍କ ଶରୀରକୁ ଅଧିକ ଲାଲ ରକ୍ତ କଣିକା ତିଆରି କରିବାରେ ସାହାଯ୍ୟ କରେ ।

## ଛଚିନ୍ଦ୍ରା ଲଟପଟ

**ଆବଶ୍ୟକ ସାମଗ୍ରୀ:** ଛଚିନ୍ଦ୍ରା, ଚାଉଳ ଚୂନା, ହଳଦୀ ଗୁଣ୍ଡ, ଲଙ୍କାଗୁଣ୍ଡ, ଲୁଣ, ବେସନ, ତେଲ, ଅଦାରସୁଣ ବଟା, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, କଟା କଞ୍ଚା ଲଙ୍କା, କଟା ଅଦା, କଟା ରସୁଣ, କଟା ପିଆଜ, ଟମାଟୋ ପ୍ୟୁରି ଓ ଟମାଟୋ ସସ୍।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଛଚିନ୍ଦ୍ରାକୁ ଧୋଇ ଗୋଲ ଗୋଲ କରି କାଟି ଏକ ପାତ୍ରରେ ରଖନ୍ତୁ। ପରେ କଟା ଛଚିନ୍ଦ୍ରାରେ ଚାଉଳ ଚୂନା, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଲୁଣ, ବେସନ ଓ ପାଣି ପକାଇ ଗୋଳାଇ ଦିଅନ୍ତୁ। ଏହାପରେ କଡ଼େଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ମସଲା ଗୋଳା ଛଚିନ୍ଦ୍ରାକୁ ହାଲକା ଭାବେ ଛାଣି ଏକ ପାତ୍ରରେ ରଖନ୍ତୁ।ପରେ ପ୍ୟାନରେ ତେଲ ଗରମ କରି କଟା ପିଆଜ ପକାଇ ଭାଜନ୍ତୁ। ପିଆଜଟି ଟିକେ ଭାଜି ହେବାପରେ ସେଥିରେ ଅଦାରସୁଣ ବଟା, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଲଙ୍କା ଗୁଣ୍ଡ ଓ କଟା କଞ୍ଚା ଲଙ୍କା, କଟା ଅଦା ଓ କଟା ରସୁଣ ପକାଇ କଷନ୍ତୁ। ଏହାପରେ ଟମାଟୋ ପ୍ୟୁରି, ହଳଦୀଗୁଣ୍ଡ ଓ ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ। ମସଲା କଷି ହୋଇଯିବା ପରେ ଟମାଟୋ ସସ୍ ଓ ଛଣା ହୋଇଥିବା ଛଚିନ୍ଦ୍ରାକୁ ସେଥିରେ ପକାନ୍ତୁ। ଦୁଇ ମିନିଟ୍ ଯାଏ ଏହାକୁ ଆଞ୍ଚରେ ବସାଇ ରଖନ୍ତୁ। ପରେ ଏହାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଛଚିନ୍ଦ୍ରା ଲଟପଟ।









**ଚରମ୍ପାରେ ବ୍ୟବସାୟୀଙ୍କୁ ଗୁଳିମାଡ଼ ପ୍ରସଙ୍ଗ**

## ଲୁଟ୍ ନା ହତ୍ୟା ଉଦ୍ୟମ, ଘଟଣାସ୍ଥଳରେ ଡିଆଇଜିଙ୍କ ତନାଘନା




ଭଦ୍ରକ, (ପିପିଏସ୍): ଭଦ୍ରକ ସହରର ଚରମ୍ପା ଠାରେ ହୋଇଥିବା ଗୁଳିକାଣ୍ଡ ଘଟଣା ପରେ ପୋଲିସର ତନାଘନା ଆରମ୍ଭ ହୋଇଛି। ପୂର୍ବାଂଚଳ ଡିଆଇଜି ଓ ଏସ୍‌ପି ଘଟଣାସ୍ଥଳରେ ପହଂଚି ତଦନ୍ତ ପ୍ରକ୍ରିୟା ଯାଂଚ କରିଛନ୍ତି। ଶନିବାର ଚରମ୍ପା ଛକ ନିକଟରେ ବେଳମଳାସ୍ଥିତ ଘର ପାଖରେ ବ୍ୟବସାୟୀ ବିଦ୍ୟାଧର ପାତ୍ରଙ୍କୁ କେତେକ ଦୁର୍ବୃତ ଦୁଇ ରାଉଣ୍ଡ ଗୁଳି ଚଳାଇ ତାଙ୍କ ନିକଟରେ ଥିବା ଟଙ୍କା ବ୍ୟାଗ୍‌କୁ ଲୁଟି ନେଇଥିଲେ। ପରେ ସ୍ଥାନୀୟ ଲୋକେ ବିଦ୍ୟାଧରଙ୍କୁ ଗୁରୁତର ଭାବେ ପ୍ରଥମେ ଭଦ୍ରକ ମେଡିକାଲ ଓ ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ବିଦ୍ୟାଧରଙ୍କ ଦେହରୁ ଅପରେସନ ପରେ ଗୁଳି ବାହାର କରାଯାଇଛି ବୋଲି ସୂଚନା ମିଳିଛି। ତେବେ ଘଟଣା ପରେ ପୂର୍ବାଂଚଳ ଡିଆଇଜି ଡକ୍ଟର ସତ୍ୟଜିତ ନାୟକ, ଭଦ୍ରକ ଏସ୍‌ପି ମନୋଜ ରାଉତଙ୍କ ସହ ଅନ୍ୟ ଅଧିକାରୀ ମାନେ ଗୁଳିକାଣ୍ଡ ହୋଇଥିବା ସ୍ଥାନକୁ ଯାଇ ତଦନ୍ତ କରିଛନ୍ତି। ବିଦ୍ୟାଧରଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରିଛନ୍ତି ଡିଆଇଜି। ଏତେ ପର୍ଯ୍ୟନ୍ତ ଗୁଳିକାଣ୍ଡର କାରଣ ଅସ୍ପଷ୍ଟ ହୋଇଥିବା ବେଳେ ସିସିଟିଭି ଯାଂଚ ସହ ବିଭିନ୍ନ ସ୍ଥାନରେ ବ୍ଲକିଂ ଓ ଚଢ଼ାଉ ଚାଲିଥିବା କହିଛନ୍ତି ଡିଆଇଜି। ଘଟଣା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଖୁବ୍ ଶୀଘ୍ର ଅପରାଧୀଙ୍କୁ ପୋଲିସ ଧରିବ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଭଦ୍ରକ ସହରର ଚରମ୍ପା ଛକ ନିକଟରେ ବ୍ୟବସାୟୀଙ୍କୁ ଗୁଳିମାଡ ହୋଇଥିଲା। ଗୁଳିମାଡର ଶିକାର ହୋଇଥିଲେ ଭଦ୍ରକ ଗ୍ରାମାଂଚଳ ଥାନା ବେଳାମଳା ଗ୍ରାମର ବିଦ୍ୟାଧର ପାତ୍ର। ଚରମ୍ପା ସ୍ଥିତ ନିଜ ଦୋକାନ ବନ୍ଦ କରି ଘରକୁ ଯାଉଥିବା ସମୟରେ କେତେକ ଦୁର୍ବୃତ ଆସି ଗୁଳି ଫୁଟାଇଥିଲେ। ଲୁଟ୍ ଉଦ୍ଦେଶ୍ୟରେ ବିଦ୍ୟାଧରଙ୍କୁ ଗୁଳି ମାଡ଼ କରାଯାଇଥିବା ସନ୍ଦେହ କରାଯାଉଥିଲା। ପରେ ଗୁଳି ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଦୌଡ଼ି ଆସିଥିଲେ। ଦୁର୍ବୃତ ମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପ୍ରତ୍ୟେକ୍ଷଦର୍ଶୀଙ୍କ ଅନୁଯାୟୀ ଦୁଇ ରାଉଣ୍ଡ ଗୁଳି ଫୁଟିଥିଲା। ବାଇକରେ ଯାଉଥିବା ବିଦ୍ୟାଧର ରାସ୍ତାରେ ଟଳି ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରି ଭଦ୍ରକ ମେଡିକାଲରେ ଭର୍ତି କରାଯାଇଥିଲା। ପରେ ଗୁରୁତର ଭାବେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

**ଗାଁ ଦାଣ୍ଡରେ କଙ୍ଗାରୁ କୋର୍ଟ**

## ଅଧା ଲଣ୍ଡାକରି ଦୁଇ ଦଳିତଙ୍କୁ ଗାଁ ଦାଣ୍ଡରେ ଆଣ୍ଠେଇ ଚଲାଇଲେ

### ନିର୍ଯାତନା ଦେଇ ନର୍ଦ୍ଦମା ପାଣି ପିଆଇଲେ



ବ୍ରହ୍ମପୁର, (ପିପିଏସ୍): ଗାଁ ଦାଣ୍ଡରେ କଙ୍ଗାରୁ କୋର୍ଟ। ଦୁଇ ଜଣ ଦଳିତଙ୍କୁ ଅଧା ଲଣ୍ଡା କରି ଗାଁ ଦାଣ୍ଡରେ ଆଣ୍ଠେଇ ଦୁଇ କିଲୋମିଟର ଚଲାଇବା ପରେ ନର୍ଦ୍ଦମା ପାଣି ପିଆଇଲେ। ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଅନ୍ତର୍ଗତ ଖାରିଗୁ ମ୍ମା ଗ୍ରାମ ରାଜରାସ୍ତାରେ ଏମିତି ଏକ ଅଭାବନିୟ ଘଟଣା ଦେଖୁବାକୁ ମିଳିଛି। ସିଙ୍ଗିପୁର ଗ୍ରାମର ବୁଲୁ ନାୟକ ଓ ବାବୁଲା ନାୟକଙ୍କୁ ଏଭଳି ଅମାନବୀୟ ଦଣ୍ଡ ଦେଇଛତି ଗାଁର କିଛି ଲୋକ। ପୁଲିସ ଗାଁରେ ପହଞ୍ଚିବା ପୂର୍ବରୁ ସବୁ ଚମ୍ପଟ ମାରିଛନ୍ତି। ପୁଲିସ ଏବେ ଅଭିଯୁକ୍ତଙ୍କୁ ଖୋଜୁଥିବା ସୂଚନା ମିଳୁଛି। ଧରାକୋଟରେ ଗୁଣି ସନ୍ଦେହରେ ମାର୍ଚ୍ଚ ମାସରେ ୩ଜଣଙ୍କୁ ହତ୍ୟା ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଜଣେ ଦଳୀତ ମହିଳାଙ୍କୁ ନିର୍ଯାତନା ଦିଆଯାଇଥିଲା। ସେହି ଘଟଣାକୁ ଦି'ମାସ ନପୂରୁଣୁ ପୁଣି ଏବେ ସମ୍ବେଦନଶୀଳ ଘଟଣା ଦେଖିବାକୁ ମିଳିଛି। ନିର୍ଯାତନାରେ ଶିକାର ହେବା ପରେ ଦୁଇ ପୀଡ଼ିତ ଏବେ ମାନସିକ ସନ୍ତୁଳନ ହରାଇଥିବା ଜଣାପଡିଛି।

ସୂଚନା ଅନୁସାରେ ଝିଅକୁ ବିବାହରେ ଉପହାର ଦେବା ପାଇଁ ବୁଲୁ ଓ ବାବୁଲା ହରିପୁରରୁ ତିନୋଟି ଗାଈ ଧରି ସୀଙ୍ଗିପୁର ଯିବା ବେଳେ ଖାରିଗୁମ୍ମା ଠାରେ ତାଙ୍କୁ କିଛି ଲୋକ ଅଟକାଇଥିଲେ। ଗୋ ଚାଲାଣ କରୁଥିବା ଅଭିଯୋଗ କରି ଦୁହିଁଙ୍କୁ ଟଙ୍କା ମାଗିଥିଲେ। ଟଙ୍କା ନଦେବାରୁ ଦୁଇ ନିରୀହ ଲୋକକୁ ମାଡ଼ ମାରିବା ସହ ସେଲୁନରେ ଅଧା ଲଣ୍ଡା କରିଥିଲେ। ଅଧା ଲଣ୍ଡା କରି ଦୁଇ ଦଳିତଙ୍କୁ ଖାରିଗୁମ୍ମା ଠାରୁ ପାଦରେ ଚଲାଇ ଜାହାଡା ଅଣା ଯାଇଥିବା ବେଳେ ପାଖାପାଖ ଦୁଇ କିଲୋମିଟର ରାସ୍ତା ଜାହାଡା ଗାଁ ଦାଣ୍ଡରେ ଆଣ୍ଠେଇ ଆଣ୍ଠେଇ ଚଲାଇଥିଲେ। ଦୁଇ ଦଳିତଙ୍କୁ ଘାସ ଖାଇବାକୁ ଦେବା ସହ ନର୍ଦ୍ଦମାର ମଇଳା ପାଣି ପିଇବାକୁ ବାଧ୍ୟ କରାଇଥିଲେ। ତେବେ ସୁଯୋଗ ପାଇ ଦୁଇ ଦଳିତ ବ୍ୟକ୍ତି ସେଠାରୁ ଖସି ଆସିଥିବାବେଳେ ଏନେଇ ଧରାକୋଟ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କ ମୁଣ୍ଡ ଆଉ ପିଠିରେ ଆଘାତ ଲାଗିଥିବା ବେଳେ ଧରାକୋଟ ପୁଲିସ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଛି। ଏ ନେଇ ଧରାକୋଟ ଥାନାରେ ମାମଲା ରୁଜୁ ହେବା ସହ ଏ ଘଟଣାରେ ସାତରୁ ଆଠ ଜଣ ଅଭିଯୁକ୍ତ ସଂପୃକ୍ତ ଥିବା ନେଇ ଧରାକୋଟ ଥାନା ଆଇଆଇସି ଚନ୍ଦ୍ରିକା ଭଇଁ ସୂଚନା ଦେଇଛନ୍ତି। ଏପରି ଏକ ସାଙ୍ଘାତିକ ଘଟଣାରେ ଯିଏବି ଆଇନକୁ ହାତକୁ ନେଇଛି ସେମାନଙ୍କୁ କଠୋର ଦଣ୍ଡ ଦିଆଯିବ ବୋଲି ଆଇଆଇସି କହିଛନ୍ତି। ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିଯାଉଥିବା ସେ କହିଛନ୍ତି।

**କଣ୍ଟିଲୋକୁ ରେଳ ସଂଯୋଗ କରିବାକୁ ଦାବି**

# କଟକ ସାଂସଦଙ୍କୁ ଭେଟିଲେ କ୍ରିୟାନୁଷ୍ଠାନ କମିଟି ଆବାହକ



ନୟାଗଡ଼ (ପିପିଏସ୍): କଣ୍ଟିଲୋସ୍ଥିତ ନୀଳମାଧବ ପୀଠକୁ ରେଳ ସେବା ନେଇ ତାଳଚେର-ଗୋପାଳପୁର ରେଳପଥ ନିର୍ମାଣ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆବାହକ ସମାଜସେବୀ ପ୍ରମୋଦ ପଟ୍ଟନାୟକ ବିନାୟକ ମିଶ୍ର, ରାମେଶ୍ୱର ଶତପଥୀ, ଶନିବାର ସନ୍ଧ୍ୟାରେ କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବଙ୍କୁ କଟକ ସ୍ଥିତ ପ୍ରଜାତନ୍ତ୍ର କାର୍ଯ୍ୟାଳୟରେ ସାକ୍ଷାତ ସହ ଆଲୋଚନା କରିଥିଲେ, ମାନ୍ୟବର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଦେଇଥିବା ପ୍ରତିଶୃତିକୁ ତ୍ୱରାନ୍ୱିତ କରିବା ଦିଗରେ ମାନ୍ୟବର ସାଂସଦ ତୁରନ୍ତ ପଦକ୍ଷେପ ନେବେ ବୋଲି କଥା ଦେଇଥିଲେ। ସୂଚନା ଯୋଗ୍ୟ ବଡମ୍ବା-ନରସିଂହପୁର, କଣ୍ଟିଲୋ, ଖଣ୍ଡପଡ଼ା, ନୟାଗଡ଼ ଦେଇ ଏକ ସ୍ୱତନ୍ତ୍ର ଲାଇନ କାଇପଦର ସହ ସଂଯୋଗ କରିବା ପାଇଁ ଡିପିଆର ପ୍ରସ୍ତୁତ ନିମନ୍ତେ ରେଳ ବିଭାଗ ତିନି କୋଟି ଟଙ୍କା ଅନୁଦାନ ଯୋଗାଇ ଦେଇଛନ୍ତି। କ୍ରିୟାନୁଷ୍ଠାନ କମିଟିର ସଭ୍ୟମାନଙ୍କୁ ଦିଲ୍ଲୀ ଆସିବା ପାଇଁ ମାନ୍ୟବର ସାଂସଦ ନିମନ୍ତ୍ରଣ ଜଣାଇଛନ୍ତି ବୋଲି ଆବାହକ ପ୍ରମୋଦ ପଟ୍ଟନାୟକଙ୍କ ଠାରୁ ପ୍ରକାଶ।

## କାମାକ୍ଷାନଗରରେ ପ୍ରତିଷ୍ଠା ହବ ନୂଆ ଆଲୁମୁନିୟମ ପ୍ଲାଣ୍ଟ

ଭୁବନେଶ୍ୱର: ଶିଳ୍ପର ହବ୍ ହେବ ଢେଙ୍କାନାଳ। କାମାକ୍ଷାନଗରରେ ନୂଆ ଆଲୁମୁନିୟମ ପ୍ଲାଂଟ ତିଆରି ହେବ । ପ୍ଲାଂଟ ନିର୍ମାଣ ପାଇଁ ନିବେଶ ହେବ ୧ ଲକ୍ଷ ୨୮ ହଜାର କୋଟି ଟଙ୍କା । ପ୍ରାୟ ୪୦ ହଜାର ଯୁବକ ଯୁବତୀଙ୍କୁ ରୋଜ-ଗାର ମିଳିବ । ଗତ ୧୬ ତାରିଖ ରେ ଏଥିପାଇଁ ଅନୁମୋଦନ ଦେଇଛନ୍ତି ରାଜ୍ୟ ସରକାର । ଖୁବ ଶୀଘ୍ର ପ୍ରଧାନମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ଏହାର ଶିଳାନ୍ୟାସ କରିବେ ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ପାତ୍ର ସୂଚନା ଦେଇଛନ୍ତି । ସେହିପରି ସୋଲାର ପ୍ରୋଜେକ୍ଟ କମ୍ପାନୀ ଦ୍ୱାରେ ଢେଙ୍କାନାଳ ଛାଡିବା କଥାକୁ ଖଣ୍ଡନ କରିଛନ୍ତି ମନ୍ତ୍ରୀ । ଓଡିଶା ଛାଡିବା ନେଇ କମ୍ପାନୀ କେବେ କହି ନ ଥିଲା । କାମ ଆରମ୍ଭ ହୋଇ ସାରିଥିବା ବେଳେ କିଛି ଲୋକ ଏହାକୁ ଭୁଲ ପ୍ରଚାର କରୁଛନ୍ତି ବୋଲି କହିଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ ।

## ଗୋପ ବ୍ଲକ୍‌ରେ ଝାଡ଼ାବାନ୍ତି ବ୍ୟାପିଲା, ୨୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ



ଗୋପ (ପିପିଏସ): ବିଭିନ୍ନ ଜିଲ୍ଲାର ଝାଡା ବାନ୍ତି ବ୍ୟାପୁଥିବା ବେଳେ ପୁରୀଜିଲ୍ଲା ଗୋପ ବ୍ଲକରେ ଝାଡାବାନ୍ତି ବ୍ୟାପିବାରେ ଦେଖିବାକୁ ମିଳିଛି। ଗୋପ ବ୍ଲକର ମହାଲପଡା, ପୟରା, ଅଣ୍ଢରା ଇଚ୍ଛାପୁର, ରାହଙ୍ଗରଡ଼ା ଏବଂ ଏରବଙ୍ଗ ପଞ୍ଚାୟତର ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ରୋଗୀ ଝାଡବାନ୍ତରେ ଆକ୍ରାନ୍ତ ହୋଇ ଗୋପ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହେଉଛନ୍ତି। ଝାଡବାନ୍ତି ବ୍ୟାପିବା ପରେ ମେଡିକାଲ ତରଫରୁ ଗାଁ ଗାଁ ବୁଲି ସଚେତନତା କରାଇବା ସହ ଆଶା କର୍ମୀ ଏବଂ ସ୍ୱାସ୍ଥ୍ୟ କର୍ମୀ ମାନେ ଗ୍ରାମରେ ଘରେ ଘରେ ବାଣ୍ଟୁଛନ୍ତି ଓଆରଏସ, ଜିଙ୍କ ଏବଂ ଝାଡା ବାନ୍ତି ବଟିକା। ପାନୀୟ ଜଳ, ବିଶୁଦ୍ଧ ଖାଦ୍ୟ ଏବଂ ଜଳବାୟୁ ପରିବର୍ତ୍ତନ ଦ୍ୱରା ଝାଡାବାନ୍ତି ବଢୁଥିବା ଏକ ପ୍ରକାର କାରଣ ହୋଇପାରେ ବୋଲି ଡାକ୍ତର କୁହନ୍ତି। ଏପଟେ ଗୋପ ବ୍ଲକର ବିଭିନ୍ନ ଗାଁରେ ଝାଡାବାନ୍ତି ରୋଗୀଙ୍କ ସଂଖ୍ୟା ବଢିବା ଏକ ଚିନ୍ତାର କାରଣ ପାଲଟିଛି। ଝାଡାବାନ୍ତି ବଢିବା ଦ୍ୱାରା ଗୋପ ମେଡିକାଲ ତରଫରୁ ମେଡିକାଲ ଅଫିସର, ଡାକ୍ତର, ସ୍ୱାସ୍ଥ୍ୟ କର୍ମୀ, ଆଶା କର୍ମୀମାନଙ୍କୁ ନେଇ ଏହାର ମୁକାବିଲା କରିବା ପାଇଁ ଏକ ବୈଠକ କାରଯାଇଛି। ଗୋପ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଆସୁଥିବା ରୋଗୀମାନଙ୍କ ପାଇଁ ବାପ୍ୟକ ବ୍ୱେବସ୍ଥା କାରଯିବା ସହ ପ୍ରଯ୍ୟାପ୍ତ ଝାଡା ବାନ୍ତି ଔଷଧ ମହଜୁଦ ରହିଛି ବୋଲି ଗୋପ ମେଡିକାଲ ଅଫିସର ଡା ଜସ୍ମିନ ଆଫରୋଜ କହିଛନ୍ତି।

ସେହିପରି ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ନୟାହଟ, କୋଣାର୍କ, ଛଇତନା, ଆମ୍ବିଳିଘଣା, ନାଗପୁର, ବାଙ୍ଗୁରୀଗାଁ, ବଡ଼ତରା ଏବଂ କୁଆଁପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଝାଡାବାନ୍ତି ଔଷଧ ରହିବା ସହିତ ରୋଗୀ ମାନଙ୍କ ପାଇଁ ବ୍ୟାପକ ବ୍ୱେବସ୍ଥା କାରଯାଇଛି। ଡାଇରୀଆ ଏବଂ ଝାଡବାନ୍ତି ରୋଗର ମୁକାବିଲା କରିବା ପାଇଁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪ ଘଣ୍ଟା ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମୀ ରହିବା ସହିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ଡାକ୍ତର ସଜାଗ ରହିଛନ୍ତି। ଝାଡବାନ୍ତିରେ ଆକ୍ରାନ୍ତ ହୋଇ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆସୁଥିବା ରୋଗୀଙ୍କ ଚିକିତ୍ସା ପାଇଁ ସମ୍ପୂର୍ଣ୍ଣ ସଜାଗ ଅଛୁ ବୋଲି ଗୋପ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ବିଭୁ ପ୍ରସାଦ ନାୟକ କହିଛନ୍ତି।

# ବଢୁଛି ଜ୍ୱର ଓ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା

ଅସ୍ତରଙ୍ଗ (ପିପିଏସ୍): ସ୍ୱାସ୍ଥ୍ୟ ବିଭାଗର ନିଷ୍କ୍ରିୟତାର ଫାଇଦା ଉଠାଉଛନ୍ତି କ୍ୱାକ ଓ ଅନଭିଜ୍ଞ ଔଷଧ ବ୍ୟବସାୟୀ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ପ୍ରତ୍ୟେକ ଗ୍ରାମରେ କିଛି ଅନଭିଜ୍ଞ ବ୍ୟକ୍ତି ଫାର୍ମାସିଷ୍ଟ ପାଠ ନ ପଢି ଗାଁ ଛକରେ ଏକ କ୍ୟାବିନି ପକାଇ ଔଷଧ ବିକ୍ରି କରିବା ସହ ରୋଗୀଙ୍କୁ ଇଞ୍ଜେକ୍ସନ ଦେଉଛନ୍ତି। ଡକ୍ଟରଙ୍କ ଭଳି ରୋଗୀ ଚିହ୍ନଟ କରୁଛନ୍ତି। ରୋଗ ଚିହ୍ନଟ ନ ହୋଇ ରୋଗୀଙ୍କୁ ଫୋଡୁଛନ୍ତି ଇଞ୍ଜେକ୍ସନ ଓ ଦେଉଛନ୍ତି ଔଷଧ। ଏବେ ବର୍ଷାଋତୁକୁ ନେଇ ଗାଁ ଗାଁରେ ଜ୍ୱର ଓ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ରୋଗୀଙ୍କୁ ଶୋଷଣ କରିବାରେ ଲାଗି ପଡିଛନ୍ତି ଗାଁ ଗାଁ ରେ ଥିବା ଅନଭିଜ୍ଞ ଡକ୍ଟର ଅଥବା ଗାଁ ରେ



### ଗାଁ ଗାଁରେ ଫାଇଦା ଉଠାଉଛନ୍ତି କ୍ୱାକ୍ ବ୍ୟବସାୟୀ

ମେଡ଼ିସିନ ବିକ୍ରି କରୁଥିବା କ୍ୱାକ। ବଡ଼ କଥା ହେଉଛି ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ବିଭିନ୍ନ ଗ୍ରାମରେ ଔଷଧ ଦୋକାନ ଓ ଗ୍ରାମାଞ୍ଚଳରେ ଅନଭିଜ୍ଞ ବ୍ୟକ୍ତି ଓ କ୍ୱାକ ବ୍ୟବସାୟୀ ମାନେ ରୋଗୀଙ୍କୁ ଇଞ୍ଜେକ୍ସନ ଦେବା ଚିନ୍ତା ପ୍ରକଟ କରିଛନ୍ତି। କିଛି ବର୍ଷ ପୂର୍ବେ ପାଟସୁନ୍ଦର ଅଂଚଳରେ ଜଣେ ବ୍ୟକ୍ତି ଏକ ଛୋଟ ଶିଶୁକୁ ଭୁଲ ଇଞ୍ଜେକ୍ସନ ଦେଇ ମାରିଦେବା ଘଟଣା ପୂର୍ବରୁ ଅସ୍ତରଙ୍ଗ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଥିଲା। ଯାହାକି ୨ ମାସ ତଳେ ଏ ସବୁ ଔଷଧ ଦୋକାନରେ ଇଞ୍ଜେକ୍ସନ ଦେବାକୁ ବନ୍ଦ କରିବା ଉପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ କଡା ଆଭିମୁଖ୍ୟ ଗ୍ରହଣ କରିଛି। ସମସ୍ତ ସିଡ଼ିଏମ୍‌ଓ ଙ୍କୁ ଚିଠି ଲେଖିବା ସହ ଔଷଧ ଦୋକାନ ଗୁଡିକରେ ଏ ସବୁ ଅଭ୍ୟାସ ବନ୍ଦ କରିବା ଉପରେ ନିର୍ଦ୍ଦେଶ ରହିଛି। ହେଲେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଏହି ନିର୍ଦ୍ଦେଶନାମା ଫାଇଲିରେ ଚାପି ହୋଇ ରହିବା ଭଳି ମନେ ହେଉଛି। ରାଜ୍ୟ ସରକାର ଙ୍କ ପକ୍ଷରୁ କୁହାଯାଉଛି ତାଲିମ୍ ପ୍ରାପ୍ତ ସ୍ୱାସ୍ଥ୍ୟ କର୍ମୀ ଓ ଆବଶ୍ୟକ ମେଡିକାଲ ସୁବିଧା ଥିବା ସ୍ଥାନରେ ଇଞ୍ଜେକ୍ସନ ଦେବା ଉଚିତ। ଯାହା ଦ୍ୱାରା କୌଣସି ପାର୍ଶ୍ୱ ପ୍ରତିକ୍ରିୟା ସଙ୍ଗେ ସଙ୍ଗେ ମୁକାବିଲା କରାଯାଇ ପାରିବ।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମାଞ୍ଚଳରେ ନିଷ୍ଦ୍ଧିଷ୍ଟ କିଛି ଔଷଧ ଦୋକାନରେ ଏହାର ବ୍ୟାପକ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଜନ୍ମିତ ଶିଶୁଙ୍କ ଠାରୁ ଆରମ୍ଭ କରି ବୃଦ୍ଧ ବୃଦ୍ଧା ଓ ଗୁରୁତର ରୋଗୀଙ୍କୁ ସତ ମିଛ କହି ଇଞ୍ଜେକ୍ସନ ଓ ସାଲାଇନ୍ ଦେବା ସହ ଡକ୍ଟରଙ୍କ ବିନା ପ୍ରେସକ୍ରିପସନରେ ଆଣ୍ଟିବାୟୋଟିକ ଭଳି ଔଷଧ ଦିଆଯାଉଛି। ଫଳରେ ଅନେକ ସମୟରେ କିଛି ରୋଗୀ ଓ ଶିଶୁଙ୍କ ମୃତ୍ୟୁ ହୋଇଥିବାର ନଜିର ରହିଥିବା ବେଳେ ଗୁରୁତର ହେଲେ ନିଜ ଉପରୁ ଦୋଷ ଖସାଇ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦିଆଯାଉଛି। ବର୍ଷା ଦିନ ସତ୍ତ୍ୱେ ଗ୍ରାମାଞ୍ଚଳରେ ଜ୍ୱର ଓ ମ୍ୟାଲେରିଆ ଆକ୍ରାନ୍ତ ସଂଖ୍ୟା ବଢିବାରେ ଲାଗିଛି। ଯାହାର ଫାଇଦା ଉଠାଉଛନ୍ତି ଗ୍ରାମାଞ୍ଚଳର କ୍ୱାକ ବ୍ୟବସାୟୀ। ଅସ୍ତରଙ୍ଗ ବ୍ଲକ ଅଧୀନ ନଈଗୁଆଁ, ଆଳସାହି, ନଗର, ପୋଟଳ ଛକ, ସରିପୁର, ନୂଆଗଡ, ତାଳଦା କେନ୍ଦ୍ରାପଟି, ପାଟଳଦା, କଣମଣ ଆଦି ସ୍ଥାନ ମାନଙ୍କରେ ଭଡା ଘର କିମ୍ବା କ୍ୟାବିନି ପକାଇ ଅନଭିଜ୍ଞ ଡାକ୍ତର ଔଷଧ ବିକ୍ରି କରିବା ସହ ଇଞ୍ଜେକ୍ସନ ଦେଉଛନ୍ତି ଏହା ସହ ଲୋକଙ୍କୁ ମାତ୍ରାଧିକ ଭାବେ ଶୋଷଣ କରୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ କିମ୍ବା ଡ୍ରଗସ ବିଭାଗ ପକ୍ଷରୁ ଏମାନଙ୍କ ଉପରେ କୌଣସି ଧରପଗଡ ହେଉନଥିବା ହେତୁ ଦିନକୁ ଦିନ ଏହି ବ୍ୟବସାୟ ବ୍ୟାପକ ମାତ୍ରାରେ ବୃଦ୍ଧି ପାଇଚାଲିଛି। ସ୍ଥାନୀୟ ବାସିନ୍ଦା ଦାବୀ କରିଛନ୍ତି ଏ ଦିଗରେ ତୁରନ୍ତ ସ୍ୱାସ୍ଥ୍ୟ ବିଭାଗ

# ଅଜଣା ଗାଡ଼ି ଧକ୍କାରେ ୧୦ ଗାଈ ମୃତ, ୩ ଗୁରୁତର



ବ୍ରହ୍ମପୁର(ପିପିଏସ୍): ବ୍ରହ୍ମପୁର ସହରରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଦୁର୍ଘଟଣାରେ ଜୀବନ ତ ଯାଉଛି ସେଥିରୁ ପଶୁପକ୍ଷୀ ମଧ୍ୟ ବର୍ତ୍ତୁନାହାନ୍ତି ।

ସୂଚନା ଥାଉକି, ପଶୁ ସମ୍ପଦକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟ ବରାଦ କରାଯାଉଥିଲେ ମଧ୍ୟ ପଶୁଙ୍କୁ ଉତ୍ତମ ଚିକିତ୍ସା ମିଳିବା ତ ଦୂରର କଥା ବର୍ତ୍ତମାନ ପ୍ରାଥମିକ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି ନିରୀହ ପଶୁପକ୍ଷୀ। ଘଟଣାରୁ ପ୍ରକାଶ ଯେ, ରବିବାର ଭୋରରୁ ଲାଞ୍ଜିପଲ୍ଲୀ ଜାତୀୟ ରାଜପଥ ନୃସିଂହ ମନ୍ଦିର ସମ୍ମୁଖରେ କୌଣସି ଏକ ଅଜଣା ଗାଡ଼ି ଧକ୍କାରେ ୧୩ଟି ଗାଈ ଗୁରୁତର ଅବସ୍ଥାରେ ପଡିରହିଥିବା ପୁଲିସ୍ କନଷ୍ଟେବଲଙ୍କ ନଜରକୁ ଆସିଥିଲା। ସେ ହତ୍ ବାକ୍ ହୋଇ କାଳ ବିଳମ୍ବ ନକରି ଘଟଣା ସମ୍ପର୍କରେ ରାଜ୍ୟ ସରକାରଙ୍କ ତରଫରୁ ଜାରି ହୋଇଥିବା ପଶୁ ସହାୟକ ନମ୍ବର ୧୯୬୨କୁ ଜଣାଇଥିଲେ। କିନ୍ତୁ କୁମ୍ଭକର୍ଣ୍ଣ ନିଦ୍ରାରେ ଥିବା ପଶୁ ଚିକିତ୍ସାଳୟ କିମ୍ବା ପଶୁ ସହାୟତା ଆମ୍ବୁଲାନ୍ସ ନମ୍ବର ୧୯୬୨ର କର୍ଣ୍ଣପାତ ହୋଇନଥିଲା।

ଶେଷରେ କୌଣସି ସୂତ୍ରରୁ ଖବରପାଇ ପଶୁପ୍ରେମୀ ମନୋଜ ତରାଇ ଘଟଣାସ୍ଥଳରେ ପହଞ୍ଚି ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ଗୋରୁଙ୍କ ଜୀବନ ବଞ୍ଚାଇବା ପାଇଁ ଆକୁଳ ନିବେଦନ କରିଥିଲେ ମଧ୍ୟ ଆମ୍ବୁଲାନ୍ସ ବହୁ ବିଳମ୍ବରେ ପହଞ୍ଚିଥିଲା। ଫଳରେ ୧୦ଟି ଗାଈ ଘଟଣାସ୍ଥଳରେ ମୃତ୍ୟୁ ବରଣ କରିଥିବା ବେଳେ ୩ଟି ଗାଈକୁ ଗୁରୁତର ଅବସ୍ଥାରେ ପଶୁ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ଖବରପାଇ ବିଳମ୍ବରେ ମଧ୍ୟ ସିଡିଭିଓ (ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ) ଘଟଣାସ୍ଥଳରେ ପହଞ୍ଚିଥିଲେ। ଫଳରେ ଘଟଣା ଶାନ୍ତ ପଡିଥିଲା। ସରକାରୀ ନିର୍ଦ୍ଦେଶନାମା ଅନୁସାରେ ସକାଳ ୬ଟା ଠାରୁ ରାତ୍ରି ୧୦ଘଣ୍ଟା ପର୍ଯ୍ୟନ୍ତ ପଶୁପକ୍ଷୀଙ୍କ ଭ୍ରାମ୍ୟମାଣ ଚିକିତ୍ସା କରିବା ନିୟମ ରହିଥିଲେ ମଧ୍ୟ ସକାଳ ୬ଟା ବଦଳରେ ୯ଘଣ୍ଟାରେ ଆମ୍ବୁଲାନ୍ସ ଡ୍ରାଇଭର ଓ କର୍ମଚାରୀଙ୍କ ଦେଖା ମିଳେ। ଆମ୍ବୁଲାନ୍ସ ସେବାରେ ନିୟୋଜିତ ଥିବା ନୋଡାଲ ଅଫିସର ତଥା ଏସ୍.ଡି.ଭି.ଓ ଅରବିନ୍ଦ ବେହେରାଙ୍କ ଦାୟିତ୍ୱହୀନତା ଯୋଗୁଁ ଶତାଧିକ ପଶୁ ଦୁର୍ଘଟଣାରେ ଶିକାର ହୋଇ ମୃତ୍ୟୁ ମୁଖରେ ପଡ଼ି ମୃତ୍ୟୁବରଣ କରୁଛନ୍ତି। ସରକାର ଏମାନଙ୍କ ପ୍ରତି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଏପରିକି ଯେ ଆଉ କେତେ ପଶୁ ମୃତ୍ୟୁ ମୁଖରେ ପଡ଼ିବେ ଏଡାଇ ନଦିଆଯାଇ ପାରେ।

# ଭାରତୀୟ ଷ୍ଟେଟ ବ୍ୟାଙ୍କ ପ୍ରତିଷ୍ଠା ଦିବସରେ ରକ୍ତଦାନ ଶିବିର

## ୫୧ ୟୁନିଟ୍ ରକ୍ତ ସଂଗୃହୀତ, ବ୍ୟାଙ୍କର ଏଭଳି କାର୍ଯ୍ୟକୁ ସ୍ୱାଗତ



ଯାଜପୁର, (ପିପିଏସ): ଭାରତର ସର୍ବବୃହତ ବ୍ୟାଙ୍କ ଭାରତୀୟ ଷ୍ଟେଟ ବ୍ୟାଙ୍କର ୭୦ତମ ବାର୍ଷିକ ଜନ୍ମଦିନ ଉପଲକ୍ଷେ ଯାଜପୁର ଜିଲ୍ଲା ଯାଜପୁର ରୋଡସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ବ୍ରାଂଚ ତରଫରୁ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏସ୍.ବି.ଆଇ. ଯାଜପୁର ରୋଡର ମୁଖ୍ୟ ପ୍ରବନ୍ଧକ ଜ୍ୟୋତି ଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ଯାଜପୁର ରୋଡ ଚାମ୍ବର ଅଫ୍ କମର୍ସର ସମ୍ପାଦକ ସଦାଶିବ ଦାଶ,ଯାଜପୁର ସଚେତନ ନାଗରିକ ମଂଚର ଆବାହକ ସରୋଜ ବେହେରା,ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ କୁଶଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ।

ତେବେ ପ୍ରଥମ ଥର ପାଇଁ ବ୍ୟାଙ୍କ ତରଫରୁ ରକ୍ତଦାନ ପରି ଏକ ମହନୀୟ କାର୍ଯ୍ୟ କରାଯାଇଥିବାରୁ ଅତିଥିମାନେ ଏହାର ଭୂୟସୀ ପ୍ରଶଂସା କରିଥିଲେ। କଟକ କେନ୍ଦ୍ରୀୟ ବ୍ଲଡ ବ୍ୟାଙ୍କର ଡ. କିଶୋର ଚନ୍ଦ୍ର ବେହେରା, ବିଜୟ କୁମାର ସ୍ୱାଇଁ, ରାମପ୍ରସାଦ ରାୟ, ସଂଜୟ ପାତ୍ର, ସୁଜିତ ସାହୁ ଟେକ୍ନିସିଆନ ସୋମ୍ୟ ରଂଜନ ସାହୁ,ଏହି ରକ୍ତଦାନ ଶିବିରରେ ଏସ୍.ବି.ଆଇ. ବ୍ୟାଙ୍କ କର୍ମଚାରୀଙ୍କ ସମେତ ବ୍ୟାଙ୍କ ଗ୍ରାହକ, ସହଯୋଗୀମାନେ ଯୋଗ ଦେଇ ରକ୍ତଦାନ କରିଥିଲେ। ଏହି ରକ୍ତଦାନ ଶିବିରରେ ମୁଖ୍ୟ ଶାଖା କର୍ମଚାରୀଙ୍କ ପକ୍ଷରୁ ଅନୁରାଧା ବେହେରା,ବିକ୍ରମ କୁମାର ବେହେରା, ସୁଲଗ୍ନା ଦାଶ, ରାହୁଲ ପ୍ରସାଦ, ସନ୍ଦୀପ କୁମାର ଦାସ, ପ୍ରତୀକ୍ଷା ପଟ୍ଟନାୟକ, ଗଣେଷ ପ୍ରସାଦ ଦାସ, ସୁଧାଂଶୁ ଶେଖର ସାହୁ, ମାନସ ରଂଜନ ପାଣିଗ୍ରାହୀ,ଜ୍ୟୋତିପ୍ରକାଶ ମିଶ୍ର,ଉଦୟ ଶଙ୍କର ସେଠୀ,ଦିଲ୍ଲୀପ କୁମାର ପୃଷ୍ଟି,ମାନସ କୁମାର ସାମଲ, ବଦ୍ରବାହନ ଦାସ, ମାନସ ରଂଜନ ବେହେରା, ବିଜୁଳି ସାହୁ, ମାନସ କୁମାର ନାୟକ,ଆଶିଷ କୁମାର ଜେନା, ସୋମ୍ୟ ସାଇ ଦାସ, ଚିନ୍ମୟ କୁମାର ସାହୁ, ନରେନ୍ଦ୍ର କୁମାର ବାରିକ, ଆଶୁତୋଷ ସାହୁ, ଯଜ୍ଞଦତ୍ତ ତ୍ରିପାଠୀ ପ୍ରମୁଖ ରକ୍ତଦାନ କରିଥିଲେ। ଏସ୍.ବି.ଆଇ. ଯାଜପୁର ରୋଡ ମୁଖ୍ୟ ଶାଖା ପକ୍ଷରୁ ସମସ୍ତ ରକ୍ତଦାତାଙ୍କୁ ମାନପତ୍ର ଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା। ବ୍ୟାଙ୍କର କର୍ମଚାରୀ ବିକି ବେହେରା ଏବଂ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନିଆରା ଢ଼ଙ୍ଗରେ ଯୋଗ ଦିବସ ପାଳିତ



ବ୍ରହ୍ମପୁର(ପିପିଏସ): ଆର୍‌ଏନ୍ ଡ଼ିଗ୍ରୀ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗ ତରଫରୁ ଅନ୍ତର୍ଜାତୀୟ ଯୋଗ ଦିବସ ଏକ ନିଆରା ଢଙ୍ଗରେ ପାଳନ କରାଯାଇଛି। ପ୍ରାଣୀ ବିଜ୍ଞାନ ମୁଖ୍ୟ ଡା. ଉଷାରାଣୀ ବ୍ରହ୍ମା ନିଜ ବିଜ୍ଞାନଗାରର କର୍ମଙ୍କୁ ନେଇ ଗୁରା ଗ୍ରାମ ନିକଟ ଶ୍ରୀ ମାଧବେଶ୍ୱର ମନ୍ଦିର ପ୍ରାଙ୍ଗଣରେ ନିଜ କଲେଜର କିଛି ଛାତ୍ରୀଛାତ୍ର ସ୍ୱେଚ୍ଛାସେବୀ ଏବଂ ଗ୍ରାମବାସୀଙ୍କୁ ନେଇ ଯୋଗର ଉପକାରିତା ବିଷୟରେ ଆଲୋଚନା କରିଥିଲେ। ମାନସିକ ଏବଂ ଶାରୀରିକ ସୁସ୍ଥତା ଲାଗି ଯୋଗ ନିହାତି ଆବଶ୍ୟକ ବୋଲି କଲେଜର ବିଭିନ୍ନ ପୋଷ୍ଟର ଦେଖାଇ ବୁଝାଇଥିଲେ। ପ୍ରତ୍ୟେକ ଦିନ ଯୋଗର ନିୟମିତ ଅଭ୍ୟାସ ଦ୍ୱାରା ଅନେକ ସୁଫଳ ମିଳିପାରିବ ବୋଲି କହିଥିଲେ। ଯୋଗ ମୁଦ୍ରାର ବିଶ୍ଳେଷଣ କରିଥିଲେ। ଏଥିରେ ଗୁରା ଗ୍ରାମ ବାସିନ୍ଦା ଗାୟତ୍ରୀ ପାତ୍ର ଏବଂ ତାଙ୍କ ପୁତ୍ର ଅନିରୁଦ୍ଧ ପାତ୍ର ବିଭିନ୍ନ ... ଏଥିରେ ବହୁତ ସଂଖ୍ୟାରେ ଛାତ୍ରଛାତ୍ରୀ ମନେ ଯୋଗ ଦେଇଥିଲେ।

# ଚନ୍ଦ୍ରଶେଖର ସେଠୀଙ୍କୁ ରାଷ୍ଟ୍ରଜ୍ୟୋତି ସମ୍ମାନ ପ୍ରଦାନ



କେନ୍ଦ୍ରାପଡା (ପିପିଏସ): ସ୍ଥାନୀୟ ଟାଉନ ହଲଠାରେ ମଦର ଟେରେସା ଚାରିଟେବୁଲ୍ ଟ୍ରଷ୍ଟ ତରଫରୁ ଆୟୋଜିତ ରଜ ଉତ୍ସବରେ ଭୁବନେଶ୍ୱର ସରକାରୀ ବି.କେ.ଆର୍ଟ କଲେଜର ଅଧକ୍ଷ ଓ ଚିତ୍ରଶିଳ୍ପୀ ଚନ୍ଦ୍ରଶେଖର ସେଠୀ ବୈଜ୍ଞାନିକ ସୁଶିଲ କୁମାର ନାୟକ, ଚିତ୍ରଶିଳ୍ପୀ ଆସିସ ସରଣ, ଓଡିଶୀ ନୃତ୍ୟ ଗୁରୁ ତପସ୍ୱିନୀ ନାୟକଙ୍କୁ ରାଷ୍ଟ୍ରଜ୍ୟୋତି ସମ୍ମାନ ପ୍ରଦାନ କରାଯିବା ସହ ସ୍ନେହଲତା ସିଂହଙ୍କୁ ନାଟ୍ୟ ଅଭିନେତ୍ରୀ ହିସାବରେ ଉତ୍କଳ ଜ୍ୟୋତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ମହାକାଳପଡା ବିଧାୟକ ଡ.ଦୁର୍ଗାପ୍ରସନ୍ନ ନାୟକ ଯୋଗଦେଇଥିବା ବେଳେ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ବିଜେପି ନେତ୍ରୀ ଗୀତା ସେଠୀ ଅତିଥି ଭାବେ ଯୋଗଦେଇ ଚିତ୍ରଶିଳ୍ପୀମାନଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ମାନୀୟ ଅତିଥି ରୂପେ ଚନ୍ଦ୍ରଶେଖର ସେଠୀ ଏବଂ ଆଶିଷ ସରଣ ଆଦି ଯୋଗଦେଇଥିଲେ। ଅଭିରାମ ନାୟକ ମଞ୍ଚପରିଚାଳନା କରିଥିବା ବେଳେ ସଭାପତିତ୍ୱରେ ସୌମ୍ୟରଞ୍ଜନ ଢଳ କାର୍ଯ୍ୟ ତୁଲାଇଥିବା ବେଳେ ସଞ୍ଜୟ କୁମାର ମଠାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ୍, ତହସିଲ ଓ ବିଇଓ କାର୍ଯ୍ୟାଳୟରେ କର୍ମଚାରୀ ମରୁଡ଼ି

## ଅଫିସ୍ କାର୍ଯ୍ୟ ବାଧାପ୍ରାପ୍ତ, ଅତିରିକ୍ତ ତହସିଲଦାରଙ୍କୁ ସବରେଜିଷ୍ଟ୍ରାର ଦାୟିତ୍ୱ

ରଘୁନାଥପୁର (ପିପିଏସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ, ତହସିଲ ଓ ବିଇଓ ଅଫିସରେ (ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ) କର୍ମଚାରୀ ଅଭାବରୁ ବିଭିନ୍ନ ପ୍ରକାର ଜନକଲ୍ୟାଣ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଲୋକେ ଯେକୌଣସି କାର୍ଯ୍ୟରେ ଉକ୍ତ କାର୍ଯ୍ୟାଳୟକୁ ଆସି ଉପଜୁକ୍ତ ସେବା ପାଇବାରୁ ବଞ୍ଚିତ ହେଉଥିବାର ଦେଖାଯାଇଛି।ବ୍ଲକରେ ଏବିଡିଓ, କନିଷ୍ଠ ଯନ୍ତ୍ରୀ ୫ ଜଣ, ଜିପିଟିଏ ୧, ପ୍ରୋଗ୍ରେସ ଆସିଷ୍ଟାନ୍ସ ୧, ଡବ୍ଲୁଇଓ ୧, ବିଏସଏସଓ ୧, ସିନିଅର ଆସିଷ୍ଟାଂସ ୨, ଜୁନିଅର ଆସିଷ୍ଟାନସ ୧, ପିଇଓ ୫, ଏଡିଇଓ ୮ ଓ ୪ ପିଅନ ପଦବୀ ଖାଲି ପଡିଛି। ସେହିପରି ତହସିଲ ଓ ବିଭିନ୍ନ ଆରଆଇ ସର୍କଲରେ ସିନିଅର ଆସିଷ୍ଟାଂଶ ୧, ଏଆରଆଇ ୫, ଅମିନ ୩, ପିଅନ ୧୧, ୱାଚମ୍ୟାନ ୧, ଚେନମ୍ୟାନ ୧ ଓ ୨ ପ୍ରୋସେଶର ପଦବୀ ଖାଲି ପଡିଛି। ଅତିରିକ୍ତ ତହସିଲଦାରଙ୍କୁ ସବରେଜିଷ୍ଟ୍ରାର ଦାଇତ୍ୱ ଦିଆଯାଇଛି। ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବିଇଓ ଦାୟିତ୍ୱରେ ବିରିଡି ବ୍ଲକ୍ ଶିକ୍ଷାଧିକାରୀ ଥିବାବେଳେ,୧ ଏବିଇଓ ଓ ମୁଖ୍ୟ କିରାଣୀ ପଦବୀ ଖାଲି ପଡିଛି। ଆସନ୍ତା ଜୁନ ୩୦ ରେ ଜଣେ ଏବିଇଓ ଅବସର ନେବା ପରେ ଏକମାତ୍ର ଏବିଇଓଙ୍କ ଦ୍ୱାରା କାମକାର୍ଯ୍ୟ ହେବା ଅସମ୍ଭବ ହୋଇପଡିବ। ଅନ୍ୟ ବ୍ଲକର ଡବ୍ଲୁଇଓ ଓ ବିଏସଏସଓଙ୍କୁ ଏହି ବ୍ଲକରେ ଅତିରିକ୍ତ ଦାଇତ୍ୱ ଦିଆଯାଇଥିବା ବେଳେ ଦୁଇଟି ସ୍ଥାନରେ ଉପଯୁକ୍ତ ସେବା ଯୋଗାଇବା ସେମାନଙ୍କ ପାଇଁ ସମ୍ଭବ ହେଉନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ସାଧାରଣଜନତାଙ୍କୁ ତୁରନ୍ତ ସେବା ଉପଲବ୍ଧ କରାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷେ ବିଭିନ୍ନ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ଏଥିରେ ପ୍ରତିବନ୍ଧକ ସାଜିଛି ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ଉଦବେଗ ପ୍ରକାଶ ପାଇଛି। ଏଣୁ ତୁରନ୍ତ ବ୍ଲକ,ତହସିଲ ଓ ବିଇଓ ଅଫିସରେ କର୍ମଚାରୀ ନିଯୁକ୍ତି ପାଇଁ ସାଧାରଣଜନତାଙ୍କ ପକ୍ଷରୁ ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

# ଯାତ୍ରା ଯାଜ୍ଞସେନୀର ନୂଆ ନାଟକ 'ଦେଖ ଆଗକୁ କ'ଣ ହେଉଛି'ର ବହିପୂଜା



ଯାଜପୁର (ପିପିଏସ): ଆଡଭୋକେଟ ସୁଦୀପ୍ତା ସିଂହଙ୍କ ଅପେରା 'ଯାଜ୍ଞସେନୀ'ର ନୂଆ ନାଟକ ପାଇଁ ଆଖଡା ଆରମ୍ଭ ହୋଇଛି। ଦାନଗଦି ବ୍ଲକ ଯଖପୁରା ଠାରେ ଚାଲିଥିବା କ୍ୟାମ୍ପରେ ରବିବାର ଆନୁଷ୍ଠାନିକ ଭାବେ ନାଟକ 'ଦେଖ ଆଗକୁ କଣ ହେଉଛି' ପୂଜାର୍ଚ୍ଚନା ହୋଇଥିଲା। ପରିଚାଳନା ନିର୍ଦ୍ଦେଶକ ପ୍ରସନଜିତ ନାୟକଙ୍କ ଆୟୋଜନରେ ସତ୍ୱାଧିକାରୀଙ୍କ ପିତା ପ୍ରଭାକର ନାୟକ ଓ ମାଆ ମମିତା ନାୟକ ନାଟକ ପାଣ୍ଡୁଲିପି ପୂଜାର୍ଚ୍ଚନା କରିବା ପରେ ମଞ୍ଚ ପୂଜାର୍ଚ୍ଚନା କରାଯାଇଥିଲା।

ଏହି ଅବସରରେ ନାୟକ ସୁରେଶ୍ ପଣ୍ଡା, ନାୟିକା ଜୁଲି ପଣ୍ଡା, ରାଧା ପଣ୍ଡା, ନାୟକ ଅମରଜିତ, କଳାକାର ଲିଜା, ସନ୍ଦୀପ, ଗୁଡ୍ଡୁ, ଜୟନ୍ତ, ସାନ ମଣି, ଚାନ୍ଦିନୀ ଓ ସୀମାଙ୍କ ସମେତ ମ୍ୟାନେଜର ପ୍ରଭାତ ପଣ୍ଡା ଓ ନୃତ୍ୟ ନିର୍ଦ୍ଦେଶକ ମିଟୁ ମାନସ ପ୍ରମୁଖ ଉପସ୍ଥିତ ରହିଥିଲେ। ହର ବାରିକଙ୍କ ରଚିତ ଓ ନିର୍ଦ୍ଦେଶିତ ଏହି ନାଟକ ଆଗାମୀ ଯାତ୍ରା ବର୍ଷରେ ଧମାଲ କରିବ ବୋଲି ପରିଚାଳନା ନିର୍ଦ୍ଦେଶକ କହିଛନ୍ତି।

# ପୂର୍ବତନ ସରପଞ୍ଚଙ୍କ ବିୟୋଗରେ ସ୍ମୃତିସଭା



ରଘୁନାଥପୁର, (ପିପିଏସ): ରଘୁନାଥପୁର ବ୍ଲକ ଅନ୍ତର୍ଗତ ପୁରଣ ଓଡ଼ପଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ବାସନ୍ତୀ ସାହୁଙ୍କ ବିୟୋଗରେ ତାଙ୍କ ବାସଭବନରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମେତ ପୂର୍ବତନ ସାଂସଦ ଡଃ ରାଜଶ୍ରୀ ମଲ୍ଲିକ, ତିର୍ତ୍ତୋଲ ବିଧାୟକ ଡଃ ରମାକାନ୍ତ ଭୋଇ, ପୂର୍ବତନ ଜଗତସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, କଟକ ସଦର ପୂର୍ବତନ ଅଧ୍ୟକ୍ଷ ସତ୍ୟ ଜେନା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଆତ୍ମାର ସଦଗତି କାମନା କରିବା ସହିତ ତାଙ୍କର ସ୍ମୃତି ଚାରଣ କରିଥିଲେ। ଏଥିରେ ପୁରଣ ଓଡ଼ପଡ଼ା ସରପଞ୍ଚ ଶିବରାମ ସାହୁ ସଭାପତିତ୍ୱ କରିଥିବାବେଳେ ରଘୁନାଥପୁର ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ସରପଞ୍ଚ ବଟକୃଷ୍ଣ ନାୟକ, ଅମୀତା ଖୁଣ୍ଟିଆ, ସୁଷମା ମଲ୍ଲିକ, ଅନୁପ ପ୍ରସାଦ ସ୍ୱାଇଁ, ଅମୁଲ୍ୟ ମହାନ୍ତି, ପ୍ରଭାକର ମଲ୍ଲିକ, ସମିତି ସଭ୍ୟା ଶାନ୍ତିଲତା ଦ୍ୱିବେଦି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଗୌତମ ପାଲିତ, ପ୍ରିୟତମା ରାଉତ, ପ୍ରତାପ ପଟ୍ଟନାୟକ, ତାରାକାନ୍ତ ଜେନା, ଅନ୍ତର୍ଯ୍ୟାମୀ ରାଉତ ଓ ଶତାଧିକ ପଞ୍ଚାୟତବାସୀ ଏହି ସ୍ମୃତି ଚାରଣ ସଭାରେ ଯୋଗ ଦେଇଥିଲେ।

# ଦୁର୍ନୀତିଖୋର ଯନ୍ତ୍ରୀଙ୍କୁ ପଞ୍ଚାୟତିରାଜ ବିଭାଗର ପ୍ରମୋସନ ଭେଟି !

ଧାମନଗର (ପିପିଏସ୍): ଧାମନଗର ବ୍ଲକର ବିଭିନ୍ନ ପଞ୍ଚାୟତରେ ଏମଏନଆରଜିଏସ ଯୋଜନାରେ ବ୍ୟାପକ ଦୁର୍ନୀତି ସହ ମିଥ୍ୟା ଶ୍ରମ ଅର୍ଥ ହରଲୁଟ ନେଇ ଅଭିଯୋଗ ହୋଇଛି।ସେହିପରି ଏକ ଘଟଣା ଘଟିଛି ଦଳାଙ୍ଗ ପଞ୍ଚାୟତରେ। ଏହି ପଞ୍ଚାୟତରେ ୨୦୨୧-୨୨ ରେ ମୋ ପୋଖରୀ ଯୋଜନାରେ କାର୍ଯ୍ୟ କୋଡ ନଂ ୨୧୧୭୦୦୭/ଆଇଏଫ/୧୬୩୧୩୨୨ ର ୧,୯୩,୭୦୦ ଟଙ୍କାର ଅନ ଗୋଇଙ୍ଗ ପ୍ରକଳ୍ପରୁ ୬୮,୩୪୦ ଟଙ୍କା ମଜୁରୀ ବାବଦ ପ୍ରାପ୍ତ ହୋଇଛି। ସେହି ଏକା ସ୍ଥାନର ଜମିରେ ୨୦୨୫-୨୬ ବର୍ଷରେ କାର୍ଯ୍ୟ କୋଡ ନଂ ୨୪୧୭୦୦୭/ଆଇଏଫ/୧୧୨୭୮୩୦୬ ମୂଳେ ଅନ୍ୟ ଜଣକୁ ୧,୬୬,୦୦୦ ଟଙ୍କାର ମୋ ପୋଖରୀ ପ୍ରକଳ୍ପରୁ ୪୫୦ ଟଙ୍କା ମଜୁରୀ ହିସାବରେ ତା ୧୩/୦୪/୨୦୨୫ ରେ ମୋଟ ୧,୨୭,୮୫୦ ଟଙ୍କା ପ୍ରାପ୍ତ ହୋଇଛି। ଗେଙ୍ଗୁଟି ନଦୀର କଣ୍ଡିଆ ଭିତରେ ଆଡିକୁ ଲଗାଇ ବିନା ସୂଚନା ଫଳକରେ ପୋଖରୀ ଖୋଳିବାକୁ ଅନୁମତି ଦେଲା କିଏ ? ବନ୍ୟା ଦାଉରୁ ଜନ ସାଧାରଣଙ୍କୁ ସୁରକ୍ଷା ପାଇଁ ସରକାର ଆଡି ବନ୍ଧକୁ କୋଟି କୋଟି ଟଙ୍କା ବ୍ୟୟରେ ମାଟି ପକାଇ ପୋତୁ ଥିବା ବେଳେ ଏଠାରେ ମାଟି ଉଠିଥିବା ସେହି ସ୍ଥାନକୁ ଜେସିବି ଲଗାଇ ଗାଡ଼ିଆ ଆକୃତି କରି ମୋ ପୋଖରୀ ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ ହୋଇଛି।

ସେହିପରି ବୟାଙ୍ଗଡିହ ପଞ୍ଚାୟତରେ ୨୦୨୨-୨୩ ରେ ନାଳ ଖୋଳାଯାଇ ୧୧୮୮ ଲେବର ଡିମାଣ୍ଡରେ ୨ଲକ୍ଷ ୬୪ ହଜାର ୬୯ ଟଙ୍କା ବିଲ୍ ହୋଇଥିବା ବେଳେ ସେହି ମାଟି ପଡ଼ିଥିବା ସ୍ଥାନକୁ ୨୦୨୪-୨୫ ମସିହାରେ ରାସ୍ତା ଦର୍ଶାଯାଇ ୭୨୮ ଲେବର ଡିମାଣ୍ଡରେ ୧ ଲକ୍ଷ ୯୩ ହଜାର ୮୩୦ ଟଙ୍କା ପୁନଃଶ୍ଚ ବିଲ କରାଯାଇଛି। ଏଥି ସହିତ ଧୂଷୁରୀ ପଞ୍ଚାୟତରେ ମଧ୍ୟ ବିନା କାମରେ ବିଲ ନେଇ ବାରମ୍ବାର ଅଭିଯୋଗ।ଏସବୁ ଦୁର୍ନୀତିର ମାଷ୍ଟର ହେଉଛନ୍ତି ଜେଇ ଗୋବିନ୍ଦ ସାମଲ। ବିନା କାମରେ ଫୋନ-ପେ ରେ ହଜାର ହଜାର ଟଙ୍କା ଲାଞ୍ଚ ନେଇ ବେଫିକର ଭାବେ ଲକ୍ଷ ଲକ୍ଷ ଟଙ୍କା ମିଥ୍ୟା ବିଲ କରିଥିବା ନେଇ ତାଙ୍କ ନାମରେ ବହୁ ଅଭିଯୋଗ। ଠିକାଦାରଙ୍କ ସହ ଅସାଧୁ ମେଣ୍ଟ କରି ଲକ୍ଷ ଲକ୍ଷ ଟଙ୍କା ସରକାରୀ ଅର୍ଥ ଶ୍ରାଦ୍ଧ କରିଛନ୍ତି ଏହି ଧୁର୍ତ୍ତ ଜେଇ। ମିଳିତ ଜନଶୁଣାଣି ଶିବିରରେ ଅଭିଯୋଗ ସହ ପ୍ରିଣ୍ଟ ଓ ବୈଦ୍ୟୁତିକ ଗଣମାଧ୍ୟମରେ ଖବର ପ୍ରକାଶ ପରେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଠାରେ ଦବ୍‌ଦବା ରଖିଥିବା ଯନ୍ତ୍ରୀ ସାମଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଶୁନ। ବରଂ ଏଭଳି ଲାଞ୍ଚୁଆ ଓ ଦୁର୍ନିତୀ ଖୋର କନିଷ୍ଠ ଯନ୍ତ୍ରୀଙ୍କୁ ଓଡ଼ିଶା ସରକାରଙ୍କ ପଞ୍ଚାୟତି ରାଜ ଓ ପାନୀୟ ଜଳଯୋଗାଣ ବିଭାଗ ଚଳିତ ମାସ ୯ ତାରିଖ ବିଜ୍ଞପ୍ତି ନଂ ୧୪୭୬୩ରେ ବଦଳି ନକରି ସମ୍ପୃକ୍ତ ବ୍ଲକର ସହକାରୀ ଯନ୍ତ୍ରୀ ପଦକୁ ପଦୋନ୍ନତି ଭେଟି ଦେଇଛନ୍ତି। ଭଦ୍ରକ ଜିଲ୍ଲା ଉନ୍ନୟନ ଅଧିକାରୀ, ଜିଲ୍ଲାପାଳ ଏବଂ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ବିଭାଗ ଏଭଳି ଦୁର୍ନିତିଗ୍ରସ୍ତ ଯନ୍ତ୍ରୀଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ପୂର୍ବକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

# ନବୀନଙ୍କ ଆରୋଗ୍ୟ କାମନା କରି ଦୀପଦାନ



ଚାରିଛକ, (ପିପିଏସ): ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା ତଥା ବିଜେଡ଼ି ସଭାପତି ନବୀନ ପଟ୍ଟନାୟକ ସର୍ଭାଇକାଲ ଅର୍ଥାଇଟିସରେ ପିଡୀତ ଅଛନ୍ତି। ଅଧିକ ଯନ୍ତ୍ରଣା ଅନୁଭବ କରିବାରୁ ଏହାର ସଫଳ ଅସ୍ତ୍ରୋପଚାର ପାଇଁ ଗତ ଶୁକ୍ରବାର ଦିନ ସେ ମୁମ୍ବାଇ ଯାଇଛନ୍ତି। ମୁମ୍ବାଇର କୋକିଳାବେନ୍ ଧିରୁଭାଇ ଅମ୍ବାନୀ ହସ୍ପିଟାଲରେ ରବିବାର ଦିନ ନବୀନଙ୍କର ଅସ୍ତ୍ରୋପଚାର ହେବ। ଏଣୁ ସମଗ୍ର ରାଜ୍ୟରେ ନବୀନ ପ୍ରେମୀ ଓ ବିଜେଡି କର୍ମୀମାନେ ତାଙ୍କର ଆଶୁ ଆରୋଗ୍ୟ କାମନା କରୁଥିବା ବେଳେ ପୁରୀ ଜିଲ୍ଲା ନିମାପଡ଼ା ନିର୍ବାଚନ ମଣ୍ଡଳୀର ତୁଳସୀପୁର ପଞ୍ଚାୟତ ବିଜେଡି ତରଫରୁ ଦଳର ବରିଷ୍ଠ ନେତା, କର୍ମୀ ଓ ସମର୍ଥକମାନେ ତାଙ୍କର ସଫଳ ଅସ୍ତ୍ରୋପଚାର ଓ ଖୁବ୍‌ଶୀଘ୍ର ସୁସ୍ଥ ହୋଇ ଭୁବନେଶ୍ୱର ଫେରିବାର କାମନା କରି ପ୍ରାଚୀ ଉପତ୍ୟକାର ବନ୍ଦେଶ୍ୱର ଶମ୍ଭୁ ମନ୍ଦିରଠାରେ ପୁର୍ବାହ୍ନରେ ପୂଜାର୍ଚ୍ଚନା କରି ସମୂହ ଦୀପଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ବିଜେଡି ସଭାପତି ଅନିରୁଦ୍ଧ ତ୍ରିପାଠୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ନାୟକ, ଯୁବ ବିଜେଡି ସଭାପତି ପଦ୍ମଲାଭ ବାରିକ, ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ନିରଞ୍ଜନ ତ୍ରିପାଠୀ, ଚକ୍ରଧର ସାହୁ, ଜୟକୃଷ୍ଣ ଶତପଥୀ, ଲକ୍ଷ୍ମୀଧର ସାହୁ, ନୃସିଂହ ଚରଣ ତ୍ରିପାଠୀ, ବୁଲା ସାହୁଙ୍କ ସହିତ ଶତାଧିକ ବିଜେଡ଼ି କର୍ମୀ ଯୋଗ ଦେଇଥିଲେ।

# ଯୁବ ସମାଜସେବୀଙ୍କ ପରଲୋକ



ଅସ୍ତରଙ୍ଗ (ପିପିଏସ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଛୁରିଆନା ପଞ୍ଚାୟତ ଆଇଁସିଣିଆଁ ଗ୍ରାମର ଯୁବ ସଂଗଠକ ତପନ ସ୍ୱାଇଁଙ୍କ ୫୫ ବର୍ଷ ବୟସରେ ଶନିବାର ପରଲୋକ ହୋଇଯାଇଛି। ସେ ଜଣେ ସ୍ନେହୀ ମିଷ୍ଟଭାଷୀ ସମାଜସେବୀ ଭାବରେ ଜଣାଶୁଣା। ତାଙ୍କ ମୃତ୍ୟୁ ଖବର ପାଇ ସ୍ୱାସ୍ଥ୍ୟ କେନ୍ଦ୍ର ରେ ପୁରୀଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ଓ ପୂର୍ବତନ ସରପଞ୍ଚ ଭୀମସେନ ସ୍ୱାଇଁ ଯାଇ ଶେଷ ଦର୍ଶନ କରିଥିଲେ। ଶେଷ ଦର୍ଶନ ପାଇଁ ତାଙ୍କ ଆଇଁସିଣିଆଁ ସ୍ଥିତ ବାସଭବନରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚିଥିଲେ। ଏଥିସହିତ ଅସ୍ତରଙ୍ଗ ବ୍ଲକ୍ କଂଗ୍ରେସ ନେତା ସୁକାନ୍ତ ମହାନ୍ତି, ଛୁରିଆନା ସରପଞ୍ଚ କ୍ଷୀରୋଦ କୁମାର କାଣ୍ଡି ତାଙ୍କ ବାସଭବନରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇ ଥିଲେ। ସ୍ଥାନୀୟ ଅଞ୍ଚଳ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ପରିବାରକୁ ସମବେଦନା ଜଣାଇଥିଲେ। ତପନଙ୍କର ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ, ପୁଅ, ଝିଅ, ଜ୍ୱାଇଁଙ୍କ ସହ ବନ୍ଧୁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶବ ସଂସ୍କାର କରାଯାଇଥିଲା। ପୁଅ ଜିତେନ୍ଦ୍ର ସ୍ୱାଇଁ ମୁଖାଗ୍ନି ଦେଇଥିଲେ।

# ବିକାଶ ମେଳାରେ ନୃତ୍ୟପ୍ରିୟା ଓ ଶ୍ରୀବଳଦେବଜୀଙ୍କୁ ଗ୍ରୁପର ଶାସ୍ତ୍ରୀୟ ନୃତ୍ୟ ପ୍ରଦର୍ଶନ

କେନ୍ଦ୍ରାପଡା (ପିପିଏସ୍): ଇଛାପୁର ବିକାଶ ମେଳାରେ ନୃତ୍ୟପ୍ରିୟା ଡ୍ୟାନ୍ସ ଏକାଡେମୀ ଏବଂ ଶ୍ରୀବଳଦେବଜୀଉ ଏକାଡେମୀ ଅଫ୍ ଡ୍ରାମା ଆଣ୍ଡ କଲଚର ଗ୍ରୁପ୍ ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କର 'ମୋହ ମୁଗଗର', 'ନମୋଦେବୀ', 'ସମ୍ବଲପୁରୀ' ନୃତ୍ୟ ଆଦି ପରିବେଷଣ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରି ଜିଲ୍ଲା ସଂସ୍କୃତିବିଭାଗ ତରଫରୁ ନୃତ୍ୟ ନିର୍ଦ୍ଦେଶିକା ନୃତ୍ୟଗୁରୁ ତପସ୍ୱିନୀ ନାୟକ ପୁରସ୍କାର ହାସଲ କରିଥିଲେ। ଏହି ଶାସ୍ତ୍ରୀୟ ନୃତ୍ୟରେ ଅଭିରାମନାୟକ, ରାକ୍ଷୀ ତ୍ରିପାଠୀ, ପୁର୍ଣ୍ଣିମା ତ୍ରିପାଠୀ, ସରସ୍ୱତୀ ବାରିକ, ଦେବସ୍ମିତା ଦାସ, ସ୍ୱତା ନାୟକ, ରଜତ ଆଦି ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ସଂସ୍କୃତି ବିଭାଗ ତରଫରୁ ରାଜ କିଶୋର ରାଉତ ଉପାୟନ ପ୍ରଦାନ କରିଥିଲେ। ପ୍ରକାଶ ଥାଉକି ଏହି ନୃତ୍ୟ ଦଳ ସଂସ୍କୃତି ବିଭାଗ ଦ୍ୱାରା ଅନୁମୋଦିତ ହୋଇ ଭାରତର ବିଭିନ୍ନ ରାଜ୍ୟ ଏବଂ ଜିଲ୍ଲାରେ ଶାସ୍ତ୍ରୀୟ ନୃତ୍ୟରେ ପ୍ରଶଂଶିତ ହୋଇ ନୃତ୍ୟ ପରିବେଷଣ କରୁଅଛନ୍ତି।

# ନବୀନଙ୍କ ଆଶୁଆରୋଗ୍ୟ କାମନାକରି ସମୂହ ଦୀପଦାନ



ବ୍ରହ୍ମପୁର(ପିପିଏସ୍): ଓଡ଼ିଶାବାସୀଙ୍କ ପ୍ରିୟ ବିଧାନସଭାର ବିରୋଧି ଦଳ ନେତା ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆଶୁଆରୋଗ୍ୟ କାମନାକରି ଗୋପାଳପୁର ବିଜେଡି ପକ୍ଷରୁ ପଞ୍ଚମାସ୍ଥିତ ସିଦ୍ଧ ବିନାୟକ ପୀଠରେ ସମୂହ ଦୀପଦାନ ସହ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ରବିବାର ସକାଳେ ମୁମ୍ବାଇ କୋକିଳାବେନ ଧିରୁବାଇ ଅମ୍ବାନୀ ହସ୍ପିଟାଲରେ ନବୀନଙ୍କ ଅସ୍ତ୍ରପ୍ରଚାର ସଫଳ ହୋଇଛି। ତାଙ୍କର ଆଶୁଆରୋଗ୍ୟ କାମନାକରି ଜିଲ୍ଲା ବିଜେଡି ସଭାପତି ଡା.ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ.ବିବେକ ରେଡ୍ଡି, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରାଜେଶ୍ୱରୀ ଦୋରା, ଗୋପାଳପୁର ଏନ୍‌ଏସି ଅଧ୍ୟକ୍ଷ ଏ.ଜାନକୀରାମ, ସୁବାଷ ମହାରଣା, ରଣ୍ଡା ସରପଞ୍ଚ ଅଜିତ୍ ରାଉଳ, ଯୁବନେତା ଶୁଭାଶିଷ ସାହୁ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ସିଏଚ୍.ଦିଲେଶ୍ୱର ରେଡ୍ଡି, ସରପଞ୍ଚ ଧର୍ମରାଜ ରେଡ୍ଡି, ଅଜିତ୍ ଦାସ, ଦୀପକ ସାମନ୍ତ, ବ୍ରହ୍ମପୁର ମହାନଗର ନିଗମର ବହୁ କର୍ପୋରେଟରଙ୍କ ସମେତ ଗୋପାଳପୁର ନିର୍ବାଚନ ମଣ୍ଡଳୀର ବହୁ ସରପଞ୍ଚ, ସମିତିସଭ୍ୟ ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ନବୀନଙ୍କ ଆରୋଗ୍ୟ ପାଇଁ ମା' ମଙ୍ଗଳାଙ୍କ ମନ୍ଦିରରେ ସମୂହ ଦୀପଦାନ



ଅସ୍ତରଙ୍ଗ (ପିପିଏସ୍): ସାଢେ ୪କୋଟି ଓଡିଶା ବାସୀ ମୋର ପରିବାର। ଏ କଥା ଥରେ ନୁହେଁ, ବାରମ୍ବାର କହିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ୨୪ବର୍ଷ ଧରି ନିଜ ପରିବାରର ଲୋକମାନଙ୍କ ପାଇଁ ସମର୍ପିତ ଭାବରେ କାମକରି ଆସିଛନ୍ତି। ସୂଚନା ଅନୁସାରେ ମୁମ୍ବାଇର କୋକିଳାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ନବୀନଙ୍କ ରବିବାର ଦିନ ସଫଳ ଅସ୍ତ୍ରୋପଚାର ହୋଇସାରିଛି। ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସୁସ୍ଥ ଓ ଆଶୁ ଆରୋଗ୍ୟ କାମନା କରି ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ତରଫରୁ କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ନିକଟରେ ରବିବାର ସନ୍ଧ୍ୟାରେ ପୂଜାର୍ଚ୍ଚନା ସହ ଶତାଧିକ ବିଜୁ ପ୍ରେମୀ,ନବୀନ ପ୍ରେମୀ ଓ ସାଧାରଣ ଜନତା ଏକତ୍ରିତ ହୋଇ ଦୀପଦାନ କରି ମଙ୍ଗଳ ମନାସିଛନ୍ତି। ସେ ଶୀଘ୍ର ସୁସ୍ଥ ହୋଇ ପୁଣି ଓଡିଶା ଆସି ଲୋକଙ୍କ ସେବା ଜାରୀ ରଖନ୍ତୁ ବୋଲି ପ୍ରାର୍ଥନା କରିଛନ୍ତି। ଏଥିରେ ପୁରୀ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ୧ନଂ ଜୋନ ଜିଲ୍ଲାପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ୨ନଂ ଜୋନ ଜିଲ୍ଲାପରିଷଦ ବନିତା ବେହେରା, ୬ନଂ ଜୋନ ଜିଲ୍ଲାପରିଷଦ ଜୋସ୍ନା ରାଣୀ ଦଳାଇ, ୭ନଂ ଜୋନ ଜିଲ୍ଲାପରିଷଦ ସଂଯୁକ୍ତା ଦୀକ୍ଷିତ, କାକଟପୁର ଯୁବ ବିଜେଡି ସଭାପତି ରଞ୍ଜନ ନାୟକ, ଅସ୍ତରଙ୍ଗ ଯୁବ ବିଜେଡି ସଭାପତି ପ୍ରଶାନ୍ତ ନାୟକ, ରୁଦ୍ର ପ୍ରସାଦ ଲେଙ୍କା, ପୂର୍ବତନ ସରପଞ୍ଚ ଭିମସେନ ସ୍ୱାଇଁ, ବିଶ୍ୱଜିତ୍ ଦାଶ ସମେତ ଶତାଧିକ ମହିଳା ଓ ପୁରୁଷ ପ୍ରମୁଖ ସାମିଲ ହୋଇଥିଲେ।

# କେତେ ସୁରକ୍ଷିତ ବୋତଲ ପାଣି: ଫାକ୍ଟ୍ରିରେ କେବେ ହେବ ଯାଞ୍ଚ ?



ଅସ୍ତରଙ୍ଗ (ପିପିଏସ୍): ବିଶୁଦ୍ଧ ପାଣି କହି ଜାର ଡବାରେ ସାଧାରଣ ପାଣି ଭରି ବିକ୍ରି ହେଉଛି। ଲୋକେ ଟଙ୍କା ଦେଇ ବିଶୁଦ୍ଧ ପାଣି ନାଁରେ ବିଶୋଧନ ହୋଇନଥିବା ବୋରୱେଲ ପାଣି ପିଉଥିବା ଅଭିଯୋଗ ହୋଇଆସୁଛି। ମାଲେ ମାଲ ହେଉଛନ୍ତି ପାଣି ବେପାରୀ। ଲାଭ କୁ ଦେଖି ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ଅଞ୍ଚରେ ପାଣି ଡବା ବା ଜାର ଦୋକାନରେ ବିକ୍ରି ହେଉଛି। ଏହା ଶହ କାକଟପୁର ଅଞ୍ଚଳ ସମେତ ବିଭିନ୍ନ ସ୍ଥାନରେ ମାଳ ମାଳ ପାଣି ଫାକ୍ଟ୍ରି ଖୋଲିଛି। ଯାହାକୁ ଯାଞ୍ଚ ନ କରି ହାତ ଗୁଞ୍ଜା ନେଇ ଅନୁମତି ଦିଆଯାଉଥିବା ଅଭିଯୋଗ ହେଉଛି। ସେହିପରି ଯୋଗାଣ ହେଉଥିବା ପାଣି ବିଶୁଦ୍ଧ କି ନାହିଁ ତାହା ମଧ୍ୟ କେବେ ଯାଞ୍ଚ ହେଉନି। ଲୋକଙ୍କ ଆଖିରେ ଆଙ୍ଗୁଠି ଗେଂଜି ଲୁଟିବାରେ ଲାଗିଛନ୍ତି ପାଣି ବେପାରୀ। ଏହି ଡ଼ାଇରିଆ ପାଇଁ ଅସ୍ତରଙ୍ଗ ମୁଖ୍ୟ ବଜାରରେ ଚଢ଼ାଉରୁ ଏହା ସ୍ପଷ୍ଟ ହେବା ପରେ ପାଣିର ବିଶୁଦ୍ଧତାକୁ ନେଇ ପ୍ରଶ୍ନ ଉଠିଛି। ଅସ୍ତରଙ୍ଗ ମୁଖ୍ୟ ବଜାରରେ ଖାଦ୍ୟ ପଦାର୍ଥ ଯାଞ୍ଚ ଚାଲୁଥିବା ବେଳେ ପାଣିର ଯାଞ୍ଚକରି କିଛି ପାଣି ପାଉଚ ନଷ୍ଟ କରିଥିବା ବେଳେ ଅନେକ ଦୋକାନରୁ ପାଣି ନମୁନା ସଂଗ୍ରହ ପାଇଁ ପାଣି ବୋତଲ ସଂଗ୍ରହ କରିଛନ୍ତି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଯୋଗାଇ ଦିଆଯାଉଥିବା ପାଣି ବିଭିନ୍ନ ପଞ୍ଚାୟତରେ ଯଥେଷ୍ଟ ପରିମାଣ ପହଂଚି ପାରୁନାହିଁ। ତେଣୁ ଅନେକ ଲୋକ ବିଭିନ୍ନ ଫାକ୍ଟ୍ରିରୁ ଯୋଗାଣ ହେଉଥିବା ପାଣି ଜାର କିଣି ପିଉଛନ୍ତି। ୨୦ଲିଟର ଜାର ପାଣି ୪୦ରୁ ୪୫ ଟଙ୍କାରେ ବିକ୍ରି ହେଉଛି। ପ୍ରତ୍ୟେକ ଦିନ ବିଭିନ୍ନ ପାଣି ଫାକ୍ଟ୍ରିର କର୍ମଚାରୀ, ଗାଡ଼ିରେ ପାଣି ଜାର ଧରି ଘର, ଦୋକାନ ଓ ଅଫିସ ଆଦି ବୁଲି ଯୋଗାଇ ଦେଉଛନ୍ତି।ସେହିଭଳି ବାହାଘର, ବ୍ରତଘର କିମ୍ବା ଅନ୍ୟ କୌଣସି ସାମୂହିକ କାର୍ଯ୍ୟ ତଥା ଉତ୍ସବରେ ଶତାଧିକ ପାଣି ଜାର ବ୍ୟବହାର କରାଯାଉଛି। ଅନେକ ସମୟରେ ଏହି ପାଣିରେ ଗୁଣ୍ଡ ଭାସୁଥିବାର ଦେଖା ଯାଇଥାଏ। ମାତ୍ର ଲୋକେ ବିଶୁଦ୍ଧ ପାଣି ନାଁରେ ସେ ସବୁକୁ ପାନୀୟ ଭାବେ ବ୍ୟବହାର କରିଥାନ୍ତି।

ଅସ୍ତରଙ୍ଗ ଅଞ୍ଚଳରେ ଝାଡାବାନ୍ତି ଆକ୍ରାନ୍ତ ଦେଖା ଦେଇଥିବା ବେଳେ ଗତ ୧୮ ତାରିଖ ଦିନ ଅସ୍ତରଙ୍ଗ ମୁଖ୍ୟ ବଜାରରେ ଯାଞ୍ଚ ସମୟରେ ପାଣି ବୋତଲ ଖାଦ୍ୟ ନିରାପତ୍ତା ବିଭାଗ ପାଣି ନମୁନା ପାଇଁ ସଂଗ୍ରହ କରିଥିଲା। ଅସ୍ତରଙ୍ଗ ଅଞ୍ଚଳରେ ଖାଦ୍ୟ ସୁରକ୍ଷା ବିଭାଗ ବର୍ଷ ତମାମ୍ ନିରବ ମୁଦ୍ରାରେ ରହୁଥିବା ବେଳେ ଝାଡାବାନ୍ତି ଆକ୍ରାନ୍ତ ଖବର ପାଇଁ ବିଭିନ୍ନ ଫାଷ୍ଟଫୁଡ, ହୋଟେଲ ଯାଞ୍ଚ କରିଥିଲେ। କିନ୍ତୁ ପାଣି ଅସ୍ତରଙ୍ଗକୁ ଯୋଗାଣ ହେଉଥିବା ପାଣି ଫାକ୍ଟ୍ରି ନିକଟସ୍ଥ ବ୍ଲକ ଅଞ୍ଚଳରେ ଥିବାରୁ ପାଣି କମ୍ପାନୀକୁ ଯାଇ ଟିମ୍ ଯାଇ ପୁଙ୍ଖାନୁପୁଙ୍ଖ ଭାବେ ଯାଞ୍ଚ କରିବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି। ନିୟମ ଅନୁସାରେ ପାଣି ଫାକ୍ଟ୍ରି କରିବାକୁ ହେଲେ ଏଥିପାଇଁ ରହିଥିବା ଏସଓପି କୁ ପାଳନ କରିବାକୁ ପଡିଥାଏ। ଆବଶ୍ୟକୀୟ ଘର, ଜଳ ବିଶୋଧନ ମେସିନ ବସାଇବା ସହ ପାଣି କେଉଁଠୁ ଆସିବ ସେ ନେଇ ସୁନିଶ୍ଚିତ କରିବାକୁ ପଡିଥାଏ। ବିଆଇଏସ ଟିମ୍ ସହ ଖାଦ୍ୟ ସୁରକ୍ଷା ବିଭାଗଯାଞ୍ଚ କରିପ୍ରମାଣ ପତ୍ର ଦେବା ପରେ ଏହା ଖୋଲିଥାଏ। ମାତ୍ର କମ୍ ଖର୍ଚ୍ଚରେ ଅଧିକ ଲାଭ ହେଉଥିବାରୁ ବିନା ଅନୁମତିରେ ଅନେକ ପାଣି ଫାକ୍ଟ୍ରି ନିକଟସ୍ଥ ବ୍ଲକ ଅଞ୍ଚଳରେ ଖୋଲି ବ୍ୟବସାୟ ଚଳାଇଛନ୍ତି। କିନ୍ତୁ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ଜିଲ୍ଲାରେ କେତେ ବେଆଇନି ପାଣି ଫାକ୍ଟ୍ରି ଚାଲିଛି ସେ ନେଇ ପ୍ରଶାସନ ପାଖରେ ଖବର ନାହିଁ। ଖାଦ୍ୟ ନିରାପତ୍ତା ବିଭାଗ ଅଧିକାରୀ କହିଛନ୍ତି ୨ରୁ ୩ଟି ଲୋକାଲ କମ୍ପାନୀର ନମୁନା ସଂଗ୍ରହ ହୋଇଛି ଆଗକୁ ଅଧିକ ଚଢ଼ଉ ଜାରୀ ରହିବ ବୋଲି କହିଛନ୍ତି।

# ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଟେବୁଲ୍ ଟପ୍ ଏକ୍ସରସାଇଜ୍ ବୈଠକ

ବଲାଙ୍ଗିର: ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ଡଃ. ବିଜୟାନନ୍ଦ ସେଠୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଟେବୁଲ ଟପ ଏକ୍ସରସାଇଜ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହିଥିଲେ । ଏହି ଟେବୁଲ ଟପ୍ ଏକ୍ସରସାଇଜର ମୂଳ ଉଦ୍ଦେଶ୍ୟ ରହିଥିଲା ବିଭିନ୍ନ ସମୟରେ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ବେଳେ ବନ୍ୟା, ବାତ୍ୟା, ସାପକାମୁଡା, ବଜ୍ରପାତ ସମୟରେ ଜନସାଧାରଣଙ୍କ ଧନ ଜୀବନକୁ ହ୍ରାସ କରିବା । ବଲାଙ୍ଗିର ଜିଲ୍ଲାରେ ସଫଳ ଭାବେ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଜିଲ୍ଲାସ୍ତରୀୟ, ବ୍ଲକ ସ୍ତରୀୟ ଓ ସମସ୍ତ ପୌରାଂଚଳର ଅଧିକାରୀ ମାନଙ୍କର କାର୍ଯ୍ୟଦକ୍ଷତା ଏବଂ କୁଶଳତାକୁ ସଠିକ ଭାବେ ବିକାଶ କରି ଉପଯୋଗ କରାଯିବା ପାଇଁ ଆଲୋଚନା ହୋଇଥିଲା । ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ସମ୍ଭାବ୍ୟ ବିପର୍ଯ୍ୟୟକୁ ସମ୍ମୁଖୀନ ହେବା ପୂର୍ବରୁ ଏହାର ମୁକାବିଲା କରିବା ପାଇଁ ବ୍ୟାପକ ସଜାଗ ରହିବା ପାଇଁ ପରାମର୍ଶ ଦିଆଯାଇଛି । ବିପର୍ଯ୍ୟୟ ସମୟରେ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଗୋଟିଏ ଟିମ୍ ହୋଇ କାର୍ଯ୍ୟ କରିବା ସହିତ ପ୍ରଭାବିତ ଜନସାଧରଣଙ୍କୁ ଖାଦ୍ୟ, ଔଷଧ, ପାନୀୟ ଜଳ, ଚୁଡ଼ା, ଗୁଡ଼ ମହଜୁଦ ରଖିବା ଓ ସଠିକ ଭାବରେ ପରିଚାଳନା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାସହ ବିପର୍ଯ୍ୟୟ ସମୟରେ ସବୁ ବିଭାଗର ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଅନୁରୋଧ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥାର ବିଶେଷଜ୍ଞ ଯୋଗ ଦେଇଥିଲେ । ଆପାତକାଳୀନ ବିଭାଗ ତରଫରୁ ଏହି ବୈଠକ ଅନୁଷ୍ଠିତ ହୋଇଥିଲା ।

# ଶିଶୁ ଶ୍ରମିକ ନିରାକରଣ ସଚେତନତା

ଜୟପୁର: ଚଳିତ ମାସ ପନ୍ଦର ଦିନ ବ୍ୟାପୀ ଶିଶୁ ଶ୍ରମିକ ନିରାକରଣ ସଚେତନତା ପକ୍ଷ ପାଳନ ଉପଲକ୍ଷେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ, କୋରାପୁଟ ତରଫରୁ ଶିଶୁ ଶ୍ରମିକ ନିରାକରଣ ଓ ସଚେତନତା ପଦଯାତ୍ରା ସକାଳ ୮ଟା ରେ ସୁଶ୍ରୀ ସସ୍ମିତା ମେଲେକା, ଜ଼ିଲ୍ଲା ପରିଷଦ ଅଧ୍ୟକ୍ଷା କୋରାପୁଟ, ଲଲାଟ ରଞ୍ଜନ ସେଠି, ପୌରପାଳିକା ଅଧ୍ୟକ୍ଷ କୋରାପୁଟ, ଜିଲ୍ଲାପାଳ କୋରାପୁଟ ଭି. କୀର୍ତ୍ତି ଭାଶନ, ଆରକ୍ଷୀ ଅଧିକ୍ଷକ କୋରାପୁଟ, ଅତିରିକ୍ତ ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ କୋରାପୁଟ, ଉପଜିଲ୍ଲାପାଳ କୋରାପୁଟ, ଆରକ୍ଷୀ ଅଧିକ୍ଷକ ଅବକାରୀ ବିଭାଗ କୋରାପୁଟଙ୍କ ଉପସ୍ଥିତିରେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା ଓ ଉକ୍ତ ପଦ ଯାତ୍ରା ପୋଲିସ ପଡିଆ, କୋରାପୁଟ ଠାରୁ ଆରମ୍ଭ ହୋଇ କୋରାପୁଟ ସହର ପରିକ୍ରମା କରି ଶିଶୁ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଠାରେ ଶେଷ ହୋଇଥିଲା । ଶିଶୁ ଶ୍ରମିକ ଆଇନ ସମ୍ବନ୍ଧୀୟ ପୋଷ୍ଟର , ବେନର, ପ୍ଲା କାର୍ଡ, ପ୍ରଚାର ପତ୍ର , ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରାଯାଇଥିଲା । ଏହି ପଦଯାତ୍ରା କାର୍ଯ୍ୟକ୍ରମରେ ପ୍ରଭଓଗୀୟ ଶ୍ରମ ଆୟୁକ୍ତ ଜୟପୁର , ଜ଼ିଲ୍ଲା ଶ୍ରମ ଅଧିକାରୀ ଜୟପୁର ଏବଂ ଜୟପୁର ଓ କୋରାପୁଟ ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମଚାରୀବୃନ୍ଦ, କୋରାପୁଟ ଶିଶୁ ମଙ୍ଗଳ କମିଟି, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଟାଉନ ଥାନା ଅଧିକାରୀ, ସେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ବଣିକ ସଂଘର କର୍ମକର୍ତ୍ତା, ଶ୍ରମିକ ସଂଗଠନର କର୍ମକର୍ତ୍ତାମାଓନେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ଏନ୍‌ଆଇଟି ରାଉରକେଲାର ୨୨ତମ ସମାବର୍ତ୍ତନ ଉତ୍ସବ
# 'ଶିକ୍ଷା ହେଉଛି ଜାତୀୟ ପ୍ରଗତିର ମୂଳଦୁଆ'




ରାଉରକେଲା(ପିପିଏସ୍) : ଏନ୍‌ଆଇଟି ରାଉରକେଲାର ୨୨ତମ ସମାବର୍ତ୍ତନ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏନ୍‌ଆଇଟିର ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ । ଏନ୍‌ଆଇଟିର ସମାବର୍ତ୍ତନ ସମାରୋହରେ, ମୁଖ୍ୟଅତିଥି ଭାବେ ମହାନଦୀ କୋଲ୍ ଫିଲ୍ଡସ ଲିମିଟେଡର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଏ.କାଓଲେ ନିଜ ବକ୍ତବ୍ୟରେ କହିଥିଲେ ଯେ, ଆଜି ସମସ୍ତଙ୍କ ପାଇଁ ଏକ ନୂତନ ଚ୍ୟାଲେଞ୍ଜପୂର୍ଣ୍ଣ ଅଧ୍ୟାୟ ଆରମ୍ଭର ସମୟ । ଶିକ୍ଷା ହେଉଛି ଜାତୀୟ ପ୍ରଗତିର ମୂଳଦୁଆ ଏବଂ ଏନ୍‌ଆଇଟି ରାଉରକେଲା ଭଳି ପ୍ରତିଷ୍ଠାନ ଏହି ଯାତ୍ରାର ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ । ପରିବର୍ତ୍ତନ ସହିତ ଖାପ ଖୁଆଇବା, ନିଜ ମୂଲ୍ୟବୋଧରେ ସ୍ଥିର ରହିବା ଏବଂ ସମାଜକୁ କିଛି ଫେରାଇବାକୁ ସର୍ବଦା ଚେଷ୍ଟା କରିବା ହେଉଛି ମୂଳମନ୍ତ୍ର । ଅସୀମ ସମ୍ଭାବନା ସହିତ ଯେତେବେଳେ ଏକ ବିଶ୍ୱରେ ପ୍ରବେଶ କରୁଛୁ ସେତେବେଳେ ଏହାର ପୂର୍ଣ୍ଣ ଲାଭ ଉଠାଅ ବୋଲି ଏନ୍‌ଆଇଟି ଛାତ୍ରଛାତ୍ରୀମାନଙ୍କୁ ସେ ଆହ୍ୱାନ ଦେଇଥିଲେ । ସେ କହିଥିଲେ ଯେ, ଏମ୍‌ସିଏଲ ଏବଂ କୋଲ୍ ଇଣ୍ଡିଆ, ଏନ୍‌ଆଇଟି ରାଉରକେଲାକୁ ଶିକ୍ଷାଗତ ବିକାଶ ପାଇଁ ସମସ୍ତ ପ୍ରକାରର ସହାୟତା ପ୍ରଦାନ କରୁଛନ୍ତି । ଯାହା ଦେଶରେ ଶୀର୍ଷ ସ୍ଥାନରେ ଅଛି । ଏହା ଅଧ୍ୟୟନ ପାଇଁ ଏକ ଭଲ କ୍ୟାମ୍ପସ୍ । ଏଠାରେ କେନ୍ଦ୍ରୀୟ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ଏମ୍‌ସିଏଲ ଦ୍ୱାରା କରାଯାଇଛି । ଏମ୍‌ସିଏଲ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟରେ ୫୦୦ ଶଯ୍ୟା ବିଶିଷ୍ଟ ମହିଳା ହଷ୍ଟେଲ ପାଇଁ ଏକ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି ବୋଲି ଶ୍ରୀ କାଓଲେ ସୂଚନା ଦେଇଥିଲେ । କମ୍ପାନୀ ଶିକ୍ଷା ଏବଂ ପ୍ରତିଭାକୁ ସମସ୍ତ ପ୍ରକାରର ପ୍ରୋତ୍ସାହନ ପ୍ରଦାନ କରୁଛି । ଗତ କିଛିବର୍ଷ ମଧ୍ୟରେ ଏମ୍‌ସିଏଲ ପକ୍ଷରୁ ୨୨୫ ନିୟୁତ ଟନ୍ କୋଇଲା ଉତ୍ପାଦନ କରିବା ଏକ ବଡ଼ ସଫଳତା ଏବଂ ଏହା ଦେଶର ମୋଟ ଉତ୍ପାଦନର ୨୧ ପ୍ରତିଶତ ଏବଂ କୋଲ୍ ଇଣ୍ଡିଆର ମୋଟ ଉତ୍ପାଦନର ୨୯ ପ୍ରତିଶତ । ପରିବହନରେ ୬ରୁ ୭ ପ୍ରତିଶତ ଅଧିକ ଖର୍ଚ୍ଚ ହେଉଛି । ଏହା ବର୍ତ୍ତମାନ ଏକ ଚ୍ୟାଲେଞ୍ଜ । ଛାତ୍ରଛାତ୍ରୀମାନଙ୍କୁ ଏହି ଖର୍ଚ୍ଚ ହ୍ରାସ କରିବା ପାଇଁ କାମ କରିବାକୁ ପଡିବ । ୯୮ ପ୍ରତିଶତ ଖଣି ଖନନ କରାଯାଉଛି । ବିସ୍ଫୋରକ ମୁକ୍ତ ଉତ୍ପାଦନ ପାଇଁ ଯୋଜନା ଅଛି । ଉତ୍କର୍ଷ ଓଡ଼ିଶା ପାଇଁ ୯୩ହଜାର କୋଟି ଟଙ୍କା ଦିଆଯାଇଛି । ଏଥିରେ ସୌରଶକ୍ତି ମୁଖ୍ୟ । ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ କାର୍ଯ୍ୟ କରାଯାଉଛି । ଶଙ୍କରାଚାର୍ଯ୍ୟଙ୍କ ଉକ୍ତିକୁ ଉଦ୍ଧୃତ କରି ସେ କହିଥିଲେ ଯେ, ଈଶ୍ୱର, ଗୁରୁଜନ, ପିତାମାତା ଏବଂ ଶିଷ୍ୟମାନେ ମଧ୍ୟ ପ୍ରଣାମ ପାଇବାକୁ ଯୋଗ୍ୟ । ଜ୍ଞାନ ଅର୍ଜନ କରି ଜଣେ ଗୁରୁ ହୋଇଥାନ୍ତି ଏବଂ ଯିଏ ଜ୍ଞାନ ଆଶା କରନ୍ତି ସେ ଶିଷ୍ୟ । ଜ୍ଞାନର ଦୃଶ୍ୟମାନ ରୂପ ହେଉଛି ଗୁରୁ ସେତେବେଳେ ଅଦୃଶ୍ୟ ରୂପ ହେଉଛି ଶିଷ୍ୟ । ଗୁରୁ ପରି, ଶିଷ୍ୟ ମଧ୍ୟ ସମ୍ମାନ ପାଇବା ଆବଶ୍ୟକ । ବିଦ୍ୱାନମାନେ ସବୁଠି ସମ୍ମାନିତ ହୋଇଥାନ୍ତି ବୋଲି ଶ୍ରୀ କାଓଲେ କହିଥିଲେ । କାର୍ଯ୍ୟକ୍ରମରେ ଏନ୍‌ଆଇଟି ବୋର୍ଡ ଅଫ୍ ଗଭର୍ଣ୍ଣର୍ସ ଚେୟାରମ୍ୟାନ ଏସ୍.ଏନ୍ ସୁବ୍ରମଣ୍ୟମ୍ ଭର୍ଚୁଆଲ୍ ମୋଡ୍‌ରେ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଥିଲେ । ସମାବର୍ତନ ଉତ୍ସବ ର ମୁଖ୍ୟ ପ୍ରଫେସର ଶିବ ଶଙ୍କର ମହାପାତ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି ସମାବର୍ତ୍ତନ ଉତ୍ସବ ଅବସରରେ ବିଶିଷ୍ଟ ପୂର୍ବତନ ଛାତ୍ରମାନଙ୍କୁ ସେମାନଙ୍କ ଅବଦାନ ପାଇଁ ସ୍ୱୀକୃତି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ୨୦୨୪ ପାଇଁ ବିଶିଷ୍ଟ ପୂର୍ବତନ ଛାତ୍ର ପୁରସ୍କାର ପ୍ରାପ୍ତକର୍ତ୍ତାଙ୍କ ମଧ୍ୟରେ ରହିଛନ୍ତି, ଶିକ୍ଷା ଓ ଗବେଷଣାରେ ପ୍ରଫେସର ସୁକୁମାର ମିଶ୍ର । ଶିଳ୍ପ ଓ ପରିଚାଳନାରେ ଇଂ ଅଶୋକ କୁମାର ବାସା, ଉଦ୍ୟୋଗିତା ଓ ସାର୍ବଜନୀନ ଜୀବନ ପାଇଁ ଇଂ ଆର. ଏସ. ରାଘବନ ଏବଂ ପ୍ରତିଷ୍ଠାନର ଅଭିବୃଦ୍ଧିରେ ଅବଦାନ ଦେଇଥିବା ଡକ୍ଟର ଭାରତେନ୍ଦୁ ଦେଓ ଙ୍କୁ ବିବିଧ ଆଲୁମିନି ଆୱାର୍ଡ ପ୍ରଦାନ କରାଯାଇଥିଲା କ୍ଷ ଏଥିସହ ଏନ୍‌ଆଇଟି ପ୍ରତିଷ୍ଠାନର ୨୦୨୪ ବ୍ୟାଚ ର ମୋଟ ୨୦୫୬ ଜଣଙ୍କୁ ବିବିଧ ଡିଗ୍ରୀ ପ୍ରଦାନ କରାଯାଇଥିଲା । ସେଥିମଧ୍ୟରୁ ୧୦୬୧ ଜଣଙ୍କୁ ବି. ଟେକ୍,୨୧ ଜଣଙ୍କୁ ବି. ଆର୍ଚ୍ଚ, ୩୯ ଜଣଙ୍କୁ ଦ୍ୱୈତ ଡିଗ୍ରୀ, ୬୮ ଜଣଙ୍କୁ ୫ ବର୍ଷୀୟା ଏମ୍‌ଏସ୍‌ସି, ୧୮୦ ଜଣଙ୍କୁ ଏମ୍‌ଏସସି,୬ ଜଣଙ୍କୁ ଏମଏ, ୪୩ ଜଣଙ୍କୁ ଏମବିଏ, ୪୬୯ ଜଣଙ୍କୁ ଏମଟେକ, ଜଣଙ୍କୁ ଏମଟେକ ରିସର୍ଚ୍ଚ ଓ ୧୭୭ ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ ପ୍ରଦାନ କରାଯାଇଥିଲା । ଟପ୍ପରମାନଙ୍କ ମଧ୍ୟରୁ ୮ ଜଣଙ୍କୁ ପ୍ରତିଷ୍ଠାନ ସ୍ୱର୍ଣ୍ଣ ପଦକ, ୬ଜଣଙ୍କୁ ଏଣ୍ଡାମେଣ୍ଟ ସ୍ୱର୍ଣ୍ଣ ପଦକ, ୭ଜଣଙ୍କୁ ଏଣ୍ଡାମେଣ୍ଟ ପୁରସ୍କାର ଏବଂ ୫୯ ଜଣଙ୍କୁ ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା । ଏନ୍‌ଆଇଟି ରାଉରକେଲା ସମସ୍ତ ସ୍ନାତକ ଛାତ୍ରଙ୍କୁ ସହଜରେ ସେମାନଙ୍କର ଡିଗ୍ରୀ ପାଇବା ପାଇଁ ଏକ ଡିଜିଲକର ସୁବିଧା ମଧ୍ୟ ପ୍ରଦାନ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଏନଆଇଟି ର ରେଜିଷ୍ଟାର ପ୍ରଫେସର ରୋହନ ଧିମାନ, ଡିନ ଏଚ.ବି ସାହୁ ଓ ଅନ୍ୟ ଡିନ ସମୂହ ଏବଂ ପ୍ରଫେସର ବୃନ୍ଦ, ଲୋକସମ୍ପର୍କ ଅଧିକାରୀ ଅର୍ଚ୍ଚନା ଗୁପ୍ତା, ଅନ୍ୟାନ୍ୟ ଅଧିକାରୀ, ଷ୍ଟାଫ, ଛାତ୍ର ଛାତ୍ରୀ ଓ ସେମାନଙ୍କ ଅଭିଭାବକ ପ୍ରମୁଖ ଉପସ୍ଥିତ ଥିଲେ ।

# ଅନ୍ତର୍ଜାତୀୟ ଯୋଗ ଦିବସ

## ଭବାନୀପାଟଣା

ଭବାନୀପାଟଣା, (ହି.ସ.): କଳାହାଣ୍ଡି ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଯୋଗ ଦିବସ ପାଳନ ଅବସରରେ ଆଜି ଜିଲ୍ଲା ସଦର ମହକୁମା ଭବାନୀପାଟଣା ସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ଠାରେ ସାମୁହିକ ଯୋଗଭ୍ୟାସରେ ଜିଲ୍ଲାପାଳ କଳାହାଣ୍ଡି ପାୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢୀ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ (ପ୍ରୋବେସନ୍) ଅନିମେଷ ପ୍ରଧାନ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାଏକ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ଜୟଶଙ୍କର ନାଏକ, ବି.ଜେ.ପି. ଜିଲ୍ଲା ସଭାପତି ଯୁଗଳ କିଶୋର ପୋଢ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ତହସିଲଦାର କଳାହାଣ୍ଡି ଶୁଭସ୍ମିତା ମିଶ୍ର, ଜିଲ୍ଲା କ୍ରିଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ନିର୍ବାହୀ ଅଧିକାରୀ ପୌରପାଳିକା ପ୍ରତୀକ ରଥ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତ ଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ, ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତା, ଶିକ୍ଷା ଅନୁଷ୍ଠାନର ଛାତ୍ରଛାତ୍ରୀ, ସହରର ବୁଦ୍ଧିଜୀବୀ, ଗଣମଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗ ଶିବିରରେ ଯୋଗ ଦେଇଥିଲେ । ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ଯୋଗ ଗୁରୁ ଡା. ନିହାରେନ୍ଦ୍ର ପଣ୍ଡା ସମସ୍ତଙ୍କୁ ଯୋଗ ଶିକ୍ଷା ଦେଇଥିଲେ ଏବଂ ଶାରୀରିକ, ମାନସିକ ଏବଂ ଆଧ୍ୟାତ୍ମିକ ସୁସ୍ଥତା ପାଇଁ ଯୋଗର ଉପକାରିତା ବିଷୟରେ ସାମୁହିକ ଶପଥ ପାଠ କରାଇଥିଲେ । ଏହି ଶିବିରରେ ଦୈନନ୍ଦିନ ଜୀବନରେ ନିଜକୁ ସୁସ୍ଥ ଓ ସବଳ ରଖିବାକୁ ହେଲେ ସମସ୍ତେ ଯୋଗଭ୍ୟାସ କରି ସୁସ୍ଥ ରହିବା ସହିତ ଦୀର୍ଘାୟୁ ହେବା ପାଇଁ ଜିଲ୍ଲାପାଳ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ ।

## ଜୟପୁର

ଜୟପୁର, (ହି.ସ.): ସାରସ୍ୱତ ବାଲ ମନ୍ଦିର ଏବଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇକସାହିର ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକମାନଙ୍କୁ ନେଇ ସିଆରସିସି ବିଜୟଲକ୍ଷ୍ମୀ ସ୍ୱାଇଁଙ୍କର ତତ୍ତ୍ୱାବଧାନରେ ଏକାଦଶ ଆନ୍ତର୍ଜାତିକ ଯୋଗ ଶିବିର ଆୟୋଜିତ ହୋଇସାରିଛି । ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ୟୁଟ୍ୟୁବରୁ ମାନ୍ୟବର ପ୍ରଧନମନ୍ତ୍ରୀଙ୍କ ଲାଇଭ କାର୍ଯ୍ୟକ୍ରମରେ ସମସ୍ତେ ଅଂଶଗ୍ରହଣ କରିଥିଲେ । ପରେ ଜନ ସଚେତନତା ସୃଷ୍ଟିପାଇଁ ଯୋଗର ଉଦ୍ଦେଶ୍ୟରେ ସୁନ୍ଦର ସୁନ୍ଦର ସ୍ଲୋଗାନ ଦ୍ୱାରା ପାଇକ ସାହିରେ ଉପସ୍ଥିତ ସମସ୍ତଙ୍କୁ ନେଇ ଏକ ରାଲି ଅନୁଷ୍ଠିତ ହୋଇଥିଲା । ପରେ ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ସିବା ମହିଳା ବିଭାଗର ସଦସ୍ୟାଙ୍କ ଉପସ୍ଥିତିରେ ସାରସ୍ୱତ ବାଲମନ୍ଦିର ପ୍ରାଙ୍ଗଣରେ ଯୋଗ ଦିବସ ପାଳନର ଉଦ୍ଦେଶ୍ୟ ଏବଂ ଏଥିରେ ପିଲାମାନଙ୍କର ଭୂମିକା ବିଷୟରେ ସିଆରସିସି ଅଭିଭାଷଣ ପ୍ରଦାନ କରିଥିଲେ । ପରିଶେଷରେ ମହାଶୟା ସାମୁହିକ ଆସନ, ବ୍ୟାୟାମ, ପ୍ରାଣାୟାମ କରାଇଥିଲେ । ସାରସ୍ୱତ ବାଲ ମନ୍ଦିରର ଅଧ୍ୟକ୍ଷା ରିତାଲି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।


## ବଲାଙ୍ଗିର

ବଲାଙ୍ଗିର : ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ଆଜି ୧୧ତମ ଅନ୍ତର୍ଜାତୀୟ ଯୋଗଦିବସ ପରିପାଳିତ ହୋଇଯାଇଛି ଓ ଜାତୀୟ ସେବା ଯୋଜନା ତଥା ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଅଧ୍ୟକ୍ଷ ଡଃ. ଅରବିନ୍ଦ କୁମାର ଓଝା ଓ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ, ବଲାଙ୍ଗିରର ସ୍ୱାସ୍ଥ୍ୟବୃତ ଓ ଯୋଗ ବିଭାଗର ବିଭାଗୀୟ ମୁଖ୍ୟ ଡଃ. ସ୍ନେହଲତା ପ୍ରଧାନ, ବଲାଙ୍ଗିର ଏନସିସି ବାଟାଲିୟନର ସୁବେଦାର ବିନୋଦ କୁମାର ଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଏନଏସଏସ ର ପ୍ରୋଗ୍ରାମ ଅଫିସର ଡଃ. ମିନତୀ ଦେବତା । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅଧ୍ୟାପକ ଅଜିତ କୁମାର ପଣ୍ଡା ଏବଂ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଏନସିସି ର ଅଫିସର ନିବେଦିତା ପଟେଲ ଓ ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ ରତିକାନ୍ତ ନାଏକ, ସୌମ୍ୟାଶ୍ରୀ ସାହୁ, ଅଞ୍ଜଳି ଶୁକ୍ଲା ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ ଓ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ତଥା ସରକାରୀ ବାଳିକା ବିଦ୍ୟାଳୟର ଏନସିସି ଛାତ୍ରୀମାନେ ଏବଂ ସମର ଶିକ୍ଷାର୍ଥୀ ବାହିନୀ ଦ୍ୱିତୀୟ (ଓଡିଶା) ବାଟାଲିୟନ ବଲାଙ୍ଗିରର ଅଧିକାରୀ ତଥା କାର୍ଯ୍ୟକର୍ତାମାନେ ଯୋଗ ଦେଇଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଖୋଲିଲା ଯୁକ୍ତ ଦୁଇ ବିଜ୍ଞାନ ଓ ବାଣିଜ୍ୟ ପାଠ୍ୟକ୍ରମ

କେନ୍ଦୁଝର, (ହି.ସ.) - କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥିତ ଜେଲରୋଡରେ ଥିବା କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଚଳିତ ଶିକ୍ଷାବର୍ଷଠାରୁ ବିଜ୍ଞାନ ଓ ବାଣିଜ୍ୟ ପାଠ୍ୟକ୍ରମ ଯୁକ୍ତ ୨ଶ୍ରେଣୀ ଖୋଲିଛି । ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ବିଶେଷ ସଫଳତା ହାସଲ କରିଥିବା ଏହି କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଶିକ୍ଷା ବିକାଶ ସମିତି ଦ୍ୱାରା ପରିଚାଳିତ ହେଉ ଥିବାବେଳେ ଏହି ନୂତନ ଶ୍ରେଣୀ ଖୋଲିବା ଓ ପାଠ୍ୟକ୍ରମ ପାଇଁ ସମସ୍ତ ଅଭିଭାବକ ଓ ପରିଚାଳନା ସମିତି ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ,ବିଦ୍ୟାଳୟ ଓ ଗଣ ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ ଓ ଓଡିଶା ଶିକ୍ଷା ବିକାଶ ସମିତିର ପଦାଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ଶିକ୍ଷା ବିଭାଗର ବିଜ୍ଞପ୍ତି ଅନୁସାରେ ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ + ୨ ବିଜ୍ଞାନ ଓ ବାଣିଜ୍ୟରେ ଛାତ୍ରଛାତ୍ରୀମାନେ ନୂତନ ଭାବରେ ନାମ ଲେଖାଇବେ । ପ୍ରତ୍ୟେକ ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ୧୨୮ଟି ସ୍ଥାନ ଦିଆଯାଇଛି । ଏହି ମାନ୍ୟତା ପ୍ରାପ୍ତ ହୋଇଥିବାରୁ ବିଦ୍ୟାଳୟର ଛାତ୍ରଛାତ୍ରୀ, ଗୁରୁଜୀଗୁରୁମା, ପରିଚାଳନା ସମିତି ଓ ଅଭିଭାବକଅଭିଭାବିକାମାନେ ଆନନ୍ଦ ପ୍ରକଟ କରିଛନ୍ତି ।

# ରିଆମାଳ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ କମିଟିର ସଭାପତି ଓ ସମ୍ପାଦକ ମନୋନିତ





ଦେବଗଡ଼, (ପିପିଏସ୍): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ସଦର ମହକୁମାରେ ଏ ବର୍ଷ ଧୁମ୍‌ଧାମରେ ରଥଯାତ୍ରା ପାଳନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି । ଉକ୍ତ ବୈଠକରେ ରଥଯାତ୍ରା କମିଟିର ନୂତନ ସଭାପତି ଭାବେ ପ୍ରକାଶ ବିଶ୍ୱାଳ ଓ ସମ୍ପାଦକ ଭାବେ ତୀର୍ଥବାସୀ ବିଶ୍ୱାଳଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି । ଏ ବର୍ଷର ରଥଯାତ୍ରାକୁ ସୁରୁଖୁରରେ ସମାପନ କରିବାରେ ପୋଲିସ ପ୍ରଶାସନର ମୁଖ୍ୟ ଭୂମିକା ରହିବ । ତେଣୁ କମିଟି ତରଫରୁ ପୋଲିସ ପ୍ରଶାସନକୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଅନୁରୋଧ କରାଯାଇଛି । ରିଆମାଳ ତଥା ଆଖପାଖ ଅଞ୍ଚଳର ଜଗନ୍ନାଥ ଭକ୍ତ ମାନେ ଭକ୍ତିପୂର୍ଣ୍ଣ ସହଯୋଗ କରିବେ ବୋଲି କମିଟି ତରଫରୁ ଆହ୍ୱାନ ଦିଆଯାଇଛି । ଉକ୍ତ ବୈଠକରେ ଆଡ୍‌ଭୋକେଟ୍ ପ୍ରମୋଦ ନନ୍ଦ, ଶିକ୍ଷାବିତ୍ ରମାକାନ୍ତ ପ୍ରଧାନ, ହରିଶ୍ଚନ୍ଦ୍ର ବିଶ୍ୱାଳ, ସାମ୍ବାଦିକ ରାକେଶ କୁମାର ଦାଶ, ପୂର୍ଣ୍ଣଚନ୍ଦ୍ର ଦାଶ, ସତ୍ୟପୀର ଦାଶ, ଅଧ୍ୟାପକ ଗୋଲବଦନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

# ୩୦ରୁ ଅଗ୍ନିପଥ ସ୍କିମ୍ ଓ ନିୟମିତ କ୍ୟାଡର ଅନ୍‌ଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା

ବଲାଙ୍ଗିର: ଅଗ୍ନିପଥ ସ୍କିମ୍ ଏବଂ ନିୟମିତ କ୍ୟାଡର ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ୩୦ ଜୁନ୍ ୨୦୨୫ ରୁ ୧୦ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ଭାରତୀୟ ସେନାରେ ନିଯୁକ୍ତି ବର୍ଷ ୨୦୨୫-୨୬ ପାଇଁ ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ । କୋଲକାତାର ନିଯୁକ୍ତି କ୍ଷେତ୍ରର ପରୀକ୍ଷା ସିକିମ୍, ପଶ୍ଚିମବଙ୍ଗ ଏବଂ ଓଡ଼ିଶା ରାଜ୍ୟର ୧୮ଟି ସହରର ୨୨ଟି କେନ୍ଦ୍ରରେ ଅନୁଷ୍ଠିତ ହେବ । ପଶ୍ଚିମ ଓଡ଼ିଶାର ପରୀକ୍ଷା ଢେଙ୍କାନାଳର ଆଇଅନ ଡିଜିଟାଲ ଜୋନ ବନମାଳୀପ୍ରସାଦ, ରାଉରକେଲାର ଆଇଅନ ଡିଜିଟାଲ ଜୋନ ସେକ୍ଟର ୪, ସମ୍ବଲପୁର ଆଇଅନ ଡିଜିଟାଲ ଜୋନ ମାଝିପାଲିରେ ଅନୁଷ୍ଠିତ ହେବ । ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିବା ପାଇଁ ପଞ୍ଜିକରଣ ୱିଣ୍ଡୋ ୨୫ ଏପ୍ରିଲ ୨୦୨୫ ରୁ ଶେଷ ହୋଇଯାଇଛି । ପ୍ରାର୍ଥୀମାନେ ଅଫିସିଆଲ ୱେବସାଇଟରୁ ସେମାନଙ୍କର ଆଡମିଟ୍ କାର୍ଡ ଯାଂଚ୍ ଏବଂ ଡାଉନଲୋଡ୍ କରିପାରିବେ । ସଫଳତାର ସହ ପଞ୍ଜୀକୃତ ପ୍ରାର୍ଥୀ ଯେଉଁମାନେ ସେମାନଙ୍କର ଆଡମିଟ୍ କାର୍ଡ ପାଇ ନାହାଁନ୍ତି, ସେମାନେ ସେମାନଙ୍କ ସମ୍ପୃକ୍ତ ସେନା ନିଯୁକ୍ତି କାର୍ଯ୍ୟାଳୟକୁ ଯୋଗାଯୋଗ କରିପାରିବେ । କମ୍ପ୍ୟୁଟର ଆଧାରିତ ଅନଲାଇନ୍ ପରୀକ୍ଷା ବୁଝିବା ଏବଂ ଅଭ୍ୟାସ କରିବା ପାଇଁ ପ୍ରାର୍ଥୀମାନଙ୍କୁ ୱେବସାଇଟ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଇଛି । ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ପରେ, ଚୟନିତ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ରାଲି ବିଷୟରେ ସୂଚିତ କରାଯିବ । ପ୍ରାର୍ଥୀମାନଙ୍କୁ କୌଣସି ଦଲାଲଙ୍କ ଶିକାର ନ ହେବାକୁ ପରାମର୍ଶ ଦିଆଯାଇଛି । ଯେକୌଣସି ପ୍ରଶ୍ନ ପାଇଁ ପ୍ରାର୍ଥୀମାନେ ସେମାନଙ୍କ ନିକଟସ୍ଥ ନିଯୁକ୍ତି କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବା ଉଚିତ ବୋଲି କୁହାଯାଇଛି ।

# ଧରଣୀଧର ବିଶ୍ୱବିଦ୍ୟାଳୟରେ ଯୋଗ ଦିବସ

କେନ୍ଦୁଝର, (ହି.ସ.)- ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ପତଞ୍ଜଳି ଯୋଗ ସଂସ୍ଥାନ କେନ୍ଦୁଝର ୱାଇଆରସି, ଏନସିସି ଏବଂ ରାଷ୍ଟ୍ରୀୟ ସେବା ଯୋଜନାର ମିଳିତ ସହଯୋଗରେ ଏକ ବିଶାଳ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଧରଣୀଧର ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା , କର୍ମଚାରୀ, ୧୫୦ ଛାତ୍ରଛାତ୍ରୀ ଯୋଗ ଦେଇ ଥିଲେ । ଏହି କାର୍ଯକ୍ରମ ରେ ମୁଖ୍ୟ ଅତିଥି ଭାବରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟର ଶଶିକାନ୍ତ ଜେନା ଡଃ. ଶଶିକାନ୍ତ ଜେନା ଯୋଗ ଦେଇ ଥିଲେ । ସେ ଯୋଗର ମହତ୍ୱ ଓ ସୁନ୍ଦର ସ୍ୱସ୍ଥ ଜୀବନ ପାଇଁ ଯୋଗ ର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଡଃ. ଜ୍ୟୋତିର୍ମୟ ମହାପାତ୍ର ବିତୀୟ ଅଧିକାରୀ ଧରଣୀଧର ବିଶ୍ୱବିଦ୍ୟାଳୟ ଓ କର୍ଣ୍ଣଲ ଜୟନ୍ତ ମୋହନ ଯୋଶୀ ୧୪ ବାଟାଲିୟନ ଅଧିକାରୀ ଯୋଗଦେଇ ଥିଲେ । ପତଞ୍ଜଳୀ ଯୋଗ ସଂସ୍ଥାନ ତରଫରୁ ମୁଖ୍ୟ ବକ୍ତା ଭାବରେ ଶ୍ରୀ ମାଗୁଣି ଚରଣ ବାରିକ ଜିଲ୍ଲା ପ୍ରଭାରୀ ପତଞ୍ଜଳୀ ଯୋଗ ସମିତି କେଉଁଝର ଓ ଉମ୍ବରୁଧର ମହାନ୍ତ ଜିଲ୍ଲା ପ୍ରଭାରୀ ଭାରତ ସ୍ୱାଭିମାନ କେନ୍ଦୁଝର ଶାଖା ବିଭିନ୍ନ ଯୋଗ ଓ ପ୍ରାଣାୟାମ ଛାତ୍ର ଛାତ୍ରୀ ମାନଙ୍କୁ ଶିଖାଇ ଥିଲେ ଏବଂ ଯୋଗର ମହତ୍ୱ ବିଷୟରେ ଶିକ୍ଷଣୀୟ ତଥ୍ୟ ଦେଇ ଥିଲେ । ଏହି କାର୍ଯକ୍ରମକୁ ବିଶ୍ୱବିଦ୍ୟାଳୟର ରାଷ୍ଟ୍ରୀୟ ସେବା ଯୋଜନାର ସଂଯୋଜକ ଡଃ. ସରିତା ନାୟକ ସଭା ପରିଚାଳନା କରିଥିଲେ । ୱାଇଆରସି ର ଅଧ୍ୟାପକ ଶୁକଦେବ ତିରିଆ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ କୁ ରାଷ୍ଟ୍ରୀୟ ସେବା ଯୋଜନାର କାର୍ଯକ୍ରମ ଅଧିକାରୀ ଦିନେଶ ମହାରଣା , ଏନସିସି ଅଧିକାରୀ ସଲମା କିସ୍କୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# କୁତ୍ରାରେ ସର୍ବାଧିକ ୨୨.୬ ମି.ମି. ବର୍ଷା ରେକର୍ଡ

ସୁନ୍ଦରଗଡ : ଗତ ୨୪ ଘଂଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ରେକର୍ଡ଼ ହୋଇଛି । ସୁନ୍ଦରଗଡ଼ ଜିଲ୍ଲାର କୁତ୍ରାରେ ସର୍ବାଧିକ ୨୨.୬ ମି.ମି. ବର୍ଷା ରେକର୍ଡ଼ ହୋଇଛି । ସେହିପରି ସୁନ୍ଦରଗଡ଼ ଜିଲ୍ଲାର ମନ୍ଦିରାଡ୍ୟାମ୍ ରେ ୧୧.୨ ମି.ମି., ବାଲିଶଙ୍କରାରେ ୭.୪ ମି.ମି., ରାୟଗଡ଼ା ଜିଲ୍ଲାର ଚନ୍ଦ୍ରପୁରରେ ୭.୨ ମି.ମି., ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁରରେ ୭.୦ ମି.ମି., ଲହୁଣିପଡ଼ାରେ ୭.୦ ମି.ମି., କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡାରେ ୭.୦ ମି.ମି., ବରଗଡ଼ ଜିଲ୍ଲାର ଝାରବନ୍ଧରେ ୬.୦ ମି.ମି., ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁରରେ ୬.୦ ମି.ମି., ସୋନପୁର ଜିଲ୍ଲାର ସୋନପୁରରେ ୫.୪ ମି.ମି., ସୁନ୍ଦରଗଡ଼ ଜିଲ୍ଲାର ଟାଙ୍ଗରପାଲିରେ ୫.୨ ମି.ମି ବର୍ଷା ରେକର୍ଡ଼ ହୋଇଛି ।

# ରକ୍ତଦାନ ଅଭିଯାନ

ମାଲକାନଗିର : ଓଡ଼ିଆ ପକ୍ଷ-୨୦୨୫ ପାଳନର ଅଷ୍ଟମ ଦିବସରେ ଉଚ୍ଚ ଶିକ୍ଷା ବିଭାଗ, ସାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥା ରେଡ଼କ୍ରସ ତରଫରୁ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଏଫଏଲସି ହଲ ଠାରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଉପସ୍ଥିତ ରହି ଏହି ମହତ, କାର୍ଯ୍ୟକୁ ସଫଳ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ସେ ଏହି ଅବସରରେ କହିଥିଲେ ଯେ ରକ୍ତଦାନ ଜୀବନ ଦାନ । ରକ୍ତ ବିନା ମଣିଷ ବଂଚିପାରିବ ନାହିଁ । ସେଥିପାଇଁ ସ୍ୱେଚ୍ଛାକୃତ ରକ୍ତଦାନର ଆବଶ୍ୟକତା ରହିଛି । ଜଣେ ସୁସ୍ଥ ବ୍ୟକ୍ତି ରକ୍ତଦାନ କଲେ ସେହି ରକ୍ତ ଅନ୍ୟ ଜଣେ ବ୍ୟବହାର କରି ବଂଚି ପାରିବ । ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ଏକ ମହାନ୍ କାର୍ଯ୍ୟରେ ସାମିଲ ହୋଇ ରକ୍ତଦାନ ଆନ୍ଦୋଳନକୁ ସଫଳ କରିଥିବାରୁ ସମସ୍ତଙ୍କୁ ଜିଲ୍ଲାପାଳ ଶୁଭେଚ୍ଛା ଜଣାଇଛନ୍ତି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ,ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଅଶୋକ ଚକ୍ରବର୍ତ୍ତୀ ଓ ଡେପୁଟି କଲେକ୍ଟର ଉମା ପ୍ରସାଦ ଦାସ ଉପସ୍ଥିତ ଥିଲେ । ରକ୍ତ ଭଣ୍ଡାର ତରଫରୁ ଡ଼ା. ସାଗର କୁମାର ବାଲା, ଲ୍ୟାବ ଟେକ୍ନିସିଆନ ସୁଜନ କୁମାର ରୟ, ନର୍ସିଂ ଅଫିସର ଏନ ସୁବର୍ଣ୍ଣାଙ୍କ ସମେତ ସେବିକା ମାନେ ଉପସ୍ଥିତ ଥିଲେ । ମାଲକାନଗିରି ମହାବିଦ୍ୟାଳୟ, ମଡେଲ ଡିଗ୍ରୀ କଲେଜ, ଆଇଟିଆଇର ଛାତ୍ରଛାତ୍ରୀ, ଅଧ୍ୟାପକଙ୍କ ସମେତ ପୋଲିସ, ବିଏସଏଫ ଓ ସରକାରୀ କର୍ମଚାରୀ ଆଜିର ଶିବିରରେ ରକ୍ତଦାନ କରିଛନ୍ତି ।

# ବାସନ୍ତୀ ପାଠାଗାର ତରଫରୁ ଅନ୍ତର୍ଜାତୀୟ ଯୋଗ ଦିବସ
# 'ଯୋଗ ଦ୍ୱାରା ସୁସ୍ଥ ସମାଜ ଗଠନ ସମ୍ଭବ'




ରାଉରକେଲା(ପିପିଏସ୍) : ସହରର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ବାସନ୍ତୀ ପାଠାଗାର, ଲାୟନ୍ସ କ୍ଲବ ରାଉରକେଲା ଛେଣ୍ଡ ଓ ଲାୟନ୍ସ କ୍ଲବ ରାଉରକେଲା ସ୍ମାର୍ଟ ସିଟିର ମିଳିତ ଆନୁକୂଲ୍ୟରେ ପାଠାଗାର ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ପାଠାଗାରର ସଭାପତି ପ୍ରସନ୍ନ କୁମାର ସାବତଙ୍କ ସଭାପତିତ୍ୱ ଓ ସାଧାରଣ ସମ୍ପାଦକ ତଥା ଯୋଗ ଗୁରୁ ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜର୍ଣ୍ଣାଲିଷ୍ଟ ଆସୋସିଏସନ୍‌ର ଉପସଭାପତି ତଥା କବି କୁଞ୍ଜବିହାରୀ ରାଉତ, ଲାୟନ୍ସ କ୍ଲବ ୨ର ଉପସଭାପତି ଗଭର୍ଣ୍ଣର ଦୁର୍ଗେଶନନ୍ଦିନୀ ବିଶ୍ୱାଳ, ଜୋନ୍ ଅଧ୍ୟକ୍ଷ ଲାୟନ ସରୋଜ ପାତ୍ର,ଲାୟନ ଲଲାଟେନ୍ଦୁ ଚୌଧୁରୀ, ଲାୟନ ସୂର୍ଯ୍ୟମଣି ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଯୋଗ ଦିବସ ପାଳନ ର ଆବଶ୍ୟକତା ଓ ଯୋଗ ଦ୍ୱାରା କିପରି ଏକ ସୁସ୍ଥ ସମାଜ ଗଠନ ସହ ଭାଇଚାରା,ସୌହାର୍ଦ୍ଦପୂର୍ଣ୍ଣ ବାତାବରଣ ସୃଷ୍ଟି ତଥା ଶାରିରୀକ, ମାନସିକ ସୁସ୍ଥତା ସମ୍ପର୍କରେ ଆଲୋଚନା କରିଥିଲେ । ମନ ଓ ମସ୍ତିଷ୍କର ମିଳନ କେବଳ ଯୋଗ ଦ୍ୱାରା ସମ୍ଭବ ବୋଲି ମତ ପ୍ରକାଶ ପାଇଥିଲା । ଏହି କାର୍ଯ୍ୟକ୍ରମରେ ଯୋଗଗୁରୁ ଶ୍ରୀ ଆଚାର୍ଯ୍ୟ, କବିତା ଦାଶ ଓ ରବିନ୍ଦ୍ର ଠାକୁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୋଗାଭ୍ୟାସ କରାଯାଇଥିଲା । ଯୋଗ ମଧ୍ୟରେ ଜ୍ଞାନ ମୁଦ୍ରା, ବାୟୁ ମୁଦ୍ରା,କପାଳ ଭାରତୀ,ଓଲମ ବିଲମ, ପ୍ରାଣାୟମ, ସୁଖାସନ, ସିଦ୍ଧାସନ, ପଦ୍ମାସନ,ବଜ୍ରାସନ, ଦଣ୍ଡାସନ, ଶୀତଳି ପ୍ରାଣାୟାମ,ଭ୍ରମରି ପ୍ରାଣାୟମ, ମୂର୍ଚ୍ଛା ପ୍ରାଣାୟମ, ହାସ୍ୟାସନ, ଧ୍ୟାନମୁଦ୍ରା, ତାଡାସନ,ବୃକ୍ଷାସନ, ଅର୍ଦ୍ଧ ଚକ୍ରାସନ, ଭଦ୍ରାସନ ବକ୍ରାସନ ପ୍ରମୁଖ ଆସନ କରାଯାଇଥିଲା । ଏହି ଅବସରରେ ସଦସ୍ୟ ବିଷ୍ଣୁଚରଣ ସାହୁ ଙ୍କ ଜନ୍ମଦିନ ଥିବାରୁ ତାଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ଶୁଭେଚ୍ଛା ଜଣାଇବା ପରେ ସମସ୍ତଙ୍କ ମଧ୍ୟରେ କେକ୍ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସୁଭାଷିନୀ ସାହୁ, ପ୍ରିୟା ପାତ୍ର, ସଂଯୁକ୍ତା ପାତ୍ର, ସଂଗୀତା ପାତ୍ର, ଡ଼ଃ ଶକ୍ତିପ୍ରସାଦ ସାମନ୍ତରାୟ,ବିଭୁଦତ୍ତ ବେହେରା, ବିଦ୍ୟୁତପ୍ରଭା ସାବତ,ଅଜୟ ପ୍ରଧାନ, ମନୋରଞ୍ଜନ ମିଶ୍ର, ଗଦାଧର ରଥ,କମଳା ଆଚାର୍ଯ୍ୟ, ଗୀତାଞ୍ଜଳି ମହାରଣା, ନିରୁପମା ଚାନ୍ଦ, ସ୍ୱର୍ଣ୍ଣଲତା ଘଡେଇ, ସସ୍ମିତା ମହାନ୍ତି, ସୌଦାମିନୀ ମିଶ୍ର, ରୁକ୍ମିଣୀ ଅଗ୍ରୱାଲ, ରୀନା ପାତ୍ର, ସୁନିତା ସ୍ୱାଇଁ, ସସ୍ମିତା ଭଞ୍ଜଦେଓ ପ୍ରମୁଖଙ୍କ ସମେତ ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ । ଶେଷରେ କବିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

ପ୍ରତ୍ୟେକ କାର୍ଯ୍ୟ ଓ ଆଚରଣର ସୀମା ଅଛି । ସୀମାତୀତ ହେଲେ ଭଲ ମଧ୍ୟ ମନ୍ଦ ହୋଇଯାଇପାରେ । ଅତିଦାନ କରି ବଳି ମଧ୍ୟ ପାତାଳକୁ ଗଲା ।

-ଡକ୍ଟର ହରେକୃଷ୍ଣ ମହତାବ
(ଗାଁ ମଜଲିସ୍, ୫ମ ଖଣ୍ଡ, ପୃଷ୍ଠା-୧୦୦)

ପ୍ରଜାତନ୍ତ୍ର

ତା ୨୩।୬।୨୦୨୫ ■ ସୋମବାର

# ଆଶଙ୍କାରେ ବିମାନଯାତ୍ରୀ

ଅହମ୍ମଦାବାଦରେ ହୃଦୟବିଦାରକ ଓ ଭାରତ ସମେତ ବିଶ୍ୱକୁ ଚିନ୍ତି କରିଦେଇଥିବା ବିମାନ ଦୁର୍ଘଟଣା ପରେ ଏୟାର ଇଣ୍ଡିଅର ଉଡ଼ାଣରେ ଯେପ୍ରକାର ବୈଷୟିକ ତ୍ରୁଟି, ଧମକ ସମେତ ଅନ୍ୟ କେତେକ କାରଣରୁ ଲଗାତାର ଉଡ଼ାଣ ରଦ୍ଦ, ବାଧାପ୍ରାପ୍ତ କି ବିଳମ୍ବର ଶିକାର ହୋଇଚାଲିଛି, ତାହା ଅତ୍ୟନ୍ତ ଗୁରୁତର ବିଷୟ । ଏହା ଢେର ଅଧିକ, କାରଣ ଏଥିରେ କେତେକ ଏପରି ଉଡ଼ାଣ ମଧ୍ୟ ବୋଇଙ୍ଗ କମ୍ପାନୀର ସେ ଡ୍ରିମଲାଇନର ବିମାନ ବି ଅଛି, ଯାହା ଅହମ୍ମଦାବାଦରେ ଦୁର୍ଘଟଣାର ଶିକାର ହୋଇଥିଲା ଓ ଯହସିଁରେ ୨୬୦ରୁ ଅଧିକ ଲୋକଙ୍କର ପ୍ରାଣହାନୀ ଘଟିଥିଲା । ଗତ ମଙ୍ଗଳବାର ଓ ବୁଧବାର ଦିନ ଏୟାର ଇଣ୍ଡିଆର ବିମାନ କମ୍ପାନୀର କେତେକ ଆନ୍ତର୍ଜାତିକ ଉଡ଼ାଣ ସ୍ଥଗିତ କି ବାତିଲ କରିଦିଆଯାଇଥିଲା । ଏହାଫଳରେ ଏୟାର ଇଣ୍ଡିଆର ଅସୁବିଧା ଆହୁରି ବଢ଼ିଯାଇଥିଲା । ତା'ସହିତ ବିମାନଯାତ୍ରୀମାନଙ୍କୁ ଅନ୍ୟ ଅନେକ ଅସୁବିଧା ମଧ୍ୟ ଭୋଗିବାକୁ ପଡ଼ିଲା । ସେ କାରଣରୁ ବିମାନଯାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଲେ । ଅନ୍ୟ ଏୟାର ଲାଇନ୍ସ ମାନେ ମଧ୍ୟ ଚାପଗ୍ରସ୍ତ ହେଲେ । ଏ ସମସ୍ୟା ସହ ଡିଜିସିଏ ଉପରେ ଚାପ ବୃଦ୍ଧି ପାଉଛି ।

ବିମାନଯାତ୍ରାର ନିୟାମକ ଏଜେନ୍ସୀମାନଙ୍କୁ ମଧ୍ୟ ଧ୍ୟାନ ଦେବାକୁ ହେବ, କାରଣ ଏବେ ବିମାନ ଯାତ୍ରା କରିବା ଲୋକଙ୍କ ପକ୍ଷେ ଆଉ ବିଳାସପୂର୍ଣ୍ଣ ହୋଇ ରହିନାହିଁ, ଆବଶ୍ୟକତା ହୋଇଯାଇଛି । ତେଣୁ ବିମାନଯାତ୍ରୀମାନଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ିଛି ଓ କୁହାଯାଉଛି ଯେ ଏବେ ଚପଲ ପିନ୍ଧୁଥିବା ଲୋକ ମଧ୍ୟ ବିମାନରେ ଯାତ୍ରା କରିପାରିବ । ବିମାନ ଯାତ୍ରାକୁ ସୁଗମ କରିବା ପାଇଁ ସରକାର ସବୁପ୍ରକାରେ ବ୍ୟବସ୍ଥା ଗ୍ରହଣ କରିଛନ୍ତି । ତେବେ ଲଗାତାର ଏପ୍ରକାର ବିମାନ ଦୁର୍ଘଟଣା ହେବା, ବିଶେଷକରି ଭାରତରେ ଆନ୍ତର୍ଜାତିକ ବିମାନରେ ତ୍ରୁଟି ପରିଲକ୍ଷିତ ହେବା ପରିତାପର ବିଷୟ । ତେବେ ଅହମ୍ମଦାବାଦ ଦୁର୍ଘଟଣା ଓ ତାହାର ଡ୍ରିମଲାଇନର ବିମାନର ଉଡ଼ାଣକୁ ମଧ୍ୟ ରଦ୍ଦ ବା ସ୍ଥଗିତ ହେବା ଫଳରେ ବୋଇଙ୍ଗ କମ୍ପାନୀର ଏ ବିମାନ ସୁରକ୍ଷିତ କି ନୁହେଁ ସେ ନେଇ ଯାତ୍ରୀଙ୍କ ମନରେ ସନ୍ଦେହର ବାଦଲ ଢାଙ୍କି ହୋଇଯାଇଛି । ଏ ବାଦଲ କେବଳ ଏ ଦେଶରେ ନୁହେଁ, ବିଦେଶରେ ମଧ୍ୟ ଆଚ୍ଛାଦିତ ହୋଇଯାଇଛି । ତେଣୁ ଏୟାର ଇଣ୍ଡିଆ ସମେତ ଅନ୍ୟ ଏୟାର ଲାଇନ୍ସର ଡ୍ରିମଲାଇନରକୁ ଉପକରଣ ଜାରି ରଖିବା ଉପରେ ବିଚାର କରିବାକୁ ହେବ ।

ବୋଇଙ୍ଗ ବିମାନ ଆଗରୁ ବିବାଦ ଘେରରେ ରହିଆସିଛି । ଭାରତରେ ତାହାର ବ୍ୟାଟେରୀକୁ ନେଇ କେତେକ ସମସ୍ୟା ଅଛି । ଡ୍ରିମଲାଇନର ଉପଯୋଗ ଏୟାର ଇଣ୍ଡିଆ ସହିତ ବିଶ୍ୱର ଅନ୍ୟ ଅନେକ ଦେଶ ମଧ୍ୟ ବିଶ୍ୱସାରା ଉପଭୋଗ କରିଆସୁଛି । ତଥ୍ୟ କହୁଛି ଦେଶବିଦେଶରେ ତୀବ୍ର ବେଗରେ ବିସ୍ତାର କରିଆସୁଥିବା ଏୟାରଇଣ୍ଡିଆ ଡ୍ରିମଲାଇନରର କେତେକ ବିମାନ କ୍ରୟ କରିବାକୁ ଅର୍ଡର ବି ଦିଆଯାଇଛି । ଅନ୍ୟ ଏୟାରଲାଇନ୍ସ ଭଳି ତାହାକୁ ନିଜର ବିସ୍ତାରକୁ ନେଇ ମହତ୍ତ୍ୱାକାଂକ୍ଷୀ ହେବା ଦରକାର । କିନ୍ତୁ ସୁରକ୍ଷା ବିନା କୌଣସି ପ୍ରକାର ବୁଝାମଣା କରାଯିବା ଅନୁଚିତ । ସୁବିଧା ପ୍ରଦାନ କ୍ଷେତ୍ରରେ ମଧ୍ୟ କିଛି ମୂଲ୍ୟବୋଧକୁ ରକ୍ଷା କରିବାକୁ ହେବ । ସୁବିଧା ତୁଳନାରେ ସୁରକ୍ଷିତ ବିମାନଯାତ୍ରାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ହେବ ଓ ଏହାକୁ ସରକାରଙ୍କୁ ମଧ୍ୟ ଦେଖିବାକୁ ହେବ, ଅନ୍ୟଥା ବିମାନ ଯାତ୍ରା ପ୍ରତି ଲୋକଙ୍କ ବିଶ୍ୱାସ ତୁଟିଯିବ । ଏ କ୍ଷେତ୍ରରେ ଭାରତ ନିଜର ଉଚ୍ଚତା ବୃଦ୍ଧି କରି ଚାଲିଥିଲେ ମଧ୍ୟ ଅହମ୍ମଦାବାଦ ଦୁର୍ଘଟଣା ଭାରତର ଛବିକୁ ଧୂମିଳ କରିଦେଇଛି । ତେଣୁ କେବଳ ଡ୍ରିମଲାଇନର ନୁହେଁ ସରକାର ସବୁ ବିମାନଗୁଡ଼ିକର ଯାଞ୍ଚ କରିବା ଦରକାର । ❒❒

# ସଂପର୍କ ଓ ମୋହ

ମହାଭାରତ ଯୁଦ୍ଧରେ କୌରବମାନେ ଯୁଦ୍ଧର ନିୟମ ଭଙ୍ଗ କରି ଅଭିମନ୍ୟୁଙ୍କୁ ଚାରିପଟୁ ଘେରି ମାରି ପକାଇଲେ। ଏ ଦୁଃସମ୍ବାଦରେ ସମସ୍ତ ପାଣ୍ଡବ ବାହିନୀ ଦୁଃଖରେ ଭାଙ୍ଗି ପଡ଼ିଲେ। ଅର୍ଜୁନ ଧନୁ ଫିଙ୍ଗିଦେଇ ଆଉ ଯୁଦ୍ଧ କରିବେ ନାହିଁ ବୋଲି ଅଡ଼ି ବସିଲେ। ପୁତ୍ର ରକ୍ତରେ ରଞ୍ଜିତ ରାଜ୍ୟକୁ ଭୋଗ କରିବାକୁ ସେ ଅନିଚ୍ଛା ପ୍ରକାଶ କଲେ। ଅର୍ଜୁନଙ୍କ ସିଦ୍ଧାନ୍ତ ଥିଲା ଅଟଳ।

ଶ୍ରୀକୃଷ୍ଣ ତାଙ୍କୁ ଅନେକ ବୁଝାଇଲେ। ଏ ଶରୀର ଅନିତ୍ୟ, ମୃତ୍ୟୁ ଅନିବାର୍ଯ୍ୟ। ସଂସାରରେ କେହି କାହାର ନୁହନ୍ତି ବୋଲି ଅନେକ ବୁଝାଇଲେ। ତଥାପି ଅର୍ଜୁନ ନିଜ ଜିଦ୍‌ରୁ ଟଳିଲେ ନାହିଁ। ଅଭିମନ୍ୟୁ ନ ଫେରିଲେ ମୁଁ ଆଉ ଯୁଦ୍ଧ କରିବି ନାହିଁ। ଶ୍ରୀକୃଷ୍ଣ କହିଲେ ତୁମ ସହିତ ମୁଁ ତାର ଭେଟ କରାଇ ଦେଉଛି। ତାକୁ ଆଣି ପାରିବାଟା ତୁମ ଉପରେ ନିର୍ଭର କରେ। ସେ ଅର୍ଜୁନଙ୍କୁ ଲୋକାଲୋକ ପର୍ବତର ଆରପାରିକୁ ନେଇଗଲେ। ସେଠାରେ ପୃଥିବୀ ନଥିଲା କି ସୂର୍ଯ୍ୟ ନ ଥିଲେ। ଚକ୍ର ସୁଦର୍ଶନ ସେଠାରେ ଘୁରୁଥିଲା। ତାରି ଆଲୋକରେ ସେହି ମହାଶୂନ୍ୟ ପ୍ରଦେଶ ଆଲୋକିତ ହେଉଥିଲା। ଅର୍ଜୁନ ଓ ଶ୍ରୀକୃଷ୍ଣ ସୁଦର୍ଶନଙ୍କୁ ଅତିକ୍ରମ କରିଗଲେ। ସେ ଦେଖିଲେ ଆଉ ଗୋଟାଏ ବିରାଟ ଚକ୍ର ସୁଦର୍ଶନ ଚକ୍ର ସହିତ ତାଳ ଦେଇ ଘୁରୁଛି। ସେଇ ଚକ୍ରର ଅରମାନଙ୍କ ଉପରେ କେତେ ଗୁଡ଼ିଏ ପିଲା ଖେଳୁଛନ୍ତି। ପ୍ରଭୁ କହିଲେ ଅର୍ଜୁନ ଏଇ ପିଲା ମାନଙ୍କ ମଧ୍ୟରୁ ତୁମର ଅଭିମନ୍ୟୁକୁ ଚିହ୍ନ ଏବଂ ସାଙ୍ଗରେ ନେଇଯାଅ। ପିଲାଗୁଡ଼ିକ ଏକୁ ଆରେକ ବଳି ସୁନ୍ଦର। ସେମାନେ ନିଜ ନିଜ ରେଖାରେ ସେମାନେ ଦୌଡ଼ୁଥାନ୍ତି। ଅର୍ଜୁନ ଅପଲକ ନୟନରେ ଚାହିଁଥାନ୍ତି, ଏହି ସମୟରେ ଅଭିମନ୍ୟୁ ଦୃଷ୍ଟିପଥାରଢ଼ ହେଲେ। ସେ ଅର୍ଜୁନଙ୍କୁ ନ ଦେଖିଲା ପରି ହସି ହସି ଧାଇଁଗଲେ। ଅର୍ଜୁନ ତାଙ୍କ ପଛରେ ଧାଇଁଲେ। କିନ୍ତୁ ଅଭିମନ୍ୟୁଙ୍କୁ ପାଇଲେ ନାହିଁ। ଅର୍ଜୁନ ଭାବିଲେ ବୋଧହୁଏ ସେ ମୋତେ ଦେଖିପାରିନାହିଁ। ପୁନଃ ଅଭିମନ୍ୟୁଙ୍କୁ ଦେଖି ଅର୍ଜୁନ ତାଙ୍କ ହାତ ଧରି ପକାଇଲେ। ସେ ହାତ ଛଡ଼ାଇ ପଳାଇଗଲେ।

ଅର୍ଜୁନଙ୍କ ମୁହଁ କଳା ପଡ଼ିଗଲା। ପୁଣି ଆସିଲେ ଅଭିମନ୍ୟୁ, ଅର୍ଜୁନ କହିଲେ 'ବାବୁ ଘରକୁ ଚାଲ। ତୋ ବିନା ସବୁ ଅନ୍ଧାର। ଅଭିମନ୍ୟୁ କହିଲେ 'ଯା, ଯା ମୋର ବାପା ହେବାକୁ ଆସିଛି, ତୁ କେତେ ଥର ମୋର ପୁଅ ହୋଇଛୁ ଜାଣିଛୁ? ଶରୀର ଥିବା ଯାଏ ଏ ସମ୍ବନ୍ଧ ଅଛି। ଆତ୍ମାର ସଂସାରରେ ରକ୍ତର ସମ୍ବନ୍ଧ କ୍ଷଣିକ। ମୋ ଖେଳରେ ବାଧା ଦେନା।' ଅଭିମନ୍ୟୁ ଚାଲିଗଲେ। ଅର୍ଜୁନଙ୍କର ମୋହ ଭାଙ୍ଗି ଯାଇଥିଲା। ତାଙ୍କ ଆଖିରେ ନ ଥିଲା ଲୁହ। ଦୀର୍ଘଶ୍ୱାସ ଛାଡ଼ି ସଖା ଶ୍ରୀକୃଷ୍ଣଙ୍କ ମୁହଁକୁ ଚାହିଁଲେ।

ସୌର ଚନ୍ଦ୍ର ମହାପାତ୍ର,
ସିଡିଏ, କଟକ

# ଜି-୭ ବୈଠକ ମଝିରୁ ଫେରିଗଲେ ଟ୍ରମ୍ପ

## ଅସିତ ମହାନ୍ତି

ଏକ ପ୍ରବାଦ ରହିଛି ଯେ ଯଦି ପରିସ୍ଥିତି ଅନୁକୂଳ ନୁହେଁ, ତେବେ ଆପଣ ପତଳା ରାସ୍ତା ଦେଇ ବାହାରିବା ଉଚିତ୍। ସେହିଭଳି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହିତ ମଧ୍ୟ ଏପରି ହୋଇଛି । ବାସ୍ତବରେ, କାନାଡାରେ ଅନୁଷ୍ଠିତ ହୋଇଥିବା ଜି- ୭ର ଗୁରୁତ୍ୱପୂର୍ଣ୍ଣ ବୈଠକ ମଝିରେ ସ୍ୱଦେଶ ଫେରି ଯାଇଥିଲେ । ସେ କାନାଡାର ପ୍ରଧାନମନ୍ତ୍ରୀଙ୍କୁ କହିଥିଲେ 'ରାତ୍ରିଭୋଜନ ପରେ ମୁଁ ସିଧା ୱାଶିଂଟନ୍ ଯିବି' । ମୋର ଏକ ଗୁରୁତ୍ୱପୂର୍ଣ୍ଣ କାମ ଅଛି। ପ୍ରଶ୍ନ ହେଉଛି, କ'ଣ ହେଲା ଯେ ରାତାରାତି ପରିସ୍ଥିତି ବଦଳିଗଲା ଏବଂ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଫେରିବାକୁ ପଡ଼ିଲା? ଏହା ଜାଣିବା ଗୁରୁତ୍ୱପୂର୍ଣ୍ଣ।

ଏହା ପ୍ରଥମ ଥର ନୁହେଁ , ଟ୍ରମ୍ପ ୨୦୧୮ ରେ ଜି-୭ ବୈଠକରୁ ମଝିରୁ ସ୍ୱଦେଶ ଫେରିଯାଇଥିଲେ । ବାସ୍ତବରେ, ବିଶ୍ୱକୁ ନିଜସ୍ୱ ଢଙ୍ଗରେ ଚଳାଇବାର ଅଭ୍ୟାସ ଆମେରିକାର ରହିଛି। ଯଦି ଆପଣ ଜି-୭ ବୈଠକରୁ ବାହାରିଥିବା ଫଟୋଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ପକାନ୍ତି, ତେବେ ଆପଣ ଦେଖିବେ ଯେ ଟ୍ରମ୍ପ ଅନୁଭବ କରୁଛନ୍ତି ଯେ ମୋତେ ଛୋଟ ଛୋଟ ଦେଶ ମଧ୍ୟରେ ବସିବାକୁ ବାଧ୍ୟ କରିଛି। ଏହା ତାଙ୍କର ଶାରୀରିକ ଭାଷା ଏବଂ ମୁହଁର ଅଭିବ୍ୟକ୍ତିରୁ ସ୍ପଷ୍ଟ ଭାବେ ବୁଝାପଡୁଥିଲା । ବୋଧହୁଏ ଟ୍ରମ୍ପ ଜି-୭ ଦେଶକୁ ସମାନ ଭାବେ ବିବେଚନା କରନ୍ତି ନାହିଁ। ତେବେ ଯଦି ଅନ୍ୟ ଦେଶମାନେ ତାଙ୍କର ସମାସ୍କନ୍ଦ ନୁହେଁ , ପୁଣି ସେମାନଙ୍କ ସହିତ କି କଥା କରାଯାଇପାରେ? ଦ୍ୱିତୀୟ କଥାଟି ହେଲା-ସଭାକୁ ଯିବା ମାତ୍ରେ ସେ କହିଲେ ଯେ ମହାଶୟ, ଆପଣ ରଷକୁ ଏହି ଗୋଷ୍ଠୀରୁ ହଟାଇ ଦେଇଛନ୍ତି। ଯେତେବେଳେ କି ରଷର ଉପସ୍ଥିତି ଗୁରୁତ୍ୱପୂର୍ଣ୍ଣ ଥିଲା। ରୁଷିଆ ୨୦୧୪ ରେ କ୍ରିମିଆକୁ ନିଜ ଅଧୀନକୁ ନେଇଥିଲା,ସେହି କାରଣରୁ ରୁଷିଆକୁ ଏହି ଗୋଷ୍ଠୀରୁ ହଟାଇ ଦିଆଯାଇଥିଲା। ସେହି ସମୟରେ ଏହି ଗୃପ୍ ଜି-୮ ଥିଲା। ଟ୍ରମ୍ପ କହୁଥିଲେ ଯେ ଆପଣ ପୁଟିନଙ୍କୁ ନିମନ୍ତ୍ରଣ କରିନାହାଁନ୍ତି, ତେବେ ଏହି ବୈଠକର ଲାଭ କ'ଣ? ଅର୍ଥାତ୍, ତାଙ୍କ ସମକକ୍ଷମାନଙ୍କୁ ଟ୍ରମ୍ପ ବୈଠକରେ ଦେଖୁଛନ୍ତି। ତେବେ ସେ କିଏ ବୋଲି ଟ୍ରମ୍ପ ଭାବୁଛନ୍ତି? ହୁଏତ ରୁଷର ପୁଟିନଙ୍କୁ ବିଶ୍ୱାସ କର ଏବଂ ଚୀନ ରାଷ୍ଟ୍ରପତିଙ୍କୁ ବିଶ୍ୱାସ କର। ଅନ୍ୟମାନେ ଏହି ଗୋଷ୍ଠୀରେ କୌଣସି ଦେଶର ରାଷ୍ଟ୍ରପତିଙ୍କୁ ସମାନ ବୋଲି ବିବେଚନା କରନ୍ତି ନାହିଁ। ଟ୍ରମ୍ପଙ୍କ ମନ୍ତବ୍ୟରୁ ଏହା ସ୍ପଷ୍ଟ ହୋଇଛି। ଟ୍ରମ୍ପ ଏହି ବୈଠକରେ କିଛି ସମୟ ବସିଥିଲେ ଏବଂ ଉଠି ଚାଲି ଯାଇଥିଲେ। ସେ ଲୋକଙ୍କ ସହ କଥାବାର୍ତ୍ତା କରୁନଥିଲେ। ଦେଶଗୁଡ଼ିକର ନେତାମାନଙ୍କ ସହିତ ୱାନ ଟୁ ୱାନ ଆଲୋଚନା ହୋଇପାରିନଥିଲା। କାରଣ ଏଥିରେ ଟ୍ରମ୍ପ ଆଗ୍ରହ ଦେଖାଇନଥିଲେ। ମୋଟାମୋଟି ଭାବେ, ଜି-୭ରେ ଟ୍ରମ୍ପଙ୍କର କୌଣସି ଆଗ୍ରହ ନାହିଁ। କାହିଁକି? ଜି-୭ରେ କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ ଏବଂ ବ୍ରିଟେନ ଭଳି ୭ ଟି ଦେଶ ସାମିଲ ଅଛନ୍ତି। ଆମେରିକା କ୍ଷମତାକୁ ଆସିବା ପରଠାରୁ କାନାଡା ସହିତ ବିବାଦ ଜାରି ରହିଛି। ସେ କାନାଡାକୁ ପୂର୍ବରୁ କହିଥିଲେ ଯେ ଆପଣ ଆମର ୫୧ ତମ ରାଜ୍ୟ ହୁଅନ୍ତୁ ଏବଂ ଆମେ ଆପଣଙ୍କର ସମସ୍ତ ଖର୍ଚ୍ଚ ବହନ କରିବୁ। କାନାଡାରେ କ୍ଷମତା ପରିବର୍ତ୍ତନ ପରେ ମଧ୍ୟ ଉଭୟଙ୍କ ମଧ୍ୟରେ ଯୋଗାଯୋଗରେ ଉନ୍ନତି ହୋଇନାହିଁ। ଦ୍ୱିତୀୟଟି ହେଉଛି ଜର୍ମାନୀ-ୟୁକ୍ରେନର ପ୍ରସଙ୍ଗ, କାରଣ ଜର୍ମାନୀ ୟୁରୋପରେ ଏକ ଶକ୍ତି। ଜି-୭ରେ ବ୍ରିଟେନ, ଜର୍ମାନୀ, ଫ୍ରାନ୍ସ, ଇଟାଲୀ ଏବଂ ୟୁରୋପୀୟ ସଂଘ ସାମିଲ ଅଛନ୍ତି। ଟ୍ରମ୍ପ କହିଛନ୍ତି ଯେ ୟୁରୋପ ନିଜର ସୁରକ୍ଷା ପାଇଁ ନିଜକୁ ଦାୟୀ କରିବା ଉଚିତ। ଆପଣ ୟୁକ୍ରେନ୍ ୟୁକ୍ରେନ ର ଖର୍ଚ୍ଚ ଆପଣମାନେ ଉଠାନ୍ତୁ । ଆପଣ ଆମକୁ କାହିଁକି ପଚାରୁଛନ୍ତି? ଏହାକୁ ନେଇ ସମସ୍ତ ଦେଶରେ ଉତ୍ତେଜନା ରହିଛି ଏବଂ ସେଥିପାଇଁ ୟୁରୋପ ଏବଂ ଆମେରିକା ମଧ୍ୟରେ ତିକ୍ତତା ବୃଦ୍ଧି ପାଉଛି। ଯେଉଁମାନଙ୍କୁ ଆପଣ ଗତକାଲି ପର୍ଯ୍ୟନ୍ତ ଅଭିଶାପ ଦେଉଥିଲେ, ହଠାତ୍ ସେମାନଙ୍କ ସହିତ ବସି ଜି- ୭ ରେ ଆଉ ଏକ ମିଳିତ ବିବୃତ୍ତି ଦେବା ସମ୍ଭବ ନୁହେଁ। ଏବଂ ପ୍ରତ୍ୟକଟି ବିଷୟ ଭିନ୍ନ ଭିନ୍ନ ହୋଇଥାଏ। ଯେଉଁ ପର୍ଯ୍ୟନ୍ତ ଇସ୍ରାଏଲ ଏବଂ ପାଲେଷ୍ଟାଇନ ସମ୍ବନ୍ଧ ରହିଛି। ୟୁରୋପ କହୁଛି ଯେ ପାଲେଷ୍ଟାଇନ ଯୁଦ୍ଧ ବନ୍ଦ ହେବା ଉଚିତ। ଆମେରିକା କହିଛି ଯେ ଆମେ ଇସ୍ରାଏଲ ସହିତ ଅଛୁ। ଇସ୍ରାଏଲ ଏହାକୁ ବନ୍ଦ କରିବାକୁ ଚାହୁଁନାହିଁ। ତା'ପରେ ରହିଛି ଇସ୍ରାଏଲ ଓ ଇରାନର ପ୍ରସଙ୍ଗ। ଦୁନିଆ କହୁଛି ଇରାନକୁ ନିୟନ୍ତ୍ରଣ କର, ତା 'ପରେ ପରିସ୍ଥିତି ବଦଳିଯାଏ। ୟୁକ୍ରେନର ସମସ୍ୟା ଆମ ସମ୍ମୁଖରେ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଟ୍ରମ୍ପଙ୍କ ଶୁଳ୍କ ପ୍ରସଙ୍ଗ। ବିଭିନ୍ନ ଦେଶ ଉପରେ ଟ୍ରମ୍ପ ଯେଉଁଭଳି ଭାବେ ଶୁଳ୍କ ଲାଗୁ କରିଛନ୍ତି, ତାହାକୁ ନେଇ ଲୋକମାନେ ବହୁତ ଅସନ୍ତୁଷ୍ଟ ଅଛନ୍ତି। ଏହି ବୈଠକରେ ସେହି ୬ଟି ଦେଶ ମଧ୍ୟରୁ ପ୍ରତ୍ୟକ ଟ୍ରମ୍ପଙ୍କ ସହ ଏହି ପ୍ରସଙ୍ଗରେ ଆଲୋଚନା କରିବାକୁ ଚାହୁଁଥିଲେ।୯୦ ଦିନର ଅବଧି ଜୁଲାଇର ଦ୍ୱିତୀୟ ସପ୍ତାହରେ ଶେଷ ହେବ। ଏହି ଦେଶଗୁଡ଼ିକ ଏହି ପ୍ରସଙ୍ଗରେ ଟ୍ରମ୍ପଙ୍କ ସହ ଆଲୋଚନା କରିବାକୁ ଚାହୁଁଥିଲେ। ଟ୍ରମ୍ପଙ୍କ ପାଖରେ ବର୍ତ୍ତମାନ କୌଣସି ଉତ୍ତର ନାହିଁ, କାରଣ ସେ ଜାଣନ୍ତି ନାହିଁ ଯେ ଏହି ପ୍ରସଙ୍ଗରେ ପରବର୍ତ୍ତୀ ପଦକ୍ଷେପ କ'ଣ ହେବ। ନିଶାଦ୍ରବ୍ୟ ଚୋରା ଚାଲାଣ ସମ୍ବନ୍ଧରେ ମଧ୍ୟ ଟ୍ରମ୍ପ ପ୍ରଶ୍ନ ଉଠାଇଛନ୍ତି । ବେଳେ ବେଳେ ସେମାନେ କାନାଡାରୁ, ମେକ୍ସିକୋରୁ, ବେଳେବେଳେ ଭାରତ ଦେଇ ଚୋରାଚାଲାଣ କରାଯାଉଥିବା କଥା କୁହନ୍ତି। ଏହାକୁ ନେଇ ଆଲୋଚନା ହେବାର ଥିଲା। ଏ ବିଷୟରେ ଯେତେବେଳେ ସାମ୍ବାଦିକ ସମ୍ମିଳନୀ ହୋଇଥାନ୍ତା ଏବଂ ସାମ୍ବାଦିକମାନେ ଏହି ସବୁ ବିଷୟରେ ଟ୍ରମ୍ପ ଙ୍କୁ ପ୍ରଶ୍ନ କରିଥାନ୍ତେ, ନିଶ୍ଚିତ ଭାବେ ଟ୍ରମ୍ପ ଙ୍କୁ ଉତ୍ତର ଦେବାକୁ ପଡିଥାନ୍ତା,ଯେଉଁଥିରେ ସେ ଅପମାନିତ ହେବାର ସମ୍ଭାବନା ଥିଲା । ପ୍ରଶ୍ନ ପଚାରିବାର ଅର୍ଥ ହେଉଛି ଅନ୍ତର୍ଜାତୀୟ ଖବର ହେବା। ସାମ୍ବାଦିକମାନଙ୍କର ସମାନ ପ୍ରଶ୍ନ ରହିଛି ଯେ ଆପଣ ମିଳିତ ବିବୃତ୍ତିରେ ଯାହା କହୁଛନ୍ତି କିମ୍ବା ଆପଣ ନିଜ ଘରେ ବସି ଯାହା କହୁଛନ୍ତି ସେଥିରେ ପାର୍ଥକ୍ୟ କାହିଁକି? କାରଣ ମିଳିତ ବିବୃତ୍ତି କେବଳ ସେତେବେଳେ ଦିଆଯିବ ଯେତେବେଳେ ସମସ୍ତ ଦେଶର ବିଚାର ସମାନ ହେବ, କିନ୍ତୁ ପ୍ରତ୍ୟକ ବିଷୟରେ ଆମେରିକାର ବିଚାର ଭିନ୍ନ । ଯଦି କୌଣସି ମିଳିତ ବିବୃତ୍ତି ହେବ ନାହିଁ, ତେବେ ପ୍ରଶ୍ନ ଉଠିବ ଯେ କାହିଁକି କୌଣସି ମିଳିତ ବିବୃତ୍ତି ନଥିଲା? କଣ ରହିଛି ଆମେରିକାର ସମାସ୍ୟା? ସାମ୍ବାଦିକମାନେ ଏହି ପ୍ରସଙ୍ଗଗୁଡ଼ିକୁ ବିଭିନ୍ନ ଉପାୟରେ ଦେଖନ୍ତି। ତେଣୁ ଟ୍ରମ୍ପଙ୍କ ପାଇଁ ପ୍ରତିକ୍ରିୟା ଦେବା କଷ୍ଟକର ହୋଇଥାନ୍ତା। ଏହି ସମସ୍ତ ପରିସ୍ଥିତିକୁ ଏଡ଼ାଇବା ପାଇଁ ଟ୍ରମ୍ପଙ୍କୁ ମଝିରେ ଯିବାକୁ ପଡ଼ିଥିଲା। ଦ୍ୱିତୀୟରେ, ଜି-୭ ଦେଶଗୁଡ଼ିକର ମୋଟ ଜିଡିପି ୪୩ -୪୫ ଟ୍ରିଲିୟନ ଡଲାର ରହିଛି, ଯେଉଁଥିରୁ କେବଳ ଆମେରିକାର ୨୫ ଟ୍ରିଲିୟନ ଡଲାର ରହିଛି। ୪.୨୫ ଟ୍ରିଲିୟନ ଡଲାରର ଜିଡିପି ଥିବା ଅନ୍ୟ ଦେଶ ହେଉଛି ଜାପାନ। ଯଦି ଆପଣ ସମସ୍ତ ଦେଶକୁ (ଆମେରିକାକୁ ଛାଡ଼ିଦେଲେ) ମିଶାଇବେ, ତେବେ ଆପଣଙ୍କୁ ୧୭ ଟ୍ରିଲିୟନ ଡଲାର ମିଳିବ। ଯେଉଁଠି କେବଳ ୨୫ ଲକ୍ଷ କୋଟି ଆମେରିକୀୟ ଡଲାର ଏବଂ ବାକି ୬ଟି ଦେଶ ମଧ୍ୟରୁ ୧୭ ଲକ୍ଷ କୋଟି ଆମେରିକୀୟ ଡଲାର ରହିଛି। ତେବେ ଏପରି ସ୍ଥିତିରେ ଟ୍ରମ୍ପ ଭାବନ୍ତି ଯଦି ଏହି ଦେଶ ଗୁଡିକର ସ୍ଥିତି ଏପରି ତେବେ ଏମାନଙ୍କ ସହିତ କଥା ହେବ କିଛି ଲାଭ ନାହିଁ । ମୁଁ କାହିଁକି ସେମାନଙ୍କ କଥା ଶୁଣିବି ଏବଂ ସେମାନଙ୍କୁ ବିଶ୍ୱାସ କରିବି? ଯେତେଦୂର କୂଟନୈତିକ ସ୍ତରର କଥା, ମୁଁ ଏହାକୁ ମୋ କାର୍ଯ୍ୟାଳୟରୁ କରାଇବି। ମୁଁ ମୋ ଖେଳ ନିଜେ ଖେଳିବି ଏବଂ ମୋ କାମ କରିବି। ଚୀନ୍ ଏବଂ ରୁଷିଆ ସହିତ ସେମାନଙ୍କର ଉତ୍ତେଜନା ରହିଛି ଏବଂ ଉଭୟ ଏହି ବୈଠକରେ ନାହାଁନ୍ତି। ଏଇଠି ବସି ମୁଁ କ'ଣ କରିବି? ନା ଜି -୭ ଦେଶମାନଙ୍କ ପାଖରେ ପଇସା ଅଛି (ଆମେରିକାକୁ ବାଦ ଦେଇ) ନା ୟୁକ୍ରେନ ପାଇଁ ଯୁଦ୍ଧ ପାଣ୍ଠି ତିଆରି କରିବାର ପଇସା ଅଛି ନା କୌଣସି ଉପାୟରେ ଜି-୭ ଦେଶମାନେ ଇସ୍ରାଏଲକୁ ସମର୍ଥନ ଦେଉଛନ୍ତି । ଏହା ସହିତ ଏମାନେ ଋଷ - ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧକୁ କୌଣସି ଉପାୟରେ ବନ୍ଦ କରିବାକୁ ଚେଷ୍ଟା କରୁଛନ୍ତି । ଚିନ ସହିତ ସମସ୍ତେ ବ୍ୟବସାୟ କରୁଛନ୍ତି । ଅର୍ଥାତ ଟ୍ରମ୍ପ ସମସ୍ତ ଦେଶ ମାନଙ୍କଠାରୁ ଅଲଗା ହୋଇଯାଉଛନ୍ତି ।

ଏପରି ସ୍ଥିତିରେ ଜି-୭ ବୈଠକ ଆମେରିକା ପାଇଁ ଲାଭଦାୟକ ନୁହେଁ । ସାମ୍ବାଦିକମାନଙ୍କୁ ଉତ୍ତର ଦେବା ସମୟରେ ଟ୍ରମ୍ପ ଅନୁଭବ କଲେ ଯେ ଅପମାନଜନକ ପରିସ୍ଥିତି ସୃଷ୍ଟି କରିବା ଅପେକ୍ଷା ଏଠାରୁ ବାହାରିବା ଭଲ। ଯଦି ଆମେରିକା ଜି-୭ରେ ନଥାଏ, ତେବେ ବୈଠକ ବିଫଳ ହେବ ଏବଂ ଆଗାମୀ ଦିନରେ ଜି-୭ର ଭବିଷ୍ୟତ ପ୍ରାୟ ଅନ୍ଧକାରମୟ ହୋଇଯିବ। ଏହା ପ୍ରକୃତରେ ଜି-୭ ଦେଶଗୁଡ଼ିକର ଆଭ୍ୟନ୍ତରୀଣ ସଂଘର୍ଷର ପରିଣାମ।

ସୁଜନପୁର, ଯାଜପୁର
ମୋ: ୯୪୩୭୨୮୮୦୨୮

# ନିରାପଦ ଯାତ୍ରା

## ଡକ୍ଟର ଲକ୍ଷ୍ମଣ ସାହୁ

ଅହମ୍ମଦାବାଦ ବିମାନ ଦୁର୍ଘଟଣା ଉପରେ ଆଲୋଚନା ଜାରି ରହିବା ସ୍ୱାଭାବିକ, ଯାହା ବିଶ୍ୱକୁ ଚକିତ କରିଥିଲା ଓ ଭାରତୀୟମାନଙ୍କୁ ଗଭୀର ଭାବରେ ଯନ୍ତ୍ରଣା ଦେଇଥିଲା । ଏହା ମଧ୍ୟ ଆବଶ୍ୟକ କାରଣ ସାମ୍ପ୍ରତିକ ଇତିହାସରେ ଏପରି ଏକ ବିମାନ ଦୁର୍ଘଟଣାକୁ ମନେ ରଖିବା କଷ୍ଟକର, ଯେଉଁଥିରେ ଏତେ ଭାରତୀୟଙ୍କ ମୃତ୍ୟୁ ଘଟିଛି । ଜଣେ ଯାତ୍ରୀଙ୍କ ବ୍ୟତୀତ, ସମସ୍ତ ଯାତ୍ରୀ ଓ କ୍ରୁ ସଦସ୍ୟଙ୍କ ମୃତ୍ୟୁ ଘଟିଥିଲା । ଯେତେବେଳେ ଦୁର୍ଭାଗ୍ୟଜନକ ଏୟାର ଇଣ୍ଡିଆ ୭୮୭ ଡ୍ରିମଲାଇନର ବିମାନ ଉଡ଼ାଣ ଭରିବା ମାତ୍ରେ ଖସି ପଡ଼ିଥିଲା । କିଛି ଡାକ୍ତରୀ ଛାତ୍ର ଓ ଅନ୍ୟମାନେ ନିକଟବର୍ତ୍ତୀ ମେଡିକାଲ କଲେଜ ହଷ୍ଟେଲର କ୍ୟାଣ୍ଟିନରେ ମଧ୍ୟ ମୃତ୍ୟୁବରଣ କରିଥିଲେ । ଯେଉଁଠାରେ ବିମାନଟି ଅଗ୍ନି ପିଣ୍ଡୁଳା ପରି ପଡ଼ିଥିଲା । ଅହମ୍ମଦାବାଦ ବିମାନ ଦୁର୍ଘଟଣାର କାରଣ ବିଷୟରେ ସାଧାରଣ ଲୋକଙ୍କ ସହିତ ବିଶେଷଜ୍ଞମାନଙ୍କର ନିଜସ୍ୱ ମତ ରହିଛି । ସେମାନଙ୍କ ମଧ୍ୟରେ କ୍ୟାପଟେନ ଷ୍ଟିଭ ମଧ୍ୟ ଅଛନ୍ତି, ଯିଏ ନିଜେ ଅହମ୍ମଦାବାଦ ଦୁର୍ଘଟଣାର କାରଣ ସମ୍ପର୍କରେ କରିଥିବା ଦାବିକୁ ପରିବର୍ତ୍ତନ କରିଥିଲେ । କିନ୍ତୁ ଏହା ପୂର୍ବରୁ ତାଙ୍କୁ ଏକ ଭାରତୀୟ ଟିଭି ଚ୍ୟାନେଲରେ 'ଜ୍ଞାନ' ଦେଉଥିବା ଦେଖାଯାଇଥିଲା । ଅନ୍ୟ ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି ଯେ ବୋଇଂର ତୁଳନାତ୍ମକ ଭାବରେ ନୂତନ ଓ ଆଧୁନିକ ଡ୍ରିମଲାଇନର ବିମାନ କାହିଁକି ଏତେ ଭୟଙ୍କର ଦୁର୍ଘଟଣାର ଶିକାର ହେଲା । ଯେହେତୁ ଏହି ବୋଇଂ ବିମାନ ସହିତ ଏହା ପ୍ରଥମ ବଡ଼ ଦୁର୍ଘଟଣା । ତେଣୁ ଭାରତ ସମେତ ବିଶ୍ୱର ବିମାନ କମ୍ପାନୀ ଓ ବିମାନ ସେବା ସଂଗଠନଗୁଡ଼ିକ ଚିନ୍ତିତ । ଏହି ଦୁର୍ଘଟଣାର ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉଛି । ଏହା ସହିତ ଏୟାର ଇଣ୍ଡିଆ ପରିଚାଳନା, ଟାଟା ଗ୍ରୁପ୍, ଡିଜିସିଏ, ବିମାନବନ୍ଦର କର୍ତ୍ତୃପକ୍ଷ ଓ ଭାରତ ସରକାର ସମେତ ବୋଇଂ କମ୍ପାନୀ ଉପରେ ମଧ୍ୟ ପ୍ରଶ୍ନ ଉଠିଛି । ଏହି ଦୁର୍ଘଟଣା ପରେ, ବୋଇଂ ବ୍ୟତୀତ, ଏୟାର ଇଣ୍ଡିଆର ଅଂଶୀଦାର ସିଙ୍ଗାପୁର ଏୟାରଲାଇନ୍ସ ଓ ଅନ୍ୟ କିଛି ଏୟାରଲାଇନ୍ସର ସେୟାର ମଧ୍ୟ ହ୍ରାସ ପାଇଛି । ଅହମଦାବାଦରେ ବିମାନ ଦୁର୍ଘଟଣା ପରେ ଭାରତ ଓ ସାରା ବିଶ୍ୱରେ ବିମାନ ପରିଚାଳନାରେ ଛୋଟ ବଡ଼ ତ୍ରୁଟି ଦେଖାଯିବା, ଉଡ଼ାଣ ବାତିଲ ଓ ଗ୍ରାଉଣ୍ଡିଂ ହେବାର ଖବର ଥମିବାର ନାଁ ନେଉନାହିଁ । ଏଥିରେ ଡ୍ରିମଲାଇନର ସମେତ ଅନ୍ୟାନ୍ୟ ବିମାନ ମଧ୍ୟ ସାମିଲ ଅଛନ୍ତି । ନିର୍ମାଣ ସମୟରେ ବିମାନଗୁଡ଼ିକର ସୁରକ୍ଷା ବ୍ୟବସ୍ଥାରେ ଅବହେଳା ଯୋଗୁଁ ବିଗ୍ ଗମ୍ଭୀର ଯାଞ୍ଚର ପରିସରକୁ ଆସିଛି । ଏହି କମ୍ପାନୀର ହ୍ୱିସଲବ୍ଲୋଅର ଇଞ୍ଜିନିୟର ସାମ୍ ଡ୍ରିମଲାଇନର ଓ ଅନ୍ୟାନ୍ୟ ବିମାନ ନିର୍ମାଣରେ ବୋଇଂ ଜାଣିଶୁଣି ଅବହେଳା କରିଥିବା ଅଭିଯୋଗ କରିଥିଲେ । ଏହି କାରଣରୁ ବୋଇଂ ବହୁତ ବଦନାମ ହୋଇଥିଲା । ବୋଇଂ ଏହି ଇଞ୍ଜିନିୟରଙ୍କ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରି କହିଥିଲା ଯେ ଏହା ଏହାର ସମସ୍ତ ବିମାନ ନିର୍ମାଣରେ ଯତ୍ନ ନେଉଛି, କିନ୍ତୁ ହୁଏତ ଏହା ଏପରି କରିନଥିଲା । ୨୦୨୧ ମସିହାରେ ଆମେରିକାର ଫେଡେରାଲ୍ ଏଭିଏସନ୍ ପ୍ରଶାସନ ଡ୍ରିମଲାଇନରର ବିତରଣ ବନ୍ଦ କରିଦେଇଥିଲା । ୨୦୧୭-୧୮ ରେ ଇଣ୍ଡୋନେସିଆ ଓ ଇଥିଓପିଆ ଏୟାରଲାଇନ୍ସର ନୂତନ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଯେଉଁମାନେ ବୋଇଂର କୁଖ୍ୟାତ ମ୍ୟାକ୍ସ ବିମାନ ବ୍ୟବହାର କରୁଥିଲେ । ଏହି ବିମାନ ଦୁର୍ଘଟଣାଗୁଡ଼ିକର ତଦନ୍ତରେ, ମ୍ୟାକ୍ସ ବିମାନର ସଫ୍ଟୱେରରେ ତ୍ରୁଟି ଥିବା ଓ ଏହି ତ୍ରୁଟି ଦୂର କରିବା ପାଇଁ ବୋଇଂ ଦ୍ୱାରା ବିମାନକୁ ବ୍ୟବସ୍ଥା ସହିତ ସଜ୍ଜିତ କରିବାର ପ୍ରତିଶ୍ରୁତି ଏଥିରେ ନଥିଲା ବୋଲି ଜଣାପଡିଥିଲା । ଏହି କାରଣରୁ କେବଳ ବୋଇଂର ପ୍ରତିଷ୍ଠାରେ ଆଘାତ ଲାଗିନଥିଲା, ବରଂ କୋର୍ଟ ବାହାରେ ସମାଧାନ ହେବା ପରେ ମଧ୍ୟ, ସେହି ଦୁର୍ଘଟଣାରେ ମୃତକଙ୍କ ସମ୍ପର୍କୀୟଙ୍କୁ ବିପୁଳ କ୍ଷତିପୂରଣ ଦେବାକୁ ପଡିଥିଲା । ଏହି କାରଣରୁ ଏହାକୁ ପ୍ରଚୁର ଆର୍ଥିକ କ୍ଷତି ସହିବାକୁ ପଡିଥିଲା । ଟାଟା ଏୟାରଲାଇନ୍ସ ଭାରତରେ ବେସାମରିକ ବିମାନ ଚଳାଚଳର ଜନକ ଜେଆରଡି ଟାଟାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ପରେ ସରକାର ଏହାକୁ ନିଜ ହାତକୁ ନେଇ ଏହାର ନାମ ବଦଳାଇ ଏୟାର ଇଣ୍ଡିଆ ରଖିଥିଲେ । ଏୟାର ଇଣ୍ଡିଆକୁ କୁପରିଚାଳନା ଓ କ୍ଷତିରୁ ରକ୍ଷା କରିବା ପାଇଁ, ମୋଦି ସରକାର ଏହାକୁ ଏକ ଘରୋଇ କମ୍ପାନୀକୁ ବିକ୍ରି କରିବାକୁ ନିଷ୍ପତ୍ତି ନେଇଥିଲେ । ସ୍ୱାଭାବିକ ଭାବରେ ପ୍ରଥମ ପସନ୍ଦ ଟାଟା ଗ୍ରୁପ ଥିଲା । ୨୦୨୨ ରେ, ଏୟାର ଇଣ୍ଡିଆ ଏହାର ହାତରେ ଗଲା । ନାମ ଏୟାର ଇଣ୍ଡିଆ ରହିଲା । ଯଦି ବିଶ୍ୱର କିଛି ଲୋକ ଏହାକୁ ଭାରତ ସରକାରଙ୍କ ଏୟାରଲାଇନ୍ ବୋଲି ମାନିବେ ତେବେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଟାଟା ଗ୍ରୁପ ହାତରେ ଯିବା ପରେ, ଏହା ବିଶ୍ୱାସ କରାଯାଉଥିଲା ଯେ ଏବେ ଏହାର କାର୍ଯ୍ୟ ସୁଗମ ଓ ସୁରକ୍ଷିତ ହେବ । କିନ୍ତୁ ଅହମଦାବାଦ ଦୁର୍ଘଟଣା ପ୍ରମାଣ କରୁଛି ଯେ ଏହା ହୋଇନପାରେ । ବିମାନ ପରିଚାଳନାରେ ଯଥେଷ୍ଟ ସତର୍କ ନ ରହିବା ପାଇଁ ଏହାକୁ ଜୋରିମାନା ମଧ୍ୟ କରାଯାଇଛି । ସୁବିଧା ଅଭାବର ଅଭିଯୋଗ ମଧ୍ୟ ସାମ୍ନା କରିବାକୁ ପଡିଛି । ଏୟାର ଇଣ୍ଡିଆ ପରିଚାଳନା ସହିତ ଟାଟା ଗ୍ରୁପ୍ ସ୍ୱାଭାବିକ ଭାବରେ ଅହମଦାବାଦ ଦୁର୍ଘଟଣା ପାଇଁ ଦୁଃଖିତ ଓ ଗମ୍ଭୀର । କିନ୍ତୁ ଏୟାର ଇଣ୍ଡିଆର ଏକ ଅଂଶୀଦାର ସିଙ୍ଗାପୁର ଏୟାରଲାଇନ୍ସ ବିଷୟରେ କିଛି କହିବା କଷ୍ଟକର । ସିଙ୍ଗାପୁର ସରକାରଙ୍କର ମଧ୍ୟ ଏସଏଏଲ ରେ ଅଂଶୀଦାର ଅଛି । ସେହି ଦେଶର ପ୍ରଧାନମନ୍ତ୍ରୀ ଅହମ୍ମଦାବାଦ ଦୁର୍ଘଟଣା ପାଇଁ ଦୁଃଖ ପ୍ରକାଶ କରିଥିଲେ, କିନ୍ତୁ ଏସଆଇଏ ର ଟ୍ୱିଟର ହ୍ୟାଣ୍ଡେଲରେ ଗୋଟିଏ ବି ଶୋକ ଶବ୍ଦ ଦେଖାଯାଇ ନଥିଲା । ଏହାକୁ ଅହମ୍ମଦାବାଦ ଦୁର୍ଘଟଣା ସମ୍ପର୍କରେ ଉଠାଯାଇଥିବା ପ୍ରଶ୍ନର ଉତ୍ତର ମଧ୍ୟ ଦେବାକୁ ପଡିବ ।

ମହାନଦୀ ବିହାର, କଟକ
ମୋ:୯୦୪୦୧୫୧୪୭୫

# ଧର୍ମର ପ୍ରକାରଭେଦ

## ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଆମ ମାନଙ୍କ ମନରେ ଏକ ପ୍ରଶ୍ନ ଉଠେ ଯେ ଧର୍ମ କଣ ? ଏହାର ସଂଜ୍ଞା କଣ ? ଉତ୍ତର ହେଉଛି ଧର୍ମ ଏକ ନିର୍ଦ୍ଦିଷ୍ଟ ଆଚରଣ ଏବଂ ଅଭ୍ୟାସ, ବିଶ୍ୱ ଦୃଷ୍ଟିକୋଣ, ଦିବ୍ୟଗ୍ରନ୍ଥ, ତୀର୍ଥ, ଭବିଷ୍ୟବାଣୀ, ନୈତିକତା ଇତ୍ୟାଦି ଯାହା ମାନବକୁ ଆଲୌକିକ, ଆଧ୍ୟନିକ କିମ୍ବା ଆଧ୍ୟାତ୍ମିକ ଉପାଦାନ ସହିତ ଜଡ଼ିତ କରୁଥିବା ସାମାଜିକ-ସାଂସ୍କୃତିକ ବ୍ୟବସ୍ଥା । ତେବେ ସ୍ପଷ୍ଟ ଭାବରେ ଧର୍ମର ସଂଜ୍ଞା ଉପରେ ଏପର୍ଯ୍ୟନ୍ତ କୌଣସି ଅଧ୍ୟୟନପ୍ରସୂତ ସହମତି ନାହିଁ । ତେବେ ଏହାର ସଂକ୍ଷିପ୍ତ ଉତ୍ତର ହେଉଛି, ଉତ୍ତମକର୍ମ ଆଚରଣ କରିବା ହିଁ ଧର୍ମ । ତଦ୍ଦ୍ୱାରା ମନୁଷ୍ୟର ଉନ୍ନତି ସାଧିତ ହୋଇଥାଏ । ଧର୍ମଦ୍ୱାରା ହିଁ ମନୁଷ୍ୟ ସମାଜର ଧାରଣ ଅବା ରକ୍ଷଣାବେକ୍ଷଣ କରିବାରେ ସମର୍ଥ ହୋଇଥାଏ । ଧର୍ମାଚରଣ ଦ୍ୱାରା ପ୍ରକୃତ ସୁଖ-ଶାନ୍ତି ମିଳିଥାଏ । ତେବେ ପ୍ରାଚୀନ ମୁନିଋଷିଗଣ ଧର୍ମ ଶବ୍ଦର ଅର୍ଥ ଅଲଗା ଅର୍ଥରେ କହିଛନ୍ତି ଯେ ସମସ୍ତଙ୍କ ପକ୍ଷରେ ଯାହା ହେଉଛି ଧାରଣ ଯୋଗ୍ୟ, କିମ୍ବା ଯଦ୍ଦ୍ୱାରା ସମସ୍ତଙ୍କ ପ୍ରକୃତ ଉନ୍ନତି ହୁଏ, ଏବଂ ଯାହା ପ୍ରେମପୂର୍ବକ ସମସ୍ତଙ୍କୁ ମିଳିତ କରାଏ, ତାହାହିଁ ହେଉଛି ଧର୍ମ । ଯେଉଁ ନୀତିନିୟମ ବା ବିଷୟବସ୍ତୁ ସମାଜର କ୍ଷତି କରେ, ଯଦ୍ଦ୍ୱାରା ମଣିଷମଣିଷ ଭିତରେ ଶତ୍ରୁତା, ମନୋମାଳିନ୍ୟ ବା ତିକ୍ତତା ବୃଦ୍ଧିପାଏ, ତା କଦାପି ଧର୍ମ ହୋଇ ନ ପାରେ । ସମଗ୍ର ସଂସାରର ଉନ୍ନତି ଓ ନିଃଶ୍ରେୟ ସିଦ୍ଧିଃ ସର୍ବଦା ଏକ ରସରେ ବିଦ୍ୟମାନ ଆନନ୍ଦ ବା ମୋକ୍ଷ ମିଳେ ତାହା ପ୍ରକୃତରେ ଧର୍ମ । ତେଣୁ ଯଦ୍ଦ୍ୱାରା ସମଗ୍ର ସଂସାରର ଉନ୍ନତି ହୋଇଥାଏ, ପ୍ରକୃତ ଆନନ୍ଦ ଓ ଶାନ୍ତି ମିଳେ, ତାକୁ ଧର୍ମ ବୋଲି କୁହାଯାଏ । ଶରୀର, ମନ, ଆତ୍ମା, ସମାଜ, ଦେଶ ଓ ଜଗତର ଉନ୍ନତି ସକାଶେ ଯେଉଁ ସବୁ ଉପାୟମାନ ରହିଛି ସେଗୁଡ଼ିକୁ ଧର୍ମ ବୋଲି କହନ୍ତି । ଦୁନିଆଁରେ ସତ୍ୟଠାରୁ ବଳି ଶ୍ରେଷ୍ଠ ଧର୍ମ, ମିଥ୍ୟାଠାରୁ ବଳି ମହାପାପ ଅନ୍ୟ କିଛି ନାହିଁ । ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର, ସତ୍ୟବାଦୀ ରାଜା ହରିଶ୍ଚନ୍ଦ୍ର, ମହର୍ଷି ଦୟାନନ୍ଦ ସରସ୍ୱତୀ, ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ, ମହାତ୍ମାଗାନ୍ଧୀ ପ୍ରଭୃତି ମହାତ୍ମା ମହାପୁରୁଷ କେବଳ ସତ୍ୟ ଯୋଗୁ ହିଁ ଆଜି ସମଗ୍ର ସଂସାରରେ ପ୍ରସିଦ୍ଧି ଲାଭ କରିଛନ୍ତି । ସେମାନଙ୍କପରି ସତ୍ୟବାଦୀ ହେବାପାଇଁ ଦୃଢ଼ସଙ୍କଳ୍ପ କରିବା ଉଚିତ । ସାଧାରଣ ଭାବରେ କହିବାକୁ ଗଲେ ଧର୍ମ ହେଉଛି ଚାରି ପ୍ରକାରର । ପ୍ରଥମରେ ବ୍ୟକ୍ତିଗତ ଧର୍ମ, ଦ୍ୱିତୀୟରେ ପାରିବାରିକ ଧର୍ମ, ତୃତୀୟରେ ସାମାଜିକ ଧର୍ମ ଓ ଚତୁର୍ଥରେ ରାଷ୍ଟ୍ରୀୟ ଧର୍ମ । ଯେଉଁ ଧର୍ମକୁ ପାଳନ କରିବା ଦ୍ୱାରା କେବଳ ନିଜର ଉନ୍ନତି ହୁଏ, ତାକୁ ବ୍ୟକ୍ତିଗତ ଧର୍ମ କହନ୍ତି । ପିତା-ମାତା, ପତ୍ନୀ-ପୁତ୍ର, ଭାଇ-ଭଉଣୀ, ଏବଂ ପରିବାରର ଅନ୍ୟମାନଙ୍କ ସହିତ ଧର୍ମର ଯେଉଁ ସଂପର୍କ ରହିଛି ପରସ୍ପର ପରସ୍ପର ପ୍ରତି ଯେଉଁ କର୍ତ୍ତବ୍ୟ ଅଛି ତାକୁ ପାରିବାରିକ ଧର୍ମ କହନ୍ତି । ଯେଉଁ ସମାଜରେ ମନୁଷ୍ୟ ବସବାସ କରୁଛି, ସେ ସମାଜପ୍ରତି ମଧ୍ୟ ତାର ଅନେକ କିଛି କର୍ତ୍ତବ୍ୟ ରହିଛି । ସେହି କର୍ତ୍ତବ୍ୟକୁ ସାମାଜିକ ଧର୍ମ କହନ୍ତି। ଯେଉଁ ଦେଶରେ ଆମେ ଜନ୍ମଗ୍ରହଣ କରିଛୁ, ଯାହାର ପାଣି ପବନରେ ଆମ ଶରୀର ଗଠିତ ଓ ବର୍ଦ୍ଧିତ, ସେ ଦେଶପାଇଁ ମଧ୍ୟ ଆମର କେତେକ ଅପରିହାର୍ଯ୍ୟ କର୍ତ୍ତବ୍ୟ ରହିଛି ।

ଅନ୍ୟ ଅର୍ଥରେ କହିବାକୁ ଗଲେ ଧର୍ମ ଏକ ନୀତି ଓ ଆଚରଣ ଧାରା ଯାହା ଆଧ୍ୟାତ୍ମିକ ଓ ଆଦି ଭୌତିକ ଅନୁଭୂତିକୁ ପ୍ରକାଶ କରିଥାଏ । ତେବେ ଭିନ୍ନ ଭିନ୍ନ ଧର୍ମରେ ଦିବ୍ୟ, ପବିତ୍ର ବସ୍ତୁ, ବିଶ୍ୱାସ, ଅଲୌକିକ ଜୀବ କିମ୍ବା ଅଲୌକିକ ଜୀବନ କିମ୍ବା 'ଅବଶିଷ୍ଟ ଜୀବନ ପାଇଁ ମାନଦଣ୍ଡ ଏବଂ ଶକ୍ତି ପ୍ରଦାନ କରିବା ଭଳି କିଛି ଚିରନ୍ତନତା ଏବଂ ଅପାର୍ଥିବତା' ଆଦି ବିଷୟ ରହିଥାଇପାରେ କିମ୍ବା ନଥାଇପାରେ । ଧାର୍ମିକ ଅଭ୍ୟାସଗୁଡ଼ିକ ଭିତରେ ରୀତିନିତି, ଧର୍ମୋପଦେଶ, ସ୍ମାରକ କିମ୍ବା ଅତ୍ୟଧିକ ସମ୍ମାନ , ବଳିଦାନ, ପର୍ବ, ଭୋଜି, ପ୍ରଣାମ, ଅନ୍ତିମକ୍ରିୟା, ବିବାହ କାର୍ଯ୍ୟ, ଧ୍ୟାନ, ପ୍ରାର୍ଥନା, ସଂଗୀତ, କଳା, ନୃତ୍ୟ, ଜନ ସେବା କିମ୍ବା ମାନବ ସଂସ୍କୃତିର ଅନ୍ୟ ଦିଗ ଅନ୍ତର୍ଭୁକ୍ତ ହୋଇପାରେ । ଧର୍ମ ଗୁଡ଼ିକରେ ବିଭିନ୍ନ ପରାଭୌତିକ କାହାଣୀସବୁ ରହିଛି । ଏସବୁ ପବିତ୍ର ଶାସ୍ତ୍ର, ପ୍ରତୀକ ଏବଂ ପବିତ୍ର ସ୍ଥାନମାନଙ୍କରେ ସଂରକ୍ଷିତ ହୋଇ ରହେ ଏବଂ ତାହାର ଉଦ୍ଦେଶ୍ୟ ସାଧାରଣତଃ ଜୀବନକୁ ଅର୍ଥପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ହୋଇଥାଏ । ଧର୍ମରେ ଥିବା ସାଙ୍କେତିକ କାହାଣୀ ସବୁକୁ ବେଳେବେଳେ ଅନୁଗାମୀ ମାନେ ସତ୍ୟ ବୋଲି କହିଥାନ୍ତି । ଏସବୁର ଉଦ୍ଦେଶ୍ୟ ଜୀବନର ଉତ୍ପତ୍ତି, ବ୍ରହ୍ମାଣ୍ଡ ଏବଂ ଅନ୍ୟାନ୍ୟ ଜିନିଷର ବ୍ୟାଖ୍ୟା କରିବା । ତେବେ ଗୋଟିଏ କଥା ସତ ଧର୍ମ ସବୁବେଳେ ଉତ୍ତମ କର୍ମ ଓ ସତ୍ୟତା ଉପରେ ଦଣ୍ଡାୟମାନ। ମନୁଷ୍ୟ ଜୀବନ ମଧ୍ୟରେ ସତ୍ୟ ଓ କର୍ମ ପଥରେ ଥିଲେ ଧର୍ମ ସଦା ତା ସହିତ ଅଙ୍ଗାଙ୍ଗୀ ଭାବେ ଜଡିତ ରହିବ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋ: ୯୯୩୮୯୦୬୦୭୦

## ସଂପାଦକଙ୍କୁ ପତ୍ର

### କଳାକାରଙ୍କୁ ଉପଯୁକ୍ତ ସମ୍ମାନ

ମହାଶୟ,

କିଛିଦିନ ପୂର୍ବେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣାଶୁଣା ଗୀତିକାର ସଚ୍ଚି ମହାନ୍ତି ପେନସନ୍ ପାଇବାକୁ ଓ ଘର ଖଣ୍ଡେ ଯୋଗେଇ ଦେବାକୁ ପ୍ରଶାସନ ନିକଟରେ ବାରମ୍ବାର ଗୁହାରି ଜଣାଇବା ଖବର ସମ୍ବାଦପତ୍ରରୁ ପଢ଼ି ଗଭୀର ମର୍ମାହତ ହେଲି। ହୃଦୟ କରୁଣାରେ ବିଗଳିତ ହୋଇଗଲା। 'ମା' ତୁମେ ମମତାର ସୀମାହୀନ ସାଗର..., ଅଭିମାନିନୀ ଏ ଅମାନିଆ ଢେଉ ??...., ଏ ଜୀବନ ମାନେ ନୁହେଁ....(ଫିଲ୍ମ 'ଉଲ୍ କା'), ବାଜେ ବଇଁଶୀ ନାଚେ ଘୁଙ୍ଗୁର... ('ବାଜେ ବଇଁଶୀ ନାଚେ ଘୁଙ୍ଗୁର') 'ତୁଳସୀ ଚଉରା ମୂଳେ ଜାଳି ସଂଜବତୀ...'( ଫିଲ୍ମ 'ସୌଭାଗ୍ୟବତୀ') ଭଳି ଶତାଧିକ ଲୋକପ୍ରିୟ ଗୀତ ରଚନା କରି ଓଡ଼ିଆ ଚଳଚ୍ଚିତ୍ର ସଙ୍ଗୀତ ଜଗତରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି ସେ। ହେଲେ ଆଜି ସତେ ଯେମିତି ଅଲୋଡ଼ା। ଜୀବନର ଉତ୍ତୀର୍ଣ୍ଣ ସନ୍ଧ୍ୟାରେ ପଥହରା ପଥିକଟିଏ। ବଞ୍ଚିବା ପାଇଁ ପ୍ରତିନିୟତ ସଂଘର୍ଷରତ। କଳା , ସିନେମା, ସଂସ୍କୃତି ଗୋଟିଏ ଦେଶର ଐତିହ୍ୟର ପ୍ରତୀକ। ବଡ଼ ବଡ଼ ଶିଳ୍ପ ଓ ଭବ୍ୟ ଅଟ୍ଟାଳିକା ଭୌତିକ ପ୍ରଗତିର ପରିଚାୟକ ହୋଇଥିଲାବେଳେ କଳା ଓ ସାହିତ୍ୟ ଦେଶର ଗୌରବମୟ ସାଂସ୍କୃତିକ ଐତିହ୍ୟର କୋମଳ ସ୍ମାରକୀ। ଫରାସୀ ଜାତି କଳା, ସାହିତ୍ୟ ଓ ସଂସ୍କୃତି ଲାଗି ସୁବିଦିତ। ପ୍ୟାରିସ ସହର ଏହାର ସମୃଦ୍ଧ କଳା ଓ 'କେନସ୍' ସିନେମାକୁ ନେଇ ଗର୍ବ କରିଥାଏ। ସେହିପରି'ବାହୁବଳୀ' 'କେଜିଏଫ୍' , 'ଆର୍ ଆର୍ ଆର୍', 'କାନ୍ତାରା' ପରି ଦକ୍ଷିଣ ଭାରତୀୟ ଚଳଚିତ୍ର ବିଶ୍ୱରେ ଭାରତର ମର୍ଯ୍ୟାଦା ବୃଦ୍ଧି କରିଛି। ଓଡ଼ିଶା ସରକାର କଳା, ସାହିତ୍ୟ, ସିନେମା ଓ ସଂସ୍କୃତିକୁ ଅଗ୍ରାଧିକାର ନ ଦେବା ଅତ୍ୟନ୍ତ ଦୁଃଖଦାୟକ ଓ ଚିନ୍ତାଜନକ ବିଷୟ। ବୟସର ସାୟାହ୍ନରେ ପହଞ୍ଚିଥିବା ସ୍ୱାଭିମାନୀ ଓ ନିଃସଙ୍ଗ ଗୀତିକାର ଭତ୍ତା ଗଣ୍ଡେ (ମାସକୁ ଦୁଇ ହଜାର ଟଙ୍କା ମାତ୍ର) ଓ ଘର ଖଣ୍ଡେ (ଏବେ ବି ଭଡ଼ା ଘରେ ରୁହନ୍ତି) ପାଇଁ ବାର ଦୁଆର ଶୁଣ୍ଢି ପିଣ୍ଡା (ସାଇକେଲ୍ ରେ ବାରମ୍ବାର ସଂସ୍କୃତି ଭବନ ଦୌଡ଼ିବା) ହେବା ଖବର ଆଦୌ ଠିକ୍ ନୁହେଁ। ଉତ୍କୃଷ୍ଟ କଳାର ରାଜ୍ୟ ବୋଲାଉଥିବା ଉତ୍କଳରେ ତାଙ୍କ ଦୂରବସ୍ଥା ଜାଣି ମନରେ କ୍ଷୋଭ ଜାତ ହେଲା। କଳା ଲାଗି ନିଜର ସମଗ୍ର ଜୀବନ ଉତ୍ସର୍ଗ କରିଥିବା ମଣିଷ ପ୍ରତି ଏତେ ହତାଦର ଓ ଅନାଦର ଠିକ୍ ନୁହେଁ। ସମ୍ମାନ ସହ ବଞ୍ଚିବା ଲାଗି ଏହି ବର୍ଷୀୟାନ କଳାକାରଙ୍କୁ ଉପଯୁକ୍ତ ପରିମାଣର ମାସିକ ଭତ୍ତା ଓ ଘର ଖଣ୍ଡେ ତୁରନ୍ତ ଯୋଗେଇ ଦିଅନ୍ତୁ ସରକାର। ଏହା ଅନୁକମ୍ପା ବା ଅନୁଗ୍ରହ ନୁହେଁ, ଏ ମାଟି ପ୍ରତି ସମର୍ପିତ ଜଣେ କଳାକାରଙ୍କୁ ଗୋଟିଏ କୃତଜ୍ଞ ଜାତିର ଋଣ ପରିଶୋଧର ଏକ କ୍ଷୁଦ୍ର ପ୍ରୟାସ ମାତ୍ର।

ପ୍ରତାପ ନାୟକ
କଳିଙ୍ଗ ବିହାର, ଭୁବନେଶ୍ୱର

# ବୁଡି ଯିବ କି ବାଉଁଶ ବେପାର



ଅନୁଗୋଳ : ଏହି ଲୋକମାନଙ୍କ ଏକମାତ୍ର ରୋଜଗାର ପନ୍ଥା ବାଉଁଶ ଗୁରୁଡ଼ା। ବାପ ଅଜା ଅମଳରୁ ସେମାନେ ବାଉଁଶରେ ଗୁରୁଡା ସମେତ ଅନେକ ସାମଗ୍ରୀ ବିକ୍ରିକରି ପରିବାର ପ୍ରତିପୋଷଣ କରନ୍ତି। କିନ୍ତୁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯେତିକି ପରିଶ୍ରମ ଓ ଖର୍ଚ୍ଚ ହେଉଛି, ସେତିକି ରୋଜଗାର ହୋଇପାରୁନାହିଁ। ଫଳରେ ଅନେକ କାରିଗର ନିଜର କୌଳିକ ବୃତି ଛାଡି ବାହାରକୁ ଯାଇ ମୂଲ ମଜୁରୀ ଲାଗୁଛନ୍ତି। ବନ ବିଭାଗର କଟକଣା ତଥା ବଣୁଆ ହାତୀଙ୍କ ଆତଙ୍କ ବାଉଁଶ କାରିଗରଙ୍କ ଜୀବିକା ଛଡାଇ ନେଇଛି। ପୁରୁଷ ପୁରୁଷ ଧରି ବାଉଁଶରେ ବିଭିନ୍ନ ସାମଗ୍ରୀ ତିଆରି କରି ଜୀବିକାନିର୍ବାହ କରୁଥିବା କାରିଗର ଏବେ ବାଉଁଶ ନ ପାଇ ନିଜର କୌଳିକ ବୃତି ଛାଡି ବାହାରକୁ ମୂଲ ମଜୁରୀ କରିବାକୁ ଯାଉଛନ୍ତି। ଅନୁଗୋଳ ଜିଲ୍ଲାରେ ଦେଖିବାକୁ ମିଳିଛି ଶହ ଶହ ବାଉଁଶ କାରୀଗରଙ୍କ ଏଭଳି ଦୁର୍ଦ୍ଦଶା। ଅନୁଗୋଳ ଜିଲ୍ଲା ଜଙ୍ଗଲ ଭିତରେ ଏବଂ ଜଙ୍ଗଲ ଚତୁଃପାର୍ଶ୍ୱରେ ଶତାଧିକ ଗାଁ ଅବସ୍ଥିତ। ତେଣୁ ଏହି ସବୁ ଗାଁର ଅଧିକାଂଶ ଲୋକ ଜଙ୍ଗଲ ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି। ବର୍ଷାଦିନ ପୂର୍ବରୁ ବ୍ୟାପକ ଚାରାରୋପଣ କରାଯାଏ। ତେଣୁ ଚାରାଗୁଡିକର ସୁରକ୍ଷା ପାଇଁ ବାଉଁଶରେ ତିଆରି ଗୁରୁଡ଼ା ବ୍ୟବହାର କରାଯାଏ। ଏହାକୁ ଦୃଷ୍ଟିରେ ରଖି ବହୁ ଲୋକ ଜଙ୍ଗଲରୁ ବାଉଁଶ ଆଣି ଗୁରୁଡ଼ା ତିଆରି କରନ୍ତି। ବିଶେଷ କରି ଜୁନ ମାସ ଆରମ୍ଭରୁ ଗୁରୁଡ଼ା ଆବଶ୍ୟକ ପଡ଼ିଥାଏ। ସେଥିପାଇଁ ମାର୍ଚ୍ଚ ମାସରୁ ହିଁ ଲୋକେ ଗୁରୁଡ଼ା ତିଆରି କରିବାରେ ଲାଗି ପଡ଼ନ୍ତି। ପରିବାରର ସମସ୍ତ ବୟସ୍କ ଲୋକ ଦୁର୍ଗମ ଜଙ୍ଗଲ ଭିତରକୁ ଯାଇ କାନ୍ଧରେ ବାଉଁଶ ବୋହି ଆଣନ୍ତି। ଏହା ପରେ ଘରର ମହିଳାମାନେ କାମରେ ଲାଗି ପଡନ୍ତି। ତେଣୁ ଗୁରୁଡ଼ା ତିଆରି କରିବାକୁ ସେମାନଙ୍କୁ ବହୁ କଷ୍ଟ ଓ ପରିଶ୍ରମ କରିବାକୁ ପଡ଼ିଥାଏ। ଏହାଛଡା ସବୁଠାରୁ ବଡ଼ କଥା ହେଉଛି ବାଉଁଶର ଅଭାବ। କାରଣ କେବଳ ଶାଳିଆ ବାଉଁଶରେ ହିଁ ଏହା ତିଆରି ହୁଏ। ଜଙ୍ଗଲ ବିଭାଗର କଟକଣା ଯୋଗୁ ଆଉ ସେମାନେ ବାଉଁଶ ପାଇଁ ଜଙ୍ଗଲକୁ ଯାଇପାରୁ ନାହାନ୍ତି। ଏହାଛଡ଼ା ହାତୀ ଆତଙ୍କ ଯୋଗୁଁ ଜଙ୍ଗଲ ଭିତରକୁ ଯିବା ଆଉ ଏକ ବାଧକ। ତେଣୁ ସେମାନେ କେବଳ ଗ୍ରାମ୍ୟ ଜଙ୍ଗଲ ଉପରେ ନିର୍ଭର କରନ୍ତି। ପର୍ଯ୍ୟାପ୍ତ ବାଉଁଶ ମିଳୁ ନାହିଁ। ଯାହା ମିଳୁଛି, ଗାଁକୁ କିଛି ଅର୍ଥ ଦେଇ କିଣିବାକୁ ପଡୁଛି। ଏସବୁ ଦୃଷ୍ଟିରୁ ଗୁରୁଡ଼ା ତିଆରି କରିବା ଏତେ ସହଜ ହେଉନାହିଁ। ତଥାପି ଅନ୍ୟ କୌଣସି କାମ ନ ଥିବାରୁ ବାଧ୍ୟହୋଇ ଜୀବନ ଜୀବିକା ପାଇଁ ଏହି କାମ କରୁଛନ୍ତି।



ଦିନରେ ସର୍ବାଧିକ ୩ରୁ ୪ଟି ଗୁରୁଡ଼ା ତିଆରି କରିବା ସମ୍ଭବ ହୋଇପାରୁଛି। ସେମାନଙ୍କଠାରୁ ବାହାର ବେପାରୀମାନେ ଗୋଟିଏ ଗୁରୁଡ଼ା ୭୦ ରୁ ୮୦ ଟଙ୍କାରେ କିଣି ନେଉଛନ୍ତି। କିନ୍ତୁ ବୃକ୍ଷରୋପଣ କରୁଥିବା ସଂସ୍ଥାଙ୍କୁ ଗୋଟା ପିଛା ୧୦୦ରୁ ୧୨୦ ଟଙ୍କାରେ ବିକ୍ରି କରୁଛନ୍ତି। ତେଣୁ ଗରିବ ବାଉଁଶ କାରିଗରଟି କ୍ଷତି ସହୁଥିବା ବେଳେ ବେପାରୀ ମାଲାମାଲ ହେଉଛନ୍ତି। ଅନୁଗୋଳ ଜିଲ୍ଲାରେ ପ୍ରତିବର୍ଷ ବର୍ଷାଦିନେ ଲକ୍ଷାଧିକ ଗୁରୁଡ଼ା ଆବଶ୍ୟକ ପଡେ। ଏହି ଆବଶ୍ୟକତାକୁ କେବଳ ଜଙ୍ଗଲ ନିକଟସ୍ଥ ଗାଁର ଲୋକେ ହିଁ ପୂରଣ କରିଥାଆନ୍ତି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ତରଫରୁ ବିଭିନ୍ନ ମହିଳା ଗୋଷ୍ଠୀଙ୍କୁ ଗୁରୁଡ଼ା ବିକ୍ରି ପାଇଁ ପଞ୍ଜୀକରଣ କରାଯାଇଛି। ବନ ବିଭାଗଠାରୁ ଆରମ୍ଭ କରି ଯେଉଁ ବୃକ୍ଷ ରୋପଣକାରୀ ସଂସ୍ଥା ଗୁରୁଡ଼ା ଆବଶ୍ୟକ କରିବେ, କେବଳ ପଞ୍ଜିକୃତ ହୋଇଥିବା ଗ୍ରାମ୍ୟ କମିଟି ଏବଂ ମହିଳା ଗୋଷ୍ଠୀଙ୍କ ଠାରୁ ହିଁ ନିର୍ଦ୍ଧାରିତ ମୂଲ୍ୟ ଦେଇ କିଣିବେ। କିନ୍ତୁ ସେଥିପ୍ରତି କାହାର ନଜର ପଡୁନି। ଏହାଛଡା ଅନେକ ଅଣପଞ୍ଜିକୃତ ପରିବାର ଗୁରୁଡ଼ା ତିଆରି କରୁଛନ୍ତି। ତେଣୁ ସେମାନେ ବାଧ୍ୟହୋଇ ବାହାର ବେପାରୀଙ୍କୁ କମ୍ ଦାମରେ ବିକ୍ରି କରୁଛନ୍ତି। ବୟସ୍କ କାରିଗର ଘରେ ହାତବାନ୍ଧି ଭଙ୍ଗାଦଦରା ଝାଟିମାଟି କୁଡ଼ିଆରେ ଓଳିଏ ଖାଇ ଓଳିଏ ଉପାସରେ ରହି ଦିନ କାଟୁଛନ୍ତି। ପ୍ରତିବର୍ଷ ବାଉଁଶରେ ଗୁରୁଡ଼ା ତିଆରି କରି ହଜାର ହଜାର ଜଙ୍ଗଲ ଅଧିବାସୀ ଜୀବିକା ନିର୍ବାହ କରନ୍ତି। ତେଣୁ ବନ ବିଭାଗ ତରଫରୁ ବ୍ୟାପକ ଶାଳିଆ ବାଉଁଶ ରୋପଣ କରି ସେମାନଙ୍କୁ ଯୋଗାଇଦେଲେ, ସେମାନଙ୍କ ଜୀବିକାରେ ଉନ୍ନତି ଆସିପାରନ୍ତା। ଏଥିସହ ଉଚିତ ମୂଲ୍ୟ ପାଇବା ପାଇଁ ପ୍ରଶାସନ ପଦକ୍ଷେପ ଗ୍ରହଣ କଲେ, ସେମାନେ ଆଉ କ୍ଷତି ସହିବେ ନାହିଁ।

# ଆଉ ଶୁଭୁନି ଠକ୍ ଠକ୍



ବୌଦ୍ଧ : ଦିନଥିଲା ଧାନରୁ ଚାଉଳ ବାହାର କରିବା ହେଉ ଅବା ପିଠା ପାଇଁ ଚୁନାକୁଟା ହେଉ ଲୋକେ ଢିଙ୍କି ଉପରେ ନିର୍ଭର କରୁଥିଲେ। ସମୟକ୍ରମେ ଧାନକଳ, ଚୁଡ଼ାକଳ ସମେତ ଘରେ ଘରେ ଗ୍ରାଇଣ୍ଡର ବହୁଳ ବ୍ୟବହାର ଯୋଗୁଁ ଢିଙ୍କିର ଗୁରୁତ୍ୱ କମିବାରେ ଲାଗିଛି। ଅନେକ ଗାଁରୁ ଢିଙ୍କି ପ୍ରାୟ ଲୋପପାଇବାରୁ ବସିଲାଣି। ଏପରିସ୍ଥଳେ ବୌଦ୍ଧ ଜିଲ୍ଲାର ଅନେକ ଅଂଚଳରେ ଲୋକଙ୍କ ବିଶ୍ୱାସ ରହିଛି ଢିଙ୍କି ଥିଲେ ମା' ଲକ୍ଷ୍ମୀ କୁଆଡ଼େ ଅବସ୍ଥାନ କରିଥା'ନ୍ତି। ସେହିକ୍ରମେ ଅନେକ ପରିବାର ଏବେ ବି ଘରେ ଢିଙ୍କି ରଖି ପୂଜା କରୁଛନ୍ତି। ପୁରୁଣା ଲୋକଙ୍କ କହିବାନୁଯାୟୀ ପୂର୍ବରୁ କୌଣସି କଳକବଜା ନ ଥିଲା। ଫଳରେ ଘରେ ଘରେ ବିବାହ, ବନ୍ଦାପଣା, ପୂଜା, ନୁଆଁଖାଇ ଭଳି ପର୍ବପର୍ବାଣୀ ଆଦି ପଡ଼ିଲେ ଲୋକମାନେ କେବଳ ଢିଙ୍କିର ବ୍ୟବହାର କରୁଥିଲେ। ଢିଙ୍କି ଦ୍ୱାରା ଧାନରୁ ଚାଉଳ, ଚୁନା, ଚୁଡ଼ା ଏବଂ ମୁଢି ଚାଉଳ, ଗହମ ଏପରିକି ଅଦା, ରସୁଣ ମଧ ଭୋଜି କାର୍ଯ୍ୟରେ ଛେଚି ପ୍ରସ୍ତୁତ କରିଥାନ୍ତି। ଢିଙ୍କିରୁ ପ୍ରସ୍ତୁତ ହୋଇଥିବା ଖାଦ୍ୟ ଅତି ଭିଟାମିନ ଯୁକ୍ତ, ସ୍ୱାଦିଷ୍ଟ ହୋଇଥାଏ। କିନ୍ତୁ ଆଧୁନିକ ଯୁଗରେ ଆସର ମେଲେଇ ବସିଛି ନୂଆ ନୂଆ କଳକବ୍ଜା। ଅଳ୍ପ ସମୟରେ ବସ୍ତା ବସ୍ତା ଚାଉଳ, ଗହମ, ଚୁଡ଼ା ପେସା ଯାଇପାରୁଛି। କିନ୍ତୁ ଏହି ପୁରୁଣା ପରମ୍ପରା ସଂସ୍କୃତି ଲୋପ ପାଇ ବସିଥିବା ବେଳେ ପଶ୍ଚିମ ଓଡ଼ିଶାରେ ଢିଙ୍କିକୁ ମହିଳାମାନେ ଅନ୍ନପୂର୍ଣ୍ଣା ଭାବେ ପୂଜା କରିଥା'ନ୍ତି। କଥାରେ କୁହନ୍ତି ଯାହା ଘରେ ଢିଙ୍କି ରହିଥାଏ ତାହାଘରେ ମା'ଲକ୍ଷ୍ମୀଙ୍କ ଆସ୍ଥାନ ରହିଥାଏ। ସେନେଇ ଆଜିବି ବୌଦ୍ଧ ଜିଲ୍ଲାର କିଛି ଗାଁରେ କାଁ ଭାଁ ଢ଼ିଙ୍କି ରହିଛି, କେବଳ ଠାକୁରାଣୀଙ୍କ ନବାହ୍ନ ଭୋଗ ହେଉକି କି ପୂଜା କାର୍ଯ୍ୟରେ ଆବଶ୍ୟତା ହେଉଥିବା ଭୋଗ ରାଗର ପ୍ରସ୍ତୁତି ଢିଙ୍କି ଦ୍ୱାରା ହିଁ କାର୍ଯ୍ୟ ଜାରିରହିଛି। ବର୍ତମାନ ବି ଆଧୁନିକତା ଯୁଗରେ ଲୋପ ପାଇଯାଉଥିବା ଢିଙ୍କି ବୌଦ୍ଧ ଜିଲ୍ଲାର ବିଭିନ୍ନ ଗ୍ରାମାଂଚଳ ଗୁଡ଼ିକରେ ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି। ଢିଙ୍କିର ପାଇଁ ଏକ ୮/ରୁ ୧୦ ଫୁଟ ଲମ୍ବ, ୧୦ଇଂଚ ଗୋଲେଇର ଏକ ସବଳ କାଠ ଦରକାର ହୋଇଥାଏ। କାଠର ଆଗରେ ଏକ କଣା କରି ତା ମଧରେ ଏକ ୨ଫୁଟ ଭିତରେ ଏକ ଛୋଟ କାଠ କିଳାର ମୂଳରେ ଲୁହା ବଳା ଲଗାଇ ଖଞ୍ଜା ଯାଇଥାଏ। ପରେ ମାଟି ଉପରେ ଏକ କାଠଶାଳରେ ଗାତ କରାଯାଇଥିବା ବେଳେ ଢିଙ୍କି କୁଟିବା ସମୟରେ ଏପଟ ସେପଟ ନ ହେବା ପାଇଁ ଢିଙ୍କି ମଝିରେ ଉଭୟ ପାଶ୍ୱର୍ରେ ଗାତ ଖୋଳି ଦୁଇଟି କାଠ ପୋତିଦିଆଯାଇଥାଏ। ଯେତେବେଳେ ଧାନ ଚାଉଳ ଚୁନା ଆଦି ପ୍ରସ୍ତୁତ କରିବାକୁ ହେଲେ ଦୁଇଜଣ ମହିଳା ଆବଶ୍ୟକ ତା ରହିଥାଏ। ଜଣେ ଢିଙ୍କିର ଶେଷ ମୁଣ୍ଡରେ ଗୋଡ଼ ସାହାଯ୍ୟ ରେ ଢିଙ୍କି କୁଟୁଥିବା ବେଳେ ଅନ୍ୟଜଣେ ଆଗରେ ରହି ଧାନ, ଚାଉଳ, ଆଦି ଗାତରେ ସାଉଁଟି ନେଇଥାନ୍ତି।'




# ସଲଖୀ ଚାହୁଁନି ସାଳନ୍ଦୀ ନଦୀ



ଭଦ୍ରକ: ଭଦ୍ରକ ଜିଲ୍ଲାର ଜୀବନରେଖା କୁହାଯାଉଥିବା ସାଳନ୍ଦୀ ନଦୀ ପାଇଁ ହୋଇଥିବା ସରକାରଙ୍କ ସଂସ୍କାର ଯୋଜନା ବାଟବଣା। ୨୦୦୬-୦୭ ମସିହାରୁ ଅଦ୍ୟାବଧି ୮୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ ଏ ପର୍ଯ୍ୟନ୍ତ ନଦୀର ପୁନରୁଦ୍ଧାର ହୋଇନାହିଁ। ଅନ୍ୟପକ୍ଷରେ, ନଦୀ ଶୁଷ୍କପ୍ରାୟ ହୋଇପଡୁଥିବାରୁ ଏହା ନାଳ ପରି ଦିଶିଲାଣି। ଯାହାକି ଭଦ୍ରକ ଜିଲ୍ଲାବାସୀଙ୍କ ପାଇଁ ସତର୍କଘଂଟି ସଦୃଶ। ଏଥିପ୍ରତି ଏବେଠୁ ଦୃଷ୍ଟି ଦିଆନଗଲେ, ଆଗାମୀଦିନରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ସାଳନ୍ଦୀ ନଦୀର ଗର୍ଭ ପୋତିହେବା କାରଣରୁ ୧୯୯୯ ମସିହାରେ ପ୍ରଳୟଙ୍କରୀ ବନ୍ୟା ସମୟରେ ନଦୀକୂଳିଆବାସୀଙ୍କ ବହୁ ଧନଜୀବନ ହାନି ଘଟିଥିଲା। ଏହାକୁ ଦୃଷ୍ଟିରେ ରଖି ସାଳନ୍ଦୀ ସଂସ୍କାର ଯୋଜନା ଆରମ୍ଭ ହୋଇଥିଲା। କେନ୍ଦ୍ର ସରକାରଙ୍କ ଏହି ଯୋଜନାରେ ୨୦୦୬-୦୭ରେ ୯୯ କୋଟି ଟଙ୍କା ମଞ୍ଜୁର ପରେ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପରବର୍ତୀ ସମୟରେ ପ୍ରକଳ୍ପର ଅଟକଳ ୧୪୪ କୋଟି ୬୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ନଦୀ ଖନନ, ଡ୍ରେନେଜ୍ ବ୍ୟବସ୍ଥା ଓ ନଦୀବନ୍ଧ ନିର୍ମାଣ ବାବଦକୁ ୩୯ କୋଟି, ପ୍ରକଳ୍ପରେ ଜମି ଅଧିଗ୍ରହଣ ବାବଦକୁ ୪୪ କୋଟି, ଦଶମୌଜା ଓ ଗୋପାଳିଆ କେନାଲ୍ ଖନନ ବାବଦକୁ ୮୦ କୋଟି ୧୮ ଲକ୍ଷ ଟଙ୍କା ଖର୍ଚ୍ଚ ପରେ ମଧ ନଦୀ ସଂସ୍କାର ଯୋଜନା ବାଟବଣା ହୋଇଛି। ଠିକ୍‌ଭାବେ କାମ ହେଉ ନ ଥିବାରୁ ନଦୀ ଦଳ ଭର୍ତି ହେବା ସହ ଅପରିଷ୍କାର ହୋଇଯାଉଛି। ପ୍ରତିବର୍ଷ ଦଳ ସଫା, ନଦୀଜଳକୁ ପ୍ରଦୂଷଣମୁକ୍ତ କରିବା ଓ କୂଳ ବନ୍ଧ ସୁରକ୍ଷା ନାଁ'ରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିଲେ ବି ସୁଫଳ ମିଳୁନଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ,ଏବେ ନଦୀର ଜଳ ବହୁମାତ୍ରାରେ କମିଲାଣି। ନଦୀ ଏବେ ନାଳର ଭ୍ରମ ସୃଷ୍ଟି କରୁଛି। ଗ୍ରୀଷ୍ମ ଆରମ୍ଭ ନ ହେଉଣୁ ଏପରି ଅବସ୍ଥା ପରିବେଶବିତ୍ ତଥା ଜିଲ୍ଲାବାସୀଙ୍କୁ ଚିନ୍ତାରେ ପକାଇଛି। ପରିବେଶବିତ୍‌ଙ୍କ କହିବା କଥା, ଖରା ବଢ଼ିଲେ ଜିଲ୍ଲାରେ ଜଳ ସମସ୍ୟା ଗମ୍ଭୀର ହେବା ନିଶ୍ଚିତ। ସାଳନ୍ଦୀରୁ ବାହାରିଥିବା ଜିଲ୍ଲାର କେନାଲ୍ ସବୁ ଶୁଖିଯାଇଛି। କେଉଁ କେନାଲ୍‌ରେ ପାଣି ନାହିଁ ତ କେଉଁ କେନାଲ୍ ଦଳ ଭର୍ତି। ଆଉ କିଛି କେନାଲ୍ ପାଣି ନ ଆସିବାରୁ ପୋତି ହୋଇପଡ଼ିଛି। ଫଳରେ ଚାଷ କାମ ପ୍ରଭାବିତ ହେଉଛି। ଜିଲ୍ଲା ଅନ୍ତର୍ଗତ ବନ୍ତ ବ୍ଲକ୍‌ର ୬ ପଂଚାୟତ, ଭଦ୍ରକର ୧୦, ତିହିଡ଼ିର ୭ ଏବଂ ଚାନ୍ଦବାଲିର ୬ ପଂଚାୟତର ଚାଷୀ ଚାଷ ପାଇଁ ନଦୀ ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭର କରିଥା'ନ୍ତି। ଏଥିସହିତ, କେତେକ ସ୍ଥାନରେ ନଦୀଗର୍ଭ ଜବରଦଖଲ ସାଙ୍ଗକୁ ବେଆଇନ ବାଲିଉଠାଣ, କମ୍ପାନି ଦ୍ୱାରା ଜଳ ଶୋଷଣ ଓ ଅଳିଆ ଆବର୍ଜନା ସଫେଇ ହେଉ ନଥିବା ମୁଖ୍ୟ ସମସ୍ୟା ପାଲଟିଛି। ନଦୀକୁ ନିୟମିତ ଭାବେ ବର୍ଜ୍ୟବସ୍ତୁ ଫିଙ୍ଗାଯାଉଛି। ସହରର ଦୂଷିତ ଜଳକୁ ସାଳନ୍ଦୀରେ ନ ମିଶାଗଲେ ଏବଂ ନଦୀଗର୍ଭକୁ ଖନନ କରାଗଲେ ପୁନରୁଦ୍ଧାର ହୋଇପାରିବ ଏବଂ ବନ୍ୟା ବିପଦରୁ ରକ୍ଷା ମିଳିପାରିବ ବୋଲି ମତପ୍ରକାଶ ପାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ସାଳନ୍ଦୀ ମୟୂରଭଞ୍ଜ ଜିଲ୍ଲାର ମେଘାସନ ପର୍ବତରୁ ବାହାରିବା ସହ କେନ୍ଦୁଝର ଜିଲ୍ଲା ଦେଇ ଭଦ୍ରକ ଜିଲ୍ଲାରେ ପ୍ରବାହିତ ହୋଇଛି ଏବଂ ଚାନ୍ଦବାଲି ବ୍ଲକ୍ ତିନିତରଠାରେ ବୈତରଣୀ ନଦୀରେ ମିଶିଛି। ନଦୀ ଅତିକ୍ରମ କରୁଥିବା ଦୂରତା ୧୦୩ କିଲୋମିଟର ହେବ। ସାଳନ୍ଦୀ ଉପରେ କେନ୍ଦୁଝର ହଦଗଡ଼ଠାରେ ଏକ ବନ୍ଧ ମଧ ନିର୍ମାଣ କରାଯାଇଛି। ଲକ୍ଷାଧିକ ଚାଷୀ ସେହି ଜଳ ଦ୍ୱାରା ଉପକୃତ ହେଉଛନ୍ତି।

# ଶୁଖିଯାଉଛି ପ୍ରଧାନପାଟ, ଚିନ୍ତାରେ ପରିବେଶବିତ୍

ଦେବଗଡ଼: ବଣପାହାଡ଼ ଘେରା ଦେବଗଡ଼ ଜିଲ୍ଲାର ପ୍ରଧାନପାଟ ଜଳପ୍ରପାତ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରିଛି। ଦେବଗଡ଼ ସହରବାସୀଙ୍କ ଜୀବନଧାରାର ପ୍ରମୁଖ ଉତ୍ସ ଏହି ଜଳପ୍ରପାତ ରାଜରାଜୁଡ଼ା ଅମଳରୁ ଆଜିପର୍ଯ୍ୟନ୍ତ ପାନୀୟ ଜଳ ଯୋଗାଇ ଆସୁଛି। ଏବେ ଧୀରେ ଧୀରେ ଏହାର ଧାର ଶୁଖି ପାଣି ଝରିବା କମିବାରେ ଲାଗିଲାଣି। ଏ ନେଇ ପରିବେଶପ୍ରେମୀ, ବୁଦ୍ଧିଜୀବୀ ବେଶ୍ ଚିନ୍ତା ପ୍ରକଟ କରିଛନ୍ତି। ଘଂଚ ଅରଣ୍ୟ ବିଶିଷ୍ଟ ଅପୂର୍ବ ଶୋଭାରାଜି ଏହି ଜଳପ୍ରପାତର ଅବସ୍ଥିତି। କିନ୍ତୁ, ଦୁଃଖର ବିଷୟ ବର୍ତମାନ ଜଳପ୍ରପାତର ପାଦଦେଶର ଥିବା ସଂରକ୍ଷିତ ଜଙ୍ଗଲ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ଅବାଧ ଗଛ କଟା ଦ୍ୱାରା ଉଭୟ ଜଙ୍ଗଲ ଶୋଭାରାଜି ନଷ୍ଟ ହେବାସହ ଜଳଧାର କମୁଥିବା ପରିବେଶବିତ୍‌ମାନେ ମତ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଦେବଗଡ଼ ସହରବାସୀଙ୍କ ପାଇଁ ଦୈନିକ ୩.୬ ଏମ୍ଏଲ୍‌ଡି ପାଣି ଆବଶ୍ୟକ। ସେଥିରୁ ପ୍ରଧାନପାଟ ଜଳପ୍ରପାତରୁ ମାତ୍ର ୧ ଲକ୍ଷ ଲିଟର ପାଣି ସଂଗୃହୀତ ହେଉଥିବା ବେଳେ ୧.୪ ଏମ୍ଏଲ୍‌ଡି ପାଣି ଗଭୀର ନଳକୂପରୁ ନିଆଯାଉଛି। ଏହିପରି ଭାବେ ସହରବାସୀଙ୍କ ମିଳୁଛି ମାତ୍ର ୨.୪ ଏମ୍ଏଲ୍‌ଡି ପାଣି। ଯାହାକି ସେମାନଙ୍କ ଶୋଷ ମେଂଟାଇ ପାରୁନାହିଁ। ଗୋଟିଏପଟେ ପ୍ରଧାନପାଟର ଜଳଧାର ଶୁଖିଯାଉଥିବା ବେଳେ ଅନ୍ୟପଟେ ଭୂତଳ ଜଳସ୍ତର ବି କମିବାରେ ଲାଗିଛି। ଫଳସ୍ୱରୂପ ପୌରାଂଚଳରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ନେବାରେ ଲାଗିଛି। ପାଣି ଶୁଖି ଯାଉଥିବାରୁ ଆଗାମୀ କିଛିବର୍ଷ ଭିତରେ ପ୍ରଧାନପାଟ ତା'ର ସତା ହରାଇବା ଆଶଙ୍କା ପ୍ରକାଶ ପାଇଛି। ତତ୍?କାଳୀନ ବାମଣ୍ଡା ରାଜା ସଚିଦାନନ୍ଦ ତ୍ରିଭୂବନ ଦେବ ପ୍ରଧାନପାଟର ସୁରକ୍ଷା ନେଇ ଏକ ମାର୍ବଲ ଖୋଦିତ ଶିଳାଲିପିରେ ଜନସାଧାରଣଙ୍କ ସତର୍କ ସୂଚନା ଲେଖିଥିଲେ। ଦୂରଦର୍ଶୀ ରାଜା ସେ ସମୟରୁ ହିଁ ପ୍ରଧାନପାଟ ଜଙ୍ଗଲ ଧ୍ୱଂସ ଓ ପ୍ରଧାନପାଟ ଜଳପ୍ରପାତର ପାଣି ଶୁଖିବା ନେଇ ଆଶଙ୍କା ପ୍ରକାଶ କରି ଲୋକଙ୍କୁ ସଚେତନ କରିଥିଲେ। ଯାହା ଆଜି ସତ ହେବାକୁ ଯାଉଛି।



# ଜିଲ୍ଲାସ୍ତରୀୟ ଡାଇରିଆ ନିରାକରଣ ସମୀକ୍ଷା

ଭବାନୀପାଟଣା, (ହି.ସ) - କଳାହାଣ୍ଡି ଜିଲ୍ଲାସ୍ତରୀୟ ଡାଇରିଆ ନିରାକରଣ ସମୀକ୍ଷା ବୈଠକ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସଓ୍ୱାନ ହଲ୍ଠାରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ସମୀକ୍ଷା ବୈଠକରେ ଅଭାଷୀ ମାଧମରେ ଜିଲ୍ଲାର ସମସ୍ତ ତହସିଲଦାର, ବିଡିଓ., ସହରାଂଚଳ ନିର୍ବାହୀ ଅଧିକାରୀ, ଜିଲ୍ଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଅଂଶ ଗ୍ରହଣ କରିଥିଲେ । ବିଶେଷ କରି ଜିଲ୍ଲାର ସହରାଂଚଳ ଭବାନୀପାଟଣା, ଧର୍ମଗଡ଼, ଜୁନାଗଡ, କେସିଙ୍ଗା ତଥା ବ୍ଲକ ସ୍ତରରେ ଥିବା ସମସ୍ତ ନାଳ ନର୍ଦ୍ଦମା, ଅଳିଆ ଆବର୍ଜନା, ପାଣିଜମି ରହୁଥିବା ସ୍ଥାନ ଇତ୍ୟାଦି କୁ ସଫାସୁତୁରା କରାଇ ଆବଶ୍ୟକ ଫିନାଇଲ, ବ୍ଲିଚିଙ୍ଗ ପକାଇ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବ୍ଲକ ସ୍ତରରେ ବିଡିଓ, ତହସିଲଦାର, ମେଡ଼ିକାଲ ଅଫିସର, ଗୋଷ୍ଠୀ ଶିକ୍ଷା ଅଧିକାରୀ, ସିଡିପିଓଙ୍କୁ ନେଇ ଏକ କମିଟି ଗଠନ କରି ସ୍ୱଚ୍ଛତା ଓ ଡାଇରିଆ ନିରାକରଣର ସଚେତନତା ବାର୍ତ୍ତା ଗ୍ରାମପଂଚାୟତ ରୁ ଗାଁ ପର୍ଯ୍ୟନ୍ତ ଘରକୁ ଘର ବୁଲି ଅଙ୍ଗନବାଡି , ଆଶା କର୍ମୀମାନେ ଲୋକଙ୍କୁ ଡାଇରିଆ ନିରାକରଣ ନିମନ୍ତେ ଆବଶ୍ୟକ ସତର୍କତା ଓ ସଚେତନତାର ବାର୍ତ୍ତା ଦେବାପାଇଁ ଏବଂ ବିଡିଓ, ତହସିଲଦାର ଏହାର ତଦାରଖ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବିଶେଷ କରି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସ୍ୱାସ୍ଥ୍ୟ ସଚେତନତା ଡାଇରିଆ ନିରାକରଣ ଦିଗରେ ଅଧିକ ଯତ୍ନବାନ ହୋଇ କାର୍ଯ୍ୟ କରିବା, ଖାଦ୍ୟ ନିରୀକ୍ଷକଙ୍କ ଦ୍ୱାରା ଦୋକାନ,ବଜାର, ହୋଟେଲ ରେ ଉପଲବ୍ଧ ଖାଦ୍ୟର ଗୁଣବତା ରେଗୁଲାର ଚେକ କରିବା ପାଇଁ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ, ହଷ୍ଟେଲ ପରିବେଶ ସଫାସୁତୁରା ରଖିବା, ଛାତ୍ରଛାତ୍ରୀଙ୍କୁ ଡାଇରିଆ ନିରାକରଣ ନିମନ୍ତେ ସଚେତନ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢୀ, ପ୍ରୋବେଶନାରୀ ଆଇଏଏସ ଅନିମେଷ ପ୍ରଧାନ, ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡା, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ରାକେଶ କୁମାର ସାହୁ,ଜିଲ୍ଲା ସାମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପ ସିଂ ରାଉତଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଆଭାଷୀ ମାଧମରେ ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର ଏହି ସମୀକ୍ଷା ବୈଠକରେ ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

## ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତିରେ ବିକାଶ ବାହନ କାର୍ଯ୍ୟକ୍ରମ

# ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ ହେଲେ ନୂଆଗାଁ ବ୍ଲକର ଶତାଧିକ ହିତାଧିକାରୀ



ରାଉରକେଲା ,(ପିପିଏସ୍): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ୧୨ ଜୁନରୁ ୨୧ ଜୁନ ପର୍ଯ୍ୟନ୍ତ ରାଜ୍ୟ ବ୍ୟାପୀ ସରକାରୀ ଯୋଜନାଗୁଡ଼ିକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ‘ବିକାଶ ବାହନ’ ମାଧ୍ୟମରେ ଜନ ସଚେତନତା ସୃଷ୍ଟି କରାଯାଇଛି । ଏଥିସହିତ ବିଭିନ୍ନ ବ୍ଲକର ବିଭିନ୍ନ ପଞ୍ଚାୟତରେ ରାଜ୍ୟ ସରକାରଙ୍କ ସାସ୍ଥ୍ୟ ,କୃଷି ପରି ବିଭିନ୍ନ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଲୋକଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ଅବଗତ କରବା ସହିତ ବିଭିନ୍ନ ଯୋଜନାରେ ବାଦ ପଡି ଥିବା ଲୋକ ମାନଙ୍କୁ ଏହାର ଅନ୍ତର୍ଭୁକ୍ତ କରାଯାଇଛି । ଏହି ପରିପ୍ରେକ୍ଷୀରେ ଶେଷ ଦିନରେ ନୂଆଗାଁ ବ୍ଲକର କରଡେଗା ପଂଚାୟତରେ ଅୟୋଜିତ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ପାନପୋଷ ବିଜୟ କୁମାର ନାୟକ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ । ସେ ଏହି ଅବସରରେ ହିତାଧିକାରୀମାନଙ୍କୁ କାର୍ଡ ବଣ୍ଟନ କରିଥିଲେ । ଏହି ଅବସରରେ ବିଡିଓ ଜ୍ୟୋତିବିକାଶ ଦାଶ ସୂଚନା ଦେଇଥିଲେ ଯେ ୧୦ ଦିନର ର ଏହି ସଚେତନତା କାର୍ଯ୍ୟକ୍ରମରେ ନୂଆଗାଁ ବ୍ଲକର ୬୫୫ ଜଣ ହିତାଧିକାରୀଙ୍କୁ ଜବ୍କାର୍ଡ, ୨୬ ଜଣଙ୍କୁ ରାସନକାର୍ଡ, ୧୧୭ ଜଣଙ୍କୁ ସିଏମ କିସାନ ଓ ୧୧୦ ଜଣଙ୍କୁ ପିଏମ କିସାନ ଯୋଜନା ଅର୍ନ୍ତଭୁକ୍ତ କରାଯାଇଛି । ସେହିପରି ୫୩୯ ଜଣଙ୍କୁ ଆୟୁଷ୍ମାନ ଭାରତ ବୟୋ ବନ୍ଦନା କାର୍ଡ ପ୍ରଦାନ କରାଯାଇଥିବା ବେଳେ ୩୧୯ ଜଣ କାର୍ଡ ପାଇଁ ଆବେଦନ କରିଛନ୍ତି କ୍ଷ ସେହିପରି ଏଫଆରଏ ପଟ୍ଟା ୩୯ ଜଣଙ୍କୁ ପ୍ରଦାନ କରାଯାଇଛି । ନୂତନ ୪୪ ଜଣ ହିତାଧିକାରୀଙ୍କୁ ପେନ୍ସନ୍ ପ୍ରଦାନ କରାଯାଇଛି । ଏହା ସହିତ ୩୮୫ ଗୋଟି ଗଛ ଲଗାଯାଇଛି । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିରମିତ୍ରପୁର ତହସିଲଦାର ଗୌରୀ ନାୟକ, ଜିଲ୍ଲା ପରିଷଦ ସଦସ୍ୟ ଜ୍ୟୋତି ଟେଟେ , ଜିଲ୍ଲା କୃଷି ଅଧିକାରୀ ଜି ଜୟନ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ଚବିଶ ପ୍ରହର ନାମଯଜ୍ଞ

ସମ୍ବଲପୁର: ସମ୍ବଲପୁର-ଝାରସୁଗୁଡ଼ା ଜାତୀୟ ରାଜପଥ ପାର୍ଶ୍ୱ ବୈଦାର ନୂଆଁପାଲି ଗ୍ରାମ ଠାରେ ଆଧାତ୍ମିକ ଓ ସାଂସ୍କୃତିକ ପରିବେଶ ୭ ତାରିଖ ଠାରୁ ଚାଲିଥିବା ଚବିଶ ପ୍ରହରୀ ନାମ ଯଜ୍ଞ ଆଜି ମହାସମାରୋହ ରେ ଉଦଯାପିତ ହୋଇଛି । ବୈଦାର ନୂଆଁପାଲି ମିଳିତ ନାମଯଜ୍ଞ କମିଟି ତରଫରୁ ଏହି ଭାଗବତ ସମାବେଶ ରେ କର୍ତ୍ତା ଭାବରେ ଇଂ. ଭାଗିରଥୀ ସାହୁ ଓ ଅହଲ୍ୟା ସାହୁ ଯୋଗ ଦେଇଥିବା ବେଳେ ଗ୍ରାମ ପୁରୋହିତ ଦେବ ବେହେରା ଙ୍କ ଦ୍ୱାରା ହୋମ-ପୂଜା କାର୍ଯ୍ୟ ସମ୍ପାଦିତ ହୋଇଥିଲା । ପ୍ରଥମ ଦିବସରେ କଳାଶ ଅଧିବାସ ପରେ ୮ ରି ଖରୁ ହୋମ-ପୂଜା-ନାମ ସଂକୀର୍ତନ ଆରମ୍ଭ ହୋ ଆଜି ପୂର୍ଣ୍ଣାହୁତି, ପ୍ରସାଦ ସେବନ, ବୈଠକୀ ଓ ନଗର କୀର୍ତନ ଆୟୋଜିତ ହୋଇଥିଲା । ପ୍ରାୟ ୨୦ ଟି ଗ୍ରାମ ର ସଂକୀର୍ତନ ଦଳ ଏହି ନାମ ଯଜ୍ଞ ରେ ଭାଗ ନେଇଥିବା ବେଳେ ନିମନ୍ତ୍ରିତ କଳାକାର ଦଳ ଭାବେ ଭେଡେନ ଓ ପାହାଡ଼ସିରିଗିଡ଼ା ତଥା ଛତିଶଗଡ଼ ର ଖଇରଗାଡ଼ି ଓ ଚାଂଟିପାଲି ଗ୍ରାମ ର ସଂକୀର୍ତନ ଗୋଷ୍ଠୀ ବୈଠକୀ ରେ ଯୋଗ ଦେଇ ନୃତ୍ୟ, ସଙ୍ଗୀତ ଓ ଅଭିନୟ ପ୍ରଦର୍ଶନ କରିଥିଲେ ।

# ଅନ୍ତର୍ଜାତୀୟ ଯୋଗ ଦିବସରେ ଯୋଗଦେଲେ ମନ୍ତ୍ରୀ

ଫୁଲବାଣୀ (ହି.ସ.)- ଯୋଗର ମହତ୍ୱ ଓ ଏହାର ବିଶ୍ୱବ୍ୟାପୀ ପ୍ରଭାବକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବର୍ଷ ଜୁନ୍ ୨୧ ତାରିଖକୁ ଅନ୍ତର୍ଜାତୀୟ ଯୋଗ ଦିବସ ରୂପେ ପାଳନ କରାଯାଏ । । ଚଳିତ ଅନ୍ତର୍ଜାତୀୟ ଯୋଗ ଦିବସର ଅନୁଚିନ୍ତା ହେଉଛି “ ଏକ ପୃଥିବୀ , ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ “ । ଏହି ଅବସରରେ ଫୁଲବାଣୀ କୋରୋନେସନ୍ ପଡ଼ିଆ, ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଥିଲା । ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା ସରକାର ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ଯୋଗ ମାଧ୍ୟମରେ ମଣିଷ ମାନସିକ ଚାପ, ଅବସାଦ ଓ ବିଭିନ୍ନ ରୋଗରୁ ମୁକ୍ତି ପାଇଥାଏ । ଏହା ଶରୀରର ନମନୀୟତା ବୃଦ୍ଧି କରିବା ସହିତ ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିଥାଏ । ଯୋଗର ଉପକାରିତା ଏବଂ ଆବଶ୍ୟକତା ବିଷୟରେ ଅବଗତ ହୋଇ ଏହାକୁ ଜୀବନର ଅଂଶ କରିବା ସହିତ ଏହାର ବ୍ୟାପକ ପ୍ରଚାର ପ୍ରସାର କରି ଏକ ସୁସ୍ଥ ସମାଜ ଗଠନରେ ସହାୟକ ହେବାକୁ ପରାମର୍ଶ ଦେଇଥିଲେ ଏବଂ ଯୋଗର ଉପଯୋଗୀତା ବିଷୟରେ ଜାଣି ଏହାକୁ ଏକ ଦୈନନ୍ଦିନ ଅଭ୍ୟାସ ଭାବେ ଗ୍ରହଣ କରିବା ପାଇଁ ଶପଥ ପାଠ କରାଇଥିଲେ । ବିଧାୟକ, ଫୁଲବାଣୀ ଉମା ଚରଣ ମଲ୍ଲିକ ଏବଂ ବିଧାୟକ, ଜି. ଉଦୟଗିରି ପ୍ରଫୁଲ ଚନ୍ଦ୍ର ପ୍ରଧାନ ମଧ୍ୟ ଯୋଗର ଉପକାରିତା ବିଷୟରେ ଆଲୋଚନା କରିବା ସହିତ ଏହାକୁ ନିତିଦିନିଆ ଜୀବନରେ ସାମିଲ କରିବାକୁ ପରାମର୍ଶ ଦେଇଥିଲେ । ଯୋଗଗୁରୁ ପ୍ରଶାନ୍ତ କୁମାର ଦାସ ଯୋଗ ଅଭ୍ୟାସ ପରିଚାଳନା କରିଥିଲେ । ଜିଲ୍ଲାପାଳ, କନ୍ଧମାଳ ଅମ୍ରିତ୍ ଋତୁରାଜ୍ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରମେଶ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । “ଏକ ପେଡ୍ ମାଆ କେ ନାମ” କାର୍ଯ୍ୟକ୍ରମରେ ମନ୍ତ୍ରୀ ଏବଂ ମାନ୍ୟବରମାନେ ବୃକ୍ଷରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ, କନ୍ଧମାଳ ହରିଶ ବି. ସି, ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କନ୍ଧମାଳ ଶମ୍ଭୁନାଥ ନନ୍ଦୀଙ୍କ ସମେତ ବିଭିନ୍ନ ଜନପ୍ରତିନିଧି, ସରକାରୀ ଅଧିକାରୀ, କର୍ମକର୍ତ୍ତା, ଛାତ୍ରଛାତ୍ରୀ, ଗଣମାଧ୍ୟମର ପ୍ରତିନିଧି ଓ ବହୁସଂଖ୍ୟାରେ ଜନସାଧାରଣ ଯୋଗ ଦେଇଥିଲେ ।

## ଶ୍ରୀବଲ୍ଲଭ ଭବନ ଉଦ୍‌ଘାଟିତ

ସମ୍ବଲପୁର: ଓଡ଼ିଶା କୋଲିଆରିଜ୍ ମଜଦୁର୍ ସଂଘ (ଓସିଏମ୍ଏସ୍) ଏମ୍ସିଏଲ୍ର ଝାରସୁଗୁଡ଼ା ଜିଲ୍ଲା ଅନ୍ତର୍ଗତ ଲଖନପୁର ଏରିଆରେ ବିଶିଷ୍ଟ ଟ୍ରେଡ଼ ୟୁନିୟନ୍ ନେତା ଶ୍ରୀବଲ୍ଲଭ ପାଣିଗ୍ରାହୀଙ୍କ ନାମରେ ଏକ ନୂତନ କାର୍ଯ୍ୟାଳୟ ଭବନ ଉଦ୍‌ଘାଟିତ ହୋଇଛି । ଦେଶର ଅନ୍ୟତମ ସର୍ବବୃହତ୍ ଶ୍ରମିକ ସଂଗଠନ ଭାବରେ ପରିଚିତ ଓସିଏମ୍ଏସ୍ ପକ୍ଷରୁ ଏହାର ପୂର୍ବତନ ସଭାପତି ଶ୍ରୀବଲ୍ଲଭ ବାବୁଙ୍କ ପ୍ରତି ଆନ୍ତର୍ଜାତିକ ଶ୍ରମିକ ଦିବସରେ ଏହା ଏକ ଶ୍ରଦ୍ଧାଞ୍ଜଳି ବୋଲି ସାଧାରଣ ସମ୍ପାଦକ ସୌଭାଗ୍ୟଚନ୍ଦ୍ର ପ୍ରଧାନ କହିଛନ୍ତି ।

## ହୋଟେଲ ଓ ଫାଷ୍ଟ୍‌ଫୁଡ୍ ସେଣ୍ଟରରେ ଚଢ଼ଉ

# ୧୫ ହଜାର ଟଙ୍କାର ଜରିମାନା ଆଦାୟ

ମାଲକାନଗିରି, (ହି.ସ.)- ସାରା ଓଡ଼ିଶାରେ ହଇଜା ସଂକ୍ରମଣକୁ ଦୃଷ୍ଟିରେ ରଖି ଆଜି ମାଲକାନଗିରି ଜିଲା ସଦର ମହକୁମାରେ ଥିବା ବିଭିନ୍ନ ଫାଷ୍ଟ ଫୁଡ, ହୋଟେଲ ଓ ଜଳଖିଆ ଦୋକାନ ଉପରେ ଚଢଉ କରାଯାଇଛି । ଜିଲା ଖାଦ୍ୟ ସୁରକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଓ ପୌରପାଳିକାର ମିଳିତ ଚଢଉ କରାଯାଇ ବାସି ଖାଦ୍ୟ ସହ ବିଭିନ୍ନ ଦୋକାନରେ ବ୍ୟବହାର ହେଉଥିବା ପାଣିର ନମୁନା ସଂଗ୍ରହ କରାଯାଇଛି । ସମସ୍ତ ହୋଟେଲ ଓ ଦୋକାନ ମାଲିକମାନେ ସରକାରୀ ନିୟମ ପାଳନ କରି ସ୍ୱଚ୍ଛ ପରିବେଶ ମଧ୍ୟରେ ଖାଦ୍ୟ ପ୍ରସ୍ତୁତ କରିବେ ସେ ନେଇ ତାଗିଦ୍ କରାଯାଇଛି । ବିଭିନ୍ନ ଦୋକାନ ଗୁଡିକରୁ ସଂଗ୍ରହ ଖାଦ୍ୟ ଓ ପାଣି ନମୁନା ଯାଞ୍ଚ ହେବ ବୋଲି ଅଧିକାରୀ ମାନେ ପ୍ରକାଶ କରିଛନ୍ତି । ଯେଉଁ ଦୋକାନୀ ବେନିୟମ କାର୍ଯ୍ୟ ତଥା ବିନା ଅନୁମତିରେ ଦୋକାନ ଚଳାଉଥିଲେ, ସେମାନଙ୍କ ଠାରୁ ୧୫ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି । ବିଶୁଦ୍ଧ ପାନୀୟ ଜଳ ସହ ସଜ ଖାଦ୍ୟ ପରିବେଷଣ ପାଇଁ ବିଭାଗ ପକ୍ଷରୁ ତାଗିଦ୍ କରାଯାଇଥିବା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର ସେଠୀ, ମହାମାରୀ ବିଶେଷଜ୍ଞ ଡାକ୍ତର ରାଜ ପ୍ରମୁଖ ପ୍ରକାଶ କରିଛନ୍ତି ।

# ବନ୍ୟା ଆଶ୍ରୟସ୍ଥଳରେ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି

ମାଲକାନଗିରି, (ହି.ସ.)- ଜିଲ୍ଲାର ବିଭିନ୍ନ ବହୁମୁଖି ବନ୍ୟା ଆଶ୍ରୟସ୍ଥଳୀ ପରିସରରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ସଚେତନତା ଓ ସାମୁହିକ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ବଦଳି, ଗିରକାନପଲ୍ଲି, ମୋଟୁ ଓ ଧୁଙ୍ଗିଆପୁଟ ଠାରେ ଚାରି ଗୋଟି ବହୁମୁଖୀ ବନ୍ୟା ଆଶ୍ରୟ ସ୍ଥଳୀ ରହିଛି । ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଓସଡମା ରାଜ୍ୟ ଓବଜରଭର ଅରୁଣ କୁମାର ପ୍ରଧାନ ଓ ଜରୁରୀକାଳୀନ ଅଧିକାରୀ ପ୍ରଫୁଲ୍ଲ ବେହେରା ଗିରକାନପଲ୍ଲି ବନ୍ୟା ଆଶ୍ରୟସ୍ଥଳୀ ଗସ୍ତ କରିଥିଲେ । ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ମାଥିଲି ବିଡିଓ, ଜିଲ୍ଲା ପଂଚାୟତ ଅଧିକାରୀ ଧୁଙ୍ଗିଆପୁଟ ସ୍ଥିତ ବନ୍ୟା ଆଶ୍ରୟସ୍ଥଳୀ ଗସ୍ତ କରିଥିଲେ । ରାଜ୍ୟ ଓବଜରଭର, ଜିଲ୍ଲା ଶିକ୍ଷା ଅଧିକାରୀ, ତହସିଲଦାର ମାଲକାନଗିରି ବଦଳି ସ୍ଥିତ ଆଶ୍ରୟସ୍ଥଳୀ ଗସ୍ତ କରିଥିଲେ । ସେହିପରି କାଲିମେଲା ତହସିଲଦାର ମୋଟୁ ସ୍ଥିତ ବନ୍ୟା ଆଶ୍ରୟସ୍ଥଳୀ ଗସ୍ତ କରି ଅଭ୍ୟାସ କାର୍ଯ୍ୟକ୍ରମ ଦେଖିଥିଲେ । ଆଗାମୀ ଦିନରେ ପ୍ରାକୃତିକ ବିପର୍ଯ୍ୟୟ ପୂର୍ବ ଓ ପରବର୍ତୀ ଅବସ୍ଥାକୁ ଲକ୍ଷ୍ୟ ରଖି ଧନ ଜୀବନ ସୁରକ୍ଷା ରଖିବା ସହିତ ବିପର୍ଯ୍ୟୟ ସମୟରେ ନିଜକୁ ପ୍ରସ୍ତୁତ ରଖି ଅନ୍ୟ ମାନଙ୍କୁ ସୁରକ୍ଷା କରିବା ପାଇଁ ଅତିଥି ବୃନ୍ଦ ପରାମର୍ଶ ଦେଇଥିଲେ । ଅଗ୍ନିଶମ ବିଭାଗର ଅଧିକାରୀ ବୃନ୍ଦ ବନ୍ୟା, ବାତ୍ୟା, ବଜ୍ରାଘାତ, ଭୂମିକମ୍ପ, ସର୍ପଘାତ ପ୍ରାଥମିକ ଚିକିତ୍ସା ଉପରେ ଉପାଦେୟତା ତଥ୍ୟ ପ୍ରଦାନ କରିବା ସହିତ ବିଭିନ୍ନ ପ୍ରକାର କୌଶଳ ପ୍ରଦର୍ଶନ କରାଇଥିଲେ । ବିଭିନ୍ନ ଗ୍ରାମର ବିପର୍ଯ୍ୟୟ ପରିଚାଳନା ପାଇଁ ସତର୍କ ସୂଚନା, ଉଦ୍ଧାରକାରୀ ଦଳ, କ୍ଷୟକ୍ଷତି ଆକଳନ, ରିଲିଫ୍ ଥଇଥାନ ଆଦି ଦଳ ଗଠନ କରିବା ସହିତ ବିପର୍ଯ୍ୟୟ ସମୟରେ ସରକାରୀ କର୍ମଚାରୀଙ୍କ ସହିତ ସହଯୋଗ କରି ଜନସାଧାରଣଙ୍କୁ ସାହାଯ୍ୟ କରିବା ନିମନ୍ତେ ପରାମର୍ଶ ଦିଆଯାଇଥିଲା । ଓଡ୍ରାଫ ଓ ଅଗ୍ନିଶମ ଦଳଙ୍କ ତତ୍ୱାବଧାନରେ ଏହି ମକ୍ ଡ୍ରିଲ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜରୁରୀକାଳୀନ ବିଭାଗର କର୍ମଚାରୀ କୁନା ନାୟକ ଏହାକୁ ଆୟୋଜନ କରିବାରେ ସହଯୋଗ କରିଥିଲେ ।

# ପ୍ରଧାନଶିକ୍ଷକଙ୍କୁ ଘେରିଲେ ଗ୍ରାମବାସୀ

ଜୟପୁର: ବେଧଡକ ଗଛ କଟାକୁ ନେଇ ପ୍ରଧାନଶିକ୍ଷକ ହେଲେ ହଟହଟା । ସ୍କୁଲ ପରିସରରେ ମୂଲ୍ୟବାନ ଶାଗୁଆନ ଗଛ କଟାକୁ ନେଇ ପ୍ରଧାନଶିକ୍ଷଙ୍କୁ ଘେରିଲେ ଗ୍ରାମବାସୀ । ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଦଶମନ୍ତପୁର ସ୍ଥିତ ଉଚ୍ଚ ମାଧମିକ ବିଦ୍ୟାଳୟ କାକଲପୋଡା ଠାରେ ଶୁକ୍ରବାର ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଛି । ପ୍ରଧାନ ଶିକ୍ଷକ ଆଲୋକ ରଞ୍ଜନ ମହାରଣାଙ୍କ ନାଁ ରେ ସାଙ୍ଘାତିକ ଅଭିଯୋଗ ଆଣିଲେ ଗାଁ ଲୋକେ । ଗାଁ ଲୋକଙ୍କ ଅଭିଯୋଗ ଅନୁଯାଇ, ସ୍କୁଲ କୋଠା ନିର୍ମାଣ ନାଁ ରେ ପ୍ରକୃତିକୁ ବଳି ପକାଉଛନ୍ତି ପ୍ରଧାନ ଶିକ୍ଷାକ । କିଛି ଶାଗୁଆନ ଏବଂ ୟୁକାଲିପଟାଶ ଗଛ କଟିବା ପାଇଁ ବନ ବିଭାଗର ଅନୁମତି କାଗଜ ଧରି ନିର୍ଭୟରେ ପଚାଶରୁ ଉର୍ଦ୍ଧ ଗଛ କାଟିଛନ୍ତି । ଆଉ ସେଥି ମଧ୍ୟରୁ ମୂଲ୍ୟବାନ ଶାଗୁଆନ ଗଛ ଦଶ ଟି କଟା ଯାଇଛି । ପ୍ରଧାନଶିକ୍ଷକ ପିଲାଙ୍କୁ ଗଛ ଲଗାଇବା ବଦଳରେ ଗଛ କାଟିବା ପାଇଁ ଶିକ୍ଷା ଦେଉଛନ୍ତି ବୋଲି ଗାଁ ଲୋକେ ଅଭିଯୋଗ କରିଛନ୍ତି । ସେପଟେ ଏନେଇ ପ୍ରଧାନ ଶିକ୍ଷକ ଶ୍ରୀ ମହାରଣାଙ୍କୁ ପଚାରିବାରୁ ସେ କହିଛନ୍ତି, ବିଦ୍ୟାଳୟ ପରିସରରେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ହେବ ଏଣୁ ପରିଚାଳନା କମିଟି ନିଷ୍ପତିକ୍ରମେ ବନ ବିଭଗର ଅନୁମତି ଅନୁଯାଇ ବିଦ୍ୟାଳୟ ପରିସରରେ ଥିବା ଶାଗୁଆନ ଏବଂ ୟୁକାଲିପଟାଶ ଗଛ କଟାଯାଇଛି । କିନ୍ତୁ ଶାଗୁଆନ ଗଛ କିଏ କାଟିଛି କେହି ଜାଣିନାହାନ୍ତି । ଏଠାରେ ପ୍ରଶ୍ନ ଉଠୁଛି ଶାଗୁଆନ ଗଛ କିଏ କାଟିଲା । ଏ ଘଟଣକୁ ନେଇ ବନ ବିଭାଗ କାହିଁକି ଜାଣି ଅଜଣା ।

# ସୁନ୍ଦରଗଡ଼ ସେବା ରନ୍ ସମ୍ମାନରେ ସମ୍ମାନିତ ହେଲେ ଜୀବନ ସିଂ ମୁଣ୍ଡା



ରାଉରକେଲା(ପିପିଏସ୍) : ଇସ୍ପାତ ସହର ରାଉରକେଲାର ଭଞ୍ଜଭବନ ପରିସରରେ ଆୟୋଜିତ ଇଣ୍ଟରନେସନାଲ ହ୍ୟୁମାନ ରାଇଟସ୍ କାଉନସିଲର ପ୍ରଥମ ସୁନ୍ଦରଗଡ ସେବା ରନ୍ ସମ୍ମାନ-୨୦୨୫ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କିନ୍ନର ଆସୋସିଏସନ ଓଡ଼ିଶାର ଉପସଭାପତି ଜୋୟା ତ୍ରିପାଠୀ, ଓ୍ୱେଷ୍ଟର୍ଣ୍ଣ ଜୋନ୍ ଇଣ୍ଟରନ୍ୟାସନାଲ ହ୍ୟୁମାନ ରାଇଟ୍ସ କାଉନସିଲ୍ ସଭାପତି ବାସୁଦେବ ଦାସ, ଇଣ୍ଟରନ୍ୟାସନାଲ ହ୍ୟୁମାନ ରାଇଟ୍ସ କାଉନସିଲ୍ ସଭାପତି କାର୍ତ୍ତିକ ରାଉତଙ୍କ ସମେତ ବିଶେଷ ଅତିଥି ଭାବରେ ରାଉରକେଲା ସ୍ପେଶାଲ ଜେଲ୍ ଅଧିକ୍ଷକ ଜୀବନ ସିଂ ମୁଣ୍ଡା ଯୋଗଦେଇଥିଲେ । ଏଥିସହିତ ରାଉରକେଲାର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ପ୍ରାରମ୍ଭରେ ଗୁଜରାଟର ଅହମ୍ମଦାବାଦ ଠାରେ ଘଟିଥିବା ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ୨୪୧ ଜଣ ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି, ସମ୍ମାନିତ ଅତିଥିଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମୋମେଣ୍ଟୋ ଦେଇ ସମ୍ମାନିତ କରାଯାଇଥିଲା । ବିଶେଷ ଅତିଥି ଭାବରେ ରାଉରକେଲା ସ୍ପେଶାଲ ଜେଲ୍ ଅଧିକ୍ଷକ ଜୀବନ ସିଂ ମୁଣ୍ଡାଙ୍କୁ ତାଙ୍କର ଉତ୍କର୍ଷ କାର୍ଯ୍ୟ ପାଇଁ ଇଣ୍ଟରନ୍ୟାସନାଲ ହ୍ୟୁମାନ ରାଇଟ୍ସ କାଉନସିଲ୍ ସୁନ୍ଦରଗଡ ସେବାରନ୍ ସମ୍ମାନ-୨୦୨୫ରେ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କାଉନସିଲ୍ ସୁନ୍ଦରଗଡ ସଭାପତି କାର୍ତ୍ତିକ ରାଉତ ଭିନ୍ନକ୍ଷମଙ୍କ ସହିତ କେତେକ ନିଃସହାୟ ବ୍ୟକ୍ତିଙ୍କୁ ୫ଟି ହୁଇଲ୍ ଚେୟାର ବଣ୍ଟନ କରିଥିଲେ । ଏହି ଉତ୍ସବରେ ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ସମାଜସେବୀ ବିଜୟାନନ୍ଦ ସୁନ୍ଦରାୟ ସହଯୋଗ କରିଥିଲେ ।

# କ୍ୟାନ୍‌ସର ପୀଡ଼ିତାଙ୍କୁ ସହାୟତା



ଟିଟିଲାଗଡ : ଟିଟିଲାଗଡ଼ କ୍ୟାନସର୍ ରୋଗ ପୀଡିତା ବେବି ନାୟକଙ୍କୁ ସାହାଯ୍ୟ ର ହାତ ବଢାଇଛନ୍ତି ପ୍ରକୃତି ରକ୍ଷା ସଂଗଠନ ର ସଭାପତି ସାରଦା ରାଓ । ବେବି ଟିଟିଲାଗଡ ସହର ଦେଓବନ୍ଧପଡାର ଚନ୍ଦନ ନାଏକଙ୍କ ଝିଅ ବେବି ନାୟକ । ହେଲେ ହଠାତ୍ ଦିନେ ବେବିଙ୍କ ଗୋଟିଏ ଗୋଡ ଭାଙ୍ଗି ଯାଇଥିଲା । ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେଇ ଡାକ୍ତର କୁ ଦେଖାଇଲେ । ହେଲେ ଡାକ୍ତରଖାନାରେ ଡାକ୍ତର ରେଫର କରିଦେଲେ ବଡଡାକ୍ତରଖାନାକୁ । ସେଠାରେ ଡାକ୍ତର କହିଲେ ବେବିକୁ ବୋନ୍ କ୍ୟାନ୍‌ସର । ଚଡ଼କ ପଡିଯାଇଥିଲା ବାପା ମାଙ୍କ ମୁଣ୍ଡରେ । ଦି ଓଳି ଦି ମୁଠା ଖଞ୍ଜିବା ଯେ ମୁସ୍କିଲ ପରିବାର ପାଇଁ । ତଥାପି ଘରେ ଯାହା ଥିଲା, ଧାର ଉଧାର, ସୁନା ଗହଣା ବନ୍ଧା ପକାଇ ଲାଗିପଡିଲେ ବେବିର ଚିକିତ୍ସା ପାଇଁ । ହେଲେ ଏବେ ବି ବେବି ଚିକିତ୍ସା ପାଇଁ ଟଙ୍କା ବାଧକ ସାଜିଛି । ୨୦୨୩ରେ ବେବୀ କଣ୍ଟାବାଞ୍ଜୀ ଓମେନ୍ସ କଲେଜରେ +୨ରେ ପ୍ରଥମକରି ନାମ ଲେଖାଇଥିଲା । ଭଲ ପାଠ ପଢୁଥିଲା ବୋଲି ମା ବାପା ବି ଝିଅର ପାଠପଢାକୁ ଅଧିକ ଗୁରୁତ୍ୱ ଦେଉଥିଲେ । ହଠାତ୍ ଦିନେ କଲେଜରୁ ବସ୍‌ରେ ଫେରିଲା ବେଳେ ବସ୍ ଭିତରେ ସେ ଝୁଣ୍ଟିପଡିଥିଲା । ଆଣ୍ଠୁରେ ଲାଗିଥିଲା ଆଘାତ । ଏହାକୁ ସାମାନ୍ୟ ବୋଲି ଭାବିଦେଇଥିଲେ ବେବି । ହେଲେ କିଏ ଜାଣିଥିଲା । ସେହି ସାମାନ୍ୟ ଆଘାତ ଭିତରେ ଭିତରେ ବେବି ପାଇଁ କାଳ ସାଜିଛି । ଘରେ ଥିବା ବେଳେ ହଠାତ୍ ଭାଙ୍ଗିଯାଇଥିଲା ଗୋଡ । ସେହି ଦିନ ଠାରୁ ବେବୀ ଆଜି ଯାଏଁ ଏହି ଶେଜରେ ହିଁ ପଡିରହିଛି । ବନ୍ଦ ହୋଇଯାଇଛି ପାଠପଢା । ଚୁରମାର୍ ହୋଇ ଯାଇଛି ବେବି ଦେଖିଥିବା ସପ୍ନ । ବାପା ମା’ ସଫେଇ କର୍ମଚାରୀ ଭାବେ ଟିଟିଲାଗଡ ପୌରପରିଷଦରେ କାମ କରନ୍ତି । ସେଠୁ ଯାହା ମିଳେ ସେଥିରେ ପୁଣି ବେବି ସହ ଆଉ ୩ ଜଣ ଝିଅକୁ ଭରଣପୋଷଣ କରିଥାନ୍ତି । ହେଲେ ଏବେ ଜଣଙ୍କ ଚିକିତ୍ସା ପାଇଁ ଆଉ ଦୁଇ ଝିଅଙ୍କ ପାଠପଢାରେ ଅସୁବିଧା ହେଉଥିବା କହିଛନ୍ତି । ଯାହାସବୁ ଥିଲା ବେବି ପାଇଁ ସବୁ ସାରି ଦେଇ ତଳିତଳାନ୍ତ ହୋଇଗଲେଣି ବାପମା’ । ଏଭଳି ମୁହୂର୍ତ୍ତରେ ସରକାର କିଛି ସାହାର୍ଯ୍ୟ କରିବାକୁ ପରିବାର ଲୋକେ ଗୁହାରି କରିଛନ୍ତି । ଅନ୍ୟପଟରେ ନିଜ ସାହିପଡ଼ିଶା କିଛି ଆର୍ଥିକ ସାହାଯ୍ୟ କରିଥିବାବେଳେ ଟିଟଲାଗଡ଼ର ଅନେକ ନେତା ନେତ୍ରୀ, ସମାଜସେବୀ ବେବି ଘରକୁ ଯାଇ କେବଳ ଆଶ୍ୱାସନା ଦେବା ଛଡା ଆଉ କିଛି ଦେଇ ନାହାନ୍ତି । ଏମିତି ସମୟରେ ସାରଦା ରାଓ ତାଙ୍କ ପାଇଁ ଦୂତ ସମାନ୍ ହୋଇ ଆସି ପ୍ରଥମେ ବେବିଙ୍କୁ ନେଇ ବିଶାଖାପାଟଣାସ୍ଥିତ ଆପୋଲୋ ହସ୍ପିଟାଲରେ କିଛିଦିନ ଚିକିତ୍ସା କରିବା ପରେ ମଧ୍ୟ ଠିକ୍ ନ ହେବାରୁ ତାଙ୍କୁ ପୁଣି ଭୁବନେଶ୍ୱର ସ୍ଥିତ ବାଗ୍‌ଚି ଶ୍ରୀ ଶଙ୍କର କ୍ୟାନ୍‌ସର ଓ ଗବେଷଣା ଅନୁଷ୍ଠାନରେ ଭର୍ତ୍ତି କରି ଚିକିତ୍ସିତ କରାଉଛନ୍ତି । ତାଙ୍କର ଏହି ବଦାନ୍ୟତାକୁ ସବୁ ମହଲରେ ପ୍ରଶଂସା କରୁଛନ୍ତି ।

## ବିକାଶ ରଥକୁ ସ୍ୱାଗତ

କନ୍ଧମାଳ, (ହି.ସ.)- ଦାରିଙ୍ଗବାଡି ବ୍ଲକ କାଟିଙ୍ଗିଆ ଗ୍ରାମପଂଚାୟତ ଠାରେ ବିକାଶ ରଥକୁ ସ୍ୱାଗତ କରାଗଲା । ଏଠାରେ ବ୍ଲକ ନୋଡାଲ ଅଫିସର କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ପୃଷ୍ଟି, କାଟିଙ୍ଗିଆ ସରପଂଚ, କାଟିଙ୍ଗିଆ ପିଇଓ କବିରାଜ କହଁର ବିଏଫଟି ଅନନ୍ତ ବଳିୟାର ସିଂ, ସିଏଚ୍ଓ ସମୀକ୍ଷା ମନ୍ତ୍ରୀ, ଏମବିକେ । ତିଳତମା ବେହେରା, ବନ ବିଭାଗ. ଆଶିଷ କୁମାର ପ୍ରଧାନ ଓ ଷ୍ଟାଫ, ଏଗ୍ରିକଲଚର ଗ୍ରାମସେବକ ଷ୍ଟାଫ ବିନାୟକ ଡିପିସି ରଂଜିତ ଦିଗଲ ଓ୍ୱାର୍ଡ ମେମ୍ବର, ନାଏବ ସରପଂଚ, ଅଙ୍ଗନବୋଡି କର୍ମୀ, ଜିଏସ୍ ବନ୍ଧୁ ମାନେ ଓ ଅନେକ ଉପଭୋକତା ଏବଂ ବୁଦ୍ଧିଜିବୀ ଉପସ୍ଥିତ ଥିଲେ । ଏହାପରେ ଉପଭୋକ୍ତାମାନଙ୍କୁ ରାସନ କାର୍ଡ, ଭତା, ଚାରା ବଂଟନ କରାଯାଇଥିଲା । ପରେ ବିକାଶ ରଥ କୁମ୍ଭାରୀଗାଁ ଗ୍ରାମପଂଚାୟତ ଦିଗକୁ ଗଡ଼ିଥିଲା ।

# ଶିଳ୍ପସଂସ୍ଥାଙ୍କ କବ୍‌ଜାରେ ବଡ଼ବିଲ- ବଲାଣି ମୁଖ୍ୟ ସଡ଼କ

- ବେଆଇନ୍ ପାର୍କିଂରୁ ରାସ୍ତା ଜାମ୍
- ଜନସାଧାରଣ ହନ୍ତସନ୍ତ

ଯୋଡ଼ା, (ହି.ସ.)- ଜିଲା ଖଣିଜ ପାଣ୍ଠି ଦ୍ୱାରା କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିଲା ବଡ଼ବିଲ-କିରିବୁରୁ ମୁଖ୍ୟ ସଡ଼କ । ଆଶା କରାଯାଉଥିଲା ରାସ୍ତା ନିର୍ମାଣ ହେଲେ ସାଧାରଣ ଜନତାଙ୍କ ନିମନ୍ତେ ଗମନାଗମନ ସହଜ ହେବ । ତେବେ ଉକ୍ତ ସଡ଼କ ଏବେ ଶିଳ୍ପ ସଂସ୍ଥାଙ୍କ କବ୍‌ଜାରେ ରହିଛି । ଶିଳ୍ପ ସଂସ୍ଥାଙ୍କ ଦ୍ୱାରା ନିୟୋଜିତ ସୁରକ୍ଷା କର୍ମୀ ଏହି ରାସ୍ତାକୁ ନିୟନ୍ତ୍ରଣ କରୁଛନ୍ତି । ଫଳରେ ଏହା ସାଧାରଣ ଲୋକଙ୍କ ଉପକାରରେ ଲାଗି ପାରୁନାହିଁ । ଦିନ ରାତି ୨୪ ଘଣ୍ଟା ରାସ୍ତା କଡରେ ଥିବା ଶିଳ୍ପ ସଂସ୍ଥା ଯଥା - ପିଟିସିଏଲ କାରଖାନା, ଆରୟା କାରଖାନା ଓ ପଞ୍ଚବଟି କାରଖାନାରେ ନିୟୋଜିତ ଭାରିଯାନ ରାସ୍ତାକୁ ଉଭୟ ପର୍ଶ୍ୱରୁ ଅବରୋଧ କରି ରଖୁଛନ୍ତି । ଏହାବ୍ୟତୀତ ବିଭିନ୍ନ ସମୟରେ ବେଆଇନ ପାର୍କିଂ ଯୋଗୁଁ ବଲାଣି କାରୋ ପୋଲ ଠାରୁ କଳିଙ୍ଗ ପର୍ଯ୍ୟନ୍ତ ଜାମ ରହୁଥିବାରୁ ଜନସାଧାରଣ ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି । ତେବେ ବିଶେଷକରି ପଞ୍ଚବଟି ଷ୍ଟିଲ କାରଖାନାଠାରୁ ଚମ୍ପୁଆ ପୋଲ ପର୍ଯ୍ୟନ୍ତ ରାସ୍ତା କଡରେ ଭାରିଯାନଗୁଡିକ ବେଆଇନ ପାର୍କିଂ କରୁଥିବାରୁ ରାସ୍ତା ଜାମ ହେବା ସାଧାରଣ ଘଟଣା ପାଲଟିଛି । ଫଳରେ କିରିବୁରୁ, ବଲାଣି ତଥା ବାଲାଗୋଡ଼ା ପଂଚାୟତ ଅଞ୍ଚଳର ଜନ ସାଧାରଣ ଯାତାୟତ କରିବାରେ ଅସୁବିଧା ଭୋଗୁଛନ୍ତି । ଏପରିକି ବିଭିନ୍ନ ସମୟରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ତଥା ବଡ଼ବିଲ ଆଇଟିଆଇ ଏବଂ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନକୁ ଯାଉଥିବା ଛାତ୍ରଛାତ୍ରୀ ଘଣ୍ଟା ଘଣ୍ଟା ଧରି ଜାମରେ ଅଟକି ରହୁଛନ୍ତି । ଏହାବ୍ୟତୀତ ଆମ୍ବୁଲାନ୍ସ, ଦମକଳ ଗାଡି ବ୍ୟତୀତ ଜରୁରୀ ସେବା ପ୍ରଦାନ କାରୀ ବାହାନ ଗୁଡିକ ମଧ୍ୟ ଜାମ ରେ ଫସି ରହୁଛନ୍ତି । ଏହି ରାସ୍ତାରେ ଥିବା ପିଟିସିଏଲ,ଆରୟା ଏବଂ ପଞ୍ଚବଟି ଭଳି କାରଖାନାଗୁଡିକର କଞ୍ଚାମାଲ ଓ କାରଖାନାମାନଙ୍କରୁ ବାହାରୁଥିବା ଖଣିଜ ପଦାର୍ଥର ପରିବହନ ନିମନ୍ତେ ବ୍ୟବହାର ହେଉଥିବା ଭାରିଯାନ ଗୁଡିକ ସ୍ୱେଚ୍ଛାଚାରିତା ତଥା ଏହି କରଖାନା ଗୁଡିକର ମନମୁଖୀ କାର୍ଯ୍ୟକଳାପ ଯୋଗୁଁ ଦିନକୁ ଦିନ ଉକ୍ତ ରାସ୍ତାରେ ଜାମ ହେବା ଓ ରାସ୍ତା ଉପରେ ବେଆଇନ ପାର୍କିଂ ଯୋଗୁଁ ରାସ୍ତାଟି ସମ୍ପୂର୍ଣ୍ଣ ଅସୁରକ୍ଷିତ ପାଲଟିଛି । ସ୍ଥାନୀୟ ପୁଲିସ କାଁ ଭାଁ ଯାଞ୍ଚ କରୁଥିଲେ ସୁଦ୍ଧା ଶିଳ୍ପ ସଂସ୍ଥା ପ୍ରତି ପୁଲିସର କହଳ ମନୋଭାବ ଯୋଗୁଁ ସାଧାରଣ ଜନତା ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି । ତେବେ ଏ ନେଇ ଯଥାଶୀଘ୍ର ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ ନକଲେ ଦୁର୍ଘଟଣା ସହ ଜନଅସନ୍ତୋଷକୁ ରୋକାଯାଇ ପାରିବ ନାହିଁ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ମାତ୍ର ଦୁଇ ବର୍ଷ ପୂର୍ବେ କେନ୍ଦୁଝର ପୁଲିସ ପକ୍ଷରୁ ଜିଲା ଖଣିଜ ପାଣ୍ଠିରୁ କୋଟି କୋଟି ଟଙ୍କା ବ୍ୟୟ କରାଯାଇ ୬ଟି ପିସିଆର ଭେନ, ୧୦ଟି ପିସିଆର ବାଇକ କିଣାଯିବା ସହ ୭ ଜଣ ପୁଲିସ ଅଧିକାରୀ,୬ ଜଣ ହାବିଲଦାର, ୨୦ ଜଣ କନେଷ୍ଟବଳଙ୍କୁ ନେଇ ଏକ ସ୍ୱତନ୍ତ୍ର ଟ୍ରାଫିକ ନିୟନ୍ତ୍ରଣ ଏକକ ଗଠନ କରାଯାଇଥିଲା । ଏହି ସ୍ୱତନ୍ତ୍ର ଦଳ ଖଣି ଅଂଚଳରେ ଖଣିଜ ପଦାର୍ଥ ପରିବହନ ସମୟରେ ଉପୁଜୁଥିବା ଟ୍ରାଫିକ ସମସ୍ୟାର ସମାଧାନ କରିବାକୁ ଉଦ୍ଦିଷ୍ଟ ଥିଲା । ତେବେ ବିଭିନ୍ନ ସମୟରେ ଏହି ରାସ୍ତା ସହିତ ଅନ୍ୟାନ୍ୟ ଖଣି ଅଞ୍ଚଳ ମାନଙ୍କର ସଡ଼କ ଗୁଡିକ ଜାମ ହେବା ଏକ ସାଧାରଣ ଘଟଣା ପାଲଟିଥିବା ବେଳେ ସ୍ୱତନ୍ତ୍ର ଟ୍ରାଫିକ ନିୟନ୍ତ୍ରଣ ଏକକ କୁଆଡେ ଗଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ନିଶୁଳ୍କ ଧ୍ୟାନ ଶିବିର

ସୁବର୍ଣ୍ଣପୁର: ସୋନପୁର ଫରେଷ୍ଟ ପାର୍କ ଠାରେ ଏକ ନିଶୁଳ୍କ ଯୋଗ ବିଜ୍ଞାନ ଓ ଧ୍ୟାନ ଶିବିର ଅନୁଷ୍ଠିତ ହୋଇଛି । ଦିବ୍ୟ ଉର୍ଦ୍ଧ୍ୟକ୍ଷ ଯୋଗ ସେବା ସମିତି ଓ ପତଞ୍ଜଳି ଯୋଗ ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପତଞ୍ଜଳି ଯୁବ ଭାରତ ଓଡିଶା ରାଜ୍ୟ ପ୍ରଭାରୀ ଶ୍ରୀ ଅମୃତାନ୍ଦ ପଧାନ ଯୋଗ ଦେଇ ଯୋଗ ସାଧକ ମାନଙ୍କୁ ଯୋଗ ପ୍ରଶିକ୍ଷଣ ପ୍ରଦାନ କରି ଏକ ସୁସ୍ଥ ଶରୀର ସୁସ୍ଥ ସମାଜ ଗଠନ ପାଇଁ ବିଭିନ୍ନ ପରାମର୍ଶ କରି ଯୋଗ ରେ ସବୁ ଲୋକ ଙ୍କୁ ଯୋଡ଼ିବାକୁ କହିଥିଲେ । ଏହି କାର୍ଯ୍ୟକ୍ରମ ରେ ପତଞ୍ଜଳୀ ଭାରତ ସ୍ୱାଭିମାନ ର ମନୋଜ ପଣ୍ଡା ସହଯୋଗ କରିଥିବା ବେଳେ ପତଞ୍ଜଳି ଯୋଗ ସମିତି ର ମହିଳା ପରାମର୍ଶ ଦାତା ପ୍ରଧାପିକା ପ୍ରତିମା ରଥ ଯୋଗ ଦେଇଥିଲେ । ଦିବ୍ୟ ଉର୍ଦ୍ଧ୍ୟକ୍ଷ ଯୋଗ ସମିତି ଓ ମହିଳା ଯୋଗ ସମିତି ର ସମସ୍ତ ସଦସ୍ୟ ସଦସ୍ୟା ଯୋଗ ଦେଇଥିଲେ ।

# ମାଲିକର ଗାଡ଼ି ବିକିଦେଲା ଚାଳକ

**ଭୁବନେଶ୍ୱର (ପିପିଏସ୍):** ମାଲିକଙ୍କ ଗାଡ଼ି ବିକ୍ରି କରିବା ଅଭିଯୋଗରେ ଲିଙ୍ଗରାଜ ଥାନା ପୁଲିସ ଜଣେ ଡ୍ରାଇଭରକୁ ଗିରଫ କରିଛି। ଗିରଫ ଡ୍ରାଇଭର ଜଣଙ୍କ ହେଲେ ରବିଟକିଜରେ ରହିଥିବା ପ୍ରଦୀପ କୁମାର କର। ଗାଡି ମାଲିକ ଜୟଦେବ ମହାପାତ୍ରଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତାଙ୍କୁ ଗିରଫ କରିବା ସହ ଗାଡିକୁ ଜବତ କରିଛି। ଅଭିଯୁକ୍ତ ପ୍ରଦୀପ ଗତ ଏକ ସପ୍ତାହ ପୂର୍ବେ ଅଭିଯୋଗକାରୀ ଜୟଦେବଙ୍କ ଘରେ ନୂଆ ଡ୍ରାଇଭର ଭାବରେ କାମ କରିବା ସହ ତାଙ୍କ ଘରେ ରହିଆସୁଥିଲେ। ଗତ ୧୯ ତାରିଖ ଦିନ ପ୍ରାୟ ୧୧.୩୦ ସମୟରେ ଅଭିଯୁକ୍ତ କାହାକୁ ନ ଜଣାଇ ଅଭିଯୋଗକାରୀଙ୍କ ଗାଡ଼ି ନେଇ ଫେରାର୍ ହୋଇଯାଇଥିଲେ। ପରେ ଯୋଗାଯୋଗ କରାଯିବାରୁ ସେ ଗାଡ଼ିଟିକୁ ବିକ୍ରି କରିଦେଇଥିବା ଜଣାଇଥିଲେ। କିଛି ବାଟ ନପାଇ ମାଲି ଜୟଦେବ ଥାନାରେ ଅଭିଯୋଗ କରିଥିଲେ। ମାମଲା ରୁଜୁ କରି ପୁଲିସ ଦାଶରଥିପୁର ଥାନା ଅନ୍ତର୍ଗତ କୁଆରପୁର ଗ୍ରାମ ରେଥିବା ଅଭିଯୁକ୍ତଙ୍କ ଘରେ ଚଢଉ କରି ତାଙ୍କୁ ଗିରଫ କରିଛି।

# ବାଲିଅନ୍ତାରେ ବ୍ଲକ୍‌ସ୍ତରୀୟ ଯୋଗ ଦିବସ



**ଭୁବନେଶ୍ୱର (ପିପିଏସ୍):** ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ବାଲିଅନ୍ତା ପଞ୍ଚାୟତ ସମିତି ପକ୍ଷରୁ ଆଜି ପ୍ରତାପଶାସନ ପଞ୍ଚାୟତ ସ୍ଥିତ ସରକାରୀ କଲ୍ୟାଣମଣ୍ଡପ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ଯୋଗ ଦିବସ ପାଳିତ ହୋଇଯାଇଛି। କଟକସ୍ଥିତ ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଯୋଗଗୁରୁ ସ୍ୱରୂପା ସାହୁ ଅଷ୍ଟାଙ୍ଗଯୋଗରେ ଆସନ, ପ୍ରାଣାୟମ ଓ ଧ୍ୟାନ ଆଦି ବିଷୟରେ ଶିକ୍ଷା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରତାପଶାସନ ସରପଞ୍ଚ ରୀନା ବେହେରା, ସମିତି ସଭ୍ୟ ଗଙ୍ଗାଧର ମାହାରି, ତହସିଲଦାର ଲିଲନ ପ୍ରସାଦ ସାହୁ, ଅତିରିକ୍ତ ତହସିଲଦାର ଯୋଗିନାଥ ଦାସ, ଗ୍ରାମ ପଞ୍ଚାୟତ ଅଧିକାରୀ ଜିତେସ ରାଉତରାୟ, ଅତିରିକ୍ତ ବିଡିଓ ଅପରାଜିତା ସ୍ୱାଇଁ, ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ନୀଳଶୈଳ ସ୍ୱାଇଁଙ୍କ ସ୍ଥାନୀୟ ଅଞ୍ଚଳର ଯୁବକ ଓ ଛାତ୍ରଛାତ୍ରୀ ସାମିଲ ଥିଲେ।

# ଚକେଇସିଆଣିରେ ଯଜ୍ଞ ମହୋତ୍ସବ

**ଭୁବନେଶ୍ୱର (ପିପିଏସ୍):** ଭୁବନେଶ୍ୱର ଚକେଇସିଆଣିସ୍ଥିତ ମା ମଙ୍ଗଳା ମନ୍ଦିର ପରିସରରେ ୨୧ ତମ ବାର୍ଷିକ ଯଜ୍ଞ ମହୋତ୍ସବ ପାଳିତ ହୋଇଯାଇଛି। ୩ ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ଯଜ୍ଞ ମହୋତ୍ସବରେ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ମନ୍ଦୀର ପରିଚାଳନା କମିଟିର ଆବାହକ ନାରାୟଣ ଦାସଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଉତ୍ତର ବିଧାୟକ ସୁଶାନ୍ତ ରାଉତ ଉପସ୍ଥିତ ରହି ମା ମଙ୍ଗଳା ଆଶିର୍ବାଦ ନେଇଥିଲେ।

# ଖାଦ୍ୟ ଷ୍ଟଲ୍‌ରେ ଚଢ଼ଉ

**ଭୁବନେଶ୍ୱର (ପିପିଏସ୍):** ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତି ବିଡିଏ କଲୋନୀ ଏବଂ ନୂଆପଲ୍ଲୀ ଅଞ୍ଚଳରେ ବିଏମ୍‌ସି ଏବଂ ସ୍ୱାସ୍ଥ୍ୟ ବିଭାଗ ମିଳିତ ସହାୟତାରେ ଖାଦ୍ୟ ଚଢଉ ହୋଇଛି। ଏଥିରେ ରଙ୍ଗ ମିଶା ଅପମିଶ୍ରିତ ଏବଂ ବାସୀ ଖାଦ୍ୟ ଜବତ କରାଯାଇଥିଲା। ପ୍ରାୟ ୫୦ କିଲୋ ଖାଦ୍ୟକୁ ନଷ୍ଟ କରାଯାଇଥିଲା। ୧୬ଟି ପାଣିବୋତଲ ଏବଂ ଖାଦ୍ୟ ନମୂନା ସଂଗ୍ରହ କରାଯାଇଥିଲା। ଦୋକାନୀମାନଙ୍କୁ ୮ହଜାର ଟଙ୍କା ଦଣ୍ଡ ଆଦାୟ କରାଯାଇଥିଲା।

# ଏନ୍‌ସିସି ବାଳିକା ବାଟାଲିଅନ୍‌ର ଯୋଗ ଦିବସ

**ଭୁବନେଶ୍ୱର (ପିପିଏସ୍):** ଏନ୍‌ସିସି ବାଳିକା ବାଟାଲିଅନ୍ ଏନ୍‌ଏସ୍‌ଏସ୍ ୟୁନିଟ୍ ପକ୍ଷରୁ ଲିଙ୍ଗରାଜ ମନ୍ଦିର ଠାରେ ଯୋଗ ଦିବସ ପାଳିତ ହୋଇଛି। 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ଶୀର୍ଷକରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷୟତ୍ରୀ ଅନିଭା ଦାସଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ଯୋଗାଭ୍ୟାସ କରିଥିଲେ। ବାଳିକା ବାଟାଲିଅନ୍‌ର କମାଣ୍ଡିଂ ଅଫିସର କର୍ଣ୍ଣେଲ୍ ସଞ୍ଜିବ ଦିୱାନ ସୁସ୍ଥ ଓ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଯୋଗର ଯୋଗଦାନ ସମ୍ପର୍କରେ ଆଲୋକପାତ କରିଛନ୍ତି। କର୍ଣ୍ଣେଲ୍ ଦିନାଥାୟଲନ୍‌ଙ୍କ ସମେତ ମନ୍ଦିର ପ୍ରଶାସନ, ସେନା ଅଧିକାରୀ, ଏନ୍‌ସିସି ଅଧିକାରୀଙ୍କ ସମେତ ବହୁ ଛାତ୍ରଛାତ୍ରୀ ସାମିଲ ଥିଲେ।

# ଚାରି ଜଣଙ୍କୁ ଗାନ୍ଧର୍ବ କଳା ସମ୍ମାନ



**ଭୁବନେଶ୍ୱର (ପିପିଏସ୍):** ସାଂସ୍କୃତିକ ପ୍ରତିଷ୍ଠାନ 'ଗାନ୍ଧର୍ବ କଳା ପରିଷଦ' ପକ୍ଷରୁ 'ଦିବାକର ମିଶ୍ର ଗାନ୍ଧର୍ବ କଳା ମହୋତ୍ସବ ୨୦୨୫'ର ସୁବର୍ଣ୍ଣ ଜୟନ୍ତୀ ସମାରୋହ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସହ ସଂସ୍ଥାପିକା ବାସନ୍ତୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଦୁଇଦିନିଆ କଳା ମହୋତ୍ସବକୁ ଓଡ଼ିଶୀ ସଂଗୀତଜ୍ଞ ପଣ୍ଡିତ ଗୋପାଳ ଚନ୍ଦ୍ର ପଣ୍ଡା ଉଦଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶୀ ନୃତ୍ୟ ଗୁରୁ କୁମ୍‌କୁମ୍ ମହାନ୍ତି ଓ ସମ୍ମାନିତ ଅତିଥି ବିଶିଷ୍ଟ ଚଳଚ୍ଚିତ୍ର ଗୀତିକାର ଗୌର ପଟ୍ଟନାୟକ, ପ୍ରତିଷ୍ଠାନର ସାଧାରଣ ସଚିବ ଗାୟତ୍ରୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରସିଦ୍ଧ ବୟନ ଶିଳ୍ପୀ ଚତୁର୍ଭୁଜ ମେହେର, କବି ସୌଭାଗ୍ୟ କୁମାର ମିଶ୍ର, ଓଡ଼ିଶୀ ନୃତ୍ୟ ଗୁରୁ ଦୁର୍ଗା ଚରଣ ରଣବୀର, ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କୁ 'ଡ ଦିବାକର ମିଶ୍ର ଗାନ୍ଧର୍ବ କଳା ଆଜୀବନ ସାଧନା ସମ୍ମାନ ୨୦୨୫' ପ୍ରଦାନ କରାଯାଇଥିଲା। ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ। ତପନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମହୋତ୍ସବ ନିର୍ଦ୍ଦେଶକ ତଥା ଚିତ୍ରଶିଳ୍ପୀ ସଞ୍ଜୟ ଭଟ୍ଟ ଧନ୍ୟବାଦ ଦେଇଥିଲେ।

# ଟିପିସିଓଡିଏଲ୍ ପକ୍ଷରୁ ଯୋଗ ଦିବସ

**ଭୁବନେଶ୍ୱର (ପିପିଏସ୍):** ଟିପିସିଓଡିଏଲ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଟିପିସିଓଡିଏଲର କର୍ପୋରେଟ କାର୍ଯ୍ୟାଳୟ ସମେତ ସମସ୍ତ ସର୍କଲ, ଡିଭିଜନ ଓ ଟେକନୋଲୋଜି ସେଣ୍ଟରରେ ଏହି ଯୋଗ ଦିବସ ପାଳିତ ହୋଇଛି। ଟିପିସିଓଡିଏଲ ସିଇଓ ଅରିଭିନ୍ଦ୍ ସିଂହଙ୍କ ନେତୃତ୍ୱରେ ଟିପିସିଓଡିଏଲ କର୍ମଚାରୀ ଓ ଅଧିକାରୀମାନେ ସାମିଲ ହୋଇ ଯୋଗ କରିଥିଲେ। ଚଳିତ ବର୍ଷ ଯୋଗ ଦିବସ ଉପଲକ୍ଷେ ଥିମ୍ ରହିଛି ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ। ଏହି ଅବସରରେ ଶ୍ରୀ ସିଂହ କହିଥିଲେ ଯେ ଯୋଗ ଏକ ସୁସ୍ଥ, ଶାରୀରିକ ଓ ମାନସିକସ୍ତରରେ ରହିବା ପାଇଁ ସର୍ବୋତ୍ତମ ଉପାୟ। ଯୋଗ ହିଁ ଏକମାତ୍ର ମାଧ୍ୟମ ଯାହା ମନକୁ ଶାନ୍ତ କରିଥାଏ ବୋଲି ସେ କହିଥିଲେ।

# ଆଳାପ କଲ୍‌ଚରାଲ ଟ୍ରଷ୍ଟର ବାର୍ଷିକୋତ୍ସବ

**ଭୁବନେଶ୍ୱର (ପିପିଏସ୍):** ଗୁରୁ ନିମାକାନ୍ତ ରାଉତରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ଆଳାପ କଲଚରାଲ ଟ୍ରଷ୍ଟର ନବମ ବାର୍ଷିକ ମହୋତ୍ସବ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଛି। ପ୍ରଥମ ଦିବସରେ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧାପକ ଡ. ନାରାୟଣ ଚନ୍ଦ୍ର ସାହୁ, ଓଡ଼ିଶୀ ଗବେଷକ ଡ. କୀର୍ତନ ନାରାୟଣ ପାଢ଼ୀ, ଲେଖିକା ଲକ୍ଷ୍ମୀ ମିଶ୍ର, ମର୍ଦ୍ଦଳ ବାଦକ ଗୁରୁ ସଚ୍ଚିଦାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସଭାପତି ବଦ୍ରିନାରାୟଣ ମହାନ୍ତି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶୀ ସଙ୍ଗୀତ ଛାନ୍ଦ, ଚମ୍ପୂ, ଚଉପଦୀ ପରିବେଷଣ ହୋଇଥିଲା। ଆଳାପ ଅନୁଷ୍ଠାନ ତରଫରୁ ଚଳିତ ବର୍ଷ ଓଡ଼ିଶୀ ନୃତ୍ୟ ନିପୁଣା ଡ. ସ୍ନେହପ୍ରଭା ସାମନ୍ତରାୟଙ୍କୁ 'ବିଷ୍ଣୁ ଚରଣ ରାଉତ ଆଳାପ' ସମ୍ମାନ, ତବଲା ବାଦକ ଗୁରୁ ମନୋଜ କୁମାର ସାହୁଙ୍କୁ 'ଶରତ ଚନ୍ଦ୍ର ମହାପାତ୍ର ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

# ମନ୍ଦିର ହୁଣ୍ଡିରୁ ଚୋରି କରି ୩ ଗିରଫ

**ଭୁବନେଶ୍ୱର (ପିପିଏସ୍):** ଭୁବନେଶ୍ୱର ଉପକଣ୍ଠରେ ଥିବା ବାବା ସୋମନାଥ ମନ୍ଦିର ହୁଣ୍ଡି ଭାଙ୍ଗି ଟଙ୍କା ଲୁଟ୍ କରିବା ଅଭିଯୋଗରେ ଜଟଣୀ ଥାନା ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଜଟଣୀର ବିଭୂତିଭୂଷଣ ପଣ୍ଡା ବୃନ୍ଦାବନ ସାହୁ ଓ ସୁରେଶ ବେହେରା। ଗତ ୧୬ ତାରିଖ ରାତିରେ ଅଭିଯୁକ୍ତମାନେ ବୁଢ଼ାପଡାର ଶ୍ରୀ ଶ୍ରୀ ସୋମନାଥ ମନ୍ଦିରର ମୁଖ୍ୟ ପ୍ରବେଶ ଦ୍ୱାର ଭାଙ୍ଗି ଦାନ ବାକ୍ସ (ହୁଣ୍ଡି) ଭାଙ୍ଗି ଟଙ୍କା ଚୋରି କରିଥିଲେ। ସିସିଟିଭି ଫୁଟେଜ ଯାଞ୍ଚ ବେଳେ ଜଣେ ବ୍ୟକ୍ତି ମନ୍ଦିର ଭିତରକୁ ପଶୁଥିବା ଜଣାପଡ଼ିଥିଲା। ପରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପରେ ବୁଢାପଡା ଛକରେ ଚଢଉ କରାଯାଇ ୩ ଜଣଙ୍କୁ ଗିରଫ କରାଯାଇଛି। ତଲାସୀ ବେଳେ ଅଭିଯୁକ୍ତ ବିଭୂତିଙ୍କ ହେପାଜତରୁ ୫ ହଜାର୧୭୦ ଟଙ୍କା ଜବତ କରାଯାଇଥିଲା। ଚୋରି ପୂର୍ବରୁ ଅଭିଯୁକ୍ତମାନେ ବୃନ୍ଦାବନ ସାହୁଙ୍କ ଘରେ ଅପରାଧ ପାଇଁ ଯୋଜନା କରିଥିଲେ। ଯେଉଁଠାରୁ ସେମାନେ ସିସିଟିଭି ଚିହ୍ନଟରୁ ବଞ୍ଚିବା ପାଇଁ ଏକ ଲୁହା ରଡ୍ ଏବଂ ଏକ କମ୍ବଳ ନେଇଥିଲେ। ଘଟଣା ରାତିରେ ଅଭିଯୁକ୍ତ ବିଭୂତିଭୂଷଣ ମନ୍ଦିରରେ ପ୍ରବେଶ କରି ଚୋରି କରିଥିଲେ। ବାକି ଦୁଇ ଜଣ ଅଭିଯୁକ୍ତ ବୃନ୍ଦାବନ ଏବଂ ସୁରେଶ ଲୋକଙ୍କୁ ଜଗିବା ପାଇଁ ବାହାରେ ଜଗି ରହିଥିଲେ।

# ଆକ୍ରମଣରେ ୩ ଗୁରୁତର, ପୁଲିସର ତନାଘନା



**ଭୁବନେଶ୍ୱର (ପିପିଏସ୍) :** ଭରତପୁର ଥାନା ଅଞ୍ଚଳରେ ପୁଣି ଜମି ମାଫିଆଙ୍କ ଦୌରାତ୍ମ୍ୟ ଦେଖିବାକୁ ମିଳିଛି। ଶ୍ୟାମପୁର ମୌଜାରେ ଥିବା ଭୂଦାନ ଜମିକୁ କିଛି ମାଫିଆ ଆଜି ଜବରଦଖଲ କରିବାକୁ ଚେଷ୍ଟା କରୁଥିବା ବେଳେ ଗଣ୍ଡଗୋଳ ଘଟିଛି। ଏଥିରେ ୩ଜଣ ଗୁରୁତର ହୋଇଛନ୍ତି। ଆହତମାନେ ହେଲେ ଶ୍ୟାମପୁର ଗାଁର ମନୋରଞ୍ଜନ ବେହେରା, ଦୀପ୍ତିରଞ୍ଜନ ବେହେରା ଓ ସଂଗ୍ରାମ ସାହୁ। ପୁଲିସ ମାମଲା ରୁଜୁ କରି ସଂଘବଦ୍ଧ ଆକ୍ରମଣରେ ସମ୍ପୃକ୍ତ ଜବରଦଖଲକାରୀ ମାଫିଆଙ୍କୁ ଗିରଫ କରିବାକୁ ବିଭିନ୍ନ ସ୍ଥାନରେ ଚଢ଼ଉ ଚଳାଇଛି। ସୂଚନାଯୋଗ୍ୟ ଗତ ୨ ମାସ ପୂର୍ବେ ମାଫିଆମାନେ ଗୁଳି ଓ ବୋମାମାଡ଼ କରିଥିଲେ ଏବଂ ସଂଘର୍ଷନଗର ଛକରେ ଘଟିଥିବା ଏହି ମାମଲାରେ ଚନ୍ଦକା ଥାନା ପୁଲିସ କିଛି ଦୁର୍ବୃତ୍ତଙ୍କୁ ଗିରଫ କରିଥିଲା। ଏବେ କିଛି ମାଫିଆ ଶ୍ୟାମପୁର ଅଞ୍ଚଳରେ ଥିବା ଭୂଦାନ ଜମି ଉପରେ ନଜର ପକାଇଛନ୍ତି। ଆଜି ଭରତପୁର ଅଞ୍ଚଳର ୨୦ ଅଧିକ ଦୁର୍ବୃତ୍ତ ଉକ୍ତ ଜମିକୁ ଦଖଲ କରିବାକୁ ଯାଇଥିଲେ। ସେମାନେ ଖଣ୍ଡା, ଲୁହା ରଡ୍ ? ଭଳି ମାରଣାସ୍ତ୍ରରେ ସଜ୍ଜିତ ହୋଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ଜମି ଦଖଲ କରିବା ପାଇଁ ଜେସିବି ଲଗାଇ ବଣବୁଦା ସଫା କରୁଥିବା ବେଳେ ଶ୍ୟାମପୁରର କିଛି ଲୋକେ ବିରୋଧ କରିଥିଲେ। ଏହାକୁ ନେଇ ପ୍ରଥମେ କଥା କଟାକଟି ହୋଇଥିଲା। ମାଫିଆମାନେ ବିରୋଧ କରୁଥିବା ଲୋକଙ୍କୁ ଧମକ ଦେଇ ଘଟଣାସ୍ଥଳରୁ ଚାଲିଯିବା ପାଇଁ କହିଥିଲେ। କିନ୍ତୁ ବିରୋଧକାରୀମାନେ ଜୋରଦାର ପ୍ରତିବାଦ କରିବାରୁ ମାଫିଆମାନେ ଆକ୍ରମଣ ଆରମ୍ଭ କରିଦେଇଥିଲେ। ସେମାନେ ମାରଣାସ୍ତ୍ର ଧରି ବିରୋଧକାରୀଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ମାଫିଆ ଗୋଷ୍ଠୀଙ୍କ ଖଣ୍ଡା ଚୋଟରେ ୩ଜଣ ଆହତ ହେବା ପରେ ଅନ୍ୟମାନେ ଛତ୍ରଭଙ୍ଗ ଦେଇଥିଲେ।

# ଜେରିଆଟ୍ରିକ୍ ସୋସାଇଟି ଅଫ୍ ଇଣ୍ଡିଆର ଜାତୀୟ ସମ୍ମିଳନୀ

**ଭୁବନେଶ୍ୱର (ପିପିଏସ୍):** ହାଇଟେକ୍ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ୍ ଠାରେ ଜେରିଆଟ୍ରିକ୍ ସୋସାଇଟି ଅଫ୍ ଇଣ୍ଡିଆର ଜାତୀୟ ବାର୍ଷିକ ମଧ୍ୟବର୍ତ୍ତୀକାଳୀନ ସମ୍ମିଳନୀକୁ ରାଜ୍ୟପାଳ ଉଦ୍‌ଘାଟନ କରି କହିଛନ୍ତି ଯେ, ଆମ ପରିବାର, ସମାଜ ଓ ରାଷ୍ଟ୍ର ପ୍ରତି ଅପାର ଅବଦାନ ରଖିଥିବା ବୟସ୍କ ନାଗରିକମାନେ ସର୍ବୋଚ୍ଚ ସମ୍ମାନ, ଯତ୍ନ ଏବଂ ମର୍ଯ୍ୟାଦା ପାଇବାର ହକଦାର। କିନ୍ତୁ ଚିନ୍ତା, ଅବସାଦ, ଏକଲାପଣ ଏବଂ ପାରିବାରିକ କଳହ ଭଳି ପରିସ୍ଥିତି ବାର୍ଦ୍ଧକ୍ୟର ବୋଝକୁ ବହୁଗୁଣିତ କରେ ବୋଲି ରାଜ୍ୟପାଳ କହିବା ସହିତ ବୟସ୍କଙ୍କ କ୍ଷେତ୍ରରେ ଦେଖାଯାଉଥିବା ଏହି ସମସ୍ୟାର ନିରାକରଣ ଏକାନ୍ତ ଜରୁରୀ ସହ କେବଳ ବୃଦ୍ଧାଅସ୍ଥାରେ ରୋଗର ଚିକିତ୍ସା ନୁହେଁ ବରଂ ବୟସ୍କମାନଙ୍କ ଶାରୀରିକ, ଭାବନା ଏବଂ ମାନସିକ ଆବଶ୍ୟକତାକୁ ବୁଝିବା ଜରୁରୀ ବୋଲି ରାଜ୍ୟପାଳ କହିଥିଲେ। ଏହି ସମାରୋହରେ ଏମ୍ସ, ଅବନ୍ତିପୁରା (ଜମ୍ମୁ ଓ କାଶ୍ମୀର)ର ଏକଜିକ୍ୟୁଟିଭ ଡାରେକ୍ଟର ତଥା ସିଇଓଡ ସଚ୍ଚିଦାନନ୍ଦ ମହାନ୍ତି, ହାଇଟେକ୍ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଟ୍‌ର ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ, ଜିଏସଆଇର ପ୍ରେସିଡେଣ୍ଟ ଡ. ଅତୁଲ କୁଳଶ୍ରେଷ୍ଠ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ଣ୍ଣଚନ୍ଦ୍ର ଦାଶ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।




# ପରିବେଶ ସଚେତନତା କାର୍ଯ୍ୟକ୍ରମ



**ଭୁବନେଶ୍ୱର (ପିପିଏସ୍):** ରାଜଧାନୀ ଉପକଣ୍ଠସ୍ଥିତ ମଦନପୁରସ୍ଥିତ ନିସ୍ ଶିକ୍ଷାନୁଷ୍ଠାନ ପକ୍ଷରୁ 'ପରିବେଶ ସୁରକ୍ଷା ଓ ଜୀବନ ରକ୍ଷା' କାର୍ଯ୍ୟକ୍ରମ ଅଧୀନରେ ଜଗତସିଂହପୁର ଜିଲ୍ଲା ନାଉଗାଁଠାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡ. ସୁଭାଷ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷାରେ ବୃକ୍ଷର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ଏହା ସହ ବହୁ ଉପାଦେୟ ଔଷଧୀୟ ଓ ଫଳବୃକ୍ଷ ଲଗାଇଥିଲେ। ଶିକ୍ଷାନୁଷ୍ଠାନର ସୋସିଆଲ ୱାର୍କସ୍ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଉଥିବାବେଳେ ଶିକ୍ଷାନୁଷ୍ଠାନର ସହପ୍ରତିଷ୍ଠାତ୍ରୀ ପ୍ରଫେସର ସ୍ମୃତିସୁଧା ନାୟକ, ସମାଜସେବୀ ସୁକାନ୍ତ ଲେଙ୍କା ଓ ଦେବେନ୍ଦ୍ର ମଲ୍ଲିକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବ୍ୟକ୍ତି ଯୋଗଦେଇ ପରିବେଶ ସଚେତନତା ଏବଂଚାରା ରୋପଣ କରିଥିଲେ।

# ନିରଞ୍ଜନ ରଥଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର (ପିପିଏସ୍):** ପୂଜ୍ୟ ପୂଜା ଓଡ଼ିଶା ପକ୍ଷରୁ ଲେଖକ ସମବାୟ ସମିତି ପରିସରରେ ବିରଜାପ୍ରସାଦ ସତପଥୀଙ୍କ ସଭାପତିତ୍ୱରେ ସାମ୍ବାଦିକ ନିରଞ୍ଜନ ରଥଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବକ୍ତା ଓ ଆଲୋଚକ ଭାବେ ଯୋଗଦାନକରି ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ସୁକାନ୍ତ ପ୍ରଧାନ, ସିଦ୍ଧାର୍ଥ କାନୁନ୍‌ଗୋ, ବୈଦ୍ୟ ଗୋପାଳ ଚନ୍ଦ୍ର ନନ୍ଦ, ସୁରେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଶ୍ରୀବସ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଏମ୍‌ସି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ନିର୍ବାଚନରେ ୮ ବିଜେଡି, ୧ ବିଜେପି



**ଭୁବନେଶ୍ୱର (ପିପିଏସ୍):** ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଷ୍ଟାଣ୍ଡି କମିଟି ଅଧ୍ୟକ୍ଷ ନିର୍ବାଚନ ଗତକାଲି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡିଠାରୁ ଗୋଟିଏ ଆସନ ବିଜେପି ଛଡ଼ାଇ ଆଣିଛି। ବିଏମ୍‌ସିର ୯ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପଦରୁ ୮ ଅଧ୍ୟକ୍ଷ ପଦ ବିଜେଡିର ବଳବତ୍ତର ରହିଥିବାବେଳେ ଗୋଟିଏ ବିଜେପି ଦଖଲକୁ ଯାଇଛି। ସେପଟେ ବିଜେଡି ଦଖଲରେ ଥିବା ୮ ଅଧ୍ୟକ୍ଷ ପଦରୁ ୭ ପଦରେ ଅଧ୍ୟକ୍ଷ ଅପରିବର୍ତ୍ତିତ ରହିଥିବା ବେଳେ କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଣ୍ଟ ଷ୍ଟାଣ୍ଡିଂ କମିଟିରେ ନୂଆ ମୁହଁ ଭାବେ ୩୧ ନମ୍ବର ୱାର୍ଡ କର୍ପୋରେଟର୍ କୁମରେନ୍ଦ୍ର ମହାପାତ୍ରଙ୍କ ବଦଳରେ ବିଜେଡି ୨୪ ନମ୍ବର ୱାର୍ଡ କର୍ପୋରେଟର୍ ଦୀପକ କୁମାର ମିଶ୍ରଙ୍କୁ ଦାୟିତ୍ୱ ମିଳିଛି। ପୂର୍ବରୁ ୯ଟି ଅଧ୍ୟକ୍ଷ ପଦବି ବିଜେଡି ଦଖଲରେ ଥିବା ବେଳେ ଏଥର ଗୋଟିଏ ବିଜେପି ଖାତାକୁ ଯାଇଛି। ମେୟର କଣ୍ଟ୍ରାକ୍ଟସ କମିଟିର ସ୍ଥାୟୀ ଅଧ୍ୟକ୍ଷ ରହିଛନ୍ତି। କଣ୍ଟ୍ରାକ୍ଟସ କମିଟିକୁ ଛାଡ଼ି, ଅନ୍ୟ ୯ କମିଟି ଅଧ୍ୟକ୍ଷ ପଦ ପାଇଁ ଆଜି ବିଏମ୍‌ସି ଏକାମ୍ର ହଲ୍‌ରେ ନିର୍ବାଚନ ହୋଇଥିଲା। ପୂର୍ବାହ୍ନ ସାଢ଼େ ୧୦ଟାରେ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୭ ଷ୍ଟାଣ୍ଡିଂ କମିଟି ପାଇଁ ଏକମାତ୍ର ପ୍ରାର୍ଥୀ ଭାବେ ପୂର୍ବ ଅଧ୍ୟକ୍ଷ(ବିଜେଡି କର୍ପୋରେଟ୍)ମାନେ ନାମାଙ୍କନପତ୍ର ଦାଖଲ କରିଥିବାବେଳେ କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଣ୍ଟ ଷ୍ଟାଣ୍ଡିଂ କମିଟିରେ ନୂଆ କରି ବିଜେଡି କର୍ପୋରେଟର୍ ଦୀପକକୁମାର ମିଶ୍ର ନାମାଙ୍କନପତ୍ର ଦାକଲ କରିଥିଲେ। ୮ କମିଟିରେ ଜଣେ ଲେଖାଏଁ ପ୍ରାର୍ଥୀ ଥିବାରୁ ସମସ୍ତେ ନିର୍ଦ୍ୱନ୍ଦ୍ୱରେ ଜିତିଥିଲେ। କିନ୍ତୁ ଶିକ୍ଷା ଓ ରିକ୍ରିଏସନ୍ ଷ୍ଟାଣ୍ଡିଂ କମିଟି ପାଇଁ ବିଜେଡିର ୨ ନମ୍ବର ୱାର୍ଡ କର୍ପୋରେଟର୍ ମୋନାଲିସା ବେହେରା ଓ ବିଜେପିର ୫୦ ନମ୍ବର ୱାର୍ଡ କର୍ପୋରେଟର୍ ରାମଚନ୍ଦ୍ର ରଣସିଂହ ପ୍ରାର୍ଥୀ ଥିବାରୁ ଭୋଟିଂ ହୋଇଥିଲା। ୭ଟି ଭୋଟ୍‌ରୁ ମୋନାଲିସାଙ୍କୁ ୩ ଓ ରାମଚନ୍ଦ୍ରଙ୍କୁ ୪ ଭୋଟ୍ ମିଳିଥିଲା। ଏଣୁ ରାମଚନ୍ଦ୍ରଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। ମେୟର ଶ୍ରୀମତୀ ଦାସ ୯ କମିଟି ଅଧ୍ୟକ୍ଷଙ୍କ ନାମ ଘୋଷଣା କରିଥିଲେ। ନବ ନିର୍ବାଚିତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, ଅଧ୍ୟକ୍ଷାଙ୍କୁ ମେୟର ଶ୍ରୀମତୀ ଦାସ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଡେପୁଟି ମେୟର ମଞ୍ଜୁଲତା କହଁର, ଅତିରିକ୍ତ କମିସନର ରତ୍ନାକର ସାହୁ, ସସ୍ମିତା ସାହୁ, ଡେପୁଟି କମିସନର ଅଜୟ କୁମାର ମହାନ୍ତି, କାଜଲ ପ୍ରଧାନ ପ୍ରମୁଖ ନିର୍ବାଚନ ପରିଚାଳନାରେ ସହାୟତା କରିଥିଲେ।

# ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ 'ଏବେ ଲେଖିବା କାହା ପାଇଁ' ଆଲୋଚନା



**ଭୁବନେଶ୍ୱର (ପିପିଏସ୍):** ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର 'ଲେଖିବା ଆସ' ପକ୍ଷରୁ 'ଏବେ ଲେଖିବା କାହା ପାଇଁ' ଆଲୋଚନା ଚକ୍ର ଓ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ରାଜଧାନୀ କଳା ସଂସଦର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ସାହିତ୍ୟିକ ଭାସ୍କର ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଡ. ସତ୍ୟ ଭୂଷଣ କାନୁନଗୋ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ସମାଜ ଓ ସଂସ୍କୃତି କୁ ପ୍ରତ୍ୟେକ ସୁସାହିତ୍ୟ ପ୍ରତିଦିନ ଗଢୁଥିଲା ବେଳେ ଏଥିରେ ସାହିତ୍ୟକା ଟି ନିଜେ ନିଜର ଅଜାଣତରେ ବି ଗଢି ହେଉଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସାମୁଖ୍ୟର ବରିଷ୍ଠ ସଦସ୍ୟ ଡ. ମିହିର ରଞ୍ଜନ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କ୍ଷଣପ୍ରଭା ମହାନ୍ତି ଓ ରଶ୍ମି ରେଖା ଦାସ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କଳ୍ପତରୁ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜଧାନୀର ବିଭିନ୍ନ ସ୍ଥାନରେ ଯୋଗ ଦିବସ





**ଭୁବନେଶ୍ୱର (ପିପିଏସ୍):** ଗତକାଲିରାଜଧାନୀର ବିଭିନ୍ନ ସ୍ଥାନରେ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରାଜଭବନର ନ୍ୟୁ ଅଭିଷେକ ହଲ୍ ଠାରେ ଆୟୋଜିତ ଯୋଗ କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପତି ଏବଂ ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପତି ଯୋଗାଭ୍ୟାସ କରିବା ସହ ଅନ୍ୟମାନଙ୍କୁ ଯୋଗାଭ୍ୟାସ ପାଇଁ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍. ରାଜପୁତଙ୍କ ସମେତ ରାଜଭବନର ଅଧିକାରୀ, କର୍ମଚାରୀଅଂଶ ଗ୍ରହଣ କରିଥିଲେ। ଯୋଗ ପ୍ରଶିକ୍ଷକ ଅଜିତ କୁମାର ରଣାଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷକ ଡ. ସୁଶୀଲ ପଟ୍ଟନାୟକ ଏବଂ କ୍ରିତିଷ୍ଣା ମହାପାତ୍ର ଯୋଗ ଶିକ୍ଷା ଦେଇଥିଲେ। ସେହିପରି ପିପୁଲସ୍ କଲଚରାଲ୍ ସେଣ୍ଟର (ପିକକ୍) ପକ୍ଷରୁ ଯୋଗ ଦିବସ ପାଳିତ ହୋଇଯାଇଛି। ଗ୍ରୀଡ୍‌କୋ କର୍ମଚାରୀମାନେ ତାଲିମପ୍ରାପ୍ତ ପ୍ରଶିକ୍ଷକଙ୍କ ମାର୍ଗଦର୍ଶନରେ ଯୋଗ ଅଧିବେଶନ ସାମିଲ ହୋଇଥିଲେ। ଅନ୍ୟପକ୍ଷରେ ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦ ପକ୍ଷରୁ ସ୍ଥାନୀୟ ଭୁବନେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଯୋଗ ଶିବିରରେ ଯୋଗ ଗୁରୁ ଇଂ ସୁରେଶ ଚନ୍ଦ୍ର କର, ପରିଷଦର କୋଷାଧ୍ୟକ୍ଷ ମହେଶ୍ୱର ବିଶ୍ୱାଳ, ଇଂ ଅକ୍ଷୟ କୁମାର ସାହାଣି, ଗୌରୀଶଙ୍କର ପ୍ରହରାଜ, ଶିତଳ ଚନ୍ଦ୍ର ମହାନ୍ତି, ନିମାଇଁ ଚରଣ ଦାସ, ବରିଷ୍ଠ ନାଗରିକ ମଞ୍ଚ, ଦୁର୍ଗା ପୂଜା ସମିତି ଓ ଭୁବନେଶ୍ୱରୀ ମନ୍ଦିର ପରିଚାଳନା ସମିତିର ବହୁ ସଦସ୍ୟ ଯୋଗଦେଇ ଯୋଗ ଅଭ୍ୟାସ କରିଥିଲେ। ଯୋଗ ପ୍ରଶିକ୍ଷକ ପ୍ରଫୁଲ୍ଲ ମହାପାତ୍ର ଯୋଗ ଶିବିରକୁ ପରିଚାଳନା କରିଥିବା ବେଳେ ଶେଷରେ ଯୁଗ୍ମ-ସମ୍ପାଦକ ପ୍ରତାପ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଜଳ ସମ୍ପଦ ବିଭାଗ ସାଂସ୍କୃତିକ ପରିଷଦ ତରଫରୁ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ରାଜୀବ ଭବନ ଠାରେ ଯୋଗ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଶିବିରରେ ବିଭାଗର ସତନ୍ତ୍ର ଶାସନ ସଚିବ ନରହରି ସେଠୀ, ଅଶୋକ କୁମାର ବେହେରା ଓ ଅତିରିକ୍ତ ଶାସନ ସଚିବ ଆରତୀ ରାଉତ, ଲିନା କୁମାରୀ ଖେଶ୍, ସୁବ୍ରତ ନାୟକ, ଜୟକିଶୋର ମିଶ୍ରଙ୍କ ସମେତ ବିଭାଗର ୧୦୦ରୁ ଉର୍ଦ୍ଧ୍ୱ ଅଧିକାରୀମାନେ ଯୋଗଦେଇଥିଲେ।

ସେହିପରି ଭାରତୀୟ ଯୋଗ ସଂସ୍ଥାନ ଓ ଭାରତ ପେଟ୍ରୋଲିୟମ୍‌ର ମିଳିତ ସହଯୋଗରେ ଭୁବନେଶ୍ୱର ସହିଦ୍‌ନଗରସ୍ଥିତ ଇନ୍ଦିରା ପାର୍କଠାରେ ସ୍ୱତନ୍ତ୍ର ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତୀୟ ଯୋଗସଂସ୍ଥାନର ସଦସ୍ୟ ନମିତା ପାଲି, ଜ୍ୟୋତିର୍ମୟୀ, ସନ୍ତୋଷ ଜୀ, କନ୍ଦର୍ପ ଜୀଙ୍କ ସମେତ ସ୍ୱର୍ଣ୍ଣ ହସ୍ପିଟାଲର ଡାକ୍ତର, ବିପିସିଏଲ୍‌ର ଓଡ଼ିଶା ମୁଖ୍ୟ ଜନ୍ମଜିତ୍ ଦାସ୍, ବ୍ରହ୍ମକୁମାରୀ ରାଜଯୋଗର ଗୀତା ଜୀ, ପ୍ରମୁଖ ଉପସ୍ଥିତ ରହି ଯୋଗ ଅଭ୍ୟାସ କରିଥିଲେ। ସାମ୍ପ୍ରତିକ ଚାପଗ୍ରସ୍ତ ଦୁନିଆରେ ଯୋଗର ମହତ୍ୱ ବେଶ୍ ପ୍ରାସଙ୍ଗିକତା ରହିଛି। ଯୋଗ ଦ୍ୱାରା ଦେହ ସୁସ୍ଥ ରହିବା ସହ ଆୟୁଷ ଓ ବଳବୃଦ୍ଧି ପାଇଥାଏ ବୋଲି ଭାରତୀୟ ଯୋଗ ସଂସ୍ଥାନ, ଇନ୍ଦିରା ପାର୍କ ମୁଖ୍ୟ ପ୍ରଦୀପ ପ୍ରଧାନ ମତପ୍ରକାଶ କରିଥିଲେ।

ସେହିପରି ମଞ୍ଚେଶ୍ୱରସ୍ଥିତ ସିପେଟ୍, ସିଏସ୍‌ଟିଏସ୍‌ରେ ୧୧ତମ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ସିପେଟ୍‌ର ମୁଖ୍ୟ ବିପି ପାତ୍ର ଯୋଗଦେଇ ଯୋଗ ପାଇଁ 'ଏକ ପୃଥିବୀ, ଏକ ସ୍ୱାସ୍ଥ'ର ଚଳିତବର୍ଷ ଥିମ୍ ସମ୍ପର୍କରେ ଯୁବବର୍ଗକୁ ପରାମର୍ଶ ଦେଇଥିଲେ। ଯୋଗ ପ୍ରଶିକ୍ଷକ ରଞ୍ଜନ କୁମାର ପାତ୍ର ଯୋଗ ଶିକ୍ଷା ପ୍ରଦାନ କରିବା ସହିତ ଏକ ନିରୋଗ ସ୍ୱାସ୍ଥ୍ୟ ପାଇଁ ଯୋଗର ଭୂମିକା ମହତ୍ୱପୂର୍ଣ୍ଣ ବୋଲି କହିଥିଲେ। ତେବେ ସିପେଟ୍‌ର ପ୍ରଶାସନିକ ଅଧିକାରୀ ଜୟନ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ମଞ୍ଚେଶ୍ୱରସ୍ଥିତ ଶାଖା ଅଧୀନସ୍ଥ ପାରାଦ୍ୱୀପ ଓ ରାଉରକେଲା ସିପେଟ୍‌ରେ ମଧ୍ୟ ଅନୁରୂପ ଭାବରେ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଗତ ତିନିଦିନ ଧରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ ଆଦି ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହାସହ ସିପେଟର ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକବୃନ୍ଦଙ୍କ ଦ୍ୱାରା ମଞ୍ଚେଶ୍ୱର ଅଞ୍ଚଳରେ ଏକ ସଚେତନତା ଶୋଭାଯାତ୍ରା କରାଯିବା ସହ ନିକଟସ୍ଥ ଅନାଥଆଶ୍ରମରେ କୁନି କୁନି ପିଲାଙ୍କ ଯୋଗ ଶିକ୍ଷା ପ୍ରଦାନ କରାଯାଇଥିଲା।

ସେହିପରି ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଘୁନାଥ ମିଶ୍ର ଯୋଗଦେଇଥିଲେ। ଅଧ୍ୟକ୍ଷା ସନ୍ଧ୍ୟା ଜେନା ସ୍ୱାଗତ ଭାଷଣ ଦେଇଥିବାବେଳେ ଯୋଗ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସେନାପତି ପିଲାଙ୍କୁ ଯୋଗାଭ୍ୟାସ କରାଇଛନ୍ତି। ପିଲାମାନେ କବିତା ଆବୃତ୍ତି, ବକ୍ତୃତା ଓ ନାଟକ ପରିବେଷଣ ମାଧ୍ୟମରେ ଯୋଗ ଦିବସର ମହତ୍ୱକୁ ଉପସ୍ଥାପନା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ଉପାଧ୍ୟକ୍ଷା ପଲ୍ଲବୀ ମହାପାତ୍ର, ପର୍ଯ୍ୟବେକ୍ଷକ ନରେଶ କୁମାର ରଥ, ପଦ୍ମାଳୟା ପଲ୍, ସୁଚରିତା ଦାସ, ପ୍ରଦୀପ କୁମାର ମଲ୍ଲିକ ପ୍ରମୁଖଙ୍କ ସହ ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।






# ୧ରୁ ସବୁ ପୁରୁଣା ଗାଡ଼ିକୁ ଇନ୍ଧନ ମନା

ନୂଆଦିଲ୍ଲୀ: ଦିଲ୍ଲୀରେ ଚଳାଚଳ କରୁଥିବା ସମସ୍ତ ପୁରୁଣା ଗାଡିଗୁଡିକୁ ଜୁଲାଇ ୧ରୁ ଇନ୍ଧନ ଭରିବାକୁ ସୁଯୋଗ ଦିଆଯିବ ନାହିଁ। ଜୀବନ ଅବଧି ଶେଷ (AIGfp) ହୋଇଥିବା ଗାଡି, ଅର୍ଥାତ୍ ୧୦ବର୍ଷରୁ ଅଧିକ ପୁରୁଣା ଡିଜେଲ ଗାଡି ଓ ୧୫ବର୍ଷରୁ ଅଧିକ ପୁରୁଣା ପେଟ୍ରୋଲ ଗାଡିଗୁଡିକୁ ପେଟ୍ରୋଲ/ଡିଜେଲ୍ ପମ୍ପଗୁଡିକରେ ଇନ୍ଧନ ଭରିବାକୁ ଅନୁମତି ଦିଆଯିବ ନାହିଁ। ଏହି ବର୍ଗର ପୁରୁଣା ଗାଡିଗୁଡିକ ଯେଉଁ ରାଜ୍ୟରେ ପଞ୍ଜୀକୃତ ହୋଇଥାଉନା କାହିଁକି ସେଗୁଡିକ ଦିଲ୍ଲୀରେ ଇନ୍ଧନ ଭରିପାରିବେ ନାହିଁ। ଏ ସମ୍ପର୍କରେ ଦିଲ୍ଲୀ କମିସନ ଫର ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ (ସିଏକ୍ୟୁଏମ୍) ନିର୍ଦ୍ଦେଶନାମା ଜାରି କରିଛନ୍ତି। ସିଏକ୍ୟୁଏମ୍ ଦିଲ୍ଲୀର ସମସ୍ତ ପେଟ୍ରୋଲ/ଡିଜେଲ୍ ପମ୍ପଗୁଡିକୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ଯାହା ଜୁଲାଇ ୧ରୁ କାର୍ଯ୍ୟକାରୀ ହେବାକୁ ଯାଉଛି। ଦିଲ୍ଲୀରେ କେବଳ ଦିଲ୍ଲୀ ପଞ୍ଜିକୃତ ପୁରୁଣା ଗାଡିଗୁଡିକୁ ପୂର୍ବରୁ ଇନ୍ଧନ ଭରିବାକୁ ଅନୁମତି ଦିଆଯାଉ ନଥିଲା। ମାତ୍ର ଆଇନରେ ଥିବା ଦୁର୍ବଳତାର ସୁଯୋଗ ନେଇ ଦିଲ୍ଲୀବାସୀ ସେମାନଙ୍କ ପୁରୁଣା ଗାଡିଗୁଡିକୁ ଅନ୍ୟ ରାଜ୍ୟରେ ପଞ୍ଜିକରଣ କରାଇ ନେଉଥିଲେ। କାରଣ ଅନ୍ୟ ରାଜ୍ୟର ପଞ୍ଜିକରଣ ଥିବା ପୁରୁଣା ଯାନବାହନକୁ ଦିଲ୍ଲୀର ପେଟ୍ରୋଲ ଓ ଡିଜେଲ ପମ୍ପରେ ଇନ୍ଧନ ଭରିବାକୁ ସୁଯୋଗ ମିଳୁଥିଲା। ଏବେ ନୂଆ ନିୟମରେ ଅନ୍ୟ ରାଜ୍ୟର ପଞ୍ଜିକୃତ ଯାନବାହନକୁ ଦିଲ୍ଲୀ ପେଟ୍ରୋଲ ପମ୍ପରେ ଇନ୍ଧନ ଭରିବାର ଅନୁମତି ମିଳିବ ନାହିଁ। କାରଣ ଅନ୍ୟ



ରାଜ୍ୟର ଯାନବାହନଗୁଡିକ ମଧ ଦିଲ୍ଲୀ ପ୍ରଦୂଷଣ ପାଇଁ ଦାୟୀ। ଦିଲ୍ଲୀରେ ପ୍ରଦୂଷଣ ଅତ୍ୟନ୍ତ ଗମ୍ଭୀର ହେବାରେ ଲାଗିଛି। ସହର ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ଅନେକ ସମୟରେ ଗମ୍ଭୀରରୁ ଅତିଗମ୍ଭୀର ସ୍ତରକୁ ଚାଲିଯାଉଛି। ପୁରୁଣା ଗାଡିଗୁଡିକୁ ଚିହ୍ନଟ କରିବା ଲାଗି ଦିଲ୍ଲୀର ୫୨୦ ପେଟ୍ରୋଲ ପମ୍ପ ମଧ୍ୟରୁ ୫୦୦ଟିରେ ସ୍ୱୟଂଚାଳିତ ନମ୍ବର ପ୍ଲେଟ ଚିହ୍ନଟ (ଏଏନ୍‌ପିଆର) କ୍ୟାମେରା ଲାଗିଛି। ଏହି କ୍ୟାମେର ଗାଡିଟି କେତେ ବର୍ଷର ପୁରୁଣା ତାହା ଜଣାଇପାରିବ। ଯେଉଁ ପେଟ୍ରୋଲ/ଡିଜେଲ୍ ପମ୍ପଗୁଡିକରେ ଏହି କ୍ୟାମେରା ଲାଗି ନାହିଁ ସେଗୁଡିକ ଜୁନ୍ ୩୦ ସୁଦ୍ଧା ଲଗାଇବାର ବ୍ୟବସ୍ଥା କରିବେ।

## ପହଲଗାମ ଆକ୍ରମଣ: ୨ ଗିରଫ, ମିଳିଲା ୩ ଆତଙ୍କବାଦୀଙ୍କ ପରିଚୟ



ଜମ୍ମୁ ଓ କଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ଆଜି ଦୁଇ ମାସ ପୂରିଥିବା ବେଳେ ଜାତୀୟ ତଦନ୍ତକାରୀ ସଂସ୍ଥା (NIA) ଦୁଇ ଜଣ ବ୍ୟକ୍ତିଙ୍କୁ ଗିରଫ କରିଛି, ଯେଉଁମାନେ ଆକ୍ରମଣକାରୀଙ୍କ ପାଇଁ ଆଶ୍ରୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଉପଲବ୍ଧ କରାଇଥିବା ନେଇ ଅଭିଯୋଗ ହୋଇଛି। ଏହା ସହିତ ଏହି ଆକ୍ରମଣ ଘଟଣାରେ ସଂପୃକ୍ତ ୩ ଆତଙ୍କବାଦୀଙ୍କୁ ଚିହ୍ନଟ କରାଯାଇଛି।

ଗିରଫ ହୋଇଥିବା ଦୁଇ ବ୍ୟକ୍ତି ହେଉଛନ୍ତି ପରଭେଜ ଅହମଦ ଜୋଥର ଓ ବଶୀର ଅହମଦ ଜୋଥର। ପହଲଗାମରେ ଯେଉଁ ତିନି ଆତଙ୍କବାଦୀ ଆକ୍ରମଣ କରିଥିଲେ, ସେମାନଙ୍କ ପରିଚୟ ସଂପର୍କରେ ସୂଚନା ଦେଇଛନ୍ତି ଏହି ଦୁଇ ଅଭିଯୁକ୍ତ। ଆତଙ୍କବାଦୀମାନେ ପାକିସ୍ତାନ ନାଗରିକ ଓ ସେମାନେ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତାଏବାର ବୋଲି ଗିରଫ ପରଭେଜ ଅହମଦ ଜୋଥର ଓ ବଶୀର ଅହମଦ ଜୋଥର ସ୍ପଷ୍ଟ କରିଛନ୍ତି ବୋଲି ଏନ୍‌ଆଇଏ ପକ୍ଷରୁ କୁହାଯାଇଛି।

ଏନ୍‌ଆଇଏର ତଦନ୍ତରୁ ଜଣାପଡ଼ିଛି ଯେ ସବୁ କଥା ଜାଣିଥିଲେ ସୁଦ୍ଧା ପରଭେଜ ଅହମଦ ଜୋଥର ଓ ବଶୀର ଅହମଦ ଜୋଥର ଆତଙ୍କବାଦୀମାନଙ୍କୁ ଆଶ୍ରୟ ଦେଇଥିଲେ ଓ ସେମାନଙ୍କ ପାଇଁ ଆନୁଷଙ୍ଗିକ ସୁବିଧା କରିଥିଲେ। ଆକ୍ରମଣ ପୂର୍ବରୁ ସେମାନେ ଆତଙ୍କବାଦୀମାନଙ୍କୁ ହିଲ୍ ପାର୍କରେ ଏକ କୁଡ଼ିଆରେ ଆଶ୍ରୟ ଦେଇଥିଲେ। ଏହା ସହିତ ସେମାନଙ୍କ ଖାଇବାପିଇବା ଓ ଅନ୍ୟାନ୍ୟ ବ୍ୟବସ୍ଥା କରିଥିଲେ।


## ଜେଲ୍‌ଗଲେ ସୋନମ ଓ ରାଜା



ବହୁ ଚର୍ଚ୍ଚିତ ରାଜା ରଘୁବଂଶୀ ହତ୍ୟା ମାମଲାରେ ରାଜାଙ୍କ ସ୍ତ୍ରୀ ସୋନମ ଏବଂ ତାଙ୍କ ତଥାକଥିତ ପୁରୁଷ ବନ୍ଧୁ ରାଜ କୁଶୱାହାକୁ ଜେଲ ପଠାଇ ଦିଆଯାଇଛି। ଉଭୟ ଅଭିଯୁକ୍ତଙ୍କୁ ପୁଲିସ ରିମାଣ୍ଡରେ ନେଇ ପଚରାଉଚରା କରିଥିଲା। ରିମାଣ୍ଡ ଶେଷ ହେବା ପରେ ସେମାନଙ୍କୁ ଶନିବାର କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ କୋର୍ଟ ଉଭୟଙ୍କୁ ୧୩ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି।

ଅନ୍ୟପଟେ ରାଜା ରଘୁବଂଶୀ ହତ୍ୟା ମାମଲାରେ ଆଉ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ସିସିଟିଭି ଫୁଟେଜରୁ ଏହା ଜଣାପଡ଼ିଛି। ଏହି ଫୁଟେଜ ସୋନମ ଏବଂ ରାଜଙ୍କ ଷଡ଼ଯନ୍ତ୍ରର ଗଭୀରତାକୁ ସାମ୍ନାକୁ ଆସିଛି। ଏହି ଫୁଟେଜ ଜୁନ ୪ ତାରିଖର, ଯେଉଁ ଦିନ ରାଜାଙ୍କ ମୃତଦେହକୁ ଶିଲଂରୁ ଇନ୍ଦୋର ଅଣାଯାଇଥିଲା। ଭିଡିଓରୁ ସ୍ପଷ୍ଟ ଦେଖିବାକୁ ମିଳିଛି ଯେ, ରାଜାଙ୍କ ଅନ୍ତିମ ସଂସ୍କାର ଦିନ ମୁଖ୍ୟ ଅଭିଯୁକ୍ତ ରାଜ୍ ସୋନମଙ୍କ ବାପା ଦେବୀ ସିଂହଙ୍କ ସହିତ ରାଜାଙ୍କ ଘରେ ପହଞ୍ଚିଥିଲା। ରାଜ୍‌ର ଉପସ୍ଥିତି ଏବଂ ଭୂମିକା ପୁଲିସକୁ ତଦନ୍ତର ଏକ ନୂଆ ମୋଡ଼ ଦେଇଛି। ରାଜାଙ୍କ ଅନ୍ତିମ ସଂସ୍କାର ପାଇଁ ରାଜ୍ କଫିନ ଆଣିକି ଆସିଥିଲା। ଯାହାକୁ ସେ ରାଜାଙ୍କ ପରିବାରକୁ ହସ୍ତାନ୍ତର କରିଥିଲା। ରାଜାଙ୍କୁ ହତ୍ୟା କରିବାଠାରୁ ଅରମ୍ଭ କରି ତାଙ୍କ ଅନ୍ତିମ ସଂସ୍କାର ପର୍ଯ୍ୟନ୍ତ ସବୁଥିରେ ରାଜ୍‌ର ଉପସ୍ଥିତି ଘଟଣା ପଛର ଭୟଙ୍କର ଷଡ଼ଯନ୍ତ୍ରକୁ ଦର୍ଶାଇଛି।

## ୪ ବର୍ଷର ଝିଅକୁ ଝାମ୍ପି ନେଲା କଲରାପତରିଆ



ଘର ପାଖରେ ୪ ବର୍ଷର ଝିଅଟି ବେଶ ହସ ଖୁସିରେ ଖେଳୁଥିଲା। ଏତିକି ବେଳେ ଗୋଟିଏ କଲାପତରିଆ ହଠାତ୍ ପିଲାଟିକୁ ଟେକି ନେଇଥିଲା। ତାମିଲନାଡୁର କୋଏମ୍ବାଟୁର ଠାରେ ବୁଧବାର ସନ୍ଧ୍ୟାରେ ଏପରି ଘଟଣା ଘଟଣା ଘଟିଥିଲା। ପରିବାର ଲୋକ ଅନେକ ଲୋକ ଖୋଜାଖୋଜି କରିଥିଲେ ହେଁ ପିଲାଟିକୁ ପାଇ ନଥିଲେ। କିନ୍ତୁ ଶନିବାର ଝିଅଟିର କ୍ଷତାକ୍ତ ମୃତଦେହ ଘର ଠାରୁ ୫ କିମି ଦୂର ଗୋଟିଏ ଜଙ୍ଗଲିଆ ଅଞ୍ଚଳରୁ ମିଳିଛି।

ଜଙ୍ଗଲ ବିଭାଗର ଅଧିକାରୀ ଓ ପୁଲିସ୍ ମିଳିତ ଭବେ ପିଲାଟିର କ୍ଷତାକ୍ତ ମୃତଦେହକୁ ପଚରାମାଲିଆ ଇଷ୍ଟେଟ ଠାରୁ ଠାବ କରିଛନ୍ତି। ଜଣେ ପ୍ରବାସୀ ଶ୍ରମିକଙ୍କ ଝିଅ ହେଉଛନ୍ତି ୪ ବର୍ଷର ରୋଶନୀ। ତାଙ୍କ ବାପା ମା' ଝାରଖଣ୍ଡରୁ ଆସି ଏଠାରେ ପ୍ରବାସୀ ଶ୍ରମିକ ଭାବେ କାମ କରୁଥିଲେ।

ବୁଧବାର ଅଗଣାରେ ମା' ବସିଥିବା ବେଳେ ରୋଶନୀ ସେଠାରେ ଖେଳୁଥିଲେ। ଏତିକି ବେଳେ ହଠାତ ଗୋଟିଏ କଲରାପତରିଆ ସେଠାରେ ପହଞ୍ଚି ରୋଶନୀଙ୍କୁ ଆଖି ପିଛୁଳାକେ ଝାମ୍ପି ନେଇ ସେଠାରୁ ଚାଲି ଯାଇଥିଲା। ଏହାପରେ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା। ଦୀର୍ଘ ଘଣ୍ଟାର ଅପରେସନ ପରେ ରୋଶନୀଙ୍କ କ୍ଷତାକ୍ତ ମୃତଦେହ ଜଙ୍ଗଲ ଭିତରୁ ମିଳିଛି।

କଲାପତରିଆର ଏପରି ଆକ୍ରମଣ ଇଷ୍ଟେଟ ଶ୍ରମିକ ଓ ସେଠାରେ ରହୁଥିବା ଲୋକଙ୍କ ମଧ୍ୟରେ ଆତଙ୍କ ଓ ଭୟର ପରିବେଶ ସୃଷ୍ଟି କରିଛି। ଏବେ ଜଙ୍ଗଲ ବିଭାଗର ଅଧିକାରୀମାନେ କଲରାପତରିଆକୁ ଠାବ କରି ତା'କୁ ଟ୍ରାଙ୍କୁଲାଇଜ କରିବା ଉପରେ ଫୋକସ କରୁଛନ୍ତି।

## ଇସ୍ରାଏଲ ହସ୍ପିଟାଲ ଉପରେ ଇରାନର ମିସାଇଲ ମାଡ଼



ଇରାନ ଓ ଇସ୍ରାଏଲ ମଧ୍ୟରେ ଆରମ୍ଭ ହୋଇଥିବା ଲଢ଼େଇ ୭ମ ଦିନରେ ଆହୁରି ଭୟଙ୍କର ରୂପ ନେଇଛି। ଗୁରୁବାର ଭୋରରୁ ଇରାନ କରିଥିବା ମିସାଇଲ ମାଡ଼ରେ ଇସ୍ରାଏଲର ଗୋଟିଏ ହସ୍ପିଟାଲରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି। ହସ୍ପିଟାଲରେ ଇରାନର ମିସାଇଲ ଆଟାକ ପରେ ଇସ୍ରାଏଲ ପକ୍ଷରୁ ଏୟାର ଷ୍ଟ୍ରାଇକକୁ ଆହୁରି ଜୋରଦାର କରାଯାଇଛି। ହସ୍ପିଟାଲ ହମଲାର ପ୍ରତିଶୋଧ ଭୟଙ୍କର ଢଙ୍ଗରେ ନେବାକୁ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ମଧ ନିର୍ଦ୍ଦେଶ ଦେଇଛନ୍ତି।

ଆଜି ସକାଳୁ ଇରାନ ପକ୍ଷରୁ ତେଲ ଅଭିଭ ଓ ଦକ୍ଷିଣ ପ୍ରାନ୍ତରେ ଥିବା ବୀର ଶେଭା ସହରର ବିଭିନ୍ନ ସ୍ଥାନରେ ମିସାଇଲ ମାଡ଼ କରାଯାଇଛି। ଏଥିରେ ୩୦ ଜଣ ସାଧାରଣ ଲୋକ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେହିପରି ବୀର ଶେଭା ଠାରେ ଥିବା ସୋରୋକା ମେଡିକାଲ ସେଣ୍ଟର ଉପରେ ମଧ ଇରାନ ମିସାଇଲ ମାଡ଼ କରିବାରୁ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଇସ୍ରାଏଲ ପକ୍ଷରୁ ଦାବି କରାଯାଇଛି।

ଇସ୍ରାଏଲ ଓ ଇରାନ ଲଢ଼େଇ ୭ମ ଦିନରେ ପହଞ୍ଚିଥିବା ବେଳେ ଉଭୟ ଦେଶ କେହି କାହାରିକୁ ଛାଡ଼ିବାକୁ ନାରାଜ। ଗୁରୁବାର ମଧ ଉଭୟ ପରସ୍ପରକୁ ଟାର୍ଗେଟ କରି ମିସାଇଲ ଓ ରକେଟ ମାଡ଼ କରିଛନ୍ତି। ଗୁରୁବାର ଭୋରରୁ ଇରାନ ପକ୍ଷରୁ ଏକାଧିକ ମିସାଇଲ ଇସ୍ରାଏଲ ଉପରେ ମାଡ଼ କରାଯାଇଛି। ଏହି ମିସାଇଲ ଗୋଟିଏ ହସ୍ପିଟାଲରେ ମାଡ଼ ହେବାରୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ସେହିପରି ତେଲ ଅଭିଭର ଏକାଧିକ ସ୍ଥାନରେ ନିଆଁ ମଧ ଲାଗି ଯାଇଛି। ଏହାର ଜବାବରେ ଇସ୍ରାଏଲ ପକ୍ଷରୁ ଇରାନର ଅରାକ ହେଭୀ ୱାଟର ରିଆକ୍ଟରକୁ ଧ୍ୱଂସ କରି ଦିଆଯାଇଛି। ଇରାନର ଆଣବିକ ଠିକଣାରେ ଇସ୍ରାଏଲ କରୁଥିବା ହମଲାର ଏହା ଆଉ ଏକ ଝଲକ। ଖାଲି ସେତିକି ନୁହେଁ, ତେହରାନର ଆଉ କିଛି ସ୍ଥାନରେ ମଧ ଇସ୍ରାଏଲ ପକ୍ଷରୁ ଆକ୍ରମଣ କରାଯାଇଛି। ଏହାକୁ ନେଇ ପୁଣିଥରେ ଅଶାନ୍ତ ହୋଇ ଯାଇଛି ମଧ୍ୟପ୍ରାଚ୍ୟ। ଇସ୍ରାଏଲ ଓ ଆମେରିକା ସିଧାସଳଖ ଇରାନ ଓ ଏହାର ସୁପ୍ରିମ ଲିଡରଙ୍କୁ ହତ୍ୟା କରିବାକୁ ଯୋଜନା କରୁଛନ୍ତି। ଏହି ଘଟଣା ୧୯୯୦ ଦଶକର ସ୍ମୃତିକୁ ତାଜା କରିଛି। ସେତେବେଳେ ଇସ୍ରାଏଲ ପକ୍ଷରୁ ଇରାକର ଶାସନ ସଦାମ ହୁସେନଙ୍କୁ ହତ୍ୟା କରିବାକୁ ଯୋଜନା କରାଯାଇଥିଲା। ହେଲେ ଇସ୍ରାଏଲ ଏଥିରେ ଫେଲ ମାରିଥିଲା। ଇସ୍ରାଏଲ ସୈନ୍ୟଙ୍କୁ କଫିନରେ ଭର୍ତ୍ତି ହେବାକୁ ପଡ଼ିଥିଲା।

## ଦୁଇ ଦଳିତଙ୍କୁ ଲଣ୍ଡା କରି ପାଣି ପିଆଇଲେ !

ଧରାକୋଟ: ଗାଁ ଦାଣ୍ଡରେ କଙ୍ଗାରୁ କୋର୍ଟ । ଦୁଇ ଦଳିତଙ୍କୁ ଅଧା ଲଣ୍ଡା କରି ଗାଁ ଦାଣ୍ଡରେ ଆଣ୍ଠେଇ ଦୁଇ କି.ମି. ଚଲାଇବା ସହ ନର୍ଦ୍ଦମା ପାଣି ପିଆଇଛନ୍ତି ଲୋକେ। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ଖାରିଗୁମ୍ମା ଗ୍ରାମରେ। ଦଣ୍ଡ ପାଇଥିବା ଦୁଇ ବ୍ୟକ୍ତି ହେଲେ ସିଙ୍ଗିପୁର ଗ୍ରାମର ବୁଲୁ ନାୟକ ଏବଂ ବାବୁଲା ନାୟକ ମିଳିଥିବା ସୂଚନା ମୁତାବକ, ଝିଅଙ୍କୁ ଯୌତୁକ ଦେବା ପାଇଁ ବୁଲୁ ଏବଂ ବାବୁଲା ହରିପୁରରୁ ୩ଟି ଗାଈ ଧରି ସିଙ୍ଗିପୁର ଯାଉଥିଲେ। ହେଲେ ଖାରିଗୁମ୍ମାଠାରେ ତାଙ୍କୁ କିଛି ଲୋକ ଅଟକାଇ ଗୋରୁ ଚାଲାଣ କରୁଥିବା କହି ପଇସା ମାଗିଥିଲେ କ୍ଷ ପଇସା ନ ଦେବାରୁ ସେମାନଙ୍କୁ ମାଡ଼ ମାରି ସେଲୁନରେ ଅଧା ଲଣ୍ଡା କରିଥିଲେ। ପରେ ସେମାନଙ୍କୁ ଖାରିଗୁମ୍ମାଠାରୁ ପାଦରେ ଚଳାଇ ଜାହାଡା ଆଣିଥିଲେ। ଏପରିକି ସେମାନଙ୍କୁ ଗାଁ ଦାଣ୍ଡରେ ଆଣ୍ଠେଇ ଚଲାଇ ଘାସ ଖୁଆଇବା ସହ ନର୍ଦ୍ଦମା ପାଣି ପିଇବାକୁ ବାଧ କରିଥିଲେ। ହେଲେ ବୁଲୁ ଏବଂ ବାବୁଲା ସେଠାରୁ କୌଶଳ କ୍ରମେ ଖସି ଆସି ଘଟଣା ସଂକ୍ରାନ୍ତରେ ଧରାକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉଭୟଙ୍କ ମୁଣ୍ଡ ଏବଂ ପିଠିରେ ଆଘାତ ଲାଗିଥିବା ବେଳେ ଧରାକୋଟ ପୋଲିସ ସେମାନଙ୍କୁ ଉଦ୍ଧାର କରି ମେଡ଼ିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଏ ନେଇ ଧରାକୋଟ ଥାନାରେ ଏକ ମାମଲା ରୁଜୁ ହେବା ସହ ୭ରୁ ୮ଜଣ ଅଭିଯୁକ୍ତ ଘଟଣାରେ ସମ୍ପୃକ୍ତ ଥିବା ନେଇ ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ ପ୍ରକାଶ କରିଛନ୍ତି। ଯେଉଁମାନେ ଆଇନ ହାତକୁ ନେଇଛନ୍ତି ସେମାନଙ୍କୁ କଠୋର ଦଣ୍ଡ ଦିଆଯିବ ବୋଲି ଥାନା ଅଧିକାରୀ କହିଛନ୍ତି।

## ମଝି ଆକାଶରୁ ମେ ଡେ କଲ୍




ପୁଣି ଗୋଟିଏ ବଡ଼ ବିମାନ ଦୁର୍ଘଟଣା ଆଶଙ୍କା ଅଳ୍ପକେ ଟଳିଛି। ମଝି ଆକାଶରେ ଥିବା ବେଳ ଇଣ୍ଡିଗୋ ବିମାନର ପାଇଲଟ ମେଡେ କଲ୍ ବା ଜରୁରିକାଳୀନ ସହାୟତା ଲୋଡ଼ିଥିଲେ। ବିମାନରେ ତେଲ କମ ଥିବାରୁ ସେ ଏପରି ପଦକ୍ଷେପ ନେବା ସହ ଯାତ୍ରୀଙ୍କ ଜୀବନ ବଞ୍ଚାଇବାକୁ ବିମାନକୁ ବେଙ୍ଗାଲୁରୁରେ ଜରୁରିକାଳୀନ ଅବତରଣ କରାଇଛନ୍ତି।

ଗୁହାଟୀରୁ ଚେନ୍ନାଇ ଆସୁଥିବା ଇଣ୍ଡିଗୋ ବିମାନ ସହ ଗୁରୁବାର ଏପରି ଘଟଣା ଘଟିଥିଲା। ବିମାନଟି ମଝି ଆକାଶରେ ଥିବା ବେଳେ ପାଇଲଟ ତେଲ କମ ଥିବା ଜାଣିବାକୁ ପାଇଥିଲେ। ଏଥିପାଇଁ ସେ ଜରୁରୀ ସହାୟତା ପାଇଁ ଏୟାର ଟ୍ରାଫିକ କଣ୍ଟ୍ରୋଲ ସହ ଯୋଗାଯୋଗ କରିଥିଲେ। ଜରୁରୀ ସମୟରେ ମେ'ଡେ କଲ ଜାରି କରାଯାଏ।

## ହୋର୍ମୁଜ ଷ୍ଟ୍ରେଟ୍ ବନ୍ଦ କରିବ ଇରାନ୍ !

ନୂଆଦିଲ୍ଲୀ,(ଏଜେନ୍ସି): ଇସ୍ରାଏଲ ସହ ଯୁଦ୍ଧ ଓ ଆମେରିକାର ହମଲା ମଧ୍ୟରେ ଇରାନ ବଡ଼ ପଦକ୍ଷେପ ଉଠାଇପାରେ। ରିପୋର୍ଟ ମୁତାବକ ଇରାନର ସଂସଦରେ ହୋର୍ମୁଜ ପ୍ରଣାଳୀକୁ ବନ୍ଦ କରିବା ପ୍ରସ୍ତାବକୁ ଅନୁମୋଦନ ମିଳିଛି। ତଥାପି , ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ସୁପ୍ରିମ ନ୍ୟାସନାଲ ସିକ୍ୟୁରିଟି କାଉନ୍‌ସିଲ ନେବ। ଏହାକୁ ନେଇ ରବିବାର ଭୋଟିଂ କରାଯାଇ ଥିଲା। ଏହି ଜଳମାର୍ଗରେ ସାରା ବିଶ୍ୱର ପାଖାପାଖି ୨୬ ପ୍ରତିଶତ ତୈଳ ବ୍ୟବସାୟ ହୋଇଥାଏ। ଯଦି ଇରାନ ଏହି ନିଷ୍ପତ୍ତିକୁ ଲାଗୁ କରିଦିଏ ତ ପୂରା ଦୁନିଆରେ ତେହଲକା ସୃଷ୍ଟିହେବ। ଆମେରିକା ଓ ଭାରତ ଉପରେ ମଧ ଏହାର ପ୍ରଭାବ ପଡ଼ିବ। ହୋର୍ମୁଜ ପ୍ରଣାଳୀ ପାରସ୍ୟ ଉପସାଗରକୁ ଆରବ ସାଗର ଓ ଭାରତ ମହାସାଗର ସହିତ ସଂଯୋଗ କରେ। ଏହା ପାଖାପାଖି ୩୩ କିଲୋମିଟର ଚଉଡ଼ା ରାସ୍ତା, ଯାହା ଉପରେ ଇରାନର ଅଧିକାର ଅଛି। ଏହି ଜଳମାର୍ଗରେ ଶିପିଂ ଲେନ୍ ପାଖାପାଖି ୩ କିଲୋମିଟର ହିଁ ଚଉଡ଼ା। ଏଥିରେ ଏହି ରାସ୍ତା ବିଶ୍ୱ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ହୋଇଯାଏ। ଉପସାଗରୀୟ ଦେଶଗୁଡ଼ିକର ଅଧିକାଂଶ ତୈଳ ଯୋଗାଣ ଏହି ରାସ୍ତା ଦେଇ ହୋଇଥାଏ। ସାଂସଦ ଓ ରିଭୋଲୁସନରୀ ଗାର୍ଡ କମାଣ୍ଡର ଇସ୍ମାଇଲ କୋସାରୀ କହିଛନ୍ତି ଯେ, ପ୍ରଣାଳୀକୁ ବନ୍ଦ କରିବା ଆମର ଏଜେଣ୍ଡାରେ ସାମିଲ ଅଛି। ଆବଶ୍ୟକ ପଡ଼ିଲେ ଏହାକ ବନ୍ଦ କରିଦିଆଯିବ। ଇରାନର ନ୍ୟାସନାଲ ସିକ୍ୟୁରିଟି କାଉନ୍ସିଲ ମଧ ଯଦି ହୋର୍ମୁଜ ଷ୍ଟ୍ରେଟ୍‌କୁ ବନ୍ଦ କରିବାର ନିଷ୍ପତ୍ତିକୁ ଅନୁମୋଦନ ଦେଇ ଦିଏ ତ ପୂରା ବିଶ୍ୱରେ ଆତଙ୍କ ଖେଳିବା ସୁନିଶ୍ଚିତ। ହୋର୍ମୁଜକୁ ବନ୍ଦ କରିବା ଏକ ବିଶ୍ୱସ୍ତରୀୟ ସଙ୍କଟକୁ ଆମନ୍ତ୍ରଣ ଦେବାକୁ ହେବ। ଏହି ଶିପିଂ ରୁଟ୍ ପାଖାପାଖି ୯୬ ମାଇଲ୍ ଲମ୍ବା। ଇରାନ ଯଦି ଏମିତି ପଦକ୍ଷେପ ଉଠାଇ ଥାଏ ତ ଅଶୋଧିତ ତୈଳର ଦାମ୍‌ରେ ବୃଦ୍ଧିହେବ। ଏହାପରେ ପେଟ୍ରୋଲ ଡିଜେଲର ଦାମ୍ ବଢ଼ିବ ଏବଂ ପୁଣି ଦୁନିଆର ଏକ ବଡ଼ ଅଂଶ ମୁଦ୍ରାସ୍ଫୀତିରେ ଜର୍ଜରିତ ହେବ। ଏହି ରାସ୍ତା ବନ୍ଦ ହେଲେ , ଜାହାଜ ଗୁଡ଼ିକୁ ନିଜ ରାସ୍ତା ବଦଳାଇବାକୁ ପଡ଼ିବ। ଏଥିରେ ଡେଲିଭରୀ ଟାଇମ୍ ଓ ପେମେଣ୍ଟ ଉଭୟ ବଢ଼ିଯିବ।

# ଫୁଲ ପକାଉଥିବା ସମର୍ଥକଙ୍କୁ 'ଚାପିଦେଲା' ଜଗନଙ୍କ ଗାଡ଼ି



ଗୁଣ୍ଟୁର: ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲାରେ ବୁଧବାର ଏକ ଦୁଃଖଦ ଘଟଣାରେ ଓ୍ୱାଇଏସଆର କଂଗ୍ରେସ ପାର୍ଟି (YSRCP)ର ଜଣେ ସମର୍ଥକଙ୍କ ମୃତ୍ୟୁ ଘଟିଛି। ମୃତ ସମର୍ଥକଙ୍କ ନାମ ଚୀଲି ସିଙ୍ଗୟା (୫୫) ବୋଲି ଜଣାପଡ଼ିଛି। ସେ ପାର୍ଟି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନ ମୋହନ ରେଡ୍ଡୀଙ୍କ ଗାଡ଼ି ଉପରେ ଫୁଲ ପକାଉଥିଲା ବେଳେ ଦୁର୍ଘଟଣାରେ ପଡ଼ି ଗାଡ଼ି ତଳେ ଚାପି ହୋଇଥିଲେ। ଏହି ଘଟଣାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଗୁଣ୍ଟୁର ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ଘଟଣାଟି ଘଟିଥିଲା ଯେତେବେଳେ ଜଗନ ମୋହନ ରେଡ୍ଡୀ ପାଲନାଡୁ ଜିଲାର ରେଣ୍ଟପାଲ୍ଲା ଗାଁକୁ ଏକ ପୂର୍ବତନ ସରପଞ୍ଚଙ୍କ ପରିବାରକୁ ସମବେଦନା ଜଣାଇବା ପାଇଁ ଯାଉଥିଲେ। ସେହି ସରପଞ୍ଚ ପୋଲିସ ଉତ୍ପୀଡ଼ନ ଯୋଗୁଁ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସିଙ୍ଗୟା, ଯିଏ ଭେଙ୍ଗାଲୟାପାଲେମ୍ ଗାଁର ବାସିନ୍ଦା ଥିଲେ, ଜଗନଙ୍କୁ ସ୍ୱାଗତ କରିବା ପାଇଁ ଫୁଲ ପକାଉଥିଲା ବେଳେ ଗାଡ଼ି ଆଗରେ ଖସି ପଡ଼ିଥିଲେ। ପୋଲିସର ସୂଚନା ଅନୁଯାୟୀ, ଗାଡ଼ିର ଡାହାଣ ଆଗ ଚକ ସିଙ୍ଗୟାଙ୍କ ବେକ ଉପରେ ଚାଲିଯାଇଥିଲା। ପୋଲିସ ଓ ଣଝଜଉଚ ସମର୍ଥକମାନେ ତୁରନ୍ତ ସିଙ୍ଗୟାଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ ଏବଂ ପରେ ଗୁଣ୍ଟୁର ସରକାରୀ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ଗୁଣ୍ଟୁର ଏସପି ଏସ୍. ସତୀଶ କୁମାର କହିଛନ୍ତି। ପ୍ରାରମ୍ଭିକ ଭାବେ ଏହା ମନେ ହୋଇଥିଲା ଯେ ସିଙ୍ଗୟା ଜଗନଙ୍କ କାରକେଡରେ ଥିବା ଏକ ଗାଡ଼ି ଉପରୁ ଖସି ଆହତ ହୋଇଛନ୍ତି। କିନ୍ତୁ ଭାଇରାଲ ଭିଡିଓରେ ଦେଖାଯାଇଛି ଯେ ଜଗନ ଯେଉଁ ଗାଡ଼ିରେ ଯାଉଥିଲେ, ସେହି ଗାଡ଼ି ତଳେ ସିଙ୍ଗୟା ଚାପି ହୋଇଥିଲେ।

ଭିଡିଓରେ ଦେଖାଯାଉଛି ଯେ ଜଗନ ଗାଡ଼ିର ଡୋର ପାଖରେ ଠିଆ ହୋଇ ସମର୍ଥକଙ୍କୁ ଅଭିବାଦନ କରୁଥିଲେ, ଯେତେବେଳେ ସୁରକ୍ଷା କର୍ମୀମାନେ ଭିଡ଼କୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଥିଲେ। କିଛି ସମର୍ଥକ ଗାଡ଼ିର ବନେଟ ଉପରେ ଛିଡ଼ା ହୋଇଥିଲେ ଏବଂ ଗାଡ଼ିର ସାମ୍ନା କାଚ ଉପରେ ଫୁଲରେ ଆଚ୍ଛାଦିତ ହୋଇଥିଲା। ଏହି ଅବ୍ୟବସ୍ଥା ମଧ୍ୟରେ ସିଙ୍ଗୟା ଗାଡ଼ି ଆଗରେ ପଡ଼ିଥିଲେ ଏବଂ ଗାଡ଼ିର ଚକ ତାଙ୍କ ବେକ ଉପରେ ଚାଲିଯାଇଥିଲା। ଗାଡ଼ିଟି କିଛି ସମୟ ପାଇଁ ଅଟକି ରହିଥିଲା, ଏବଂ ଜଗନ ଭିଡ଼ ସହ କଥାବାର୍ତ୍ତା କରିବାକୁ ଚେଷ୍ଟା କରୁଥିବା ଦେଖାଯାଇଥିଲା।

ଏସପି ସତୀଶ କୁମାରଙ୍କ କହିବା ଅନୁଯାୟୀ, ପୋଲିସ ମାତ୍ର ୧୧ଟି ଗାଡ଼ି ଓ ଅତିରିକ୍ତ ୩ଟି ଗାଡ଼ି ପାଇଁ ଅନୁମତି ଦେଇଥିଲା। କିନ୍ତୁ ଅନୁମତି ବିନା ୩୫ରୁ ୩୮ଟି ଅତିରିକ୍ତ ଗାଡ଼ି କାରକେଡରେ ଯୋଗ ଦେଇଥିଲା। ରାସ୍ତାରେ ଅତ୍ୟଧିକ ଭିଡ଼ ହେବା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ସେ କହିଛନ୍ତି।

ଏହି ଘଟଣା ରାଜନୈତିକ ବିବାଦକୁ ଜନ୍ମ ଦେଇଛି। ଣଝଜଉଚ ନେତା ତଥା ପୂର୍ବତନ ମନ୍ତ୍ରୀ ଅମ୍ବାଟି ରମ୍ବାବୁ ଅଭିଯୋଗ କରିଛନ୍ତି ଯେ ଟିଡିପି ନେତୃତ୍ୱାଧୀନ ସରକାର ଜଗନଙ୍କ ରାଲି ପାଇଁ ଯଥେଷ୍ଟ ସୁରକ୍ଷା ବ୍ୟବସ୍ଥା କରି ନଥିଲେ। ସେ କହିଛନ୍ତି, "ଏହି ଘଟଣାକୁ ଅତ୍ୟଧିକ ବଡ଼ କରାଯାଇଛି ଏବଂ ଆମ ନେତାଙ୍କ ପ୍ରତିଷ୍ଠାକୁ କଳଙ୍କିତ କରିବା ପାଇଁ ମିଛ କାହାଣୀ ରଚାଯାଇଛି।"

ଅନ୍ୟପକ୍ଷରେ, ସାମାଜିକ ଗଣମାଧ୍ୟମରେ ଏହି ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ଦେଖାଯାଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ଏବଂ ଦୁର୍ଘଟଣାରେ ସମ୍ପୃକ୍ତ ଗାଡ଼ି ଚିହ୍ନଟ କରିବା ସହ ଘଟଣାର କାରଣ ସ୍ପଷ୍ଟ କରିବାକୁ ଚେଷ୍ଟା କରୁଛି। ଏହି ଘଟଣା ଆନ୍ଧ୍ରପ୍ରଦେଶରେ ରାଜନୈତିକ ଉତ୍ତେଜନାକୁ ଆହୁରି ବୃଦ୍ଧି କରିଛି, ଯେଉଁଠାରେ YSRCP ଓ ଶାସକ ଟିଡିପି ମଧ୍ୟରେ ବିବାଦ ଜାରି ରହିଛି।

cmyk cmyk cmyk

### ଜିଲ୍ଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସର୍ବଦା ଚର୍ଚ୍ଚାରେ

# ଡେପୁଟି କମିଶନରଙ୍କୁ ଅନ୍ଧାରରେ ରଖି ଏମ୍‌ଭିଆଇଙ୍କ 'ମେରି ରାଏ' ନୀତି




ଭଦ୍ରକ, (ପିପିଏସ୍): ସବୁବେଳେ ଚର୍ଚ୍ଚାରେ ରହିଆସୁଥିବା ଭଦ୍ରକ ଜିଲା ଆଂଚଳିକ ପରିବହନ କାର୍ଯ୍ୟାଳୟ ଏବେ ପୁଣି ଥରେ ସନ୍ଦେହ ଘେରକୁ ଆସିଛି । 'ଖଜୁରୀ ଗଛର କି ଗୁଣ ଗାଇବି, ମୂଳରୁ ପାହାଚ ପାହାଚ' ଭଳି ଏହି କାର୍ଯ୍ୟାଳୟର ତଳ ଠାରୁ ଉପର ପର୍ଯ୍ୟନ୍ତ ସବୁଥିରେ ଯେଉଁ ଦୁର୍ନୀତିର ଗନ୍ଧ ସ୍ପଷ୍ଟ ବାରି ହେଉଛି, ତାହା କିଭଳି ଯେ ଡେପୁଟି କମିଶନର ତଥା ଭାରପ୍ରାପ୍ତ ଆଂଚଳିକ ପରିବହନ ଅଧିକାରୀଙ୍କ ନଜରକୁ ନଆସୁଛି, ତାହା ଚର୍ଚ୍ଚାର ବିଷୟ ପାଲଟିଛି । ଏହି କାର୍ଯ୍ୟାଳୟଟିରେ କାର୍ଯ୍ୟରତ ବହୁ କର୍ମଚାରୀ ଭୁବନେଶ୍ୱରସ୍ଥିତ ଗ୍ରୁପ୍ ନଂ-୫ ସିକ୍ୟୁରିଟି ସର୍ଭିସ୍, ଯାଜପୁର ଜିଲା ଗରିଆପୁରରେ ଥିବା ମେସର୍ସ ଆରଫିନ୍ ଏଜେନ୍ସି ଏବଂ କଟକ-ପୁରୀ ରୋଡ୍‌ସ୍ଥିତ ଏନଏମ୍ ଏଂଟରପ୍ରାଇଜର୍ସ ଭଳି ୩ ଟି ଆଉଟ୍ ସୋର୍ସିଂ କଂପାନୀ ଅଧୀନରେ କାର୍ଯ୍ୟ କରୁଛନ୍ତି । କିନ୍ତୁ ସରକାରଙ୍କ ନିର୍ଦ୍ଦେଶ ମୂଳେ ଏମାନଙ୍କୁ ଛଟେଇ କରିବାର ଯେଉଁ ପତ୍ର ତାହା କାର୍ଯ୍ୟାଳୟର ଅଚଳାବସ୍ଥା ପାଇଁ ବାସ୍ତବରେ କାର୍ଯ୍ୟକାରୀ ହୋଇନାହିଁ । ତେବେ ଯେଉଁ ଯେଉଁ ପଦବୀରେ ନିଯୁକ୍ତି ମିଳିଛି, ସେମାନେ ଏବେ ବିନା ପୋଷାକରେ ଆଗକୁ ଦଶ ପାଦ ଆଗେଇ ପିଅନ ଅଫିସରଙ୍କ ଚେୟାରରେ ବସି କାର୍ଯ୍ୟ କଲାଭଳି ଦୃଶ୍ୟ ଦେଖିବାକୁ ମିଳିଛି । ଏ ସଂପର୍କରେ ପୂର୍ବରୁ ବହୁବାର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇଥିବାବେଳେ କାର୍ଯ୍ୟାଳୟ ପକ୍ଷରୁ 'ମାର ମାର ଭଣ୍ଡାରିଆକୁ ମାର' ଭଳି କେତେକ କର୍ମଚାରୀଙ୍କୁ ଛଟେଇ କରିଥିଲେ । କିନ୍ତୁ ଅଳ୍ପଦିନର ବ୍ୟବଧାନ ପରେ ତାହା ପୁଣି ଚିରାଚରିତ ପ୍ରଥାରେ ପରିଣତ ହୋଇଛି ବୋଲି ଜିଲାପାଳ ତଥା ଆଂଚଳିକ ପରିବହନ ଅଧକ୍ଷଙ୍କ ନିକଟରେ ଅଭିଯୋଗ ହୋଇଛି । ତେବେ ଏ ସଂପର୍କରେ ମିଳିଥିବା ଅଭିଯୋଗ ମୂଳେ ଏହି କାର୍ଯ୍ୟାଳୟର ଅତିରିକ୍ତ ପରିବହନ ଅଧିକାରୀ ତଥା ଭାରପ୍ରାପ୍ତ ଯାନ ନିରୀକ୍ଷକ ବେଆଇନ୍ ଭାବେ ଲାଙ୍ଗୁଡି ଟ୍ରାକ୍ କେନ୍ଦ୍ରରେ କାର୍ଯ୍ୟରତ ଜଣେ ଅଣତାଲିମପ୍ରାପ୍ତ ଓ ପୋଷାକ ବିହୀନ ସୁରକ୍ଷା କର୍ମୀ ତଥା ରାତ୍ର ଜଗୁଆଳିଙ୍କୁ ପରିବହନ କାର୍ଯ୍ୟାଳୟ ପରିସରରେ ଯାଂଚ ଓ ତନଖି କାର୍ଯ୍ୟରେ ନିଯୁକ୍ତ କରିଛନ୍ତି । କିନ୍ତୁ ଡେପୁଟି କମିଶନରଙ୍କୁ ଅନ୍ଧାରରେ ରଖି ସଂପୃକ୍ତ ଅଧିକାରୀ ଜଣକ ଯେଉଁଭଳି ଭାବେ ଜଣେ ରାତ୍ର ଜଗୁଆଳିକୁ ସିଂହାସନରେ ବସାଇଛନ୍ତି, ତାହା ତଦନ୍ତ ସାପେକ୍ଷ । ଏ ସଂପର୍କରେ ଡେପୁଟି କମିଶନରଙ୍କ ସହ ଯୋଗାଯୋଗ କରିବାରେ ସେ ଏଭଳି କାର୍ଯ୍ୟକୁ ବେଆଇନ୍ ସ୍ୱୀକାର କରି ତାହା ତାଙ୍କ ଅଜାଣତରେ ହେଉଛି ବୋଲି କହିଛନ୍ତି । ଯେଉଁମାନେ ପୂର୍ବରୁ ଯେଉଁ ପଦବୀରେ ଥିଲେ, ସେମାନଙ୍କୁ ସେହି ପଦବୀରେ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଭଦ୍ରକର ସଂପୃକ୍ତ ଏମ୍‌ଭିଆଇ ଜଣକ ନିଜର 'ମେରି ରାଏ' ନୀତିରେ କିଭଳି ଓ କେଉଁ ସ୍ୱାର୍ଥରେ ତାହା କରିଚାଲିଛନ୍ତି, ସେ ସଂପର୍କରେ ବିଧିବଦ୍ଧ ତଦନ୍ତ କରିବା ଆବଶ୍ୟକ । କିନ୍ତୁ ଦୀର୍ଘ ୧୮ ବର୍ଷ ତଳେ ସରକାରଙ୍କ ଆବେଦନ ମୂଳେ ନିଯୁକ୍ତି ପାଇଁ ସମସ୍ତ କାଗଜପତ୍ର ଦାଖଲ ପୂର୍ବକ ରାଜ୍ୟ ପରିବହନ କମିଶନରଙ୍କୁ ପତ୍ର ଲେଖିଥିବା ସନାତନ ଦାସଙ୍କୁ ଏପର୍ଯ୍ୟନ୍ତ ନ୍ୟାୟ ମିଳିଲା ନାହିଁ । ଯେଉଁଥିପାଇଁ ସେ ଏବେ ବାର ଶୁଣି ପିଣ୍ଡା ହୋଇ ଜୀବନର ସାୟାହ୍ନରେ ନିଯୁକ୍ତି ଆଶାରେ ଜିଲାପାଳଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ, ରାଜ୍ୟପାଳଙ୍କ ପର୍ଯ୍ୟନ୍ତ ଗୁହାରି କରି ଚାଲିଛନ୍ତି । କିନ୍ତୁ ସରକାରଙ୍କ ସେତେବେଳର ନିର୍ଦ୍ଦେଶନାମାକୁ ଆଜି କାର୍ଯ୍ୟାଳୟର ଅଧିକାରୀମାନେ ପାଣିର ଗାର ଭଳି ଲିଭାଇ ଏଠାରେ ଦୀର୍ଘବର୍ଷରୁ କାର୍ଯ୍ୟରତ ଥାଇ ଏବେ ଅନ୍ୟତ୍ର ଚାକିରୀ କରୁଥିବା ବ୍ୟକ୍ତିବିଶେଷଙ୍କ ସଂପର୍କୀୟଙ୍କୁ ନିଯୁକ୍ତି ଦେବା ଅନୁଚିତ ହୋଇଥିଲେ ମଧ୍ୟ ସନାତନଙ୍କ କ୍ଷେତ୍ରରେ କେବେ କାର୍ଯ୍ୟକାରୀ ହେବ, ତାହା ଦେଖିବାକୁ ବାକି ରହିଲା ।

# ଶ୍ରୀବଳଦେବଜୀଉ କଳା ସଂସ୍କୃତି ପ୍ରତିଷ୍ଠାନର ବାର୍ଷିକୋତ୍ସବ



କେନ୍ଦ୍ରାପଡ଼ା, (ପିପିଏସ୍): ଜିଲ୍ଲାର ପ୍ରତିଷ୍ଠିତ ସାଂସ୍କୃତିକ ଶିକ୍ଷାନୁଷ୍ଠାନ ଆଇନ କଲେଜ କଲୋନୀ ସ୍ଥିତ ଶ୍ରୀବଳଦେବଜୀଉ କଳା ସଂସ୍କୃତି ପ୍ରତିଷ୍ଠାନର ତ୍ରୟୋବିଂଶତମ ବାର୍ଷିକ ଉତ୍ସବ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଆୟୋଜିତ ହୋଇଯାଇଛି । ଦିବସ ବ୍ୟାପି ଆୟୋଜିତ ଏହି ଉତ୍ସବର ଉଦ୍‌ଘାଟନୀ ପର୍ବ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଅଜୟ ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା । ଉତ୍ସବକୁ ମୁଖ୍ୟ ଅତିଥି ରୂପେ ପାଟକୁରା ଯୁବ ବିଧାୟକ ଅରବିନ୍ଦ ମହାପାତ୍ର ଉଦ୍‌ଘାଟନ କରିଥିବା ବେଳେ ରୋଗିବଶ ବିଭିନ୍ନ ନମିତା ବାରିକ ମୁଖ୍ୟବକ୍ତା ଭାବେ ପୂର୍ଣ୍ଣାଙ୍ଗ ମଣିଷ ଗଠନରେ କଳା ସଂସ୍କୃତିର ଉପଯୋଗିତା ବିଷୟରେ କହିଥିଲେ । ପ୍ରାଧ୍ୟାପକ ଦିଲ୍ଲୀପ କୁମାର ମିଶ୍ର, ଅଧ୍ୟାପିକା ଜୟଶ୍ରୀ ଜେନା ଏଥିରେ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିବା ବେଳେ ଷଣ୍ଡାପାଳ ମହେନ୍ଦ୍ର କୁମାର ପଟ୍ଟନାୟକ ଅନୁଷ୍ଠାନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରାଧ୍ୟାପକ ମୋହନ ଜେନାଙ୍କ ଚତୁର୍ଦ୍ଦଶ ପୁସ୍ତକ 'ମୋହନ ବଂଶୀ' ଉନ୍ମୋଚିତ ହୋଇଥିଲା । ପରେ ପରେ ଓଡ଼ିଶୀ ନାଚ, ଓଡ଼ିଶୀ ସଂଗୀତ, ତବଲା ବାଦନ, ଚିତ୍ରକଳା, ବକ୍ତୃତା ଆଦି ବିଭାଗରେ ଜିଲ୍ଲାର ବିଭିନ୍ନ କଳା ସଂସ୍କୃତି ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହାକୁ ସଂଗୀତଜ୍ଞ ରାଜେନ୍ଦ୍ର କୁମାର ସ୍ୱାଇଁ, ପ୍ରାଧ୍ୟାପକ ପ୍ରଭାକର ମଲ୍ଲିକ, ନୃତ୍ୟଗୁରୁ ଜୟଶ୍ରୀ ଦାସ, ନୃସିଂହ ଚରଣ ମହାରଣା, ରଞ୍ଜନ କୁମାର ସାହୁ ପ୍ରମୁଖ ମୂଲ୍ୟାୟନ କରିଥିଲେ । ଅପରାହ୍ନରେ ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ପ୍ରାଧ୍ୟାପକ ମୋହନ ଚରଣ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ଓଡ଼ିଶୀ ନୃତ୍ୟଗୁରୁ ରାଜଶ୍ରୀ ଚିତ୍ତର ବେହେରା ମୁଖ୍ୟ ଅତିଥି, ସଂଗୀତ ନିର୍ଦ୍ଦେଶକ ଶରତ କୁମାର ନାୟକ ମୁଖ୍ୟବକ୍ତା ଓ ତବଲା ଗୁରୁ ସମୀରଞ୍ଜନ ଦାସ ସମ୍ମାନିତ ଅତିଥି ରୂପେ ଯୋଗଦେଇ ବ୍ୟକ୍ତି, ଗୋଷ୍ଠୀ ତଥା ଦେଶ ଦେଶ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବାରେ କଳା ସଂସ୍କୃତିର ଅମାପ ଶକ୍ତି ବିଷୟରେ ଅବତାରଣା କରିବା ସହ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ । ପଣ୍ଡିତ ପ୍ରତାପ ପତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମଧୁସୂଦନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମୋହନ ବଂଶୀ ନୃତ୍ୟ ନାଟିକା ପରିବେଷିତ ହୋଇଥିଲା । ଏଥିରେ ପ୍ରାଧ୍ୟାପକ ନନ୍ଦକିଶୋର ପରିଡ଼ା, ସଂଗୀତ ଗୁରୁ ରବୀନ୍ଦ୍ର ନାଥ ମିଶ୍ର, ଆଦିକନ୍ଦ ରାଉଳ, ଆକାଶ ନାୟକ, ଅରବିନ୍ଦ ମିଶ୍ର, ରାମକୃଷ୍ଣ ଦାଶ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ରବୀନ୍ଦ୍ର ପାତ୍ର, ପ୍ରଦୀପ ପରିଡ଼ା, ଦୀପକ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

# ବିନୋଦ କାନୁନ୍‌ଗୋଙ୍କ ଶ୍ରାଦ୍ଧବାର୍ଷିକୀ



କଟକ: ଓଡ଼ିଆ ବିଶ୍ୱକୋଷ 'ଜ୍ଞାନମଣ୍ଡଳ'ର ରଚୟିତା, ପଣ୍ଡିତ, ଗବେଷକ, ସାମ୍ବାଦିକ, ସଂସ୍କାରକ, ଓଡ଼ିଆ ଅସ୍ମିତାର ବାର୍ତ୍ତାବହ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋଙ୍କ ୩୬ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଅଛି । ସତୀଚଉରା ଶ୍ମଶାନଠାରେ ଥିବା ସ୍ମୃତିସ୍ତମ୍ଭଠାରେ ଡାକ୍ତର ରବିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ପ୍ରାରମ୍ଭରେ ଡ଼ଃ ପାବକ କାନୁନ୍‌ଗୋ, ପ୍ରସେନଜିତ୍ ମହାନ୍ତି, ଉତ୍ତରା ଲେଙ୍କା ପହଲଗାମ ମୃତକ ଓ ସହୀଦଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ବିନୋଦ କାନୁନ୍‌ଗୋ ଶିଶୁ ସାହିତ୍ୟକୁ ନୂଆଧାରା ଦେଇଥିଲେ । ନିରକ୍ଷରତା ଓ ଅଜ୍ଞତା ବିରୋଧରେ ନିରନ୍ତର ସଂଗ୍ରାମ ଚଳାଇଥିଲେ । ଏକ ସମ୍ବେଦନଶୀଳ, ଅନୁଭୂତି ସ୍ୱପ୍ନ ଓ ମାନବବାଦୀ ଚିନ୍ତାଧାରାର ସେ ଥିଲେ ବାହକ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ । ମେୟର ସୁବାସ ସିଂ, ପ୍ରଶାନ୍ତ ଦାସ, ଡ଼ଃ ହେମନ୍ତ ପରିଡ଼ା, ରମାକାନ୍ତ ନାଥ, ଚିତ୍ତରଞ୍ଜନ ମହାନ୍ତି, ଡ଼ଃ ସତ୍ୟ ରାୟ, ସମରେନ୍ଦ୍ର ଘୋଷ, ଶ୍ୟାମସୁନ୍ଦର ସାହୁ, ବିଶ୍ୱଜିତ ରାୟ, ଅନ୍ତର୍ଯ୍ୟାମୀ ବରାଳ, ବୈଦ୍ୟନାଥ ବେହେରା, ଡ଼ା: ଆଲୋକ କାନୁନ୍‌ଗୋ, ଭୁବନାନନ୍ଦ ମହାନ୍ତି, ନାରାୟଣ ମହାନ୍ତି, ଦୀପକ କାନୁନ୍‌ଗୋ, ଶ୍ରଦ୍ଧାନନ୍ଦ ଧଳ, ଜ୍ୟୋତିପ୍ରକାଶ ମହାନ୍ତି, ସୁକାନ୍ତ କୁମାର ମହାନ୍ତି, ଆଲୋକ ପତି, ପ୍ରବୀର ମହାନ୍ତି, ବିଭୂତି ରଂଜନ ମହାନ୍ତି, ବଜରଙ୍ଗ ମହାନ୍ତି ପ୍ରମୁଖ ସ୍ମୃତିଚାରଣ କରିଥିଲେ । ମାଧବ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଦ୍ୟୁତ୍ ଆଘାତରେ ଜଣେ ମୃତ




ନୟାଗଡ଼ (ପିପିଏସ୍) : ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅନ୍ତର୍ଗତ ଲାଠିପଡ଼ା ନିକଟସ୍ଥ ସାମନ୍ତରାପୁର ଗ୍ରାମରେ ଆଜି ବିଦ୍ୟୁତ୍ ଆଘାତରେ ଜଣଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ନୟାଗଡ଼ ସଦରଥାନ ଅନ୍ତର୍ଗତ ଖଣ୍ଡୁଗାଁ ଗ୍ରାମର ଆରତ ଦାଶଙ୍କ ପୁଅ ଭଞ୍ଜନ ଦାଶ । ସେ ଜଣେ ବ୍ୟକ୍ତିଙ୍କ ଓ୍ୱାରିଂ କାମ କରିବାକୁ ସାମନ୍ତରାପୁର ଗ୍ରାମକୁ ଯାଇଥିଲେ । ସେଠାରେ ବିଦ୍ୟୁତ୍ ଆଘାତ ଲାଗିବା ପରେ ସେ ଅଚେତ ହୋଇପଡ଼ିଥିଲେ । ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଇଟାମାଟି ଥାନା ପୁଲିସ ଅଭିଯୋଗ ପାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇଛି ।

# ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଆରୋଗ୍ୟ କାମନା କରି ଦୀପଦାନ

ନୟାଗଡ଼ (ପିପିଏସ୍): ନୟାଗଡ଼ ବିଜୁ ଜନତା ଦଳ ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆରୋଗ୍ୟ କାମନା କରି ବିଭିନ୍ନ ସ୍ଥାନରେ ଦୀପଦାନ କରାଯାଇଛି । ନୟାଗଡ଼ ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ଉପାଧକ୍ଷ ଗୁରପ୍ରସାଦ ଜେନାଙ୍କ ସମେତ ସମସ୍ତ କାଉନସିଲର, ଜନପ୍ରତିନିଧି, ବୁଦ୍ଧିଜୀବୀ ସାମିଲ ହୋଇ ଦକ୍ଷିଣକାଳୀ ମନ୍ଦିରରେ ଦୀପଦାନ କରିଛନ୍ତି । ସମାନଭାବେ ଦଶପଲ୍ଲା ମହାବୀଦ ମନ୍ଦିର ଜିଲ୍ଲା ବିଜେଡି ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେ ହେରାଙ୍କ ତତ୍ତ୍ୱାବଧାନରେ ଦୀପଦାନ କରାଯାଇଛି । ଦଶପଲ୍ଲା ଏନଏସି ଅଧ୍ୟକ୍ଷା ପୁନମ ପିୟଦର୍ଶିନୀ, ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ଉପେନ୍ଦ୍ର କୁମାର ସାହୁଙ୍କ ସମେତ ଅନେକ ଜନପ୍ରତିନିଧି ଓ ବୁଦ୍ଧିଜୀବୀ ସାମିଲ ହୋଇ ସାମୂହିକ ଦୀପଦାନ କରିଛନ୍ତି ।

# ମେଡିକାଲ୍ କଲେଜ ଚାଲିବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା



ତାଳଚେର, (ପିପିଏସ୍): ତାଳଚେର ଶିକ୍ଷା , ସ୍ୱାସ୍ଥ୍ୟ ଓ ଶିଳ୍ପ ବିକାଶରେ ଭାରତୀୟ ଜନତା ପାର୍ଟି ଅବଦାନ ଅତୁଳନୀୟ, କୋଇଲା ଖଣି ଖାଦାନ ପରିପୂର୍ଣ୍ଣ ତାଳଚେର ବହୁ ମାତ୍ରାରେ ପ୍ରଦୂଷଣ ସମସ୍ୟା ସହିତ ଜଡ଼ିତ, ଲୋକ ସ୍ୱାସ୍ଥ୍ୟ ସମସ୍ୟା ନିଦାନ ନିମିତ୍ତ ତାଳଚେର ଠାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ଓ ରୋଗୀସେବା ନିମିତ୍ତ ୨୦୧୪ ମସିହାରୁ ମହାନଦୀ କୋଇଲା କମ୍ପାନୀ ଦ୍ୱାରା ୫୦୦ କୋଟି ବ୍ୟୟରେ ଏକ ହସ୍ପିଟାଲ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ ପୂର୍ବ ବିଜେଡି ସରକାରଙ୍କ ପକ୍ଷରୁ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ କିମ୍ବା ଏଠିକା ଲୋକ ପ୍ରତିନିଧି ମାନେ ମେଡିକାଲ ଚାଲିବା ନିମିତ୍ତ ତତ୍କାଳୀନ ସଚିବ ଉପରେ ନିର୍ଭରଶିଳ ନବୀନ ବାବୁଙ୍କ ନିକଟକୁ ଯାଇ ସମସ୍ୟା ଜଣାଇବା ବଡ କଷ୍ଟସାଧ୍ୟ ହୋଇପଡୁଥିଲା , ଭୟ ଓ ହତାସ ମଧ୍ୟରେ ତାଳଚେର ବିକାସ ରୁଗୁଣା ସ୍ଥିତିକୁ ଯାଇଥିଲା । ଏବେ ଆଉ ରାଜ୍ୟରେ ସଚିବ ମୁଖ୍ୟ ସରକାର ନାହିଁ । ଗଣତନ୍ତ୍ର ପ୍ରତିଷ୍ଠା ହୋଇଛି, ସରକାର ଏବେ ଲୋକପ୍ରତିନିଧି ମାନେ ଚଳାଉଛନ୍ତି । ଯାହାର ପ୍ରତେଖ୍ୟା ନମୁନା ଆଜି ଦେଖିବାକୁ ମିଳିଛି ।

ବିଜେପିର ରାଜ୍ୟ ସମ୍ପାଦକ ଥିବା ଓ କ୍ଷୁଦ୍ରଶିଳ୍ପ ନିଗମ ଅଧକ୍ଷ ତଥା ତାଳଚେର ମାଟିର ଲଢୁଆ ସଂଗ୍ରାମୀ ସ୍ୱାଭିମାନୀ ଯୁବନେତା କାଳନ୍ଦୀ ସାମଲ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରି ମୁକେଶ ମହାଲିଂ ସହିତ ପ୍ରତ୍ୟକ୍ଷ ସାକ୍ଷାତ କରି ଶୀଘ୍ର ତାଳଚେର ପବିତ୍ର ମୋହନ ମେଡିକାଲ କଲେଜ ଚାଲିବା ପାଇଁ ଆଲୋଚନା କରିଥିଲେ । ସେ ମନ୍ତ୍ରୀଙ୍କୁ ତାଳଚେର ପ୍ରଦୂଷଣ ପରିବେଶ, ଅସ୍ୱାସ୍ଥ୍ୟ ପରିବେଶ ମଧ୍ୟରେ ଲୋକମାନଙ୍କ ଜୀବନଶୈଳୀ ଦୁର୍ବିସହ ହେବା, ଖଣି ପ୍ରଦୂଷଣ ନିମିତ୍ତ ବିଭିନ୍ନ ରୋଗ ବ୍ୟାଧି ମଧ୍ୟରେ ହାର୍ଟ, କିଡ଼ିନି, ଯକ୍ଷ୍ମା, ଡାଇବେଟିସ, ସ୍ନାୟୁବିକ ରୋଗରେ ପୀଡିତ ହେବା । ସାଧାରଣ ଲୋକମାନେ ଖର୍ଚ୍ଚାନ୍ତ ହୋଇ କଟକ ଓ ଭୁବନେଶ୍ୱର ଆସୁଛନ୍ତି । ତାଳଚେର ଠାରେ ଶୀଘ୍ର ମେଡିକାଲ କଲେଜ ଚାଲିବା ସହିତ ରୋଗୀସେବା ଆରମ୍ଭ ହେଲେ ସାଧାରଣ ଲୋକମାନେ ଆଉ କଟକ, ଭୁବନେଶ୍ୱର ଦୌଡ଼ିବେ ନାହିଁ, ଉଚ୍ଚ ଓ ଆଧୁନିକ ଚିକିତ୍ସା ସୁବିଧାରେ ତାଳଚେର ଠାରେ ଉପଲବ୍ଧ ହେବ । ତାଳଚେର ମେଡିକାଲ କଲେଜ୍ ଭିତ୍ତିଭୂମି ସମୀକ୍ଷା ସହିତ ବର୍ତ୍ତମାନ ୧୨୨ ଜଣ ଡାକ୍ତର ନିଯୁକ୍ତି ରାଜ୍ୟ ମୋହନ ମାଝିଙ୍କ ଡବଲ ଇଞ୍ଜିନ ସରକାର ନିଯୁକ୍ତି ଦେଇଛନ୍ତି ଆଗକୁ ମଧ ଡାକ୍ତରଙ୍କ ନିଯୁକ୍ତି ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଥିଲେ । ଜାତୀୟ ମେଡିକାଲ କାଉନସିଲ୍ ଟିମ୍ ଶୀଘ୍ର ତାଳଚେର ଆସି ଭିତ୍ତିଭୂମି ପରୀକ୍ଷା ନିରୀକ୍ଷା ସହିତ ସବିଶେଷ ରିପୋର୍ଟ ପ୍ରଦାନ ପରେ ଚଳିତ ଶିକ୍ଷା ବର୍ଷରୁ ତାଳଚେର ପବିତ୍ର ମୋହନ କଲେଜରେ ୧୦୦ ସିଟ ଏମ୍‌ବିବିଏସ୍ ଛାତ୍ରଛାତ୍ରୀ ଆଡ୍‌ମିଶନ ନିଆଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମହାଲିଙ୍ଗ ବରିଷ୍ଠ ବିଜେପି ନେତା କାଳନ୍ଦୀ ସାମଲଙ୍କୁ ଜଣାଇ ଥିଲେ ଓ ତାଳଚେର ସ୍ୱାସ୍ଥ୍ୟ ସମସ୍ୟା ବିସ୍ତୃତ ଭାବେ ମନ୍ତ୍ରୀଙ୍କୁ ଅବଗତ କରିଥିବା ଖବର ଜଣା ପଡ଼ିବା ପରେ ତାଳଚେର ବାସୀଙ୍କ ପକ୍ଷରୁ ଶ୍ରୀଯୁକ୍ତ ସାମଲଙ୍କୁ ତାଙ୍କ ଅମାଲ ବାସ ଭବନକୁ ଯାଇ ସାଧୁବାଦ୍ ଜଣାଇ ଥିଲେ ।

# ଜବରଦଖଲକାରୀଙ୍କ କବଳରେ ସରକାରୀ ଜମି

## ନୀରବରେ ରାଜସ୍ୱ ବିଭାଗ, ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି



କୋଣାର୍କ (ପିପିଏସ): ଜବର ଦଖଲକାରୀଙ୍କ ନଜରରେ ଏବେ କୋଣାର୍କ ଅଞ୍ଚଳର ସରକାରୀ ଜମି । ଜବର ଦଖଲକାରୀ ମାନେ ଏବେ ଗଳି କନ୍ଦି ଛାଡ଼ି ଜାତୀୟ ରାଜପଥ ପାର୍ଶ୍ୱ ଓ କୋଣାର୍କ ବାଲୁଖଣ୍ଡ ଜମି ଉପରେ ନଜର ପକାଇ ଥିବା ଜଣାପଡିଛି । ସୂଚନାରୁ ଜଣାପଡେକି କୋଣାର୍କ ଚନ୍ଦ୍ରଭାଗା ରାସ୍ତାର ହେଲିପ୍ୟାଡ ସମ୍ମୁଖରେ ସରକାରୀ ଜମି ହଡ଼ପ କରି ବେଆଇନ୍ ନିର୍ମାଣ କରାଯାଉଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷ ଚୁପ ବସିଥିବା ବେଳେ ମୂଲ୍ୟବାନ ଜମି ଏବେ ସଙ୍କୋଚିତ ହେବାକୁ ବସିଛି । ବିଭିନ୍ନ ସମୟରେ ଗଣମାଧ୍ୟମରେ ଅଭିଯୋଗ ହୋଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ରାଜ୍ୱସ ବିଭାଗ ଓ ବନ ବିଭାଗ ନିରବ ରହିବା ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି ।ବୋଧହୁଏ ଲକ୍ଷାଧିକ ଟଙ୍କା କାରବାର ହୋଇଥିବା ଅନୁମାନ କରାଯାଉଛି । ଇକୋ ସେନ୍ସିଟିଭ ଜୋନ୍ ଓ ହେଲିପ୍ୟାଡ୍ ଫ୍ଲାଇଙ୍ଗ ଜୋନ୍ ରେ ବେଆଇନ୍ ନିର୍ମାଣ କାର୍ଯ୍ୟ ଚାଲୁଥିଲେ ମଧ୍ୟ ସ୍ଥାନୀୟ ବିଭାଗୀୟ ଅଧିକାରୀ ଚୁପ୍ ରହିଛନ୍ତି । ଏଥିରୁ ସ୍ପଷ୍ଟ ଅନୁମାନ କରାଯାଉଅଛି କି ଜବରଦଖଲକାରୀଙ୍କ ପଛରେ କିଛି ମୁଷ୍ଟିମେୟ ଅଫିସର ଓ ନେତାଙ୍କ ସହଯୋଗ ରହିଛି । ନହେଲେ ଦିନ ଦ୍ୱିପ୍ରହରରେ ଜାତୀୟ ରାଜପଥ ପାର୍ଶ୍ୱରେ ବେଆଇନ ନିର୍ମାଣ କାର୍ଯ୍ୟ ହେଉଥିଲେ ମଧ କୌଣସି ଅଧିକାରୀଙ୍କ ଦୃଷ୍ଟି ଗୋଚର ହେଉନଥିବା ଚର୍ଚ୍ଚାର ବିଷୟ ହୋଇଛି ।ଦିନକୁ ଦିନ ଅବାଧ ଭାବେ ବେଆଇନ୍ ଜମି ଜବରଦଖଲ ବଢ଼ି ଚାଲିଥିବା ବେଳେ ଆଗକୁ ଏହା ସରକାରଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ହୋଇପାରେ ବୋଲି ବୁଦ୍ଧିଜୀବୀ ମାନେ ଚିନ୍ତା ପ୍ରକଟ କରିଅଛନ୍ତି ।ରାଜ୍ୟ ସରକାର ସରକାରୀ ଜମି ଜବରଦଖଲ କାରୀଙ୍କ ଉପରେ କଡା ନିୟମ ଆଣିଥିବା ବେଳେ କୋଣାର୍କରେ ଏହି ନିୟମ ଲାଗୁ ନଥିବା ପରି ମନେ ହେଉଛି । କାରଣ ସ୍ଥାନୀୟ ପ୍ରଶାସନ ସରକାରୀ ଜମି ହଡପ କାରୀଙ୍କୁ ପୂର୍ଣ୍ଣ ମାତ୍ରାରେ ସହଯୋଗ କରୁଥିବା ଅଭିଯୋଗ ହେଉଛି । ତେଣୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ପ୍ରକାଶ ପାଇଛି ।

# ଦିନ ମଜୁରିଆଙ୍କ ଝିଅ ପ୍ରିୟଙ୍କା

## ନିଟ୍ ପରୀକ୍ଷାରେ ସଫଳତା



କୋରେଇ, (ପିପିଏସ): କୋରେଇ ବ୍ଲକ ଅନ୍ତର୍ଗତ ଖମଣ ପଞ୍ଚାୟତର ଗୋଡ଼ିପାଟଣା ଗ୍ରାମର ଶୁକଦେବ ଦାସ ଓ ମାଆ କାଞ୍ଚନଙ୍କ ଗେହ୍ଲି ଝିଅ ପ୍ରିୟଙ୍କା ଦୁଇ ଭାଇରେ ଗୋଟେ ଭଉଣୀ । ଏବେ ହାସଲ କରିଛି ୫୩୨ ନମ୍ବର ତା ପୁଣି ନୀଟ୍ ଭଳି ଏକ ଜାତୀୟ ସ୍ତରର ପରୀକ୍ଷାରେ । ପିଲାଟି ଦିନରୁ ପ୍ରିୟଙ୍କା ଥିଲା ପୁଅ ପିଲା ଭଳି, ପଢାରେ ଶେଷ ଆଡୁ ପ୍ରଥମ । ନିଜ ଭାଇମାନଙ୍କ ସହ ମିଶି ବାଟି ଖେଳିବା ସଉକ । ପୁଅ ପିଲା ଭଳି ମାଡ଼ଗୋଳ କରିବାରେବି ପ୍ରଥମ । ଅଷ୍ଟପ୍ରହରୀରେ ଚକଲେଟ୍ ତୋଲାଇବାରେ ପ୍ରିୟଙ୍କାକୁ କିଏ ଟପି ପାରିବ ? ହଠାତ୍ ଆସିଥିଲା ପ୍ରିୟଙ୍କା ଜୀବନରେ ପରିବର୍ତ୍ତନ ।

୨୦୧୮ ମସିହାରେ ନବମ ଶ୍ରେଣୀରେ ପଢିବା ବେଳେ ଥରେ ରାଧାନଗର ପାଟଣା ଗ୍ରାମର ଅଷ୍ଟପ୍ରହରୀ ନଗର ରେ ଚକଲେଟ ତୋଲାଇବରେ ବ୍ୟସ୍ତ । ଏହି ସମୟରେ ବାପାଙ୍କଠାରୁ ବାଜିଥିଲା ଶକ୍ତ ଚାପୁଡ଼ା, ତାହା ବି ପୁଣି ସମସ୍ତଙ୍କ ମଝିରେ । ଏହିଠୁ ଆରମ୍ଭ ହୋଇଥିଲା ପ୍ରିୟଙ୍କା ଜୀବନରେ ମୋଡ଼ । ଆଉ ପଛକୁ ଫେରି ଚାହିଁ ନଥିଲେ ପ୍ରିୟଙ୍କା । ଆରମ୍ଭ ହୋଇଥିଲା ସଫଳତାର ପାହାଚ । ଦଶମ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ କୃତକାର୍ଯ୍ୟ ହେବା ପରେ, ପ୍ରୟାସ କଲେଜରେ ପଢିଥିଲେ । ବହୁ କଷ୍ଟରେ ଭାଇମାନେ ଗ୍ରାମରୁ ବହୁଦୂରରେ ଏକ ତେଜରାତି ଦୋକାନରେ ରହି, ଭଉଣୀ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ । କୁହାଯାଏ ରାତି ପରେ ଦିନ ନିଶ୍ଚୟ । ସେହିପରି ପ୍ରିୟଙ୍କା ଦୁଇବର୍ଷ +୨ ବିଜ୍ଞାନ ପଢିବା ପରେ ଅନବରତ ଭାବେ ଲାଗିପଡିଲା ନିଜ ଜୀବନର ଗରିବୀ ଦୁରକରି ନିଜ ପରିବାର ମୁହଁରେ ହସ ଆଣିବାକୁ । ପରେ ପୁଣି ଦୁଇ ବର୍ଷ କାଳ ନାଇଜର, ଜେଇ ଆଦି ପରୀକ୍ଷା ସହ ଏବେ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହେବାସହ ରଚିଲା ଗୋଡ଼ିପାଟଣା ଗ୍ରାମ ପାଇଁ ଇତିହାସ । ଏହି ପରିପ୍ରେକ୍ଷୀରେ ପ୍ରିୟଙ୍କାଙ୍କୁ ଛୁଟି ଆସୁଛି ବହୁ ଶୁଭେଚ୍ଛା ଓ ଶୁଭକାମନାର ବାର୍ତ୍ତା ।

# ନବୀନଙ୍କ ଆରୋଗ୍ୟ କାମନା କରି ମନ୍ଦିରରେ ଦୀପଦାନ



ଗୋପ (ପିପିଏସ୍): ନିମାପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋପ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଓଡ଼ିଶାର ପୁର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧିଦଳ ନେତା ନବୀନ ପଟ୍ଟନାୟକଙ୍କର ଆଶୁ ଆରୋଗ୍ୟ କାମନା ପାଇଁ ଗୋପ ଆଖଣ୍ଡଳେଶ୍ୱର ମହାଦେବ ପ୍ରାଙ୍ଗଣରେ ସମୂହ ଦିପଦାନ କରାଯାଇଛି । ଗୋପ ବ୍ଲକ ଆଖଣ୍ଡଳେଶ୍ୱର ମନ୍ଦିର ଠାରେ ଗୋପ ବ୍ଲକ୍ ବିଜୁଜନତା ବରିଷ୍ଠ ନେତା ତଥା ପୂର୍ବତନ ଗୋପ ବ୍ଲକ ଉପାଧକ୍ଷ ନିରଞ୍ଜନ ମହାପାତ୍ର, ବରିଷ୍ଠ ବିଜେଡି ନେତା କୁନା ଦାସଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ମାନେ ଯୋଗଦାନ କରିଥିଲେ । ପ୍ରଥମେ ପ୍ରଭୁ ଆଖଣ୍ଡଳେଶ୍ୱରଙ୍କୁ ଦର୍ଶନ କରିବା ସହିତ ନବୀଙ୍କ ଆସୁ ଆରୋଗ୍ୟ କାମନା ପାଇଁ ପ୍ରଭୁଙ୍କ ପାଖରେ ୧୦୮ ଦୀପ ଜାଳିବା ସହିତ ପ୍ରର୍ଥନା କରିଥିଲେ ଶତାଧିକ ବିଜେଡି କର୍ମୀ । ଆଉଥରେ ନବୀନ ବାବୁ ଓଡ଼ିଶାରେ ଦାଇତ୍ୱ ନେବା ସହିତ ସାଢ଼େ ଚାରି କୋଟି ଓଡିଶା ବାସିଙ୍କର ଶ୍ୱୋ କରିବାର ସୁଜଗ ମିଳୁବୋଲି କର୍ମୀ ମାନେ ପ୍ରାର୍ଥନା କରିଥିଲେ । ସମୂହ ଦୀପଦାନ କାର୍ଯ୍ୟକର୍ମରେ ବିଜେଡ଼ି ବରିଷ୍ଠ ନେତା ଦିଲ୍ଲୀପ କୁମାର ସାହୁ, ପ୍ରଦୀପ୍ତ ସିଂ, ଯୋଗେନ୍ଦ୍ର ବେହେରା, ରମେଶ ବାରିକ, ଅପର୍ତ୍ତି ସାହୁ, ପ୍ରଭାତ ସେନାପତି, ଗଙ୍ଗାଧର ପାଇକରାୟ, ସୁଧାଂଶୁ ସେନାପତି, ବନ୍ତଳିଗ୍ରାମ ସରପଞ୍ଚ ମହେଶ୍ୱର ସ୍ୱାଇଁ ସମେତ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ ।

# ଭିତରକନିକା ଓ ଗହୀରମଥା ନ ରହିଲେ

## କେନ୍ଦ୍ରାପଡ଼ାର ଅଧିକାଂଶ ଅଞ୍ଚଳ ସମୁଦ୍ରରେ ଲୀନହେବ



କେନ୍ଦ୍ରାପଡା, (ପିପିଏସ୍): ମେରାଇନ ଟର୍ଟଲ ପ୍ରୋଟେକ୍ସନ ଆଣ୍ଡ ମ୍ୟାନ ଗ୍ରୁପ କନଭେନସନ ସୋସାଇଟି ତରଫରୁ ସୋସାଇଟ୍ ସଭାପତି ସତ୍ୟପ୍ରକାଶ ମହାନ୍ତିଙ୍କ ଅଧକ୍ଷତାରେ କେନ୍ଦ୍ରାପଡା ସହର ସନିକଟ ହୋଟେଲ ଚଣ୍ଡିଆ ପ୍ୟାଲେସଠାରେ ଜଳବାୟୁ ପରିବର୍ତ୍ତନ, ବିଶ୍ୱତାପମାନ ଓ ଭିତର କନିକା ଗହୀର ମଥା ସମ୍ପର୍କରେ ଏକ ଆଲୋଚନା ଚକ୍ର, କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ପର୍ବ ଆଜି ଅପରାହ୍ନରେ ଅନୁଷ୍ଠିତ ହୋଇଯାଇ ଅଛି । ସୋସାଇଟିର ସଚିବ ପ୍ରକୃତି ବନ୍ଧୁ ହେମନ୍ତ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ନବରଙ୍ଗପୁର ଡିଏଫଓ ଶୁଭେନ୍ଦୁ ପ୍ରସାଦ ବେହେରା ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବରେ ଉତ୍ସବ ଉଦ୍‌ଘାଟନ କରି କହିଲେ କେନ୍ଦ୍ରାପଡାର ଐତିହାସିକ ପ୍ରାଯୁଜ୍ୟ ହେଉଛି ଗହୀର ମଥା ଆଉ ଭିତର କନିକା । ଏହା ଦିନକୁ ଦିନ କ୍ଷୟ ହେବାର କାଗିଛି । ଯଦି ଏହା ଲୋପପାଇଯାଏ ତେବେ କେନ୍ଦ୍ରାପଡାର ଅଧିକାଂଶ ଅଞ୍ଚଳ ସମୁଦ୍ରରେ ଲିନହେବ । ଏହାର ସୁରକ୍ଷା ନିମନ୍ତେ ବୁଦ୍ଧିଜୀବୀ, ସାହିତିକ, ପରିବେଷ ବିତ୍ ଓ ରାଜନୈତିକ ବ୍ୟକ୍ତି ବିଶେଷ ସମେତ ପ୍ରଶାସନ ଗୁରୁତ୍ୱ ଦେବାକୁ ମତବ୍ୟକ୍ତ କରିଥିଲେ । ବରିଷ୍ଠ ଅତିଥି ଭାବରେ ରଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକୃତି ବନ୍ଧୁ ଶୁଭାଂଶୁ କୁମାର ଦାସ, ବରେଣ୍ୟ ଅତିଥି ଭାବରେ ମନ୍ମଥ ବରାଳ, ସମ୍ମାନୀତ ଅତିଥି ଭାବରେ ସମାଜସେବୀ ରମଣୀ ରଞ୍ଜନ ରାଉତରାୟ ଓ ଶ୍ରୀଧର କୁମାର ଭୋଳ ଯୋଗଦାନ କରି ବୃକ୍ଷ ରୋପଣ, ହେନ୍ତାଳ ବଣ ଓ ପରିବେଷ ସୁରକ୍ଷା ଉପରେ ଗୁରୁତ୍ୱ ଆରୋପ କରିଥିଲେ ।

ମୁଖ୍ୟବକ୍ତା ଭାବରେ ସାମ୍ବଦିକ ଜଗନ୍ନାଥ ଧଳ ଯୋଗ ଦେଇଥିଲେ । ଏହି ଅବସରରେ ବିଶିଷ୍ଟ କବି ନଗେନ୍ଦ୍ର ସ୍ୱାଇଁ, ବସନ୍ତ ମଞ୍ଜରୀ ଦାସ, ଅଶୋକ ସାହୁ, ଚାରୁଲତା ଭୂୟାଂ,ବଳରାମ ନାୟକ, ଗୋଲକ ସେଠୀ, ଅପର୍ତ୍ତା ସେଠୀ, ପ୍ରେମାନନ୍ଦ ଜେନା, ମମତା ସେନାପତି କବିତା ମୁଦୁଲି, ବାବୁଲି ମଲ୍ଲିକ ଓ ଆରାଧନା ଦାସଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ । ପ୍ରାମ୍ଭିକ ଅଲେଖ କୁମାର ଦାସ ପ୍ରାରମ୍ଭିକ ସୂଚନା, ଶ୍ରୀଧର କୁମାର ଭୋଳ ଅତିଥି ପରିଚୟ ଓ ମନୋରଞ୍ଜନ ତ୍ରିପାଠୀ ଅନ୍ୟବାଦ ଜ୍ଞାପନ କରିଥିଲେ । ଅନୁସୂୟା ସାମଲ, ଗାୟତ୍ରୀ ଦାସ, ସ୍ୱପ୍ନାଶୁ କୁମାର ଦାସ, କରୁଣା କର ଦାସ, ଶତ୍ରୁଘନ ତରାଇ, ଗୀତା ଦାସ, କାର୍ତ୍ତିକ ଚରଣ ନାୟକ,ଓ ଶ୍ରୀଧର ମହାନ୍ତିଙ୍କ ପରିଚାଳନାରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ସମସ୍ତ କବିତା ଆବୃତ୍ତି କରିଥିଲେ ।

# ଜୁଲାଇ ୯ ସର୍ବଭାରତୀୟ ସାଧାରଣ ଧର୍ମଘଟ ନେଇ ବିଭିନ୍ନ ଟ୍ରେଡ୍ ୟୁନିୟନ ଓ ଗଣସଂଗଠନ ପକ୍ଷରୁ ଭଦ୍ରକରେ ମିଳିତ ବୈଠକ

ଭଦ୍ରକ, (ପିପିଏସ୍): ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ବାତିଲ କର, ରାଷ୍ଟ୍ରାୟତ ଉଦ୍ୟୋଗ ର ଘରୋଇକରଣ ବଂଦ କର, ଚାଷୀ ଆତ୍ମହତ୍ୟା ରୋକ, ଦେଶର ସରକାରୀ ସଂପତି ର ସୁରକ୍ଷା କର, ଇସ୍ରାଏଲ ବିରୁଦ୍ଧରେ ମୋଦି ସରକାର ତାଙ୍କ ନୀତି ସ୍ପଷ୍ଟ କର, ପେହେଲଗାଁ ଆତଙ୍କବାଦୀ ଘଟଣାରେ ସଂସଦର ସ୍ୱତନ୍ତ୍ର ବୈଠକ ଡାକ, ଛାତ୍ର ବିରୋଧି ଜାତୀୟ ଶିକ୍ଷା ନୀତି-୨୦୨୦ ବାତିଲ କର, ଆମ ଦେଶ ଓ ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ମହିଳା ଗଣଦୁଷ୍କର୍ମ ରୋକ ଆଦି ଦାବି ନେଇ ଆସନ୍ତା ଜୁଲାଇ, ୯ ତାରିଖରେ ହେବାକୁ ଥିବା ସର୍ବଭାରତୀୟ ସାଧାରଣ ଧର୍ମଘଟ କୁ ଭଦ୍ରକ ଜିଲ୍ଲାରେ ସଫଳ କରିବା ପାଇଁ ବିଭିନ୍ନ ଟ୍ରେଡ଼ ୟୁନିୟନ, କୃଷକ ସଂଗଠନ ଓ ସ୍ୱାଧୀନ ଫେଡେରେସନ ମାନଙ୍କ ମିଳିତ ବୈଠକ ଶ୍ରମିକ ନେତା ଦିବ୍ୟସିଂହ ନାୟକ ଙ୍କ ସଂଯୋଜନାରେ ଭଦ୍ରକ ନେତାଜୀ ନଗର ସ୍ଥିତ ଜାନକୀ ନିଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଜୁଲାଇ, ୯ ସର୍ବଭାରତୀୟ ସାଧାରଣ ଧର୍ମଘଟ ପୂର୍ବରୁ ଭଦ୍ରକ ଜିଲ୍ଲାର ସମସ୍ତ ବ୍ଲକ ମୁଖ୍ୟାଳୟ ଠାରେ ସାଧାରଣ ସଭା ଅନୁଷ୍ଠିତ ହେବା ସହ ସର୍ବଭାରତୀୟ ସାଧାରଣ ଧର୍ମଘଟ ଦିନ ଜିଲ୍ଲା ସଦରମହକୁମା ରେ ସମସ୍ତ ଶ୍ରମିକ-କୃଷକ ଓ ସାଧାରଣ ଜନତା ଏକଜୁଟ ହୋଇ ସାଧାରଣ ଧର୍ମଘଟ କୁ ଭଦ୍ରକ ଜିଲ୍ଲାରେ ସଫଳ କରିବେ ବୋଲି ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏଥିପାଇଁ ଜିଲ୍ଲାର ସକଳ ଶ୍ରେଣୀର ଜନସାଧାରଣ ସାମିଲ ହେବାକୁ ମିଳିତ ବୈଠକ ରେ ନିବେଦନ କରାଯାଇଛି । ଦେଶର ସମସ୍ତ ଶ୍ରମଜୀବି ମଣିଷ ଓ ଚାଷୀ ମୂଲିଆ, ଛାତ୍ର ଓ ଯୁବ ବଂଧୁ ମାନଙ୍କ ସ୍ୱାର୍ଥ ପାଇଁ ଆସନ୍ତା ଜୁଲାଇ, ୯ ରେ ସମସ୍ତ ଗାଡି ମଟର, କଳକାରଖାନା, ଧାମରା ବନ୍ଦର, ଜିଲ୍ଲାର ସମସ୍ତ ଫେରିଘାଟ, ଦୋକାନ ବଜାର, ସ୍କୁଲ କଲେଜ, ଜିଲ୍ଲାର ସମସ୍ତ ଅଫିସ ଦପ୍ତର ବଂଦ ରଖିବାକୁ ମିଳିତ ନେତୃତ୍ୱ ଜିଲ୍ଲାବାସୀଙ୍କୁ ନିବେଦନ କରିଛନ୍ତି । ଏହି ମିଳିତ ବୈଠକରେ ସିଆଇଟିୟୁ ଜିଲ୍ଲା ସଂପାଦକ କାଳନ୍ଦୀ ପାତ୍ର, ଜିଲ୍ଲା ଉପସଭାପତି ରାଧାନାଥ ଦାସ, ଓଡିଶା କୃଷକ ସଭା ରାଜ୍ୟ ଯୁଗ୍ମ ସଂପାଦକ ବିକାଶ ନାଥ, ଓଡିଶା କୃଷକ ସଭା ଜିଲ୍ଲା ସଭାପତି ଚନ୍ଦ୍ରଶେଖର ନାୟକ, ଏଆଇଟିୟୁସି ରାଜ୍ୟ ଯୁଗ୍ମ ସଂପାଦକ ରମେଶ ଯେନା, ଅଖିଳ ଭାରତ କୃଷକ ସଭା ବାସୁଦେବପୁର ବ୍ଲକ ସଭାପତି ହରିହର ବେହେରା, ଏଆଇସିସିଟିୟୁ ଜିଲ୍ଲା ସଭାପତି ସମର ବଳ, ଏଆଇଏଫଟିୟୁ ଜିଲ୍ଲା ସଭାପତି ସୁଶାନ୍ତ ଜେନା, ଏଆଇୟୁଟିୟୁସି ଜିଲ୍ଲା ସଭାପତି ରାମଚନ୍ଦ୍ର ଶଙ୍ଖୁଆ, ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ରାଜ୍ୟ ସଂପାଦିକା ସୁରଜିତା ନାୟକ, ବିଜୁ ଶ୍ରମିକ ସାମ୍ମୁଖ୍ୟ ଜିଲ୍ଲା ସଂଯୋଜକ ନାସିରୁଦ୍ଦିନ ଖାନ୍, ଶ୍ରମିକ ନେତା ରବିନ୍ଦ୍ର ସେଠୀ, ସୁଦର୍ଶନ ଯେନା, ସେକ୍ ସନାଉଲ୍ଲା, ସେକ୍ ସତାର, ଚାଷୀ ନେତା ଅଶୋକ ବେହେରା, ଫକୀର ସ୍ୱାଇଁ, କ୍ଷେତ୍ରବାସୀ ଜେନା, ନରହରି ବେହେରା, ଧାମରା ପୋର୍ଟ ଓ୍ୱାର୍କର୍ସ ୟୁନିୟନ ସଂଗଠକ ସୁବ୍ରତ ସାମଲ ପ୍ରମୁଖ ଯୋଗଦେଇ ଏହି ସର୍ବଭାରତୀୟ ସାଧାରଣ ଧର୍ମଘଟକୁ ଭଦ୍ରକ ଜିଲ୍ଲାରେ ସଫଳ କରିବା ପାଇଁ ଜିଲ୍ଲାବାସୀଙ୍କୁ ନିବେଦନ କରିଥିଲେ । ଏହି ଆନ୍ଦୋଳନରେ ଆଇଏନଟିୟୁସି ପୂର୍ଣ୍ଣ ମାତ୍ରାରେସାମିଲ ହେବ ବୋଲି ଜାତୀୟ କଂଗ୍ରେସ ଭଦ୍ରକ ଜିଲ୍ଲା ସଭାପତି ତଥା ବାସୁଦେବପୁର ବିଧାୟକ ଅଶୋକ ଦାସ ପ୍ରକାଶ କରିଥିବା ବେଳେ ବିଜୁ ଶ୍ରମିକ ସାମ୍ମୁଖ୍ୟ ସାମିଲ ହେବ ବୋଲି ବିଜୁ ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ ସଭାପତି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ପ୍ରକାଶ କରିଛନ୍ତି ।

**KALYANIRAY DEGREE MAHAVIDYALAYA**
**HAMIRPUR, ROURKELA- 769003**
**WALK- IN- INTERVIEW**

Candidates having 55% of marks in P.G. are directed to attend the walk-in-interview to fill the fallowing post of lecterer in political Science, History, Economics and Commerce to be held on dt.28.06.2025 at 11.30 A.M. in the College permises with all original certificates.

Sd:/- Principal cum Secretary
KalyaniRay Degree Mahavidyalaya
Hamirpur, Rourkela

# ହେଡିଙ୍ଗଲେ ଟେଷ୍ଟ : ଭାରତ ୪୭୧, ଇଂଲଣ୍ଡ ୪୬୫

ହେଡିଙ୍ଗଲେ : ତିନିଜଣ ବ୍ୟାଟ୍ସମ୍ୟାନଙ୍କ ଶତକ ଯୋଗୁଁ ହେଡିଙ୍ଗଲେ ଟେଷ୍ଟରେ ଗୋଟିଏ ସମୟରେ ଏକ ବିଶାଳସ୍କୋର ଆଡ଼କୁ ଗତି କରୁଥିଲା ଭାରତ। ଲାଗୁଥିଲା ଭାରତର ସ୍କୋର ୬୦୦ ଟପିଯିବ। କିନ୍ତୁ ମଧ୍ୟକ୍ରମ ଓ ନିମ୍ନକ୍ରମ ବ୍ୟାଟ୍ସମ୍ୟାନଙ୍କ ଚରମ ବିଫଳତା ଫଳରେ ଭାରତ ୪୭୧ ରନରେ ଅଲଆଉଟ ହୋଇଯାଇଛି। ଭାରତର ୪୭୧ ରନ ତୁଳନାରେ ୪୬୫ ରନ କରି ମାତ୍ର ୬ ରନ ପଛରେ ରହିଛି।

ଏହି ମ୍ୟାଚରେ ଏହି ମ୍ୟାଚରେ ଇଂଲଣ୍ଡ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଭାରତ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ ଓ କେଏଲ ରାହୁଲ ବ୍ୟାଟିଂ ଓପନ କରିଥିଲେ। କେଏଲ ରାହୁଲ ୪୨ ରନ କରି ଆଉଟ ହୋଇଥିବାବେଳେ ଜୟସ୍ୱାଲ ନିଜର ଲଢୁଆ ବ୍ୟାଟିଂ ଜାରି ରଖିଥିଲେ। ତେବେ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିବା ସାଇ ସୁଦର୍ଶନ ଖାତା ଖୋଲିପାରିନଥିଲେ। ତାଙ୍କ ପରେ ଆସିଥିବା ଶୁଭମନ ଗିଲ୍ ସତର୍କତାର ସହ ବ୍ୟାଟିଂ କରି ଜୟସ୍ୱାଲଙ୍କ ସହ ଏକ ଭଲ ପାର୍ଟନରସିପ କରିଥିଲେ। ଜୟସ୍ୱାଲ ମାତ୍ର ୧୫୬ ବଲରେ ଶତକ ପୂରଣ କରିଥିଲେ।

ଜୟସ୍ୱାଲ ୧୦୧ ରନ କରି ଆଉଟ ହେବା ପରେ ଶୁଭମନ ନିଜର ଲଢୁଆ ବ୍ୟାଟିଂ ଜାରି ରଖିଥିଲେ ଓ ନିଜର ଶତକ ପୂରଣ କରିଥିଲେ। ସେ ଋଷଭ ପନ୍ତଙ୍କ ସହ ମିଶି ଏକ ଭଲ ପାର୍ଟନରସିପ କରିଥିଲେ। ମ୍ୟାଚର ଦ୍ୱିତୀୟ ଦିନରେ ଉଭୟ ବ୍ୟାଟ୍ସମ୍ୟାନ ଭାରତୀୟ ଇନିଂସକୁ ଆଗେଇ ନେବା ସହ ଦଳୀୟ ସ୍କୋରକୁ ୪୦୦ ସେପଟକୁ ନେଇଯାଇଥିଲେ। ଋଷଭ ପନ୍ତ ୧୪୬ଟି ବଲରୁ ଶତକ ଅର୍ଜନ କରିଥିଲେ। ଏହା ପରେ ଅନ୍ୟବ୍ୟାଟ୍ସମ୍ୟାନମାନେ କ୍ରିଜରେ ତିଷ୍ଠି ପାରିନଥିଲେ। ଫଳରେ ୪୩୦ ରନରେ ୪ଟି ୱିକେଟ ହରାଇଥିବା ଭାରତ ୪୭୧ ରନରେ ଅଲଆଉଟ ହୋଇଯାଇଥିଲା। ଇଂଲଣ୍ଡ ପକ୍ଷରୁ ଜୋସ ଟଙ୍ଗ ଓ ବେନ ଷ୍ଟୋକ୍ସ ୪ଟି ଲେଖାଏଁ ୱିକେଟ ନେଇଥିଲେ। ସେହିପରି ବ୍ରାଇଡନ କାର୍ସେ ଓ





ସୋଏବ ବସିର ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।

ସଚିନ ତେନ୍ଦୁଲକର, ରାହୁଲ ଦ୍ରାବିଡ଼ ଓ ସୌରଭ ଗାଙ୍ଗୁଲି ୨୩ ବର୍ଷ ତଳେ ହେଡିଂଲି ଟେଷ୍ଟରେ ଶତକ ମାରିଥିଲେ। ଭାରତୀୟ କ୍ରିକେଟ୍‌ର ତିନି ଭବିଷ୍ୟତ ଯଶସ୍ୱୀ ଜୟସୱାଲ, ଶୁଭମନ ଗିଲ୍ ଓ ଋଷଭ ପନ୍ତ ଏହି ଗ୍ରାଉଣ୍ଡରେ ଉପରୋକ୍ତ କୃତିତ୍ୱକୁ ଦୋହରାଇଛନ୍ତି। ଚଳିତ ପ୍ରଥମ ଟେଷ୍ଟରେ ଶୁଭମନ ଗିଲ୍, ଯଶସ୍ୱୀ ଜୟସୱାଲ୍ ଓ ଋଷଭ ପନ୍ତ ଶତକ ମାରିଛନ୍ତି। ଏକଦା ୩ ୱିକେଟ୍ ହରାଇ ୪୩୦ ରନ୍ କରିଥିବା ଭାରତ ପ୍ରଥମ ଇନିଂସରେ ବଡ଼ ସ୍କୋର ଆଡ଼କୁ ଅଗ୍ରସର ହୋଇଥିଲା। ତେବେ ଭାରତ ବିପର୍ଯ୍ୟୟ ଭୋଗି ମାତ୍ର ୪୧ ରନ୍‌ରେ ଶେଷ ୭ଟି ୱିକେଟ୍ ହରାଇଥିଲା। ୨ୟ ଦିନରେ ଭାରତ ୪୭୧ ରନ୍‌କରି ଅଲ୍‌ଆଉଟ୍ ହୋଇ ଯାଇଥିଲା। ପରେ ୨ୟ ଦିନରେ ଘରୋଇ ଇଂଲଣ୍ଡ ପ୍ରଥମ ଇନିଂସରେ ଲଢୁଆ ଜବାବ ଦେଇଛି। ପରେ ଇଂଲଣ୍ଡର ପ୍ରଥମ ଇନିଂସରେ ଓଲି ପୋପ୍ ଅପରାଜିତ ଶତକ ଓ ବେନ୍ ଡକେଟ୍ ଅର୍ଦ୍ଧଶତକ ମାରିଛନ୍ତି। ତେବେ ଯଶପ୍ରୀତ ବୁମ୍‌ରା ୩ଟି ୱିକେଟ୍ ନେଇ ଇଂଲଣ୍ଡ ପରେ ଚାପ ବଜାୟ ରଖିଛନ୍ତି। ୨ୟ ଦିନ ଶେଷରେ ଇଂଲଣ୍ଡ ପ୍ରଥମ ଇନିଂସରେ ୩ ୱିକେଟ୍ ହରାଇ ୨୦୯ ରନ୍ କରି ୨୬୨ ରନ୍ ପଛରେ ରହିଛି।

ଇଂଲଣ୍ଡ ୨ୟ ଇନିଂସ ଆରମ୍ଭକରି ପ୍ରଥମ ଓଭରରେ ୱିକେଟ୍ ହରାଇଥିଲା। ଜ୍ୟାକ୍ କ୍ରଲି ଏକ ଚୌକା ମାରିବା ପରେ ଯଶପ୍ରୀତ ବୁମ୍‌ରାଙ୍କ ମାରାତ୍ମକ ବଲ୍‌ରେ ସ୍ଲିପ୍‌ରେ କ୍ୟାଚ୍ ଦେଇଥିଲେ। ହେଲେ ଅନ୍ୟ ଓପନର ବେନ ଡକେଟ୍ ଓ ଓଲି ପୋପ୍ ନିୟମିତ ଭାବେ ଷ୍ଟ୍ରୋକ୍ ଖେଳି ଦଳର ସ୍କୋରକୁ ବଢ଼ାଇ ଚାଲିଥିଲେ। ଡକେଟ୍ ଓ ପୋପ୍ ୨ୟ ୱିକେଟ୍ ପାଇଁ ୧୨୨ ରନ୍ ଯୋଡ଼ିଥିଲେ। ଶେଷରେ ଯଶପ୍ରୀତ ବୁମ୍‌ରା ଏହି ଯୋଡ଼ି ଭାଙ୍ଗିଥିଲେ। ବାମହାତି ଡକେଟ୍ ୯୪ ବଲ୍‌ରୁ ୯ଟି ଚୌକା ସହ ୬୨ ରନ୍‌କରି ଆଉଟ୍ ହୋଇଥିଲେ। ପରେ ପୋପ୍ ଓ ଟେଷ୍ଟ ମାନ୍ୟତାର ୧ନଂ ସ୍ଥାନରେ ଥିବା ଜୋ ରୁଟ୍ ଲଢୁଆ ବ୍ୟାଟିଂକରି ୩ୟ ୱିକେଟ୍ ପାଇଁ ୮୦ ରନ୍ ଯୋଡ଼ିଥିଲେ। ଫର୍ମରେ ଥିବା ରୁଟ୍‌ଙ୍କୁ ଆଉଟ୍‌କରି ବୁମ୍‌ରା ଭାରତକୁ ବଡ଼ ସଫଳତା ଦେଇଥିଲେ। ରୁଟ୍ ୨ଟି ଚୌକା ସହ ୨୮ ରନ୍ କରିଥିଲେ। ଓଲି ପୋପ୍ ୯ମ ଶତକ ଏବଂ କ୍ରମାଗତ ୨ୟ ଟେଷ୍ଟରେ ଶତକ ମାରିଥିଲେ। ହ୍ୟାରୀ ବ୍ରୁକ୍ ବିନା ସ୍କୋରରେ କ୍ୟାଚ୍ ଦେଇଥିଲେ ହେଁ ବୁମ୍‌ରାଙ୍କର ଏହା ନୋ'ବଲ୍ ଥିଲା। ଷ୍ଟମ୍ପ୍ ଅପସାରଣ ବେଳକୁ ଓଲି ପୋପ୍ ୧୩୧ ବଲ୍‌ରୁ ୧୩ଟି ଚୌକା ସହ ୧୦୦ ଓ ବ୍ରୁକ୍ ବିନା ସ୍କୋର୍‌ରେ କ୍ରିଜ୍‌ରେ ଅଛନ୍ତି। ବୁମ୍‌ରା ୩ଟିଯାକ ୱିକେଟ ନେଇଛନ୍ତି।

ପ୍ରଥମ ଦିନରେ ଭାରତ ପ୍ରଥମ ଇନିଂସରେ ୩ ୱିକେଟ୍‌ରେ ୩୫୯ ରନ୍ କରିଥିଲା। ଦୁଇ ଅପରାଜିତ ବ୍ୟାଟ୍‌ସମ୍ୟାନ ଅଧିନାୟକ ଶୁଭମନ ଗିଲ୍ ଓ ଉପଅଧିନାୟକ ଋଷଭ ପନ୍ତ ୨ୟ ଦିନରେ ମଧ୍ୟ ଚମତ୍କାର ବ୍ୟାଟିଂ କରିଥିଲେ। ଗିଲ୍ ଓ ପନ୍ତ ୪ର୍ଥ ୱିକେଟ୍ ପାଇଁ ମାରାଥନ୍ ଭାଗୀଦାରି କରିଥିଲେ। ୯୯ ରନ୍‌ରେ ଥିବା ବେଳେ ଛକାମାରି ବାମହାତି ଋଷଭ ପନ୍ତ ଜୀବନର ୭ମ ଟେଷ୍ଟ ଶତକ ପୂରଣ କରିଥିଲେ। ଇଂଲଣ୍ଡ ମାଟିରେ ପନ୍ତଙ୍କର ଏହା ୩ୟ ଟେଷ୍ଟ ଶତକ। ୪ର୍ଥ ୱିକେଟ୍ ପାଇଁ ଗିଲ୍ ଓ ପନ୍ତ ୨୦୯ ରନ୍ ଯୋଡ଼ିଥିଲେ। ସୋଏବ୍ ବସିରଙ୍କୁ ଛକା ମାରିବା ପ୍ରୟାସରେ ଗିଲ୍ ଆଉଟ୍ ହୋଇଥିଲେ। ୬ଷ୍ଠ ଟେଷ୍ଟ ଶତକ ହାସଲ କରିଥିବା ଗିଲ୍ ୨୨୭ ବଲ୍‌ରୁ ଗୋଟିଏ ଛକା ଓ ୧୯ଟି ଚୌକା ସହ ୧୪୭ ରନ୍ କରିଥିଲେ। ଏହି ୱିକେଟ୍ ସହ ଭାରତର ବିପର୍ଯ୍ୟୟ ଆରମ୍ଭ ହୋଇ ଯାଇଥିଲା ଏବଂ ୪୧ ରନ୍‌ରେ ଶେଷ ୭ଟି ୱିକେଟ୍ ହରାଇ ଅଲ୍‌ଆଉଟ ହୋଇ ଯାଇଥିଲା। ୮ ବର୍ଷ ପରେ ଟେଷ୍ଟ ଖେଳୁଥିବା କରୁଣ ନାୟାର ଖାତା ଖୋଲିବା ପୂର୍ବରୁ ଓଲି ପୋପ୍‌ଙ୍କ ଦର୍ଶନୀୟ କ୍ୟାଚ୍‌ରେ ଆଉଟ୍ ହୋଇଥିଲେ। ଋଷଭ ପନ୍ତ ୧୭୮ ବଲ୍‌ରୁ ୬ଟି ଛକା ଓ ୧୨ଟି ଚୌକା ସହ ୧୩୪ ରନ୍‌କରି ବିଦାୟ ନେଇଥିଲେ। ତଳ ଅର୍ଡର ସମ୍ପୂର୍ଣ୍ଣ ବିଫଳ ହୋଇଥିଲା। ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍?ସ ଓ ଜୋସ୍ ଟଙ୍ଗ୍ ଚମତ୍କାର ବୋଲିଂକରି ୪ଟି ଲେଖାଏଁ ୱିକେଟ୍ ପାଇଥିଲେ।

## ଭଦ୍ରକ ଡିଷ୍ଟ୍ରିକ୍ଟ ସାଇକ୍ଲିଂ ଆସୋସିଏସନର ବିଶ୍ୱ ଯୋଗ ଦିବସ

### ପ୍ରଶିକ୍ଷଣରେ ଭାଗନେଲେ ଜାତୀୟ ଏବଂ ରାଜ୍ୟସ୍ତରୀୟ ସାଇକ୍ଲିଷ୍ଟ

ଭଣ୍ଡାରିପୋଖରୀ (ପିପିଏସ): ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଆଦମପୁର ମିନି ଷ୍ଟାଡିୟମ ଏବଂ ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠ ପରିସରରେ ଭଦ୍ରକ ଡିଷ୍ଟ୍ରିକ୍ଟ ସାଇକ୍ଲିଂ ଆସୋସିଏସନ ତରଫରୁ ଆନ୍ତର୍ଜାତୀୟ ଯୋଗ ଦିବସ ୨୦୨୫ ପାଳିତ ହୋଇଯାଇଛି । ଜିଲ୍ଲା ସଂଘର ସଭାପତି ଅପୂର୍ବ ରଂଜନ ବେହେରା ଏବଂ ସଂପାଦକ ତଥା କୋଚ ମନୋରଂଜନ ବାରିକଙ୍କ ସଂଯୋଜନାରେ ଆୟୋଜିତ ହୋଇଥିବା ଏହି ଯୋଗ ଦିବସରେ ଯୋଗ ପ୍ରଶିକ୍ଷକା ସଂଗୀତା ସାହୁ ଏବଂ ସମ୍ମାନୀତ ଅତିଥିଭାବେ ନୟନମଣି +୨ ମହିଳା ଉଚ୍ଚବିଦ୍ୟାଳୟର ରାସାୟନିକ ବିଜ୍ଞାନର ଅଧ୍ୟାପକ ସୁନିଲ କୁମାର ରାୟ ଏବଂ ବିଶିଷ୍ଟ ଯୁବ ନେତା ତଥା ସମାଜସେବୀ ନିରଞ୍ଜନ ବାରିକ , ତପନ ପାତ୍ର, ତରଣୀ ସେନ ଯେନା ପ୍ରମୁଖ ଯୋଗ ଦେଇ ଅଂଶଗ୍ରହଣ କରିଥିବା ବହୁ ଜାତୀୟ ଏବଂ ରାଜ୍ୟସ୍ତରୀୟ



ସାଇକ୍ଲିଷ୍ଟମାନଙ୍କୁ ଯୋଗ ଅଭ୍ୟାସ କରାଇ ଏହାର ଉପକାରିତା ସଂପର୍କରେ ବୁଝାଇ କହିଥିଲେ । ଆଜିର ଆୟୋଜିତ ଯୋଗ ଶିବିରରେ ଯୋଗ ପ୍ରଶିକ୍ଷକା ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ବିଭିନ୍ନ ଯୋଗ ଉପରେ ପ୍ରଶିକ୍ଷଣ କରାଇଥିଲେ । ଏହି ଶିବିରରେ ଭଦ୍ରକ ଡିଷ୍ଟ୍ରିକ୍ଟ ସାଇକ୍ଲିଂ ଆସୋସିଏସନ ତରଫରୁ ନ୍ୟାସନାଲ ମେଡାଲିଷ୍ଟ ଉର୍ମିଳା ବେହେରା, ରାଜ୍ୟ ସାଇକ୍ଲିଂ ପ୍ରତିଯୋଗିତାରେ ହ୍ୟାଟ୍ରିକ ଚମ୍ପିଆନ ସାଇକ୍ଲିଷ୍ଟ ମନିଷା ସାହୁ, ଓମପ୍ରକାଶ ବାରିକ , ଆକାଶ ଜେନା, ସୋୟମ ଜେନା, ଜିତେନ୍ଦ୍ର ଦାସ, ରୁଦ୍ରନାରାୟଣ ବେହେରା, ସୌରଭ ବେହେରା, ବର୍ଷାରାଣୀ ବେହେରା , ଦିପ୍ତିରାଣୀ ବେହେରା, ଶ୍ରେୟା ଟୁଡୁ, ପ୍ରିୟଙ୍କା ପ୍ରିୟଦର୍ଶନୀ ବେହେରା, ଅପର୍ନ୍ନା ଯେନା, ଚିନ୍ମୟୀ ବେହେରା ଅଂଶଗ୍ରହଣ କରିବା ସହ ସହଯୋଗ ଓ ପରିଚାଳନା କରିଥିଲେ ।

## ଧୋନୀଙ୍କୁ ପଛରେ ପକାଇଲେ ପନ୍ତ

ଲିଡ୍ସ : ଟେଷ୍ଟ କ୍ରିକେଟ ଇତିହାସରେ ଭାରତୀୟ ଉଇକେଟକିପର ବ୍ୟାଟର ଭାବେ ସର୍ବାଧିକ ସଂଖ୍ୟକ ଶତକ କରିବାରେ ରିଷଭ ପନ୍ତ ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କୁ ଅତିକ୍ରମ କରିଛନ୍ତି। ପନ୍ତ ଅର୍ଦ୍ଧଶତକ ସହ ୪,୮୭୬ ରନ୍ କରିଥିଲେ। ସେ ଏବେ ବି ଭାରତ ପାଇଁ ଟେଷ୍ଟରେ ସର୍ବାଧିକ ରନ କରିଥିବା ୱିକେଟ କିପର ବ୍ୟାଟର ହୋଇ ରହିଛନ୍ତି।

ଶତକୀୟ ଇନିଂସ ଅବସରରେ




ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ଛକା ମାରି ଶତକ ପୂରଣ କରିଥିଲେ। ସେ ୧୨ ଚୌକା ଓ ୬ ଛକା ସହିତ ୧୩୪ ରନ କରି ପାଭିଲିଅନ ଫେରିଥିଲେ। ଏହା ତାଙ୍କ କ୍ୟାରିୟରର ସପ୍ତମ ଟେଷ୍ଟ ଶତକ ଥିଲା। ଭାରତ ପାଇଁ ୯୦ ଟେଷ୍ଟ ଖେଳିଥିବା ଧୋନୀ ୬ ଶତକ ଓ ୩୩ ପନ୍ତ ଟେଷ୍ଟ କ୍ୟାରିୟରରେ ୩ ହଜାର ରନ ପୂରଣ କରିଛନ୍ତି। ଭାରତ ପାଇଁ ସର୍ବାଧିକ ଟେଷ୍ଟ ଶତକ କରିଥିବା ଉଇକେଟକିପର ବ୍ୟାଟରଙ୍କ ତାଲିକାରେ ରିଦ୍ଧିମାନ ଶାହା, ସୟଦ କିରମାନି ଓ ପାରୁଖ ଇଞ୍ଜିନିୟର ଦୁଇଟି ଲେଖାଏ ଶତକ ସହ ମିଳିତ ତୃତୀୟ ସ୍ଥାନରେ ରହିଛନ୍ତି।

## ରଗ୍‌ବୀ ପ୍ରିମିୟର ଲିଗ୍ : କଳିଙ୍ଗ ବ୍ଲାକ୍ ଟାଇଗର୍ସର ପ୍ରଥମ ବିଜୟ

ମୁମ୍ବାଇ : ଜିଏମଆର ରଗ୍‌ବୀ ପ୍ରିମିୟର ଲିଗ୍ ୨୦୨୫ରେ କଳିଙ୍ଗ ବ୍ଲାକ ଟାଇଗର୍ସ ଶନିବାର ସନ୍ଧ୍ୟାରେ ଶାହାଜୀ ରାଜେ କ୍ରୀଡା ସଂକୁଳ(ଅନ୍ଧେରୀ ସ୍ପୋର୍ଟସ୍ କମ୍ପ୍ଲେକ୍ସ)ରେ ଅନୁଷ୍ଠିତ ୧୭ତମ ମ୍ୟାଚରେ ଦିଲ୍ଲୀ ରେଡ୍‌ଜ ସହିତ କଡା ମୁକାବିଲା କରି ୧୯-୧୫ରେ ବିଜୟ ହାସଲ କରିଛି । ଏହା କେବଳ ସ୍କୋରବୋର୍ଡରେ ବିଜୟ ନଥିଲା, ବରଂ ଏହା ଏକ ଗ୍ଲାନିରୁ ମୁକ୍ତି ଥିଲା, କାରଣ ଚଳିତ ସିଜନରେ ପୂର୍ବରୁ ଦିଲ୍ଲୀ ନିକଟରୁ କଳିଙ୍ଗ ପରାସ୍ତ ହୋଇଥିଲା ଏବଂ ଏହି ଫଳାଫଳ ସଠିକ ପ୍ରତ୍ୟାବର୍ତ୍ତନ ହୋଇଥିଲା।

ମ୍ୟାଚରେ ଉଭୟ ସମସ୍ତ ପ୍ରକାର ନାଟକୀୟତା ଏବଂ ତୀବ୍ରତା ଭରି ରହିଥିଲା ଯାହା ଆରପିଏଲ୍‌କୁ ପରିଭାଷିତ କରୁଛି, ଏବଂ ଉଭୟ ଦଳ ମ୍ୟାଚରେ କଡା ମୁକାବିଲା କରିବା ସହିତ ତାହା ସମାନ ସ୍ତରରେ ରହିଥିଲା। କଳିଙ୍ଗ ବ୍ଲାକ ଟାଇଗର୍ସ ନିମନ୍ତେ ଚାଲେପୂର୍ଣ୍ଣ ଅଭିଯାନରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମୋଡ ଆଣିଦେଇଥିଲା।

ଚୂଡାନ୍ତ ମିନିଟଗୁଡିକରେ ଦିଲ୍ଲୀ ନିରବଚ୍ଛିନ୍ନ ଭାବରେ ଆଗକୁ ବଢିବା ପ୍ରୟାସ କରିଥିଲା, କିନ୍ତୁ ବ୍ଲାକ ଟାଇଗର୍ସ ଆଉ ସ୍କୋର କରିବାକୁ ସୁଯୋଗ ନଦେଇ ବହୁ ପ୍ରତୀକ୍ଷିତ ଏବଂ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିଥିଲା। କଳିଙ୍ଗ ପକ୍ଷରୁ ଆଶିଷ ସବର, ଲୁକାସ ଲାକାମ୍ପ ଏବଂ କାଇଲେ ଟ୍ରେମ୍ବଲେ ପ୍ରୟାସକାରୀ ସ୍କୋରର ହୋଇଥିଲେ, ଯେଉଁମାନଙ୍କ ମଧ୍ୟରୁ ଲାକାମ୍ପ ଦୁଇଟି ଗୁରୁତ୍ୱପୂର୍ଣ୍ଣ ରୂପାନ୍ତରଣ କରିଥିଲେ। ଏ କ୍ଷେତ୍ରରେ ହ୍ୟାରୀ ମ୍ୟକନଲ୍‌ଟି, ପେରୀ ବେକର ଏବଂ ଟ୍ରେମ୍ବଲେ



ସହାୟତା ଯୋଗାଇ ଦେଇଥିଲେ।

ତାଙ୍କର ସାମଗ୍ରିକ ପ୍ରଦର୍ଶନ ନିମନ୍ତେ ପ୍ଲେୟର ଅଫ ଦି ମ୍ୟାଚ ଭାବରେ ନାମିତ ଲୁକାସ ଲାକାମ୍ପଙ୍କୁ ଦଳର ସାମଗ୍ରିକ ପ୍ରୟାସ ଏବଂ ସଂରଚନା ନିମନ୍ତେ ବିଜୟର ଶ୍ରେୟ ଦିଆଯାଇଥିଲା। ମ୍ୟାଚ ପରେ ପ୍ରକାଶକରି ସେ କହିଥିଲେ: 'ଏଥିପାଇଁ କିଛି ସମୟ ଲାଗିଥିଲା, କିନ୍ତୁ ଚଳିତଥର ଆମେ ତାହା କରିଦେଖାଇଲୁ। ଆମେ ଆମ ଯୋଜନାରେ ଅପରିବର୍ତ୍ତିତ ରହିଲୁ, ବଲ୍‌କୁ ଗତିଶୀଳ ରଖିଲୁ ଏବଂ ଏହାକୁ ଉତ୍ତମ ଭାବରେ ନିଜ ନିୟନ୍ତ୍ରଣରେ ରଖିଥିଲୁ।' ଟୁର୍ଣ୍ଣାମେଣ୍ଟରେ ଦଳର କଡା ମୁକାବିଲା ମୂଳକ ଆରମ୍ଭ ସମ୍ପର୍କରେ ପ୍ରକାଶ କରି ସେ କହିଥିଲେ: 'ବିଶେଷକରି ଗତକାଲି ମ୍ୟାଚକୁ ନେଇ ଆମେ ହତାଶ ହୋଇପଡିଥିଲୁ, କିନ୍ତୁ ଆମେ ମାଇକଙ୍କ ପରାମର୍ଶ ଅନୁପାଳନ କରି ଧିରେ ଧିରେ ମ୍ୟାଚ ଉପରେ ନିୟନ୍ତ୍ରଣ ରଖିବା ସହିତ ଆଗକୁ ବଢିଥିଲୁ, ଏବଂ ସଫଳତା ହାସଲ କଲୁ।'


ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୨୨ ଜୁନ୍ -୨୮ଜୁନ୍ ୨୦୨୫

ବିଶ୍ୱରେ ଡ୍ରୋନ୍ ଯୁଦ୍ଧ




କେବେ କେହି ଭାବିନଥିବେ ଆକାଶରେ ଉଡୁଥିବା ଛୋଟ ଯନ୍ତ୍ର ଯୁଦ୍ଧକ୍ଷେତ୍ରର ସ୍ଥିତିକୁ ବଦଳାଇ ଦେଇପାରେ ? ହଁ, ତାହା ସମ୍ଭବ। ଡ୍ରୋନ୍ ଦ୍ୱାରା ହିଁ ସମ୍ଭବ। ଆଜିକାର ଯୁଦ୍ଧରେ ସବୁଠାରୁ ବିପଜ୍ଜନକ ଏବଂ ଚତୁର ଅସ୍ତ୍ର ହେଉଛି ଏହି ଡ୍ରୋନ୍। ଏଗୁଡ଼ିକ ଦ୍ରୁତ, ଗୁପ୍ତ, ସଠିକ୍ ଏବଂ ଶସ୍ତା ଅସ୍ତ୍ରଶସ୍ତ୍ର, ଯାହା କୌଣସି ପାଇଲଟଙ୍କ ଜୀବନକୁ ବିପଦରେ ପକାଇବା ବିନା ଶତ୍ରୁକୁ ଆକ୍ରମଣ କରି ନିଶ୍ଚିହ୍ନ କରିଦେଇପାରେ।

**ଜାତୀୟ:** ସାଇଲେଣ୍ଟ କିଲର୍
**ଅନ୍ତର୍ଜାତୀୟ:** ଟେନ୍‌ସନ୍‌ରେ ଚୀନ୍ ପାକିସ୍ତାନ
**ବିଶେଷ ପ୍ରସଙ୍ଗ:** ଖେଳ ସାଜିଲା କାଳ
**ନାରୀ:** : ଚୁଟ୍‌କିରେ କମାନ୍ତୁ ବ୍ରଣ
**କ୍ଷୁଦ୍ରଗଳ୍ପ:** ଆଖି ଝଲସା ରାଣୀହାର
**ଚଳଚ୍ଚିତ୍ର:** ସ୍ୱାଗତମ୍ ସିନ୍ଧୁ ଚଳଚ୍ଚିତ୍ର: ବିବାହ କଲେ ହିନ
**ଖେଳ:** : : ଓଡିଶାରୁ ୫, ବୋଲର୍‌ଙ୍କ ରାଜୁତି
**ମୀନାବଜାର:** : କର୍ମ ନେଇ ଫଳ, ଚର୍ଚ୍ଚାରେ: ସମ୍ପର୍କ ଯୋଡୁଛି ଏଆଇ, ସାମ୍ପ୍ରତିକ: ଆଲିଙ୍ଗନ କଲେ ୬୦୦ ଟଙ୍କା, ପର୍ଯ୍ୟଟନ: ମା' ବାଳକୁମାରୀ, ବାସ୍ତୁ: ଦୀପ ଜାଳିବାର ସଠିକ୍ ନିୟମ, ସତନ୍ତ୍ର ପ୍ରସଙ୍ଗ: ଦ୍ରୁତ ସହରୀକରଣର ପରିଣାମ, ଆଞ୍ଚଳିକ: କୋଟିଆର କୁଶଳତା, ବିଶେଷପ୍ରସଙ୍ଗ: ଖେଳ ସାଜିଲା କାଳ, ଧର୍ମ: ସଂସ୍କୃତିର ପ୍ରତିଛବି ବଉଳକାଠ, କବିତା: କେହି କେବେ ଜାଣେ !, ଜାଣନ୍ତି କି ? : ଫିକା ପଡ଼ିବ ଏଫିଲ୍‌ଟାୱାର ସାସ୍ଥ୍ୟ: ଭେଣ୍ଡି ପାଣିର ଫାଇଦା, ଆହୁରି ଅନେକ ଉପାଦେୟ ପ୍ରସଙ୍ଗ।

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ


## ଓଡ଼ିଶା ଚେସ୍‌ରେ ସାତ୍ତ୍ୱିକ ରଚିଲେ ନୂଆ ଇତିହାସ

# ୯ ବର୍ଷରୁ କମ୍ ଜାତୀୟ ଚେସ୍‌ରେ ପ୍ରଥମ ଓଡ଼ିଆ ବାଳକ ବିଜେତା

ଭୁବନେଶ୍ୱର: ବହୁ ବର୍ଷ ପରେ ଓଡ଼ିଶାକୁ ମିଳିଛି ଜାତୀୟ ଚେସ୍ ମୁକୁଟ। ହରିୟାଣାର ଗୁରୁଗ୍ରାମ୍‌ରେ ଶନିବାର ଶେଷ ହୋଇଥିବା ୩୮ତମ ଜାତୀୟ ୯ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତାର ଓପନ୍ ବର୍ଗରେ ବିଜେତା ହୋଇଛନ୍ତି ଭୁବନେଶ୍ୱରର ବିସ୍ମୟ ବାଳକ ସାତ୍ତ୍ୱିକ ସ୍ୱାଇଁ। ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ ସ୍କୁଲ୍‌ର ଏହି ଛାତ୍ର ପ୍ରତିଯୋଗିତାରେ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ୧୧ ରାଉଣ୍ଡରୁ ୧୦ ପଏଣ୍ଟ ସହ ଅପ୍ରତିଦ୍ୱନ୍ଦ୍ୱୀ ବିଜେତା ହୋଇଛନ୍ତି। ୧୧ ରାଉଣ୍ଡରୁ ସେ ୯ଟି ସିଧାସଳଖ ବିଜୟ ହାସଲ କରିଥିବାବେଳେ ଦୁଇଟି ରାଉଣ୍ଡ (ଅଷ୍ଟମ ଓ ଦଶମ)ରେ ଗେମ୍ ଡ୍ର' ରଖିଥିଲେ। ପଞ୍ଜାବର ଆକ୍ରିଶ ଗୁପ୍ତାଙ୍କୁ ହରାଇ ଆରମ୍ଭ କରିଥିବା ଅଭିଯାନ ଶେଷରେ ଶନିବାର ଅନ୍ତିମ ରାଉଣ୍ଡରେ ମଧ୍ୟପ୍ରଦେଶର ସମୃଦ୍ଧ ଖାରେଙ୍କୁ ହରାଇଥିଲେ। ଦ୍ୱିତୀୟ ମାନ୍ୟତାପ୍ରାପ୍ତ ଖେଳାଳି ଭାବେ ପଦାର୍ପଣ କରିଥିବା ସାତ୍ତ୍ୱିକଙ୍କଠାରୁ




ପଞ୍ଚମ ରାଉଣ୍ଡରେ ହାରିଥିବା କର୍ଣ୍ଣାଟକର ଅଦ୍ୱିକ ଅଭିନବ କ୍ରିଷ୍ଣା ୯.୫ ପଏଣ୍ଟ ସହ ଉପବିଜେତା ଏବଂ ଶୀର୍ଷମାନ୍ୟତାପ୍ରାପ୍ତ ତେଲେଙ୍ଗାନାର ଅବଦୁଲ୍ଲା ଦିବିଥ ରେଡ୍ଡୀ ୮.୫ ପଏଣ୍ଟ ସହ ତୃତୀୟ ହୋଇଥିଲେ। ଅବଦୁଲାଙ୍କୁ ସାତ୍ତ୍ୱିକ ସପ୍ତମ ରାଉଣ୍ଡରେ ପରାସ୍ତ କରିଥିଲେ। ଉଦ୍ ?ଯାପନୀ ଉତ୍ସବରେ ଏଆଇସିଏଫ୍ ଇଭେଣ୍ଟ କମିଟି ମୁଖ୍ୟ ରଂଜନ ମହାନ୍ତି ଯୋଗଦେଇ ଆଉ ଏକ ଓଡ଼ିଆ ସ୍ୱର୍ଶ ବି ରଖିଥିଲେ।

ସାତ୍ତ୍ୱିକଙ୍କ ସଫଳତା ଓଡ଼ିଶା ଚେସ୍‌ରେ ନୂଆ ଉନ୍ମାଦନା ଭରିଦେଇଛି। ବିଶେଷ କରି ବୟସ ବର୍ଗରେ ଏହା ନୂଆ ଇନ୍ଧନ ଯୋଗାଇବ ବୋଲି ବିଶ୍ୱାସ ଆସିଛି। ଓଡ଼ିଶା ଚେସ୍ ଇତିହାସରେ କେବେ କୌଣସି ଖେଳାଳି ଜାତୀୟ ୯ ବର୍ଷରୁ ବର୍ଗରେ ବିଜେତା ହୋଇ ନଥିଲେ। ଓଡ଼ିଶାର ଦୁଇ ଆଇଏମ୍ ସିଦ୍ଧାନ୍ତ ମହାପାତ୍ର ଓ ରାକେଶ କୁମାର ଜେନା ଯଥାକ୍ରମେ ୨୦୦୭ ଓ ୨୦୧୦ରେ ଜାତୀୟ ୯ ବର୍ଷରୁ କମ୍ ବର୍ଗରେ ଉପବିଜେତା ହୋଇଥିଲେ। ଅନ୍ୟ ୩ ଜଣ ଖେଳାଳି ସୁମିତ କୁମାର ବାନାର୍ଜୀ (୨୦୦୩), ଉତ୍କଳ ରଂଜନ ସାହୁ (୨୦୦୫), ରୁଦ୍ରାକ୍ଷ ପରିଡ଼ା (୨୦୧୧) ତୃତୀୟ ସ୍ଥାନରେ ରହିଥିଲେ। ଏପରିକି ମହିଳା ବର୍ଗରେ ବି ଏହି ଗୌରବ କୌଣସି ଓଡ଼ିଆକୁ ମିଳିନାହିଁ। ଦୁଇ ଜଣ ଖେଳାଳି ଋତମ୍ଭରା ବିଧାର (୨୦୧୦) ଓ ଅନ୍ୱେଷା ମିଶ୍ର (୨୦୧୧) କେବଳ ଉପ ବିଜେତା ହୋଇପାରିଥିଲେ। ସାତ୍ତ୍ୱିକ ଗୁରୁଗ୍ରାମ ଗସ୍ତ ପୂର୍ବରୁ ଖୋର୍ଦ୍ଧା ଜିଲ୍ଲା ଚେସ୍ ସଂଘର ଜିଲ୍ଲା ଓ ରାଜ୍ୟ ପ୍ରତିଯୋଗିତା ଜିତିଥିଲେ। ୨୦୨୩ରେ ରାଜ୍ୟ ୭ ବର୍ଷରୁ କମ୍ ବିଜେତା ଏବଂ ୨୦୨୪ ଓ ୨୦୨୫ରେ ରାଜ୍ୟ ୯ ବର୍ଷରୁ କମ୍ ପ୍ରତିଯୋଗିତା ଜିତି ପ୍ରାଧାନ୍ୟ ବିସ୍ତାର କରିଥିଲେ। ଭୁବନେଶ୍ୱରର କିଙ୍ଗ୍‌ସ ଚେସ୍ ଏକାଡେମିରେ ବିଶ୍ୱଜିତ ରାୟଙ୍କଠାରୁ ଗୋଟି ଚାଳନା ଶିଖିଥିବା ସାତ୍ତ୍ୱିକ କିନ୍ତୁ ୨୦୨୪ରେ ଜର୍ଜିଆର ବାଟୁମିରେ ଅନୁଷ୍ଠିତ ଫିଡେ ବିଶ୍ୱ କପ୍ ୮ ବର୍ଷରୁ କମ୍ ବର୍ଗରେ କାଂସ୍ୟ ଏବଂ ଇଟାଲିରେ ଅନୁଷ୍ଠିତ ଫିଡେ ବିଶ୍ୱ କ୍ୟାଡେଟ୍ ପ୍ରତିଯୋଗିତାର ସମାନ ବୟସ ବର୍ଗରେ ରୌପ୍ୟ ପଦକ ଜିତି ଚର୍ଚ୍ଚାକୁ ଆସିଥିଲେ।

ସାତ୍ତ୍ୱିକଙ୍କୁ ନିଖିଳ ଓଡ଼ିଶା ଚେସ୍ ସଂଘର ସଭାପତି ସତ୍ୟରଂଜନ ପଟ୍ଟନାୟକ, ସମ୍ପାଦକ ଦେବବ୍ରତ ଭଞ୍ଜ, ଖୋର୍ଦ୍ଧା ଜିଲ୍ଲା ଚେସ୍ ସଂଘ ସଭାପତି ଶୁଭାଶିଷ ପଟ୍ଟନାୟକ, କିଙ୍ଗ୍ସ ଚେସ୍ ଏକାଡେମିର ପ୍ରଶିକ୍ଷକ ବିଶ୍ୱଜିତ ରାୟ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି। ଅପରାହ୍ନରେ ସାତ୍ତ୍ୱିକଙ୍କ ମୁକୁଟ ବିଜୟ ନିଶ୍ଚିତ ହେବା ପରଠାରୁ ତାଙ୍କ ନିକଟକୁ ମଧ୍ୟ ଅଭିନନ୍ଦନର ସୁଅ ଛୁଟିଛି। ଟ୍ରପିଲ୍ ସି ଚେସ୍ କ୍ଲବ୍ ସମ୍ପାଦକ ବିରଞ୍ଚି ନାରାୟଣ ସାହୁ, ମାଷ୍ଟର ଚେସ୍ ଫାଉଣ୍ଡେସନ୍‌ର ବିକ୍ରମ ବିଶ୍ୱାଳ, ନିଖିଳ ଓଡ଼ିଶା କାର୍ଯ୍ୟକାରୀ କମିଟି ସଦସ୍ୟ ପଦ୍ମିନୀ ସିଂହ, ରିତେଶ ରଥ, ଅନ୍ତର୍ଜାତୀୟ ଅର୍ବିଟର ସୁରେଶ ଚନ୍ଦ୍ର ସାହୁ, ତାପସ ମହାନ୍ତି, ସନ୍ତୋଷ ମହାପାତ୍ର ପ୍ରମୁଖ ମଧ୍ୟ ସାତ୍ତ୍ୱିକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।


ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583